• RNI REGD NO: 42041/83 • www.sakalaepaper.com • /sakalanews • /sakalanews • www.thesakala.in

ସ୍ୱାଗତମ୍ ୨୦୨୪

ନୂତନ ବର୍ଷ ୨୦୨୪
ଉପଲକ୍ଷେ ଓଡ଼ିଶାର
ସମସ୍ତ ପାଠକ, ବିଜ୍ଞାପନଦାତା,
ବିତରକ ଏବଂ ଶୁଭେଚ୍ଛୁମାନଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ।
'ସକାଳ' ପରିବାର

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-187 ♦BHUBANESWAR ♦MONDAY ♦1 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୮୭ ♦ଭୁବନେଶ୍ୱର ♦ସୋମବାର ♦୧ ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦



DSPL-498

ଆମ ଓଡ଼ିଶା
ନବୀନ ଓଡ଼ିଶା



## ନୂଆ ଓଡ଼ିଶାରେ
## ଏକ ଯୁଗାନ୍ତକାରୀ
## ପଦକ୍ଷେପର ଶୁଭାରମ୍ଭ

## ଭୁବନେଶ୍ୱର
## ମେଟ୍ରୋ ରେଳ ପ୍ରକଳ୍ପ (ପ୍ରଥମ ପର୍ଯ୍ୟାୟ)

ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ରୁ ତ୍ରିଶୁଳିଆ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ
୧ ଜାନୁୟାରୀ ୨୦୨୪, ପୂର୍ବାହ୍ନ ୧୧:୩୦ ଘଟିକା



## ନୂଆ ଓଡ଼ିଶା - ରୂପାନ୍ତରିତ ଓଡ଼ିଶା

- 5T ସୁଶାସନ ଅନ୍ତର୍ଗତ ରାଜଧାନୀ ଅଞ୍ଚଳର ପରିବହନ ବ୍ୟବସ୍ଥାକୁ ରୂପାନ୍ତରଣ ପାଇଁ ଏକ ପଦକ୍ଷେପ
- ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଏବଂ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ
- ୬୨୫୫ କୋଟି ଟଙ୍କା ବିନିଯୋଗରେ ଓଡିଶା ସରକାରଙ୍କ ଏହି ପ୍ରକାର ପ୍ରଥମ ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ପ୍ରକଳ୍ପ
- ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ୨୬ କି.ମି. ବିଶିଷ୍ଟ ମେଟ୍ରୋ ରେଳ ପଥ
- କ୍ୟାପିଟାଲ ହସ୍ପିଟାଲ୍, ରାଜମହଲ, ଜୟଦେବ ବିହାର ଏବଂ ପଟିଆ ଛକ ସମେତ ୨୦ ଟି ଷ୍ଟେସନ
- ମେଟ୍ରୋ ରେଳ ଟ୍ରାକ୍ ଏବଂ ଷ୍ଟେସନଗୁଡିକ ଭୂଉଚ୍ଚ ପୋଲ ବିଶିଷ୍ଟ ଢାଞ୍ଚାରେ ନିର୍ମିତ ହେବ
- ଅତ୍ୟାଧୁନିକ କୋଚ୍ ଏବଂ ସିଗନାଲ୍ ବ୍ୟବସ୍ଥା
- ଉନ୍ନତ ଟିକେଟ୍ ବ୍ୟବସ୍ଥା

OIPR-13252/13/0002/2324

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-187 ◆BHUBANESWAR ◆MONDAY ◆1 JANUARY 2024 ◆PAGE-20 ◆₹ 6.00


◆ବର୍ଷ-୪୧ ◆ସଂଖ୍ୟା-୧୮୭ ◆ଭୁବନେଶ୍ୱର ◆ସୋମବାର ◆୧ ଜାନୁଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦



(ଫଟୋ: ଅନାଳ)

ନୀଳଚକ୍ର ଉହାଡ଼ରେ ବିଦାୟ ନେଉଛନ୍ତି ୨୦୨୩ର ଶେଷ ଅସ୍ତାଚଳ ରବି

ଭୂତାଣୁର ଭୟାବହତାକୁ ଭ୍ରୂକ୍ଷେପ ନ କରି ଭୂମିରୁ ଭୂମା ଅଭିଯାନ ଆରମ୍ଭ କରିଛି ବିଜ୍ଞାନୀ ମଣିଷ । ଚନ୍ଦ୍ରର ଦକ୍ଷିଣ ମେରୁରେ ଭାରତର ମହାକାଶ ବିଜ୍ଞାନୀ ଚନ୍ଦ୍ରଯାନ-୩କୁ ଅବତରଣ କରିବାରେ ସଫଳ ହୋଇଛି । ସୂର୍ଯ୍ୟଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହଣ ପାଇଁ ମହାକାଶକୁ ପଠାଇଛି 'ଆଦିତ୍ୟ ଏଲ୍-୧' ।
୨୦୨୩ର ଏହି ସଫଳତାର ସିଢ଼ିରେ ପାଦ ଥାପିଥିବା ଭାରତୀୟ ବିଜ୍ଞାନୀ ମଧ୍ୟ ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ଯତ୍ନବାନ ହୋଇଛି । ଜାତୀୟ ବିକାଶ ସହ ପାଦ ମିଳାଇ ଓଡ଼ିଶା ବି ରୂପାନ୍ତରଣର ପର୍ବରେ ସାମିଲ ହୋଇଛି ୨୦୨୪ରେ ସଫଳତାର ଶୀର୍ଷ ଛୁଇଁବା ଆଶାରେ... । ।

**କମାଣ୍ଡ ସେଣ୍ଟରରେ ପହଞ୍ଚିବ ଜିଲ୍ଲାରେ ଚିକିତ୍ସାଧୀନ ପ୍ରତ୍ୟେକ ହୃଦ୍‌ରୋଗୀଙ୍କ ତଥ୍ୟ**

# ପ୍ରତି ଜିଲ୍ଲାରେ ହେବ ହୃଦ୍‌ରୋଗ ଚିକିତ୍ସା

**କମାଣ୍ଡ ସେଣ୍ଟର୍‌ରେ ୨୪ ଘଣ୍ଟିଆ ଉପସ୍ଥିତ ରହିବେ ବିଶେଷଜ୍ଞ ଡାକ୍ତର**

**'ହବ୍ ଆଣ୍ଡ ସ୍ପୋକ୍' ମଡେଲରେ ଜିଲ୍ଲା ଚିକିତ୍ସାଳୟକୁ ଦିଆଯିବ ପରାମର୍ଶ**

**ବଡ଼ ଡାକ୍ତରଖାନାକୁ ଆଉ ସ୍ଥାନାନ୍ତର ହେବେନି ଗ୍ରାମାଞ୍ଚଳର ହୃଦ୍‌ରୋଗୀ**

■ **ଭୁବନେଶ୍ୱର,୩୧।୧୨(ସମିସ):** ଛୋଟ ପିଲା ହୁଅନ୍ତୁ ଅବା ବୟୋଜ୍ୟେଷ୍ଠ, ରୋଗୀ ହୁଅନ୍ତୁ ଅବା ଯୁବଗୋଷ୍ଠୀ, ସମସ୍ତଙ୍କୁ ଡରାଉଛି ହୃଦଘାତ। କାହାକୁ କେତେବେଳେ ହୃଦଘାତ ହେବ କହିବା ମୁସ୍କିଲ; କିନ୍ତୁ ଆସନ୍ତା ବର୍ଷରୁ ହୃଦରୋଗ ଚିକିତ୍ସାରେ ନୂଆ କିର୍ତ୍ତୀମାନ ରଚିତ ଓଡ଼ିଶା। ହବ୍ ଆଣ୍ଡ ସ୍ପୋକ୍ ମଡେଲ୍‌ରେ ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ଉଦ୍ୟମ କରାଯିବ। ଅର୍ଥାତ୍ ଜିଲ୍ଲାସ୍ତରରେ ହିଁ ହୃଦରୋଗୀଙ୍କ ଉତ୍ତମ ଚିକିତ୍ସାରେ ସହଯତା ଦେବେ ବଡ଼ ଡ଼ାକ୍ତରଖାନାରେ ବସିଥିବା ହୃଦରୋଗ ବିଶେଷଜ୍ଞ। ଆମ୍ବୁଲାନ୍ସରେ ଜିଲ୍ଲାରୁ ବଡ଼ ଡାକ୍ତରଖାନା ପହଞ୍ଚିବାରେ ସମୟର ଅପଚୟ ବନ୍ଦ ହେବ ଆଉ ସେହି ସମୟରେ ରୋଗୀଙ୍କ ଚିକିତ୍ସା ଜାରି ରହିବ। ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି।

ସୂଚନା ଅନୁସାରେ ବିଭିନ୍ନ ମେଡିକାଲ କଲେଜ, କ୍ୟାପିଟାଲ ହସ୍ପିଟାଲ, ରାଉରକେଲାର ଆରଜିଏଚ୍ ଭଳି ଡାକ୍ତରଖାନାରେ କୋର୍ଡିଓଲୋଜି ହବ୍ ପ୍ରତିଷ୍ଠା କରାଯିବ। ସେଠାରେ ହୃଦରୋଗ ବିଶେଷଜ୍ଞ ଉପସ୍ଥିତ ରହିବେ। ଜିଲ୍ଲାସ୍ତରରେ ହୃଦରୋଗୀଙ୍କ ଚିକିତ୍ସା ପାଇଁ ଉତ୍ତମ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ତେଣୁ ଜିଲ୍ଲା ଡାକ୍ତରଖାନାରେ ପହଞ୍ଚିବା ପରେ ରୋଗୀଙ୍କର ବିଭିନ୍ନ ପରୀକ୍ଷା ରିପୋର୍ଟ ଅନ୍‌ଲାଇନ୍ ମାଧ୍ୟମରେ ହବ୍‌ରେ ବସିଥିବା ବିଶେଷଜ୍ଞଙ୍କ ନିକଟରେ ପହଞ୍ଚିବ। ବିଶେଷଜ୍ଞଙ୍କ ପରାମର୍ଶ ଆଧାରରେ ଜିଲ୍ଲାରେ ଥିବା ଡାକ୍ତର ରୋଗୀଙ୍କ ଚିକିତ୍ସା କରିବେ। ଅର୍ଥାତ୍ ଜିଲ୍ଲାସ୍ତରରେ ହୃଦରୋଗ ବିଶେଷଜ୍ଞ ନଥିଲେ ସୁଦ୍ଧା ସ୍ପେଶାଲିଷ୍ଟଙ୍କ ପରାମର୍ଶ ଆଧାରରେ ରୋଗୀଙ୍କୁ ଶୀଘ୍ର ଓ ଉପଯୁକ୍ତ ଚିକିତ୍ସା ମିଳିବ। ଯଦ୍ୱାରା ରୋଗୀଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିବ ।

ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ପ୍ରତ୍ୟେକ ରୋଗୀଙ୍କ ନିଦାନ ଏବଂ ଚିକିତ୍ସା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ କେନ୍ଦ୍ରୀୟ ସର୍ଭରରେ ଅପଲୋଡ୍ କରାଯିବ। ରୋଗୀଙ୍କ ଇସିଜି କରିବା ପରେ ସେହି ରିପୋର୍ଟ ୨୪ ଘଣ୍ଟିଆ ସେଣ୍ଟ୍ରାଲାଇଜଡ୍ କମାଣ୍ଡ ସେଣ୍ଟରକୁ ପଠାଯିବ। ଏହି କମାଣ୍ଡ ▶ପୃଷ୍ଠା-୧୧

# ଆଉ ୫ ସଂକ୍ରମିତ ଚିହ୍ନଟ

■ **ଭୁବନେଶ୍ୱର, ୩୧।୧୨ (ସମିସ):** ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୫ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ ସଂକମ୍ରିତଙ୍କ ସଂଖ୍ୟା ୧୯ରେ ପହଞ୍ଚିଛି। ନୂଆବର୍ଷ ଉପଲକ୍ଷେ ଚାରିଆଡ଼େ ପିକ୍‌ନିକ୍ ଭୋଜିଭାତ ଚାଲିଛି। ଲୋକେ ବୁଲାବୁଲି ପାଇଁ ବାହାରେ ଗହଳି କରୁଛନ୍ତି। ପରିଣାମ ସ୍ୱରୂପ ୧୦ଦିନରୁ କମ ସମୟ ଭିତରେ ଓଡ଼ିଶାରେ ସଂକ୍ରମିତଙ୍କ ସଂଖ୍ୟା ୧୯ରେ ପହଞ୍ଚିଲାଣି। ଅପରପକ୍ଷେ ସମସ୍ତ ପଜିଟିଭ୍ ନମୁନାର ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିବା ବେଳେ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି। ଡିସେମ୍ବର ମାସରେ ଚିହ୍ନଟ ହୋଇଥିବା ପ୍ରଥମ ସଂକ୍ରମିତଙ୍କ ସିକ୍ୱେନ୍ସିଂ ରିପୋର୍ଟ ଆସିବା ପାଇଁ ଆଉ ଦୁଇ ଦିନ ସମୟ ଲାଗିପାରେ। ଯଦି ଏଥିରେ ଜେଏନ୍.୧ ଭୂତାଣୁ ଚିହ୍ନଟ ହୁଏ ତା ହେଲେ ରାଜ୍ୟ ପାଇଁ ଏହା ଚିନ୍ତାର କାରଣ ହୋଇପାରେ। ଅପରପକ୍ଷେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ସ୍ତରରେ କୋଭିଡ୍ ଚିକିତ୍ସା, ସର୍ଭିଲାନ୍ସ ଓ ଟେଷ୍ଟିଂ ପାଇଁ ବ୍ୟବସ୍ଥା ହୋଇଛି। ଲକ୍ଷ୍ୟଣ ଥିବା ଲୋକ ଯଥାଶୀଘ୍ର କୋଭିଡ୍ ପରୀକ୍ଷା କରାଇନେବାକୁ ପରାମର୍ଶ ଦିଆଯାଇଛି। ନୂଆବର୍ଷ ପରେ କୋଭିଡ୍ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି।

# ବାୟୋଟେକ୍ନୋଲୋଜିରେ ଉତ୍କର୍ଷ ଆଣିବ ଓଡ଼ିଶା

**■ ଆୟୁଧ ସାଜିବ ସରକାରଙ୍କ ସ୍ୱତନ୍ତ୍ର ନୀତି**
**■ ପୁଞ୍ଜିନିବେଶ ସହିତ ଦକ୍ଷତା ବିକାଶକୁ ଗୁରୁତ୍ୱ**

■ **ଭୁବନେଶ୍ୱର, ୩୧।୧୨ (ସମିସ):** ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଆଣିବା ଲକ୍ଷ୍ୟରେ ଅଗ୍ରସର ହେଉଛି ଓଡ଼ିଶା। ଭୁବନେଶ୍ୱରର ଅନ୍ଧାରୁଆ ଠାରେ ଭାରତ ବାୟୋଟେକ୍ ଟିକା ଉତ୍ପାଦନ ପାଇଁ ୫୦୦ କୋଟି ଟଙ୍କା ବିନିଯୋଗ କରିଥିବା ବେଳେ ନିକଟ ଭବିଷ୍ୟତରେ ଆଉ ୭୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଯାଉଛି। ପ୍ରକଳ୍ପର ସମ୍ପ୍ରସାରଣ କରି ଗବେଷଣା କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ଲକ୍ଷ୍ୟରେ ଅଛି। ଅପରପକ୍ଷେ ମେକ୍ ଇନ୍ ଓଡ଼ିଶା ସମ୍ମିଳନୀରେ ହସ୍ତଗତ ପ୍ରସ୍ତାବ ଆଧାରରେ ପୁଞ୍ଜିନିବେଶ ଆରମ୍ଭ ହେବ ବୋଲି କୁହାଯାଇଛି। ଗୁରୁତ୍ୱପୂର୍ଣ୍ଣ ହେଉଛି ଓଡ଼ିଶାରେ ଉପଲବ୍ଧ ସମ୍ବଳ ଆଧାରରେ ନୂଆ ଉତ୍ପାଦର ବିକାଶ ପାଇଁ ଓଡ଼ିଶା ସରକାର କାର୍ଯ୍ୟ କରୁଛନ୍ତି। ବାୟୋଟେକ୍ନୋଲୋଜିକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ଓଡ଼ିଶା ବାୟୋଟେକ୍ନୋଲୋଜି ନୀତି ପ୍ରଣୟନ କରିଛନ୍ତି। ତେବେ ପୁଞ୍ଜିନିବେଶ ଆଣିବା ଲକ୍ଷ୍ୟରେ ପୁରୁଣା ନୀତିରେ ସଂଶୋଧନ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଆସୋସିଏସନ୍ ଅଫ୍ ବାୟୋଟେକ୍ନୋଲୋଜି ଲେଡ୍ ଏଣ୍ଟରପ୍ରାଇଜେସ୍ (ଏବିଏଲ୍‌ଇ)କୁ ଦାୟିତ୍ୱ ଦିଆଯାଇଛି। ଏଥିସହ ରାଜ୍ୟରେ ବିଶ୍ୱସ୍ତରୀୟ ବାୟୋଟେକ୍ନୋଲୋଜି ଉଦ୍ୟୋଗୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ସଂସ୍ଥା ଗ୍ଲୋବାଲ୍ ନେଟୱାର୍କଅଫ୍ ଏଣ୍ଟ୍ରେପ୍ରେନ୍ୟୁଓର୍ସଆଣ୍ଡପ୍ରଫେସନାଲ୍ସ ଅଫ୍ ଓଡ଼ିଶା (ଜିଇଏନ୍‌ପିଓ) ସହିତ ବୁଝାମଣା ହୋଇଛି। ଅନ୍ଧାରୁଆ ସ୍ଥିତ ବାୟୋଟେକ୍ନୋଲୋଜି ପାର୍କରେ ଭାରତ ବାୟୋଟେକ୍ ସମ୍ପ୍ରସାରଣ ପରେ ମ୍ୟାଲେରିଆ, କୋଭିଡ୍ ସମେତ ୧୦ ପ୍ରକାର ରୋଗ ପାଇଁ ଟିକା ପ୍ରସ୍ତୁତ କରିବ। ଗତବର୍ଷ ଡିସେମ୍ବର ମାସରେ ▶ପୃଷ୍ଠା-୧୧

**ରାଜ୍ୟ ଭିଜିଲାନ୍ସର ରିପୋର୍ଟ କାର୍ଡ**

# ଦଣ୍ଡବିଧାନ ହାର ୫୦% ବୃଦ୍ଧି

**୨୦୨୨ ଓ ୨୦୨୩ରେ ସର୍ବାଧିକ କଳାଧନ ଠାବ**

**୨୬୫ ମାମଲା ରୁଜୁ, ୩୫୯ ଜଣଙ୍କ ନାମରେ ଚାର୍ଜସିଟ୍**

**୫୮ ପ୍ରଥମ, ୪୪ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ନାଁରେ ମାମଲା**

■ **ଭୁବନେଶ୍ୱର, ୩୧।୧୨ (ସମିସ):** '୫-ଟି' ଉପକ୍ରମରେ ସାମିଲ ହେବା ପରେ ରାଜ୍ୟ ଭିଜିଲାନ୍ସ ପାଇଛି ଅଧିକ ସଫଳତା। ଗତ ୨୦୨୩ରେ ରାଜ୍ୟ ଭିଜିଲାନ୍ସକୁ ମିଳିଛି ବିଭିନ୍ନ କ୍ଷେତ୍ରରେ ବିପୁଳ ସଫଳତା। ଗତ ଦୁଇ ବର୍ଷରେ ସର୍ବାଧିକ କଳାଧନ ଠାବ ସହ ସଜା ହାର ବୃଦ୍ଧି ସାରା ଦେଶରେ ଓଡ଼ିଶା ଭିଜିଲାନ୍ସ ନିଜର ମାଇଲଖୁଣ୍ଟ ସ୍ଥାପନ କରିଛି। ଆଜି ଭିଜିଲାନ୍ସପକ୍ଷରୁ ୨୦୨୩ର ବାର୍ଷିକ ରିପୋର୍ଟ କାର୍ଡରେ ଏହା ପ୍ରତିଫଳିତ ହୋଇଛି।

୨୦୨୩ରେ ଭିଜିଲାନ୍ସ ୪୪୫ ଜଣ ସରକାରୀ କର୍ମଚାରୀଙ୍କ ନାମରେ ୨୬୫ଟି ମାମଲା ରୁଜୁ କରିଛି। ସେଥିରୁ ୫୮ଜଣ ପ୍ରଥମ ଶ୍ରେଣୀ ହୋଇଥିବା ବେଳେ ୪୪ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ରହିଛନ୍ତି। ୧୯୩ ତୃତୀୟ ଶ୍ରେଣୀ, ୮ ଚତୁର୍ଥ ଶ୍ରେଣୀଙ୍କ ସହ ୫୭ ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୮୫ ଜଣ ବେସରକାରୀ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହା ମଧ୍ୟରୁ ୮୫ଟି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାଥିବାବେଳେ ଲାଞ୍ଚ କାରବାର ପାଇଁ ୯୮ଟି ଓ ଦୁର୍ନୀତି ଲାଗି ୮୨ମାମଲା ରୁଜୁ ହୋଇଛି । ୮୯ ସରକାରୀ କର୍ମଚାରୀ ଏବଂ ୪୨ ବେସରକାରୀ କର୍ମଚାରୀଙ୍କ ବିରୋଧରେ ୮୫ ଆୟ ବର୍ହିଭୁତ ସମ୍ପତ୍ତିଠୁଳ ମାମଲା ରୁଜୁ ହୋଇଛି। ୮୫ ଡିଏ ମାମଲାରେ ୧୨୪ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ପ୍ରଥମ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ୩୭ଟି ରୁଜୁ କରାଯାଇଥିବା ବେଳେ ଦ୍ୱିତୀୟ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ୧୯ ମାମଲା ରୁଜୁ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଇତିହାସରେ ୨୦୨୨ ଏପ୍ରିଲ ମାସରେ ସର୍ବାଧିକ ୩କୋଟି ୪୧ଲକ୍ଷ ୬୬ହଜାର୨୮୦ ଟଙ୍କା ଜବତ କରାଯାଇଥିବା ବେଳେ ୨୦୨୩ ଜୁନ୍ ମାସରେ ୩କୋଟି୧୨ଲକ୍ଷ ୩୦ ହଜାର ୮ଶହ ଟଙ୍କା ଜବତ କରାଯାଇଛି। ୨୦୨୨ ଡିସେମ୍ବର ମାସରେ ୧କୋଟି ୬ଲକ୍ଷ ୪୪ହଜାର ୫ଶହ ଟଙ୍କା ଜବତ କରାଯାଇଥିବା ବେଳେ ୨୦୨୨ ଫେବୃଆରୀ ମାସରେ ୧କୋଟି ୧୩ଲକ୍ଷ ୧୬ ହଜାର ▶ପୃଷ୍ଠା-୧୧


DADLS-69




ନବବର୍ଷ – ୨୦୨୪ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ନୂଆବର୍ଷ ୨୦୨୪ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ।

ମହାପ୍ରଭୁଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ । ୨୦୨୪ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧିର ବର୍ଷ ହେଉ ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ଇଂରାଜୀ ନବବର୍ଷ–୨୦୨୪ ଅବସରରେ ରାଜ୍ୟର ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନବବର୍ଷ ଆପଣଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ନେଇଆସୁ ଏବଂ ଆପଣଙ୍କ ପ୍ରତିଟି ସ୍ୱପ୍ନ ଚରିତାର୍ଥ ହେଉ, ଏହା ହିଁ ମୋର ଆନ୍ତରିକ କାମନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0234/2324




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-187 ♦BHUBANESWAR ♦MONDAY ♦1 JANUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୧୮୭ ♦ଭୁବନେଶ୍ୱର ♦ସୋମବାର ♦୧ଜାନୁଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


# ଆଜି 'ମେଟ୍ରୋ' ଶିଳାନ୍ୟାସ

## ସାକାର ହେବ ରାଜ୍ୟବାସୀଙ୍କ ସ୍ୱପ୍ନ




■ **ଭୁବନେଶ୍ୱର, ୩୧।୧୨ (ସମିସ):** ସାକାର ହେବାକୁ ଯାଉଛି ରାଜ୍ୟବାସୀଙ୍କ 'ମେଟ୍ରୋ' ରେଳ ସ୍ୱପ୍ନ। ଆସନ୍ତାକାଲି ସକାଳେ ବହୁପ୍ରତୀକ୍ଷିତ ମେଟ୍ରୋ ରେଳ ପ୍ରକଳ୍ପକୁ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗତ ୧ ଏପ୍ରିଲ୍ ଅର୍ଥାତ୍ ଉତ୍କଳ ଦିବସରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ୮ ମାସ ମଧ୍ୟରେ ଏହି ପ୍ରକଳ୍ପ ପାଇଁ ପ୍ରସ୍ତୁତି ସହ ଅର୍ଥ ବରାଦ କରାଯାଇଛି ଏବଂ ଆସନ୍ତାକାଲି ୨୦୨୪ ମସିହାର ପ୍ରଥମ ଦିନ ଅର୍ଥାତ୍ ନୂଆ ବର୍ଷରେ ଏହାର ଶିଳାନ୍ୟାସ କରାଯିବ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପାଇଁ ମୋଟ୍ ୫ ହଜାର ୯୨୯ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୨୬ କିଲୋମିଟର ଦୈର୍ଘ୍ୟର ମେଟ୍ରୋ ପ୍ରକଳ୍ପ କ୍ୟାପିଟାଲ ହସ୍ପିଟାଲ, ରାଜମହଲ ଛକ, ବାଣୀବିହାର ଛକ, ଜୟଦେବ ବିହାର ଛକ ଓ ପଟିଆ ଛକ ସମେତ ମୋଟ୍ ୨୦ଟି ମେଟ୍ରୋ ରେଳ ଷ୍ଟେସନ ନିର୍ମାଣ କରାଯିବା ନେଇ ଯୋଜନା ରହିଛି। ପରବର୍ତ୍ତୀ ସମୟରେ ଏହା ଉଭୟ ଦିଗରେ କଟକ ଓ ପୁରୀକୁ ସମ୍ପ୍ରସାରିତ କରାଯିବ। ରାଜଧାନୀର ମେଡିଆନ ଉପରେ ପିଲର ନିର୍ମାଣ କରାଯାଇ ରାସ୍ତା ଉପରେ ମେଟ୍ରୋ ଚଳାଚଳ କରିବ। ସେହିପରି ଅତ୍ୟାଧୁନିକ ରେଳ କୋଚ୍‌ର ବ୍ୟବହାର କରାଯିବାକୁ ରହିଥିବା ବେଳେ ଅତ୍ୟାଧୁନିକ ଟିକେଟ୍ ବ୍ୟବସ୍ଥା ଏବଂ ସିଗ୍‌ନାଲ ବ୍ୟବହାର କରାଯିବ। ଭୁବନେଶ୍ୱର ମେଟ୍ରୋ ରେଳ ନିଗମର ତତ୍ତ୍ୱାବଧାନରେ ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଟର୍ଣ୍ଣ-କି ପରାମର୍ଶଦାତା) ପ୍ରକଳ୍ପର ନିର୍ମାଣ କରିବ।

ଏହି ମେଟ୍ରୋ ପ୍ରକଳ୍ପ ଦ୍ୱାରା ଭୁବନେଶ୍ୱର ଓ କଟକ ମଧ୍ୟରେ ତ୍ରିଶୁଳିଆ ଏକ ପ୍ରମୁଖ ଜଙ୍କସନ ହେବ। ଏହା ସହିତ ବାଙ୍କୀ ଓ ଆଠଗଡ଼ ପଟରୁ ଦ୍ୱୈତ ନଗରୀର ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ପଥ ଭାବରେ ତ୍ରିଶୁଳିଆ ବିବେଚିତ ହେବ। ମେଟ୍ରୋ ରେଳ ପ୍ରକଳ୍ପର କେନ୍ଦ୍ରୀୟ ଡିପୋ ତ୍ରିଶୁଳିଆ ନିକଟରେ ନିର୍ମାଣ କରାଯିବ। ଏଠାରେ ପ୍ରକଳ୍ପର କମାଣ୍ଡ ଓ କଣ୍ଟ୍ରୋଲ୍ ବ୍ୟବସ୍ଥା ସହିତ ମେଟ୍ରୋ ଟ୍ରେନର ମରାମତି ଓ ଷ୍ଟାବଲିଂ ସୁବିଧା ମଧ୍ୟ ରହିବ। ତ୍ରିଶୁଳିଆ ଛକରେ ଏକ ନୂଆ ▶ପୃଷ୍ଠା-୧୧

## ରୂପାନ୍ତରଣର 'ନବୀନ ଗ୍ୟାରେଣ୍ଟି'

# ଶହେ କୋଶ ଆଗରେ ବିଜେଡି



■ **ଭୁବନେଶ୍ୱର, ୩୧।୧୨ (ସମିସ):** ଆଉ କେଇମାସ ପରେ ସାଧାରଣ ଓ ବିଧାନସଭା ନିର୍ବାଚନ । ଏହି ପରିପ୍ରେକ୍ଷୀରେ ରାଜ୍ୟ ରାଜନୀତିରେ ଆରମ୍ଭ ହୋଇଛି ହଲଚଲ୍ । ଶାସକ ବିଜେଡି ଓ ଦୁଇ ପ୍ରମୁଖ ବିରୋଧୀ କଂଗ୍ରେସ ଓ ବିଜେପି ନିଜନିଜ ସାଙ୍ଗଠନିକ ଗତିବିଧି ତ୍ୱରାନ୍ୱିତ କରିବା ଆରମ୍ଭ କରିଛନ୍ତି । ମାତ୍ର ନିର୍ବାଚନ ବିଜୟର ନକ୍ସା ପ୍ରସ୍ତୁତିରେ ବିରୋଧୀଙ୍କଠାରୁ ଶହେ କୋଶ ଆଗରେ ପହଞ୍ଚିଛି ବିଜେଡି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଜିଲ୍ଲାଗସ୍ତ ଆରମ୍ଭ କରିଥିବା ବେଳେ ରାଜ୍ୟବ୍ୟାପୀ ବିଜେଡି ନିଜ ସପକ୍ଷରେ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ଆପାତତଃ ସଫଳ ହୋଇ ସାରିଛି। ବିଜେଡି ନେତା ତଥା '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟବ୍ୟାପୀ ଘନ ଘନ ଗସ୍ତ କରି ଦଳକୁ ଏକ ମହାବିଜୟ ଦେବାକୁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଭୋଟ ସଂଗ୍ରହରେ ନୂଆ ରେକର୍ଡ ସହ କ୍ରମାଗତ ଷଷ୍ଠ ବିଜୟକୁ ସ୍ମରଣୀୟ କରିବା ନିମନ୍ତେ ବିଜେଡି ଖସଡ଼ା ପ୍ରସ୍ତୁତ କରି ସାରିଥିବାବେଳେ ଦୁଇ ବିରୋଧୀ କଂଗ୍ରେସ ଓ ବିଜେପିର ନିର୍ବାଚନ ପ୍ରସ୍ତୁତି କେବଳ ସାମ୍ବାଦିକ ସମ୍ମିଳନୀରେ ସୀମିତ ରହିଛି।

> **ପୌର-ପଞ୍ଚାୟତ ସଫଳତାକୁ ମୂଳଦୁଆ କରି ବିଶାଳ ବିଜୟ ଲକ୍ଷ୍ୟ**
>
> **ଲକ୍ଷ୍ୟ ଦେଢ଼ କୋଟି ଭୋଟ, ରେକର୍ଡ ବିଜୟ ଆଶାରେ ବିଜେଡି**
>
> **ନୂଆବର୍ଷରୁ ବିଜେଡି ଆହୁରି ବ୍ୟାପକ କରିବ ସାଂଗଠନିକ କାର୍ଯ୍ୟକ୍ରମ**
>
> **କେବଳ ସାମ୍ବାଦିକ ସମ୍ମିଳନୀରେ ସୀମିତ ବିରୋଧୀଙ୍କ ରଣନୀତି**

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ପାଇଥିବା ୧.୨ କୋଟିରୁ ଊର୍ଦ୍ଧ୍ୱ ଭୋଟକୁ ଦେଢ଼ କୋଟିରେ ପହଞ୍ଚାଇବା ପାଇଁ ଦଳ ନିଜକୁ ପ୍ରସ୍ତୁତ କରୁଛି। ପଦଯାତ୍ରା, ଜନସମ୍ପର୍କ, କର୍ମୀ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ଅଧିକ ନିକଟତର ହୋଇଛି ଦଳ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସୁଖଦୁଃଖରେ ସାଥୀ ହେବାକୁ 'ନବୀନ' ମନ୍ତ୍ରକୁ କର୍ମୀ ଓ କର୍ମକର୍ତ୍ତାମାନେ ଅକ୍ଷରେ ଅକ୍ଷରେ ପାଳନ କରୁଛନ୍ତି। ଏପଟେ '୫-ଟି' ଅଧ୍ୟକ୍ଷ ବିଭିନ୍ନ ଜିଲ୍ଲା ଗସ୍ତ କରି ବିକାଶମୂଳକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ସମସ୍ୟାର ତ୍ୱରିତ୍ ସମାଧାନ କରୁଛନ୍ତି। ଫଳରେ ବିଜେଡି ଏବେ ନିର୍ବାଚନୀ ପ୍ରସ୍ତୁତିରେ ବିରୋଧୀଙ୍କଠାରୁ ଶହେ କୋଶ ଆଗରେ ରହିଛି। ଏପଟେ ସମଗ୍ର ରାଜ୍ୟର ରୂପାନ୍ତରଣ, ପରିକ୍ରମା ପ୍ରକଳ୍ପ, 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ଛୁଇଁବାକୁ ସକ୍ଷମ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ରାଜ୍ୟର ଜନସାଧାରଣଙ୍କ ପାଇଁ ସଞ୍ଜିବନୀ ସଦୃଶ ହୋଇଛି । ଏହିକ୍ରମରେ 'ନବୀନ କାଡର୍' ଲୋକ ପାଇଁ ବରଦାନ ପାଲଟିଛି। ସ୍ୱାସ୍ଥ୍ୟ ସେବା ପାଇଁ 'ନବୀନ ଗ୍ୟାରେଣ୍ଟି' ବିଜେଡିକୁ ଷଷ୍ଠ ଓ ବିଶାଳ ବିଜୟକୁ ଏକପ୍ରକାର ସୁନିଶ୍ଚିତ କରିଛି ।

ଅନ୍ୟପକ୍ଷରେ ବିରୋଧୀଙ୍କ ପାଇଁ ସମସ୍ୟା ହୋଇଛି ଅସ୍ୱଷ୍ଟ ରଣନୀତି। ରାଜ୍ୟ ସରକାରଙ୍କ ବିରୋଧରେ ବିରୋଧୀଙ୍କ ନିକଟରେ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ନାହିଁ। ଅନ୍ୟ ପକ୍ଷରେ ଅପ୍ରାସଙ୍ଗିକ ପ୍ରସଙ୍ଗ, ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ରହସ୍ୟମୟ ନିରବତା, ବିକାଶମୂଳକ କାର୍ଯ୍ୟକୁ ବିରୋଧ କରି ବିରୋଧୀ ରାଜ୍ୟରେ ନବୀନ ସରକାର ସପକ୍ଷରେ ଥିବା 'ସତ୍ତା ସପକ୍ଷ' ବାତାବରଣକୁ ଆହୁରି ଅଧିକ ଦୃଢ଼ କରିବାରେ ଲାଗିଛନ୍ତି । ଦୁଇ ଦଶନ୍ଧି ମଧ୍ୟରେ ନବୀନଙ୍କ ସମକକ୍ଷ ନେତା ସୃଷ୍ଟି କରିବାରେ ବିଫଳତା ବିରୋଧୀଙ୍କୁ ନିର୍ବାଚନ 'ବକ୍ସିଂ ରିଙ୍ଗ'ରେ ଏକପ୍ରକାର ନକ୍‌ଆଉଟ୍ କରିଦେଇଛି । ଅନ୍ୟପକ୍ଷରେ କେଉଁ ପ୍ରସଙ୍ଗରେ ସରକାରଙ୍କୁ ଘେରିବେ, କାହାକୁ ଆକ୍ରମଣ କରିବେ, ▶ପୃଷ୍ଠା-୧୧

## ଲୋକକଥା




'ତେଇଶି'ରେ ଯାହା ଘଟିଗଲା ସବୁ
ରହିଗଲା ଏବେ ସ୍ମୃତିରେ,
ନୂଆ ଭାବ ନୂଆ ଚେତନାକୁ ଧରି
ଚାଲିବା 'ଚବିଶି' ସାଙ୍ଗରେ !
ଯେତେ ବ୍ୟବସ୍ଥିତ ଢଙ୍ଗରେ,
ପ୍ରଗତିର ଗତି ତ୍ୱରାନ୍ୱିତ ହେବ
ବିକଶିବ ନୂଆ ରଙ୍ଗରେ ॥

# ଡିଜିପି ଦାୟିତ୍ୱ ନେଲେ ଅରୁଣ ଷଡ଼ଙ୍ଗୀ



**ଅପରାଧ ଦମନ ଉପରେ ଗୁରୁତ୍ୱ ଦେଲେ ଡିଜି**

**ସୁନୀଲ ବଂଶଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା**

■ **କଟକ, ୩୧।୧୨ (ସମିସ):** ଓଡ଼ିଶା ପୁଲିସର ନୂତନ ଆରକ୍ଷୀ ମହାନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇପିଏସ୍ ଅରୁଣ କୁମାର ଷଡ଼ଙ୍ଗୀ ଆଜି ଅପରାହ୍ଣରେ କଟକସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ପୂର୍ବତନ ଡିଜିପି ସୁନୀଲ କୁମାର ବଂଶଲଙ୍କଠାରୁ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇପିଏସ୍ ଶ୍ରୀ ଷଡ଼ଙ୍ଗୀ ପୁଲିସ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହାପରେ ଡିଜିପି ଶ୍ରୀ ଷଡଙ୍ଗୀ ସହିଦ ସ୍ମୃତି ସ୍ତମ୍ଭଠାରେ ମାଲ୍ୟାର୍ପଣ କରବା ପରେ ଦାୟିତ୍ୱ ଗ୍ରହଣ କରିଥିଲେ। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଲେ ଯେ, ଓଡ଼ିଶା ପୁଲିସର ସ୍ୱତନ୍ତ୍ର ଗରିମା ଏବଂ ଗୌରବ ରହିଛି। ଗତ କିଛିବର୍ଷ ଧରି ରାଜ୍ୟ ପୁଲିସ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଛି। ପୁଲିସକୁ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୂର୍ଣ୍ଣ ସହଯୋଗ ରହିଛି। ରାଜ୍ୟ ସରକାରଙ୍କ ସହଯୋଗରେ ଆଗାମୀ ଦିନରେ ପୁଲିସ ଅଧିକ ଶକ୍ତିଶାଳୀ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅତିରିକ୍ତ ଦାୟିତ୍ୱର ▶ପୃଷ୍ଠା-୧୧






# 'ନବୀନ' ଓଡ଼ିଶାର କ୍ଲାନ୍ତହୀନ କର୍ଣ୍ଣଧାର

## ୨୦୨୩ରେ ରାଜ୍ୟର ସର୍ବାଧିକ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପାଣ୍ଡିଆନ



**ବିରୋଧୀଙ୍କ ଅସହିଷ୍ଣୁତାର ନିଆଁରେ ଶୁଦ୍ଧ ସ୍ୱର୍ଣ୍ଣ ପରି ଚକମକ୍ ପାଣ୍ଡିଆନ**

**ବିରୋଧୀଙ୍କୁ ନିରସ୍ତ୍ର କରିଛି ୧୪୭ ଆସନରେ ମୁଖ୍ୟମନ୍ତ୍ରୀଙ୍କ ପଛରେ ଠିଆହେବା ଘୋଷଣା**

■ **ଭୁବନେଶ୍ୱର, ୩୧।୧୨ (ସମିସ):** ବିଦାୟୀ ୨୦୨୩ ଓଡ଼ିଶା ରାଜନୀତି ପାଇଁ ବେଶ୍ ଥିଲା ଅନ୍ୟତମ ଘଟଣାବହୁଳ ବର୍ଷ । ଏହି ଘଟଣାବହୁଳ ବର୍ଷରେ ରାଜ୍ୟର ସବୁଠୁ ଚର୍ଚ୍ଚିତ ମଣିଷଟି ରହିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ରାଜ୍ୟରେ ଜାରି ରହିଥିବା ରୂପାନ୍ତରଣ, ସମସ୍ତ ୧୪୭ ବିଧାନସଭା ଆସନରେ ଜନଶୁଣାଣି, ବିକାଶ କାର୍ଯ୍ୟ ସମୀକ୍ଷା, ପ୍ରଶାସନ ଓ ବିକାଶକାର୍ଯ୍ୟରେ ସାଧାରଣ ଲୋକଙ୍କ ଭାଗିଦାରୀ, ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଶ୍ରୀ ପାଣ୍ଡିଆନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ଶ୍ରୀ ପାଣ୍ଡିଆନଙ୍କ କାର୍ଯ୍ୟ ପ୍ରଶାସନ ଓ ସରକାରକୁ ଲୋକାଭିମୁଖୀ କରିଥିବାବେଳେ ବିରୋଧୀଙ୍କ ଅସହିଷ୍ଣୁତା ତାଙ୍କର ଛବିକୁ ଶୁଦ୍ଧ ସୁନା ପରି ଆହୁରି ଉଜ୍ଜ୍ୱଳ କରିଛି। ରାଜ୍ୟ ପ୍ରଶାସନ ଓ ରାଜନୀତିରେ ବର୍ଷର ଶେଷ ତ୍ରୟମାସିକ ରହିଛିସବୁଠୁ ଘଟଣାବହୁଳ। ସରକାରୀ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ସହ ବିଜେଡିରେ ଯୋଗଦାନ କରି ସମସ୍ତଙ୍କ ତୁଣ୍ଡ ବନ୍ଦ କରି ଦେଇଛନ୍ତି ଶ୍ରୀ ପାଣ୍ଡିଆନ। ଏହା ସହ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରିବା ଓ ମୁଖ୍ୟମନ୍ତ୍ରୀଙ୍କ ପଛରେ ୧୪୭ ଆସନରେ ଦୃଢ଼ ଭାବେ ଛିଡ଼ା ହେବେ କହି ବିରୋଧୀଙ୍କୁ ଏକପ୍ରକାର ନିରସ୍ତ୍ର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ବିକଶିତ 'ନବୀନ ଓଡ଼ିଶା' ଗଠନ ତାଙ୍କର ପ୍ରାଥମିକତା ଆଉ ସବୁ ପଦପଦବୀ, କ୍ଷମତା ତାଙ୍କ ସାମ୍ନାରେ ତୁଚ୍ଛ ଏବଂ ଗୌଣ ବୋଲି ବାର୍ତ୍ତା ଦେଇ ଲୋକଙ୍କ ହୃଦୟ ଜିଣିଛନ୍ତି । ରାଜ୍ୟବ୍ୟାପୀ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟାନ୍ୱୟକୁ ସମୟାନୁଯାୟୀ ସାରିବା ପାଇଁ ତାଙ୍କର ଅବିଶ୍ରାନ୍ତ, କ୍ଲାନ୍ତହୀନ ପରିଶ୍ରମ ନିଷ୍ଠାକୁ ଆଜି ସାରା ରାଜ୍ୟରେ ପ୍ରତ୍ୟେକ ବର୍ଗର ଲୋକମାନେ ମୁକ୍ତକଣ୍ଠରେ ପ୍ରଶଂସା କରୁଛନ୍ତି। ପୂରା ବର୍ଷର ରାଜ୍ୟ ରାଜନୀତିକୁ ଅନୁଶୀଳନ କଲେ କାର୍ତ୍ତିକ ପାଣ୍ଡିଆନଙ୍କୁ ୨୦୨୩ ଓଡ଼ିଶାର ସର୍ବାଧିକ ଚର୍ଚ୍ଚିତ ବ୍ୟକ୍ତିତ୍ୱର ପରିଚୟ ଦେଇଛି ।

'୫-ଟି' ସଚିବରୁ '୫-ଟି' ଅଧ୍ୟକ୍ଷ । ଜଣେ ସଫଳ ଆଇଏସଠାରୁ ବିଜେଡିର ଜଣେ ନିଷ୍ଠାପର କର୍ମୀ ଭାବେ ଏଯାବତ୍ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିପାରିଛନ୍ତି କାର୍ତ୍ତିକ ପାଣ୍ଡିଆନ୍। ରାଜ୍ୟ ବିକାଶ ପ୍ରତି ତାଙ୍କର ଅବିଶ୍ରାନ୍ତ, କ୍ଲାନ୍ତହୀନ ଏବଂ କଠୋର ପରିଶ୍ରମ ତାଙ୍କୁ ଆଜି ଆଜି ରାଜ୍ୟର ବିକାଶ କର୍ଣ୍ଣଧାରରେ ପରିଣତ କରିଛି। କେବଳ ତାଙ୍କୁ ଭଲ ପାଉଥିବା ଲୋକମାନେ ନୁହନ୍ତି; ତାଙ୍କର କଟୁ ସମାଲୋଚକମାନେ ମଧ୍ୟ ଏହି କଥାକୁ ସ୍ୱୀକାର କରିବାକୁ ବାଧ ହୋଇଛନ୍ତି। ରୂପାନ୍ତରଣ ମଙ୍ଗ ଧରି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଓଡ଼ିଶା ▶ପୃଷ୍ଠା-୧୧

# ନବବର୍ଷର ନିଆରା ପରମ୍ପରା



**ନୂଆ ଆଶା ଓ ସମ୍ଭାବନା ନେଇ ପୃଥିବୀରେ ପାଦ ଥାପିଛି ବର୍ଷ ୨୦୨୪ । ନୂଆବର୍ଷ ପାଳନକୁ ନେଇ ବିଶ୍ୱର ବିଭିନ୍ନ ଦେଶରେ ବିଚିତ୍ର ପରମ୍ପରା ସବୁ ପ୍ରଚଳିତ । ଏଭଳି ପରମ୍ପରା ଅଜବ ଲାଗିଲେ ବି ଏସବୁ ସେମାନଙ୍କ ପାଇଁ ଶୁଭଙ୍କର ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି । ସେଭଳି କିଛି ବିଚିତ୍ର ପରମ୍ପରା ବିଷୟରେ ଆସନ୍ତୁ ଜାଣିବା...**

**ଖାଇବାକୁ ହୁଏ ୧୨ଟି ଅଙ୍ଗୁର:** ସ୍ପେନ୍‌ରେ ନୂଆବର୍ଷ ଦିନ ୧୨ଟି ଅଙ୍ଗୁର ଖାଇବାର ପରମ୍ପରା ୧୯୦୯ ମସିହାରୁ ପ୍ରଚଳିତ । ଯାହାକୁ ଆଜି ବି ସେଠାକାର ଲୋକେ ପାଳନ କରୁଥିବା ଦେଖାଯାଏ । କୁହାଯାଏ, ଏହିଦିନ ଏକକାଳୀନ ୧୨ଟି ଅଙ୍ଗୁର ଖାଉଥିବା ଲୋକେ ବର୍ଷ ତମାମ ଖୁସିରେ ରହିଥାନ୍ତି । ଅବଶ୍ୟ ଏହି ପରମ୍ପରା ପଛରେ ଏକ କାରଣ ରହିଛି । କୁହାଯାଏ ସେହିବର୍ଷ ସ୍ପେନ୍‌ରେ ଭଲ ଅଙ୍ଗୁର ଉତ୍ପାଦନ ହୋଇଥିଲା ଏବଂ ସେତେବେଳେ ଏଠାକାର ରାଜା ନୂଆବର୍ଷ ଉତ୍ସବ ପାଳନ ଅବସରରେ ଲୋକଙ୍କୁ ପ୍ରଚୁର ମାତ୍ରାରେ ଅଙ୍ଗୁର ବାଣ୍ଟି ଥିଲେ ।

**ସମୁଦ୍ରକୁ ଫିଙ୍ଗାଯାଏ ଧଳା ଫୁଲ:** ସମୁଦ୍ରକୁ ଧଳା ଫୁଲ ଫିଙ୍ଗି ବ୍ରାଜିଲବାସୀ ନୂଆବର୍ଷ ପାଳନ କରିଥାନ୍ତି । କେବଳ ସେତିକି ନୁହେଁ, ପରଫ୍ୟୁମ୍, ପାନିଆ, ଗହଣା ତଥା ଲିପଷ୍ଟିକ୍ ମଧ୍ୟ କେହି କେହି ସମୁଦ୍ରକୁ ଉତ୍ସର୍ଗ କରିଥାନ୍ତି । ଏଭଳି କରି ସେମାନେ ସାଗର ଦେବୀ 'ୟେମାଞ୍ଜା'ଙ୍କୁ ନୂଆବର୍ଷରେ ଭେଟି ଦେଇଥାନ୍ତି । ଏହାଦ୍ୱାରା ନୂଆବର୍ଷରେ ସେମାନଙ୍କ ମନସ୍କାମନା ପୂରଣ ହେବ ବୋଲି ଆଶା ରଖିଥାନ୍ତି ।

**ଘର ବାହାରେ ଫିଙ୍ଗନ୍ତି ଭଙ୍ଗା ପ୍ଲେଟ୍:** ଡେନ୍‌ମାର୍କବାସୀ ନୂଆବର୍ଷର ପୂର୍ବ ରାତିରେ ପଡ଼ୋଶୀ ତଥା ସାଙ୍ଗସାଥୀଙ୍କ ଘର ବାହାରେ ପୁରୁଣା ତଥା ଭଙ୍ଗା ପ୍ଲେଟ୍ ଫିଙ୍ଗିଥାନ୍ତି । ସେହିପରି ନୂଆବର୍ଷ ସକାଳେ ଯାହା ଘର ସାମ୍ନାରେ ଯେତେ ଅଧିକ ପ୍ଲେଟ୍ ପଡ଼ିଥିବ, ସେହି ବର୍ଷ ସେମାନଙ୍କ ଭାଗ୍ୟ ସେତେ ବେଶି ସୁଖମୟ ହେଉଥିବା ବିଶ୍ୱାସ କରାଯାଏ ।

**ଡେଙ୍ଗା ଅତିଥିଙ୍କ ଆଗମନ:** ସ୍କଟ୍‌ଲାଣ୍ଡର ଲୋକମାନେ ନୂଆବର୍ଷରେ ଡେଙ୍ଗା ତଥା ସୁନ୍ଦର ଅତିଥିଙ୍କ ଆଗମନ ଅପେକ୍ଷାରେ ଥାନ୍ତି । ଏଠାରେ ଡେଙ୍ଗା ତଥା ସୁନ୍ଦର ପୁରୁଷଙ୍କୁ ଭାଗ୍ୟଶାଳୀ ବୋଲି କୁହାଯାଏ ।

## କେବେଠୁ ଆରମ୍ଭ ହେଲା ଜାନୁଆରୀ ୧ରେ ନୂଆ ବର୍ଷ ପାଳନ

ଜାନୁଆରୀ ୧ରେ ନୂଆ ବର୍ଷ ପାଳନ କରାଯିବାର ଏକ ଇତିହାସ ରହିଛି । ଏହା ଗ୍ରେଗୋରିଆନ କ୍ୟାଲେଣ୍ଡର ଅନୁଯାୟୀ, ୧୫ ଶତାବ୍ଦୀରେ ୧୫୮୨ ଅକ୍ଟୋବରରେ ଆରମ୍ଭ ହୋଇଥିଲା । ଏହି ତାରିଖ ପୂର୍ବରୁ ଜୁଲିୟାନ କ୍ୟାଲେଣ୍ଡର ସମଗ୍ର ବିଶ୍ୱରେ ଅନୁସରଣ କରାଯାଇଥିଲା । ସେଥିରେ ମାତ୍ର ୧୦ ମାସ ଥିଲା ଏବଂ ଖ୍ରୀଷ୍ଟମାସ ଦିନ ନୂଆ ବର୍ଷ ପାଳନ କରାଯାଉଥିଲା । ଏହା ପରେ ଜଣେ ଆମେରିକୀୟ ଚିକିତ୍ସକ ଆଲୋଏସିୟସ୍ ଲିଲିୟସ୍ ବିଶ୍ୱକୁ ଏକ ନୂତନ କ୍ୟାଲେଣ୍ଡର ଦେଇଥିଲେ । ଏହାକୁ ଗ୍ରେଗୋରିଆନ କ୍ୟାଲେଣ୍ଡର କୁହାଯାଉଥିଲା, ଯେଉଁଥିରେ ବର୍ଷର ପ୍ରଥମ ଦିନ ଜାନୁଆରୀ ୧ ଭାବରେ ବିବେଚନା କରାଯାଉଥିଲା ଏବଂ ସେହି ଦିନଠାରୁ ଜାନୁଆରୀ ୧ରେ ନୂତନ ବର୍ଷ ପାଳନ କରିବାର ପରମ୍ପରା ଚାଲିଆସୁଛି ।

# ସ୍ୱାଗତଂ ୨୦୨୪

## ନୂଆ ଆଶା ନେଇ ଆସିଛି ନୂଆ ବର୍ଷ

ଶେଷ ହେଲା ପୁରୁଣା ବର୍ଷର ଆୟୁଷ । ସମୟର ଟିକଟିକ୍ ଶବ୍ଦ ସହ ମେଲାଣି ନେଇଛି ବର୍ଷ ୨୦୨୩ । କାନ୍ଥରୁ ବଦଳିଯାଇଛି କ୍ୟାଲେଣ୍ଡରର ପୃଷ୍ଠା । ନୂଆ ଉତ୍ସାହ, ନୂଆ ସମ୍ଭାବନା ନେଇ ଆସିଛି ବର୍ଷ ୨୦୨୪ । ଶୀତ ରାତି ଆଉ ଶୀତଳ ପରିବେଶରେ ନୂଆବର୍ଷକୁ ସ୍ୱାଗତ କରିଛନ୍ତି କୋଟି କୋଟି ବିଶ୍ୱବାସୀ । ଜିରୋ ନାଇଟ୍ ସେଲିବ୍ରେସନ୍‌ରେ କମ୍ପିଲା ଗାଁରୁ ସହର । ପୁରୁଣା ବର୍ଷର ଦୁଃଖ, ଖରାପ ସ୍ମୃତିକୁ ଭୁଲି ଆଗକୁ ବଢ଼ିବା ପାଇଁ ବର୍ଷ ଆରମ୍ଭରେ ସଂକଳ୍ପ ନେଇଛନ୍ତି ଲୋକେ । ନୂଆବର୍ଷର ନୂଆ ସକାଳକୁ ଦେଖିଲା ସାରା ଦୁନିଆ । ତେବେ ନୂଆ ବର୍ଷ ୨୦୨୪କୁ ପ୍ରଥମେ ସ୍ୱାଗତ କରିଛି ନ୍ୟୁଜିଲାଣ୍ଡ । ଅକ୍‌ଲାଣ୍ଡବାସୀ ପ୍ରଥମେ ନୂତନ ବର୍ଷ ପାଳନ କରନ୍ତି । ବିଶ୍ୱର ପ୍ରଥମ ଦେଶ ଭାବରେ ନ୍ୟୁଜିଲାଣ୍ଡରେ ନୂତନ ବର୍ଷ ପ୍ରବେଶ କରିବା ପରେ କ୍ରମାନୁସାରେ ଅନ୍ୟ ଦେଶମାନେ ନୂଆବର୍ଷକୁ ପାଳନ କରିଛନ୍ତି । ଅକ୍‌ଲାଣ୍ଡ ପରେ ଅଷ୍ଟ୍ରେଲିଆର ସିଡ୍‌ନୀ ସହରରେ ମଧ୍ୟ ନବବର୍ଷକୁ ଧୁମ୍‌ଧାମ୍‌ରେ ସ୍ୱାଗତ କରାଯାଇଛି । ଭାରତର ବିଭିନ୍ନ ପ୍ରସିଦ୍ଧ ମନ୍ଦିରଗୁଡ଼ିକରେ ନୂଆବର୍ଷ ପାଇଁ ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ନୂଆବର୍ଷ ମଙ୍ଗଳମୟ ହେଉ କାମନା କରି ଦେବଦେବୀଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ । ନୂଆବର୍ଷ ପାଇଁ ପର୍ଯ୍ୟଟନସ୍ଥଳୀରେ ଦେଖିବାକୁ ମିଳିଛି ଲୋକଙ୍କ ଭିଡ଼ । ସେହିଭଳି ମଧ୍ୟ ରାତ୍ରୀରୁ ଲୋକେ ପରସ୍ପରକୁ 'ହ୍ୟାପି ନ୍ୟୁ ଇଅର୍' କହି ଅଭିନନ୍ଦନ ଜଣାଉଛନ୍ତି । ସୋସିଆଲ ମିଡିଆ ମଧ୍ୟ ନୂଆବର୍ଷ ଶୁଭେଚ୍ଛାରେ ପୂରି ଉଠିଛି । ନୂଆ ରୂପରେ ନୂଆ ଆଶାରେ ଜୀବନଯାତ୍ରା ଆରମ୍ଭ କରିବାକୁ ବର୍ଷର ପ୍ରଥମ ଦିନରେ ଲୋକେ ସଂକଳ୍ପ ନେଉଛନ୍ତି ।

# ନୂଆବର୍ଷ ଉପହାର

**ନୂଆବର୍ଷରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇବା ସହିତ କିଛି ନା କିଛି ଉପହାର ମଧ୍ୟ ପ୍ରଦାନ କରିଥାନ୍ତି । ଅବଶ୍ୟ ଉପହାରରେ କ'ଣ ଦେବା ଠିକ୍ ହେବ, ତାହାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ ରହିଥାନ୍ତି । ସେଭଳି କେତେକ ଉପହାର ସମ୍ପର୍କରେ ଆସନ୍ତୁ ଜାଣିବା ।**

### ଆଲବମ୍

ନୂଆବର୍ଷରେ ସାଙ୍ଗ ତଥା ପରିବାର ସଦସ୍ୟଙ୍କୁ ଉପହାରରେ ଫଟୋ ଆଲବମ୍ ଦେଇପାରିବେ । ୨୦୨୩ରେ ପରିବାର ତଥା ସାଙ୍ଗମାନଙ୍କ ସହ ବିତାଇଥିବା ସୁନ୍ଦର ସ୍ମୃତିର ଫଟୋକୁ ସେଥିରେ ସ୍ଥାନିତ କରିପାରିବେ । କାରଣ ପୁରୁଣା ଫଟୋ ତଥା ସ୍ମୃତିରୁ ଯେଉଁ ଖୁସି ମିଳେ, ସେସବୁ ଅନ୍ୟ କେଉଁ ଜିନିଷରୁ ମିଳି ନ ଥାଏ ।

### ବହି ଓ ଡାଏରି

ନୂଆବର୍ଷ ଅବସରରେ କୌଣସି ଜ୍ଞାନବର୍ଦ୍ଧକ ପୁସ୍ତକ ଉପହାରରେ ଦିଆଯାଇ ପାରିବ । ଡାଏରି ମଧ୍ୟ ଉପହାର ସ୍ୱରୂପ ଦିଆଯାଇ ପାରିବ । ଏହା ଏମିତି ଏକ ଉପହାର, ଯେଉଁଥିରେ ଜଣେ ନିଜ ଜୀବନର ପ୍ରତ୍ୟେକ ଘଟଣାକୁ ଲେଖିପାରିବେ । ଡାଏରୀ ସହିତ କଲମ ମଧ୍ୟ ଏଥିରେ ସାମିଲ କରାଯାଇପାରିବ ।

### କ୍ୟାଲେଣ୍ଡର ଓ ଫଟୋଫ୍ରେମ୍

ନୂଆବର୍ଷ ଉପହାରରେ କ୍ୟାଲେଣ୍ଡରକୁ ନିଆରା ତରିକାରେ ଡିଜାଇନ୍ କରି ଉପହାରରେ ଦେଇହେବ । ଏହାବାଦ୍ ପୁରୁଣା ସ୍ମୃତିକୁ ତାଜା ରଖିବା ପାଇଁ ଫଟୋ ଫ୍ରେମ୍ ମଧ୍ୟ ଉପହାରରେ ଦେଇପାରିବେ ।

### ଘଣ୍ଟା ଏବଂ ଫିଟ୍‌ନେସ୍ ବ୍ୟାଣ୍ଡ

ଏବେ ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରହୁଛନ୍ତି । ତେଣୁ ଫିଟ୍‌ନେସ୍ ବ୍ୟାଣ୍ଡ ମଧ୍ୟ ନୂଆବର୍ଷ ପାଇଁ ଉପହାର ପାଇଁ ସୁନ୍ଦର ବିକଳ୍ପ ହୋଇପାରିବ । ଏହାବ୍ୟତୀତ ବନ୍ଧୁଙ୍କୁ ଉପହାରରେ ସୁନ୍ଦର ଘଣ୍ଟାଟିଏ ବି ଚାହିଁଲେ ଦେଇପାରିବେ ।




### ଲାଫିଙ୍ଗ୍ ବୁଦ୍ଧ

ନୂଆବର୍ଷରେ ଲାଫିଙ୍ଗ ବୁଦ୍ଧଙ୍କ ମୂର୍ତ୍ତି ଉପହାରରେ ଦେଇପାରିବେ । ଏହାଦ୍ୱାରା ସୁଖସମୃଦ୍ଧି ଆସିଥାଏ ବୋଲି କୁହାଯାଏ । ଏହାବାଦ୍ ନୂଆବର୍ଷରେ ଫେଙ୍ଗସୁଇଜନିତ ଜିନିଷ ଦେବା ଦ୍ୱାରା ଭାଗ୍ୟରେ ଉନ୍ନତି ଘଟିଥାଏ ବୋଲି କୁହାଯାଏ ।



## ଆଜିର ଇତିହାସ

- ୧୬୬୪-ଛତ୍ରପତି ଶିବାଜୀ ମହାରାଜ ସୁରଟ ଅଭିଯାନ ଆରମ୍ଭ କଲେ ।
- ୧୮୬୨- ଭାରତୀୟ ଦଣ୍ଡ ସଂହିତା ଲାଗୁ କରାଗଲା ।
- ୧୯୪୯-କାଶ୍ମୀରରେ ଯୁଦ୍ଧ ବିରତି ଘୋଷଣା କରାଗଲା ।
- ୧୯୫୫- ଭୁଟାନ୍‌ରେ ପ୍ରଥମ ଥର ପାଇଁ ଡାକଟିକଟର ପ୍ରଚଳନ ହେଲା ।
- ୧୯୭୧- ଟେଲିଭିଜନ ପରଦାରେ ସିଗାରେଟ୍ ବିଜ୍ଞାପନ ଉପରେ ପ୍ରତିବନ୍ଧକ ଲଗାଗଲା ।
- ୧୯୯୬- ଜାପାନ ପରେ ସିଙ୍ଗାପୁର ଏସିଆ ମହାଦେଶର ଦ୍ୱିତୀୟ ବିକଶିତ ଦେଶ ହେଲା ।




# ୧୧ ଶସ୍ୟରେ ସୀତାରାମଙ୍କ କଳାକୃତି

**ଓଜନ ୧୦୧ କ୍ୱିଣ୍ଟାଲ**

ନେପାଳରେ ୧୧ ପ୍ରକାର ଶସ୍ୟରେ ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କର ଏକ ସୁନ୍ଦର କଳାକୃତି କରାଯାଇଛି । ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ୧୦,୮୦୦ ବର୍ଗ ଫୁଟ୍ ସ୍ଥାନରେ ତିଆରି କରାଯାଇଥିବା ଏହି କଳାକୃତିକୁ ସମ୍ପୂର୍ଣ୍ଣ ହେବାକୁ ସପ୍ତାହେ ଲାଗିଥିଲା । ଉକ୍ତ ଚିତ୍ରକଳାର ଓଜନ ୧୦୧ କ୍ୱିଣ୍ଟାଲ । ଚିତ୍ରର ଦୈର୍ଘ୍ୟ ୧୨୦ ଫୁଟ୍ ହୋଇଥିବା ବେଳେ ଓସାର ୯୧.୫ ଫୁଟ୍ । ୧୦ ଜଣ କଳାକାର ଏହାକୁ ତିଆରି କରିଥିଲେ । ଏମାନଙ୍କ ମଧ୍ୟରୁ ଦୁଇ ଜଣ ନେପାଳର ହୋଇଥିବା ବେଳେ ୮ ଜଣ ଭାରତର । ସେହିପରି ଏହି ଚିତ୍ର ପାଇଁ କୌଣସି କୃତ୍ରିମ ରଙ୍ଗକୁ ବ୍ୟବହାର କରାଯାଇ ନାହିଁ । ତେବେ ୧୧ପ୍ରକାର ଶସ୍ୟକୁ ଉପଯୋଗ କରି ସେମାନେ ପ୍ରଭୁ ଶ୍ରୀରାମ, ମାତା ସୀତା, ମହର୍ଷି ବିଶ୍ୱାମିତ୍ର ଏବଂ ରାଜା ଜନକଙ୍କ ଚିତ୍ର ଆଙ୍କିଛନ୍ତି । ଅନ୍ୟପଟେ ଏହି ଚିତ୍ରକଳା ଉପରେ ଲୋକମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । ଏଭଳି କରାଯାଇ ଶସ୍ୟ ନଷ୍ଟ କରାଯାଇଥିବା କେହି କେହି ମତ ଦେଇଛନ୍ତି ।



# ବାହାହେବେ ମଲାଇକା

ବଲିଉଡ୍ ଅଭିନେତା ଅରବାଜ୍ ଖାନ୍ ନିକଟରେ ମେକ୍‌ଅପ୍ ଆର୍ଟିଷ୍ଟ ସୁରା ଖାନ୍‌ଙ୍କୁ ବିବାହ କରିଛନ୍ତି । ଅରବାଜ୍‌ଙ୍କ ବିବାହ ପରେ ଏବେ ତାଙ୍କ ପୂର୍ବତନ ପତ୍ନୀ ମଲାଇକା ଅରୋରାଙ୍କ ବିବାହ ଅପେକ୍ଷାରେ ତାଙ୍କ ପ୍ରଶଂସକମାନେ ଅଛନ୍ତି । ମଲାଇକା ବହୁତ ଦିନରୁ ଅଭିନେତା ଅର୍ଜୁନ୍ କପୁରଙ୍କ ସହ ପ୍ରେମ ସମ୍ପର୍କରେ ଅଛନ୍ତି । ଇତିମଧ୍ୟରେ ସେ ତାଙ୍କ ଦ୍ୱିତୀୟ ବିବାହ ଉପରେ ପ୍ରତିକ୍ରିୟା ଦେଇଛନ୍ତି । ତାଙ୍କ ପ୍ରତିକ୍ରିୟାରୁ ସେ ୨୦୨୪ରେ ବିବାହ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । 'ଝଲକ୍ ଦିଖଲାଜା ୧୧' ସେଟ୍‌ରୁ ମଲାଇକାଙ୍କ ଏକ ଭିଡିଓ ଭାଇରାଲ୍ ହେଉଛି । ଭିଡିଓରେ ଦେଖାଯାଇଛି, ଫର୍‌ହା ଖାନ୍, ମଲାଇକାଙ୍କୁ ସେ ୨୦୨୪ରେ ବିବାହ କରିବେ କି ବୋଲି ପ୍ରଶ୍ନ କରୁଛନ୍ତି । ଏହାର ଜବାବରେ ମଲାଇକା କହିଛନ୍ତି- ଯଦି ମୋତେ ବିବାହ ପାଇଁ କିଏ କହିବ, ମୁଁ ନିଶ୍ଚୟ କରିବି । ତେବେ ଏହି ଭିଡିଓ ଭାଇରାଲ୍ ହେବାପରେ ମଲାଇକା ଅର୍ଜୁନ୍‌ଙ୍କୁ ୨୦୨୪ରେ ବାହା ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ମଲାଇକା ଯଦିଓ ବିବାହ କଥା କହିଛନ୍ତି କିନ୍ତୁ ସେ କାହାକୁ ବିବାହ କରିବେ ସେକଥା କହି ନ ଥିଲେ ।

**ଆଜି ଆସିଥିଲେ**

# ସାରସ୍ୱତ ସାଧକ ଶଶିଭୂଷଣ ରଥ



ଓଡ଼ିଆ ଜାତୀୟ ଜୀବନକୁ ଚଳଚଞ୍ଚଳ କରିବା ସହିତ ମହାଭାରତୀୟ ସ୍ରୋତରେ ଓଡ଼ିଆଙ୍କୁ ସାମିଲ କରିବାରେ ଶଶିଭୂଷଣ ରଥ ଥିଲେ ଜଣେ ପଥିକୃତ ସ୍ରଷ୍ଟା । ସେ ଥିଲେ ଏକାଧାରରେ ସାମ୍ବାଦିକ, ସମାଜ ସଂସ୍କାରକ, ଲେଖକ, ସ୍ୱାଧୀନତା ସଂଗ୍ରାମୀ ଓ ରାଜନେତା । ୧୮୮୫ ମସିହା, ଆଜିର ଦିନରେ ଗଞ୍ଜାମ ଜିଲ୍ଲା ସୋରଡ଼ାରେ ସେ ଜନ୍ମଗ୍ରହଣ କରିଥିଲେ । ସୋରଡ଼ାରେ ଶିକ୍ଷା ଲାଭର ବ୍ୟବସ୍ଥା ନ ଥିବାରୁ ସେ ସୁଦୂର ପାରଳାଖେମୁଣ୍ଡିରେ ପାଠ ପଢ଼ିଥିଲେ । ୧୯୦୨ ମସିହାରେ ମାଟ୍ରିକ୍‌ରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ପରେ ସେ ବମ୍ବେ ଚାଲି ଯାଇଥିଲେ । ସେଠାରୁ ସେ ଫେରି ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଟେନେରୀରେ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ । ପରେ ଉତ୍କଳ ଟେନେରୀ ଛାଡ଼ି କୋଲକାତାରେ ଥିବା 'ୟଙ୍ଗ୍ ଆଣ୍ଡ କୋ' କମ୍ପାନିରେ ଯୋଗ ଦେଇଥିଲେ । ସେଠାରୁ ସେ ଫେରି ନୀଳମଣି ବିଦ୍ୟାରତ୍ନଙ୍କ ପରାମର୍ଶ ଗ୍ରହଣ କରି ଦୈନିକ ଖବରକାଗଜ 'ଆଶା' ର ପ୍ରକାଶନ ଦାୟିତ୍ୱ ହାତକୁ ନେଲେ । 'ଦୈନିକ ଆଶା' ୧୯୧୩ ମସିହା ଅପ୍ରେଲ ୧୩ ତାରିଖରେ ଏକ ସାପ୍ତାହିକ ପତ୍ରିକା ରୂପରେ ପ୍ରଥମେ ବ୍ରହ୍ମପୁରରୁ ପ୍ରକାଶ ପାଇଥିଲା । ୧୯୨୮ ମସିହାରେ ଏହା ପ୍ରଥମ ଓଡ଼ିଆ ଖବରକାଗଜ ଭାବେ ପ୍ରକାଶିତ ହେଲା । ଶଶିଭୂଷଣ ଏହାର ସମ୍ପାଦକ, ମୁଦ୍ରକ ତଥା ପ୍ରକାଶକ ଥିଲେ । ସେ ବିଚ୍ଛିନ୍ନ ଓଡ଼ିଶାର ଏକତ୍ରୀକରଣ ଉପରେ କାର୍ଯ୍ୟ ଆରମ୍ଭ କରିଥିଲେ । ଦୈନିକ ପ୍ରକାଶିତ ହୋଇ 'ଦୈନିକ ଆଶା' ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ, ସ୍ୱାଧୀନତା ସଂଗ୍ରାମ ଆଦି ଜାତୀୟ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ପତ୍ରପତ୍ରିକା ଜଗତରେ ଏକ ନବଜାଗରଣ ଆଣିଦେଇଥିଲା । ବହୁ ସ୍ୱାଧୀନଚେତା ଯୁବଗୋଷ୍ଠୀ ପତ୍ରିକା ପ୍ରକାଶନ ଦିଗରେ ପ୍ରଶିକ୍ଷଣ ପାଇଲେ । ସେତେବେଳେ 'ଦୈନିକ ଆଶା'ରେ ପ୍ରଶିକ୍ଷିତ ବହୁ ଯୁବକ ଅନ୍ୟ ଖବରକାଗଜ ପତ୍ରିକା ଓ ପ୍ରେସ୍‌ରେ ନିଯୁକ୍ତି ପାଇଥିଲେ । ପ୍ରେସ୍ ଓ ସାମ୍ବାଦିକତା କ୍ଷେତ୍ରରେ ଏହା ଏକ ବ୍ୟବସାୟିକତା ଆଣିବାରେ ସମର୍ଥ ହୋଇଥିଲା । ୧୯୩୩ ମସିହାରେ ତାଙ୍କ ତତ୍ତ୍ୱାବଧାନରେ 'ନ୍ୟୁ ଓଡ଼ିଶା' ପ୍ରକାଶନ ଆରମ୍ଭ ହୋଇଥିଲା । ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଆଗମନ ସମୟରେ ସେ ବିଚ୍ଛିନ୍ନ ଓଡ଼ିଶାର ଏକତ୍ରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହେବା ପରେ, ଶଶିଭୂଷଣ ୧୯୩୬ ଅପ୍ରେଲ ୧୮ ତାରିଖରେ 'ଦୈନିକ ଆଶା'ର ସମ୍ପାଦକ ପଦବୀରୁ ଓହରି ଯାଇଥିଲେ । ଶଶିଭୂଷଣ ସାରା ଜୀବନ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ଏହାବ୍ୟତୀତ ସେ ରାଜନୀତିରେ ମଧ୍ୟ କିଛି ବର୍ଷ ସକ୍ରିୟ ରହିଥିଲେ । ୧୯୪୩ ମସିହା ୧୯ ମାର୍ଚ୍ଚରେ ତାଙ୍କର ପରଲୋକ ଘଟିଥିଲା ।

## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟରୁ ସଫଳତା ମିଳିବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଅଯଥା ଖର୍ଚ୍ଚ କରନ୍ତୁନି ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପାରିବାରିକ ଜୀବନ ସୁଖମୟ ହେବ । ଭବିଷ୍ୟତ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ । ବ୍ୟବସାୟରୁ ଲାଭ ମିଳିବ । ଦୂରସ୍ଥାନ ଯାତ୍ରା ଯୋଗ ରହିଛି ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ଭଲ ସମୟ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଦେଖାଯିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ପୁରୁଣା ବନ୍ଧୁ ସାକ୍ଷାତ ଯୋଗ ରହିଛି ।

**ତୁଳା:** ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ । ଆୟ ଅନୁସାରେ ବ୍ୟୟ ହେବ । ଧାର ଦେଇଥିବା ଟଙ୍କା ଫେରସ୍ତ ପାଇବେ । ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟ ଆରମ୍ଭ କରିବା ଭଲ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**ଧନୁ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଜୀବନସାଥୀଙ୍କ ସହଯୋଗ ମିଳିବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ରହିଛି ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀ ପଢ଼ାରେ ମନ ଦେବେ ।

**ମୀନ:** ଅଭିଭାବକ ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

# ଆଜି ନୂଆବର୍ଷ ପୁରୀରେ ଭକ୍ତ, ପର୍ଯ୍ୟଟକଙ୍କ ଭିଡ଼

**ପୁରୀ,୩୧।୧୨(ସମିସ):** ବିଦାୟ ନେଇଛି ବର୍ଷ ୨୦୨୩। ସୁଖଦୁଃଖ, ସ୍ମୃତି ଓ ଅନୁଭୂତି ଭରା ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ ପାଇଁ ପୁରୀରେ ଜମିଛି ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଭିଡ଼। ବେଳାଭୂମି ହେଉ କି ଶ୍ରୀମନ୍ଦିର ଅବା ବଡଦାଣ୍ଡ ସବୁଠି ଦେଖିବାକୁ ମିଳିଛି

- ଦାରୁବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିବେ
- ୨୦୨୩ର ଶେଷ ଦିନରେ ଲକ୍ଷାଧିକ ଭକ୍ତ ଦର୍ଶନ କଲେ

ଲୋକଙ୍କ ଗହଳି। ବିଦାୟୀ ବର୍ଷର ଶେଷଦିନ ଅର୍ଥାତ୍ ରବିବାର ଲକ୍ଷାଧିକ ସଂଖ୍ୟାରେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ନୂଆବର୍ଷ ଲାଗି ସୁଖ ସମୃଦ୍ଧି କାମନା କରିଛନ୍ତି। ଅନ୍ୟପକ୍ଷରେ ନୂଆବର୍ଷର ପ୍ରଥମ ଦିନରେ ମଧ୍ୟ ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଆଶୀର୍ବାଦ କାମନା ଲାଗି ଶ୍ରୀକ୍ଷେତ୍ରରେ ଡେରା ପକାଇଛନ୍ତି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ। ମୋଟାମୋଟି ଇଂରାଜୀ ନୂଆବର୍ଷ ପାଇଁ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ।

ଆଧ୍ୟାତ୍ମିକ ପର୍ଯ୍ୟଟନ ସହର ପୁରୀ। ଏଠାରେ ଶ୍ରୀମନ୍ଦିର ସାଙ୍ଗକୁ ବେଳାଭୂମି ଏବଂ ହୋଟେଲ ରହିଛି। ତେଣୁ ନୂଆବର୍ଷ କାଟିବାକୁ ଏହା ଉପଯୁକ୍ତ ଭାବି ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏଠାରେ ଭିଡ଼ ଜମାଇଛନ୍ତି। ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ରବିବାର ଛୁଟି ରହିଥିବାରୁ ଯୁବଗୋଷ୍ଠୀଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଛି। ତେଣୁ ହୋଟେଲ, ଲଜ୍ ସମ୍ପୂର୍ଣ୍ଣ ପ୍ୟାକ୍ ହୋଇଯାଇଛି। ଝିଲିମିଲି ଆଲୋକମାଳାରେ ହୋଟେଲଗୁଡିକ ଝଲସି ଉଠୁଛି। ପୁରୀରେ ନୂଆବର୍ଷ ପାଳିବାକୁ ରାଜ୍ୟ ବାହାରୁ ମଧ୍ୟ ପର୍ଯ୍ୟଟକ ଆସି ରହିଛନ୍ତି।

### ବିଦାୟୀ ବର୍ଷର ଶେଷ ସୂର୍ଯ୍ୟ ଦେଖିବାକୁ ଉତ୍ସାହ

ପୁରୀରେ ଏବେ ଭକ୍ତ, ପର୍ଯ୍ୟଟକଙ୍କ ଗହଳି। ବେଳାଭୂମି ହେଉ କି ବଡ଼ଦାଣ୍ଡ ସବୁଠି କେବଳ ଲୋକ ହିଁ ଲୋକ। ପୁରୀରେ ଜିରୋନାଇଟ୍ ସେଲିବ୍ରେଶନ ପାଳନ ସହ ନୂତନ ବର୍ଷର ପ୍ରଥମ ସୂର୍ଯ୍ୟ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ, ପର୍ଯ୍ୟଟକ ପୁରୀରେ ଡେରା ପକାଇଛନ୍ତି। ରବିବାର ୨୦୨୨ ବର୍ଷର ଅନ୍ତିମ ଦିନରେ ପୁରୀରେ ପ୍ରବଳ ଗହଳି ହୋଇଥିଲା। ବେଳାଭୂମି, ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିରରେ ରହି ବିଦାୟୀ ବର୍ଷର ଶେଷ ସୂର୍ଯ୍ୟଙ୍କୁ ଦର୍ଶନ କରିଥିଲେ ଲକ୍ଷାଧିକ ଲୋକ।



ପୁରୀ ବେଳାଭୂମିରେ ବାଲୁକା କଳାରେ ଶିଳ୍ପୀ ମାନସ ସାହୁଙ୍କ ନୂଆବର୍ଷ ଶୁଭେଚ୍ଛା


ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପୁରୀ ବଡ଼ଦାଣ୍ଡରେ ଭକ୍ତମାନଙ୍କ ପାଇଁ ଶୀତଳ ପଥ(ଏସି ଶେଡ୍) ପ୍ରସ୍ତୁତ

# ଆଜିଠୁ ଶ୍ରୀମନ୍ଦିରରେ ନୂଆ ନିୟମ, ନୂଆ ସୁବିଧା

**ପୁରୀ,୩୧।୧୨(ସମିସ):** ବିଦାୟ ନେଇଛି ବର୍ଷ ୨୦୨୩। ସୁଖଦୁଃଖ, ସ୍ମୃତି ଓ ଅନୁଭୂତି ଭରା ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ ପାଇଁ ପୁରୀରେ ଜମିଛି ଶ୍ରଦ୍ଧାଳୁ ଭିଡ଼। ବିଦାୟୀ ବର୍ଷର ଶେଷଦିନରେ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ନୂଆବର୍ଷ ୨୦୨୪ ଆରମ୍ଭରେ ଭକ୍ତଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶ୍ରୀମନ୍ଦିର ଏବଂ ମନ୍ଦିର ସଂଲଗ୍ନ ଅଞ୍ଚଳକୁ ସୁନ୍ଦର ଭାବେ ସଜାଯାଇଛି। ନୂଆବର୍ଷରେ ବଡ଼ଦେଉଳରେ ଭକ୍ତଙ୍କୁ ମିଳିବ ନୂଆ ଦର୍ଶନ ସୁବିଧା। ପୁଣି କିଛି ନୂଆ ନିୟମ ବି ନୂଆବର୍ଷରୁ ଲାଗୁ କରାଯିବ। ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ପୁଲିସ ପ୍ରଶାସନ। ପ୍ରଥମଥର ପାଇଁ ବଡଦାଣ୍ଡରେ ଭକ୍ତଙ୍କ ପାଇଁ ତିଆରି କରାଯାଇଛି ଶୀତତାପ ନିୟନ୍ତ୍ରିତ ଶେଡ୍। ଯାହା ରବିବାର ରାତିରୁ କାର୍ଯ୍ୟକ୍ଷମ ହୋଇଛି। ମରିଚିକୋଟ ଛକରୁ ଫ୍ୟାବ୍ରିକ୍ ଷ୍ଟ୍ରକ୍ଚରରେ ତିଆରି ଏହି ଶେଡ୍ ଦେଇ ଭକ୍ତମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଭ୍ୟର୍ଥନା କେନ୍ଦ୍ରରେ ପହଞ୍ଚିବେ। ସେଠାରୁ ସାନଛତା ମଠ ଦେଇ ବଡ଼ଆଖଡା ମଠ ସମ୍ମୁଖ ପରିକ୍ରମା ମାର୍ଗ ରାସ୍ତାରେ ନୂତନ ଭାବେ ନିର୍ମିତ ବ୍ୟାରିକେଡ ଦେଇ ସିଂହଦ୍ୱାର ବାଟେ ମନ୍ଦିରକୁ ପ୍ରବେଶ କରିବେ। ଦର୍ଶନ ପରେ ଉତ୍ତର ଦ୍ୱାରରେ ବାହାରି ଦୋଳବେଦୀ କୋଣ ପଛ ରାସ୍ତା ଦେଇ ଶ୍ରୀକୃଷ୍ଣ ସିନେମା ଗଳି ରାସ୍ତାରେ ବଡ଼ଦାଣ୍ଡକୁ ବାହାରିଯିବେ। ସେହିପରି ମନ୍ଦିର ଭିତରେ ଶୃଙ୍ଖଳିତ ଦର୍ଶନ ଉପରେ ବି ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ବ୍ୟାପକ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ସେମାନେ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନରେ ସହାୟତା କରିବେ। କେହି ଯେପରି ଠାକୁରଙ୍କୁ ଆଡ କରି ଛିଡା ହେବେ ନାହିଁ ସେ ନେଇ ସେବାୟତଙ୍କ ସହ ପୂର୍ବରୁ ମନ୍ଦିର ପ୍ରଶାସନ ଏବଂ ପୁଲିସ ଆଲୋଚନା କରିଛି। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ପିଲାଙ୍କୁ ସାଥୀରେ ଧରି ଆସିଥିବା ମହିଳାଙ୍କୁ ଦର୍ଶନରେ ସହାୟତା କରିବା ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସେମାନେ ଅଭ୍ୟର୍ଥନା କେନ୍ଦ୍ରରୁ ସେମାନଙ୍କୁ ନେଇ ସୁରକ୍ଷିତ ଭାବେ ଦର୍ଶନ କରାଇବେ। ଆନନ୍ଦ ବଜାରକୁ ମଧ୍ୟ ନୂଆରୂପ ଦିଆଯାଇଛି। ପୂର୍ବରୁ ଜରିପାଲ, ଛତା ପକାଇ ସେବାୟତ ଅବଢ଼ା ବିକ୍ରି କରୁଥିଲେ। ଏସବୁକୁ ହଟାଇ ନୂତନ ଭାବେ ଫ୍ୟାବ୍ରିକ୍ ଷ୍ଟ୍ରକଚର ତିଆରି କରାଯାଇଛି। ଏହାରି ତଳେ ବସି ମହାପ୍ରସାଦ ବିକ୍ରି କରୁଛନ୍ତି ସୁଆର ସେବାୟତ।

- ନୂଆବର୍ଷରେ ଭକ୍ତଙ୍କୁ ମିଳିବ ନୂଆ ଅନୁଭୂତି
- ଶାଳୀନତାପୂର୍ଣ୍ଣ ପୋଷାକ ପିନ୍ଧିବେ ଭକ୍ତ
- ପାନ, ଗୁଟୁଖା ଖାଇ ମନ୍ଦିରକୁ ଯିବା ମନା
- ବ୍ୟବହାର ହେବନି ପ୍ଲାଷ୍ଟିକ ଓ ପଲିଥିନ

ସେହିପରି ଆନନ୍ଦବଜାର ପରିସରକୁ ପରିଷ୍କାର, ପରିଚ୍ଛନ୍ନ ରଖାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନେ ସୁସ୍ଥ ପରିବେଶରେ ବସି ଆନନ୍ଦରେ ମହାପ୍ରସାଦ ସେବନ କରିବାର ବ୍ୟବସ୍ଥା ହୋଇଛି। ଏହା ବି ଭକ୍ତଙ୍କୁ ଏକ ନୂଆ ଅନୁଭୂତି ଦେବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ। ସେହିପରି ନୂଆବର୍ଷରୁ ବଦଳିବ ଶ୍ରୀମନ୍ଦିରେ ପୋଷାକ ପରିଧାନ ବ୍ୟବସ୍ଥା। ସମସ୍ତେ ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରିବେ। କେହି ହାପ୍ ପ୍ୟାଣ୍ଟ, ଚିରାଫଟା, ସ୍ଲିଭ୍‌ଲେସ, ଅନାବଶ୍ୟକ ଦେହ ଦିଶିବା ଭଳି ପୋଷାକ ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିପାରିବେ ନାହିଁ। ଭକ୍ତମାନେ ଶାଳୀନତା ରକ୍ଷା ପୂର୍ବକ ସମ୍ପୂର୍ଣ୍ଣ ପାରମ୍ପରିକ, ଭାରତୀୟ ସଂସ୍କୃତି ଆଧାରିତ ପୋଷାକ ପରିଧାନ କରିବା ଲାଗି ମନ୍ଦିର ପ୍ରଶାସନ ପୂର୍ବରୁ ସଚେତନ ସହିତ ନିବେଦନ କରିଆସିଛି। ଯଦି ଏହାକୁ କେହି ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ।

ନୂଆବର୍ଷରୁ ଏହି ନିୟମକୁ କଡାକଡି କରାଯିବ। ସମାନ ଭାବେ ପାନ, ଗୁଟୁଖା କଟକଣାକୁ ମଧ୍ୟ କଡ଼ାକଡ଼ି କରାଯିବ। ଅର୍ଥାତ୍ ସେବାୟତ, କର୍ମଚାରୀ, ଭକ୍ତ କେହି ବି ପାନ, ଗୁଟ୍‌ଖା ଖାଇ ମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ନୂଆବର୍ଷରୁ ଶ୍ରୀମନ୍ଦିର ହେବ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ। କେହି ପଲିଥିନ ବ୍ୟାଗରେ ଭୋଗ ଏବଂ ଫୁଲ ଆଣିବେ ନାହିଁ। ବିକଳ୍ପ ସାମଗ୍ରୀ ଭାବେ କାଠ, ବାଉଁଶ, ବେତ, ପତ୍ର, କାଗଜ କିମ୍ବା ସୂତା ବ୍ୟାଗ, ଚାଙ୍ଗୁଡି ବ୍ୟବହାର କରିବେ। ସେହିପରି ସେବାୟତମାନେ ଭୋଗେଇରେ କିମ୍ବା ସୂତା ବ୍ୟାଗରେ ଭକ୍ତଙ୍କୁ ଭୋଗ ପ୍ରଦାନ କରିବା ଲାଗି କୁହାଯାଇଛି। ପୂର୍ବରୁ ଏ ନେଇ ଭକ୍ତ, ସେବାୟତଙ୍କୁ ସଚେତନ କରାଯାଇଥିବା ବେଳେ ନୂଆବର୍ଷରୁ ଏହି କଟକଣା କଡାକଡି ଭାବେ ଲାଗୁ କରାଯିବ। ତେଣୁ ମୋଟାମୋଟି ନୂଆବର୍ଷରୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ଏକ ନୂଆ ଅନୁଭୂତି ସାଉଣ୍ଟିବେ ବୋଲି ମୁଖ୍ୟ ପ୍ରଶାସକ ଶ୍ରୀ ଦାସ କହିଛନ୍ତି।

# ରଥକାଠ ପାଇଁ ଗଛକଟା ଅନୁକୂଳ

**ପୁରୀ,୩୧।୧୨(ସମିସ):** ୨୦୨୪ ରଥଯାତ୍ରା ପାଇଁ ପ୍ରସ୍ତୁତ ହେଲାଣି ଶ୍ରୀମନ୍ଦିର ପ୍ରଶାସନ। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆ ବଡ଼ମୂଳସ୍ଥିତ ମା' ବଡ଼ରାଉଳଙ୍କ ନିକଟରେ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ପରେ ରଥ ପାଇଁ କାଠ କଟା ଅନୁକୂଳ ହୋଇଥାଏ। ଆସନ୍ତା ୨ ତାରିଖରେ ରଥକାଠ ଅନୁକୂଳ ହେବ। ଏଥିପାଇଁ ସୋମବାର ଶ୍ରୀମନ୍ଦିରର ୪ ଜଣିଆ ଟିମ୍ ନୟାଗଡ଼ ଗସ୍ତ କରିବ। ନୀତି ପ୍ରଶାସକ

**ଆଜି ନୟାଗଡ଼ ଯିବ ଶ୍ରୀମନ୍ଦିରର ୪ ଜଣିଆ ଟିମ୍**

ଜିତେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏହି ଟିମ୍‌ରେ ଶ୍ରୀମନ୍ଦିର ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇ ନୟାଗଡ଼ ଯିବେ। ଏମାନେ ସାଥିରେ ଲାଗି ମାଳ ମାହାର୍ଦ୍ଦ, ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ, ଧୂପ, ଦୀପ, ନଡ଼ିଆ ପ୍ରଭୃତି ନେଇ ଯିବେ। ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଅନୁକୂଳ ହେବ।

# ସରୋଜକାନ୍ତ ରଥ ପାଇଲେ 'ଜାତୀୟ ସମତା ସାହିତ୍ୟ ରତ୍ନ ପୁରସ୍କାର'




**ଭୁବନେଶ୍ୱର,୩୧।୧୨(ସମିସ):** ଜାତୀୟ ସମତା ସାହିତ୍ୟ ଏକାଡେମୀ ପକ୍ଷରୁ ବରିଷ୍ଠ ଶିକ୍ଷାବିତ୍ ତଥା କବି ସରୋଜକାନ୍ତ ରଥଙ୍କୁ 'ଜାତୀୟ ସାହିତ୍ୟ ରତ୍ନ ପୁରସ୍କାର'ପ୍ରଦାନ କରାଯାଇଛି। ସେ ବ୍ରହ୍ମପୁରସ୍ଥିତ ପୁରାତନ ଶିକ୍ଷାନୁଷ୍ଠାନ କାଳିପଲ୍ଲି ଉଚ୍ଚ ବିଦ୍ୟାଳୟ ହରିପୁରରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ସେ ୨୦୦୮ ମସିହାରେ ଶିକ୍ଷକ ସମ୍ମାନ ପାଇଛନ୍ତି। ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ରେ ଶିକ୍ଷକତା କରିବା ସହ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରି ସୁନାମ ଅର୍ଜନ କରିଛନ୍ତି। ସେହିଭଳି ୬୦ଖଣ୍ଡ ଶିକ୍ଷା ଓ ସାହିତ୍ୟ ସମ୍ପାଦନା ଗ୍ରନ୍ଥ ସେ ରଚନା କରିଛନ୍ତି। ଏହି ପୁରସ୍କାର ପାଇବାର ଖବର ଶୁଣି ବ୍ରହ୍ମପୁର ସହରରେ ଆନନ୍ଦ ଉଲ୍ଲାସର ଲହରୀ ଖେଳି ଯାଇଛି।

# ଆଉ ୨ ଦିନ ଘନ କୁହୁଡ଼ି

**ଭୁବନେଶ୍ୱର, ୩୧।୧୨(ସମିସ):** ଆସନ୍ତା ୧ ଓ ୨ ତାରିଖରେ ରାଜ୍ୟର ବିଭିନ୍ନ ଜିଲ୍ଲାର କେତେ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ବୁଲେଟିନ୍ ଅନୁଯାୟୀ ଆସନ୍ତା ୧ ତାରିଖ ଓ ୨ ତାରିଖ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଘନ କୁହୁଡିର ପ୍ରଭାବ ପରିଲକ୍ଷିତ ହେବ। ୧ ତାରିଖରେ କଟକ, ଜଗତସିଂହପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଓ କୋରାପୁଟ ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ଘନ କୁହୁଡି ହୋଇପାରେ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ସତର୍କ ସୂଚନା ଜାରି କରାଯାଇଛି। ୨ ତାରିଖ ରାତିରେ ମଧ୍ୟ ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାର କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ବିଶେଷକରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନଳ, କନ୍ଧମାଳ, ରାୟଗଡା ଓ କୋରାପୁଟ ଜିଲ୍ଲାରେ କେତେକ ସ୍ଥାନରେ ଘନ କୁହୁଡି ହୋଇପାରେ। ଏହାପରେ ୩ ତାରିଖରେ ରାଜ୍ୟବ୍ୟାପୀ ପାଗ ପ୍ରାୟତଃ ଶୁଖିଲା ରହିବ। ୪ ଓ ୫ ତାରିଖ ବେଳକୁ ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା ଓ ମୟୂରଭଞ୍ଜର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବଳକା ଜିଲ୍ଲାରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

**୪ ଓ ୫ ତାରିଖରେ ହାଲୁକା ବର୍ଷା ସମ୍ଭାବନା**

# ପାକ୍ସ ଭିତ୍ତିଭୂମି ବିକାଶ ପାଇଁ ୫୦ହଜାର ଲେଖାଏଁ ଅନୁଦାନ

**ଭୁବନେଶ୍ୱର,୩୧।୧୨(ସମିସ):** ପାକ୍ସଗୁଡ଼ିକୁ ସହାୟତା ପ୍ରଦାନ ସମାରୋହ ରବିବାର ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ

**ରାଜ୍ୟ ଅର୍ଥନୀତିକୁ ଅଗ୍ରଣୀ କରିବ ସୁଦୃଢ଼ ଓ ସଶକ୍ତ ସମବାୟ ସମିତି**



ଯୋଗଦେଇ ସମବାୟ ସମିତିଗୁଡ଼ିକ ସୁଦୃଢ଼ ଓ ସଶକ୍ତ ହେଲେ ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ହୋଇପାରିବ ବୋଲି କହିଛନ୍ତି। ପାକ୍ସଗୁଡ଼ିକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରୁଛନ୍ତି। ଭିତ୍ତିଭୂମିର ବିକାଶ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସମସ୍ତ ପାକ୍ସକୁ ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ମାର୍ଶାଘାଇ ଓ ମହାକାଳପଡ଼ା ଅଞ୍ଚଳର ୩୪ଟି ପାକ୍ସକୁ ସହାୟତା ରାଶି ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ପାକ୍ସକୁ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ଓଡ଼ିଶା ସମବାୟ ବ୍ୟାଙ୍କ୍ ସଭାପତି ଟି ପ୍ରସାଦ ରାଓ ଦୋରା ସମ୍ପୂର୍ଣ୍ଣ ମାଗଣାରେ ଚାଷୀବୀମା ଯୋଗାଇବାରେ ଓଡ଼ିଶା ଏକମାତ୍ର ରାଜ୍ୟ ବୋଲି କହିଛନ୍ତି। ଲ୍ୟାମ୍ପସ୍ ଓ ପାକ୍ସଗୁଡ଼ିକର କମ୍ପ୍ୟୁଟରୀକରଣ, ମୋ ସେବା କେନ୍ଦ୍ର ପ୍ରତିଷ୍ଠା ଓ ଭିତ୍ତିଭୂମି ବିକାଶ ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଜାତୀୟସ୍ତରରେ କୃଷିକ୍ଷେତ୍ରକୁ ସମବାୟ ଋଣ ୧୭ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୫୨ ପ୍ରତିଶତ। ଯାହା ଏକ ମାଇଲଖୁଣ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନନ୍ତ କୁମାର ସାମଲ ଏବଂ ୩୪ଟି ପ୍ରାଥମିକ କୃଷିସେବା ସମବାୟ ସମିତିର ସଭାପତି, ଉପସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

# ପୁରୁଣା ସିଟି ଓ ବିଇଡି ଡିଗ୍ରୀଧାରୀଙ୍କୁ ଅତିଥି ଶିକ୍ଷକ ନିଯୁକ୍ତି ଦାବି

**ଭୁବନେଶ୍ୱର, ୩୧।୧୨(ସମିସ):** ରାଜ୍ୟରେ ୧୯୯୦ରୁ ୨୦୦୧ ମଧ୍ୟରେ ବିଇଡି ଉତ୍ତୀର୍ଣ୍ଣ ହୋଇଥିବା ଡିଗ୍ରୀଧାରୀଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ସେମାନେ ଦାବି କରିଛନ୍ତି। ହାଇସ୍କୁଲଗୁଡ଼ିକରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉଛି। ସେହି ସ୍ଥାନରେ ଏମାନଙ୍କୁ ନିଯୁକ୍ତି ଦିଆଗଲେ ଗୁଜୁରାଣ ମେଣ୍ଟାଇବାକୁ ସମର୍ଥ ହୁଅନ୍ତେ ବୋଲି ପ୍ରକାଶ କରିଛନ୍ତି। ସଂଘର କହିବା ଅନୁଯାୟୀ, ଚାକିରି କରିବା ପାଇଁ ଆବେଦନ ବୟସ ଅତିକ୍ରାନ୍ତ ହୋଇସାରିଥିବାରୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ପାଇପାରିବେ ନାହିଁ। ତେଣୁ ୨୦୨୩ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଛି। ତେଣୁ ଆଗାମୀ ମନ୍ତ୍ରୀସ୍ତରୀୟ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ପୁରୁଣା ସିଟି ଓ ବିଇଡି ସଂଘ ପକ୍ଷରୁ ରାଜ୍ୟ ସଭାପତି ଗୋପବନ୍ଧୁ ମୁଦୁଲି, ଉପସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ କାହ୍ନୁଚରଣ ସାହୁ, ବିନୟ କୁମାର ମହାପାତ୍ର, ପତିତପାବନ ପ୍ରଧାନ, ଗଗନ ବିହାରୀ ମିଶ୍ର, ଶାନ୍ତନୁ କୁମାର ଭଞ୍ଜ, ଶରତ ମହାକୁଡ଼, ଯଦୁମଣି ପାଣିଗ୍ରାହୀ, ବଂଶୀଧର ପାଣି ଓ ଜୟରାମ ମୁଦୁଲି ପ୍ରମୁଖ ଦାବି କରିଛନ୍ତି।

# ୪ରେ ଚିଲିକାରେ ପକ୍ଷୀ ଓ ୨୦ରେ ଡଲ୍‌ଫିନ୍ ଗଣନା

**ବାଲୁଗାଁ, ୩୧।୧୨(ସମିସ):** ଅସହ୍ୟ ଶୀତ ଦାଉରୁ ରକ୍ଷା ପାଇବାକୁ ସୁଦୂର ବରଫାବୃତ୍ତ ଅଞ୍ଚଳରୁ ପକ୍ଷୀତୀର୍ଥ ମରାଳ ମାଳିନୀ ନିଳାମ୍ବୁ ଚିଲିକାକୁ ଶୀତଦିନରେ ଲକ୍ଷାଧିକ ବିଦେଶାଗତ ପକ୍ଷୀଙ୍କ ସୁଅ ଛୁଟିଛି। ଚଳିତବର୍ଷର ଶେଷ ୩୧ତାରିଖ ରବିବାର ସୁଦ୍ଧା ସମଗ୍ର ଚିଲିକାରେ ୧୧୮ ପ୍ରଜାତିର ୯ ଲକ୍ଷରୁ ଉର୍ଦ୍ଧ୍ୱ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ ସର୍ବାଧିକ ୟୁରାସିଆନ୍ ୟୁଜିୟନ ପ୍ରଜାତିର ୧ଲକ୍ଷ ୨୦ହଜାର, ନର୍ଦ୍ଦନ ପିଣ୍ଟେଲ୍, ୮୧ହଜାର, ଗଡ଼ୱାଲ୍ ୭୫ହଜାର, ସୋଭଲର ୬୫ହଜାର ପକ୍ଷୀ ଚିହ୍ନଟ କରାଯାଇଥିବାବେଳେ ଚିଲିକାର ଆକର୍ଷଣୀୟ ପକ୍ଷୀ ଫ୍ଲେମିଙ୍ଗୋ ତଥା ଏରା ପକ୍ଷୀ ୩୫୦ଟି ଦୃଷ୍ଟିଗୋଚର ହୋଇଛନ୍ତି ବୋଲି ରବିବାର ବାଲୁଗାଁ ଚିଲିକା କୂଳ ସ୍ଥିତ ବନ୍ୟପ୍ରାଣୀ ବିଭାଗୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ଼ିଏଫ୍‌ଓ ଅମ୍ଲାନ କୁମାର ନାୟକ ସୂଚନା ଦେଇଛନ୍ତି।

ପ୍ରତିବର୍ଷ ପରି ଏଥର ଜାନୁଆରୀ ୪ତାରିଖରେ ସମଗ୍ର ଚିଲିକାରେ ପକ୍ଷୀ ଗଣନା ହେବ। ସେହିପରି ଜାନୁଆରି ୨୧ରେ ଇରାୱାଡ଼ି ପ୍ରଜାତିର ଡ଼ଲଫିନ୍ ଗଣନା ନିମନ୍ତେ ବିଭାଗ ପକ୍ଷରୁ ସ୍ଥିର ହୋଇଛି। ଏନେଇ ଜାନୁଆରୀ ୩ ତାରିଖରେ ବାଲୁଗାଁ ନିକଟ ଚନ୍ଦ୍ରାପୁଟସ୍ଥିତ ସିଡ଼ିଏ ଗବେଷଣା କେନ୍ଦ୍ରଠାରେ ପକ୍ଷୀଗଣନାକାରୀଙ୍କୁ ତାଲିମ ପ୍ରଦାନ କରାଯିବ। ବନ୍ୟପ୍ରାଣୀ ବିଭାଗ ଅଧିନସ୍ଥ ୫ଗୋଟି ରେଞ୍ଜ ବାଲୁଗାଁ, ଟାଙ୍ଗୀ, ରମ୍ଭା, ସାତପଡ଼ା ଏବଂ ଚିଲିକା ଅଞ୍ଚଳରେ ଏହି ପକ୍ଷୀଗଣନା ହେବ। ସମଗ୍ର ଚିଲିକାକୁ ମୋଟ ୨୧ଟି ସେକ୍ଟରରେ ବିଭକ୍ତ କରାଯାଇ ୨୩ଗୋଟି ଗଣନାକାରୀ ଦଳକୁ ସାମିଲ କରାଯିବ।



୪ତାରିଖ ଭୋରରୁ ଚିଲିକା ମଧ୍ୟରେ ୨୧ଟି ଗଣନାକାରୀ ଦଳ ନିୟୋଜିତ ହୋଇ ଗଣନା କରିବେ। ପ୍ରତିଦଳରେ ଜଣେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୫ଜଣ ସଦସ୍ୟ ରହିବେ। ଏଥିପାଇଁ ପ୍ରତ୍ୟେକ ଟିମ୍‌କୁ ଗଣନା କାର୍ଯ୍ୟ ପାଇଁ ଜିପିଏସ୍, ବାଇନାକୁଲାର ଓ ୱାକିଟକି ଆଦି ଯୋଗାଇ ଦିଆଯିବ। ଭୋର ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପକ୍ଷୀଗଣନା କରାଯିବ। ଏହି ଗଣନା ଦଳରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ୍ ସୋସାଇଟି, ୱାଇଲ୍ଡ ଓଡ଼ିଶା, ଓ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ଏବଂ ରାଜ୍ୟ ବାହାରୁ ପକ୍ଷୀ ବିଶାରଦମାନେ ସାମିଲ ହେବେ।

ଅନ୍ୟପକ୍ଷେ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଆନୁକୂଲ୍ୟରେ ଚଳିତ ମାସ ୨୦ ତାରିଖରେ ସମଗ୍ର ଚିଲିକାରେ ଡଲଫିନ୍ ଗଣନା ହେବ। ଏଥିପାଇଁ ବିଭାଗୀୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମୋଟ ୧୮ ଗୋଟି ଦଳ ଏଥିରେ ନିୟୋଜିତ ହେବେ। ୧୯ ତାରିଖରେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ରହିଛି। ତେବେ ପକ୍ଷୀ ଏବଂ ଡ଼ଲଫିନ୍‌ଙ୍କ ବିଚରଣରେ ଯେପରି ବାଧା ନ ଉପୁଜିବ ଗଣନାର ୨ଦିନ ପୂର୍ବରୁ ସମଗ୍ର ଚିଲିକା ତଥା ନଳବଣ ଏବଂ ଡ଼ଲଫିନ୍ ଅଭୟାରଣ୍ୟ ସାତପଡ଼ା ନିଷିଦ୍ଧ ଅଞ୍ଚଳକୁ ଡ଼ଙ୍ଗା ଚଳାଚଳ ଏବଂ ପର୍ଯ୍ୟଟକଙ୍କୁ ବାରଣ କରାଯିବ। ସାତପଡ଼ାରେ ୮ଟି ଏବଂ ବାଲୁଗାଁରେ ୧୦ଟିମ୍ ରହି ଡ଼ଲଫିନ୍ ଗଣନା କରିବେ। ଉଭୟ ଗଣନା କାର୍ଯ୍ୟରେ ଡ଼ଙ୍ଗା ଚାଳକ ଏବଂ ଗଣନାକାରୀଙ୍କୁ ମିଶାଇ ମୋଟ୍ ୧୨୦ଜଣ ଅଂଶଗ୍ରହଣ କରିବେ ବୋଲି ବିଭାଗୀୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

### ପୁରୁଣା ବର୍ଷକୁ ବିଦାୟ, ନୂଆ ବର୍ଷକୁ ସ୍ୱାଗତ

# ଭୋଜିଭାତ, ନାଚଗୀତରେ ଦୁଲୁକୁଛି ପର୍ଯ୍ୟଟନ ସ୍ଥଳ

**ଜୟପୁର, ୩୧।୧୨(ସମିସ)**



୨୦୨୩ ବର୍ଷର ଅନ୍ତିମ ଦିବସ ରବିବାର ହୋଇଥିବା ଯୋଗୁଁ ଛୁଟି ଅବସରରେ ଜୟପୁର ଆଖପାଖ ଏବଂ ସାରା କୋରାପୁଟ ଜିଲ୍ଲାର ବିଭିନ୍ନ ବଣଭୋଜି ତଥା ପର୍ଯ୍ୟଟନ ସ୍ଥଳ ଗୁଡିକରେ ଭୋଜିଭାତ କରି ଆନନ୍ଦ ମନାଇଛନ୍ତି । ଜିଲ୍ଲାର କେନ୍ଦ୍ରସ୍ଥଳରେ ଥିବା ଜୟପୁର ସହରର ବଜାର ଓ ଦୋକାନରେ ରବିବାର ପୂର୍ବାହ୍ନ ୬ଟା ଠାରୁ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମୁଖ୍ୟତଃ ଆମିଷ ଏବଂ ଜଳଖିଆ ଦୋକାନରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ଜିଲ୍ଲା ବାସିନ୍ଦାଙ୍କ ସମେତ ବାହାର ଜିଲ୍ଲା ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ଭୋଜିଭାଜ ପାଇଁ ଜୟପୁର ଆଖପାଖ ପାତ୍ରପୁଟ, କୋଲାବ, ସତୀଗୁଡ଼ା ଡ୍ୟାମ ଓ ଜଳପ୍ରପାତ, ଶୀତଳାମନ୍ଦିର, ହାତୀଶାଳ, ତେଲିଙ୍ଗିରି ଡ୍ୟାମ୍, ଗଡ଼ପଦର, କଞ୍ଚେଇ ମାଳିଗୁଡା ଏବଂ ଆଖପାଖ ବଣଭୋଜି ସ୍ଥଳରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା । ବର୍ଷର ଅନ୍ତିମ ଦିବସ ପାଳନ ନିମନ୍ତେ ଏହି ବଣଭୋଜି କେନ୍ଦ୍ର ଗୁଡିକରେ ଭୋରକୁ ଭୋଜି ଆୟୋଜକମାନେ ସେଠାରେ ପହଞ୍ଚି ସଂରକ୍ଷିତ କରୁଥିବାର ଦେଖିବାକୁ ମିଳିଥିଲା । ଜିଲ୍ଲାର ପୁଞ୍ଜିସିଲ, ନନ୍ଦପୁର, ରାଣି ଡୁଡୁମା, ଡୁଡୁମା, ମାଛକୁଣ୍ଡ, ପୁଟ୍‌ସିଲ, ଦେଓମାଳି, ମାଳିଗୁଡା, କେଚେଲା, ଗୁଲମୀ, ଗାଲିଗବଦର, ରାଇସିଲ୍, ସପ୍ତଧାରା, ଜଲାପୁଟ, ବାଲଡା ଗୁମ୍ଫା, ନାଗାର୍ଜୁନ ପାହାଡ, ପାଡୁଆ କଫିବାଡ, କୋରାପୁଟ ପାଇନ ଜଙ୍ଗଲ, କୋଲାବ ଡ୍ୟାମ ଓ ଜଳଭଣ୍ଡାର ତଟବର୍ତ୍ତୀ ଲମତାପୁଟ, ନନ୍ଦପୁର, ସେମିଳିଗୁଡା, କୋରାପୁଟ ବ୍ଲକ ବିଭିନ୍ନ ସ୍ଥାନରେ ବଣଭୋଜିର ଆସର ଦେଖିବାକୁ ମିଳିଥିଲା । ଏହିପରି ମାଇକ୍, ସାଉଣ୍ଡବକ୍ସ ବଜାଇ ସଙ୍ଗୀତ ଓ ଡ୍ୟାନ୍ସରେ ଗତ ୨୦୨୩ ବର୍ଷକୁ ବିଦାୟ ଦେବା ସହ ୨୦୨୪ ମସିହାକୁ ଅଗ୍ରୀମ ସ୍ୱାଗତ କରାଯିବା ନେଇ କିଛି ବଣଭୋଜିରେ ଯୋଗଦେଇଥିବା ଲୋକମାନେ କହିଥିଲେ । ବଣଭୋଜିରେ ପରିବାର ଓ ସମ୍ପର୍କୀୟମାନେ ମିଳିତ ଭାବେ ଯୋଗଦେଇଥିଲେ । କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଏବଂ ରାୟଗଡା ଜିଲ୍ଲାର ସ୍ଥାନୀୟ ବାସିନ୍ଦା ପଡୋଶୀ ଛତିଶଗଡ଼ର ତିରୋଥଗଡ, ଚିତ୍ରକୋଟ, ଦନ୍ତେୱାଡା ଏବଂ ଆନ୍ଧ୍ରପ୍ରଦେଶର ଆରକୁ ଗୁମ୍ଫା ଅଞ୍ଚଳକୁ ବଣଭୋଜି ପାଇଁ ଭୋରରୁ ଚାରି ଚକିଆ ଯାନ ନେଇ ଯାତ୍ରା କରୁଥିବାର ଦେଖିବାକୁ ମିଳିଥିଲା ।

## ସହିଦ ଗୋପୀ ପୂଜାରୀ ସାଂସ୍କୃତିକ କ୍ଲବର ପ୍ରତିଷ୍ଠା ଦିବସ



**ବାଲିମେଲା,୩୧।୧୨(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଲା ବିଜ୍ଞାପିତ ଅଂଚଳ ପରିଷଦରେ ସହୀଦ ଗୋପି ପୁଜାରୀ ସାଂସ୍କୃତିକ କ୍ଲବର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହଗି କ୍ଲବ ଗତ ୩୧.୧୨.୧୯୯୨ ମସିହାରେ ପ୍ରତିଷ୍ଠା ହୋଇଥଇବା ବେଳେ ଏହି କ୍ଲବ ଜରିଆରେ ବିଭିନ୍ନ କାର୍ଯ୍ୟ କରା ଯାଇଛି। ବୃକ୍ଷରୋପଣ ଠାରୁ ଆରମ୍ଭ କରି ରକ୍ତଦାନ ଶିବିର, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଭଳି କାର୍ଯ୍ୟ କରି ଆସି ଜିଲ୍ଲାରେ ଏକ ଉତମ କ୍ଲବ ଭାବେ ପରିଚିତ ହୋଇ ପାରିଛି। ସେହିପରି ପ୍ରତି ବର୍ଷ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ଓ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ମାନଙ୍କରେ ମଧ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରି ଜନସାଧାରଣଙ୍କୁ ସଚେତନ ବାର୍ତା ଦେଇ ଆସୁଅଛି। ଏହି କ୍ଲବର ସମସ୍ତ ସଭ୍ୟ ମାନେ ଏକାଗ୍ରତାରେ କ୍ଲବର ଉନ୍ନତି କରିବା ସହ ଏପରି କାର୍ଯ୍ୟ କରି ଆସୁଥିବାରୁ ଅଂଚଳବାସୀ କ୍ଲବର ସମସ୍ତ ସଭ୍ୟ ମାନଙ୍କୁ ଭୂୟସୀ ପ୍ରଶଂସା କରି ଆସୁଛନ୍ତି। ଆଜି ୩୧ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କ୍ଲବ ପରିସରରେ କ୍ଲବର ସମସ୍ତ ସଭ୍ୟମାନେ ଉପସ୍ଥିତ ରହି ପ୍ରତିଷ୍ଠା ଦିବସକୁ ଧୁମଧାମରେ ପାଳିତ କରିଛନ୍ତି।

## 'ଗ୍ରୀନ୍ ଇଣ୍ଡିଆ'ର ପାଠପଢ଼ା ସାମଗ୍ରୀ ବଣ୍ଟନ



**ବନ୍ଧୁଗାଁ, ୩୧।୧୨(ସମିସ) :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତର ୧୦ଟି ଗାଁକୁ ଗ୍ରୀନ୍ ଇଣ୍ଡିଆ ଅନୁଷ୍ଠାନ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ପାଇଁ ଆବଶ୍ୟକ ଥିବା ଶିକ୍ଷଣ ସାମଗ୍ରୀ ବଣ୍ଟନ କରିଛନ୍ତି । ଗ୍ରୀନ୍ ଇଣ୍ଡିଆ ଅନୁଷ୍ଠାନର ସଭାପତି ଗୋପେଶ୍ୱର୍ ଗରଡ଼ା, ହେମନ୍ତ ମହାନନ୍ଦିଆ ଓ ସୁବାଷ ମାଝି ଲକ୍ଷ୍ମୀପୁରଠାରୁ ବର୍ଷର ଶେଷ ଦିନକୁ ବିଦାୟ ଦେବା ଅବସରରେ ଗରିବ ଶ୍ରେଣୀର ସମସ୍ତ ବର୍ଗର ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି, ଖାତା, ପେନ୍‌ସିଲ, କଟର, ରବର ଓ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ର ଛାତ୍ରଛାତ୍ରୀଙ୍କୁ ଖାତା ଓ କଲମ ବଣ୍ଟନ କରିଥିଲେ । ଗ୍ରୀନ୍ ଇଣ୍ଡିଆ ଅନୁଷ୍ଠାନ କାତ୍ରାଗଡା, ବାଉଁଶପୁଟ, ଗୋଟିପୁଟ, ଝୁମୁକା, ତଳ ଡ଼ାବାରି , କୋରାମଡା, ବନ୍ଧୁଗାଁର ଆଦିବାସୀ ସାହି, ରେଲି ସାହି ଓ ହରିଜନ ସାହି, ତୁରୁକୁପେଟା ଗାଁର ମାନି ସାହି ଓ ଝୋଡ଼ିଆ ସାହି, ସିଙ୍ଗିପୁଟ ଗାଁର ଝୋଡିଆ ସାହିକୁ ଯାଇ ପ୍ରଥମରୁ ପଞ୍ଚମ ଶ୍ରେଣୀର ୨୦୦ ଜଣ ଓ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ୬୦ ଜଣ ଛାତ୍ରଛାତ୍ରୀଙ୍କୁ ସହାୟତା କରାଯାଇଥିଲା । ଗ୍ରୀନ୍ ଇଣ୍ଡିଆ ଅନୁଷ୍ଠାନ ତରଫରୁ ଛାତ୍ରଛାତ୍ରୀଙ୍କୁ ସାମଗ୍ରୀ ଗୁଡିକୁ ସହାୟତା କରିବା ପରେ ଛବିଳ ମଧୁ ବର୍ଣ୍ଣବୋଧ ବହି ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ଅନେକ ଉପାଦେୟତା ରହିଛି ବୋଲି ବୁଝାଇଥିଲେ। ଉପସ୍ଥିତ ଥିବା ଅବିଭାବକ ମାନଙ୍କୁ ମଧ ନିଜ ପିଲାଙ୍କୁ ପାଠ ପଢିବା ପାଇଁ ପଠାଇବାକୁ ଅନୁରୋଧ କରିଥିଲେ ।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ନବରଙ୍ଗପୁର, ୩୧।୧୨(ସମିସ):** ନବରଙ୍ଗପୁର ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ୭ଦିନିଆ ଶୀତକାଳିନ ଶିବିର ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିବସରେ ପୋଷ୍ୟଗ୍ରାମ ନୀଳକଣ୍ଠଗୁଡ଼ା ଠାରେ ଶିବିରର ଉଦ୍‌ଘାଟିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ, ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ନାୟକ, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ କୁମାର ହୋତା, ପୂର୍ବତନ ଜିଲ୍ଲା ଜାତୀୟ ସେବା ଯୋଜନା ଆବାହକ ଶମ୍ଭୁ ପ୍ରସାଦ ହୋତା, ଜାତୀୟ ସେବା ଯୋଜନାର ଦୁଇ କାର୍ଯ୍ୟକ୍ରମ ଅଧିକାରୀ ଜାହାଙ୍ଗୀର ମହମ୍ମଦ ଏବଂ ମାନସୀ ମହାପାତ୍ର ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଶିବିରର ସମ୍ପୂର୍ଣ୍ଣ ମହତ୍ତ୍ୱ ବିଷୟରେ ଅବଗତ କରାଇଥିଲେ। ସ୍ୱେଚ୍ଛାସେବୀମାନେ ଯୋଗ କରିବା ପରେ ବିଭିନ୍ନ ଗ୍ରାମ ସଫେଇ ସହ ଗ୍ରାମର ଶିଶୁ ମାନଙ୍କୁ ଖାଦ୍ୟ ପଦାର୍ଥ ବଣ୍ଟନ କରିଥିଲେ । ସ୍ୱେଚ୍ଛାସେବୀମାନେ ନିରନ୍ତର ଶିବିରରେ ଉପସ୍ଥିତ ରହି ସାତ ଦିନରେ ଅନେକ କାର୍ଯ୍ୟପନ୍ଥା ଯଥା ନିୟମିତ ସଫେଇ, ଶିଶୁମାନଙ୍କୁ ଶିକ୍ଷା ଦାନ, ରନ୍ଧନ, ସାମାଜିକ ସଚେତନତା ପଦଯାତ୍ରା, ବିଭିନ୍ନ ପ୍ରତିଯୋଗିତା, ଶିଶୁମାନଙ୍କୁ ପୁରସ୍କାର ବିତରଣ, ମହାବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ, ପଥପ୍ରାନ୍ତ ନାଟକ, ନୃତ୍ୟ ପ୍ରଦର୍ଶନ, ସାମୂହିକ ସଙ୍ଗୀତ ପରିବେଷଣ, ଗ୍ରାମର ପରିବାର ସର୍ବେକ୍ଷଣ ଓ ବିଶ୍ଳେଷଣ, ବିଭିନ୍ନ କ୍ରୀଡ଼ା ଆୟୋଜନ ଇତ୍ୟାଦି କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଏହି ଅବସରରେ ଶିବିରର ଦ୍ୱିତୀୟ ଦିବସରେ ବୈପାରିଗୁଡ଼ା ସହିଦ ଲକ୍ଷ୍ମଣ ନାୟକ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ହିମାଂଶୁ ଶେଖର ବକ୍ସି ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ସେବା ଯୋଜନାର ଆଦର୍ଶ, ଉଦ୍ଦେଶ୍ୟ ଏବଂ ସିଦ୍ଧାନ୍ତ ସମ୍ବନ୍ଧରେ ବୁଝାଇଥିଲେ । ପଞ୍ଚମ ଦିବସରେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟର ଚିକିତ୍ସା ଅଧିକାରୀ ସୁଶ୍ରୀ ଆଳକା ମିଶ୍ର ବାଳିକା ସ୍ୱେଚ୍ଛାସେବୀ ମାନଙ୍କୁ ନାରୀ ସମାଜର ବିଭିନ୍ନ ଶାରୀରିକ ଏବଂ ମାନସିକ ସମସ୍ୟା ଉପରେ ଆଲୋଚନା କରିଥିଲେ । ଶିବିରର ଶେଷ ଦିବସରେ ଅଂଶ ଗ୍ରହଣକାରୀ ତଥା ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବୀ, ବରିଷ୍ଠ କବୟିତ୍ରୀ, ପୂର୍ବତନ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଅଧିକାରୀ ମନୋରମା ମାଝୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ବହୁ ମୂଲ୍ୟବାନ ଚିନ୍ତାଧାରା ବ୍ୟାଖ୍ୟା କରିବା ସହ ଜୀବନରେ ତାହାକୁ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ । ଶେଷରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ଭାସ୍କର ନାଥ ବିଶ୍ୱାଳ ଶିବିରର ସଫଳତା ପାଇଁ ଗ୍ରାମବାସୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସାଧୁବାଦ୍ ଅର୍ପଣ କରିଥିଲେ । ନୃତ୍ୟ ଗୀତର ଆସର ମଧ୍ୟରେ କ୍ୟାମ୍ପ ଫାୟର୍‌ରେ ଯୋଗ ଦେଇ ସ୍ୱେଚ୍ଛାସେବୀ ଉଲ୍ଲାସିତ ହେବା ସହ ପରସ୍ପର ଠାରୁ ବିଦାୟ ନେଇ ଭାବ ବିହ୍ୱଳ ହୋଇପଡ଼ିଥିଲେ । ଜାତୀୟ ସେବା ଯୋଜନାର ସାତ ଦିନର ଶୀତକାଳୀନ ଶିବିରର ସଫଳତା ପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ବିଶେଷ ସହଯୋଗ କରିଥିଲେ । ସମଗ୍ର ଶିବିରର ପରିଚାଳନା କାର୍ଯ୍ୟକ୍ରମ ଅଧିକାରୀ ମାନସୀ ମହାପାତ୍ର ନିର୍ବାହ କରିଥିଲେ।



## ସଡ଼କ ଦୁର୍ଘଟଣାରେ ୫ ଆହତ

**ମାଲକାନଗିରି,୩୧।୧୨(ସମିସ):** ମାଲକାନଗିରି ଜିଲ୍ଲା ପଦ୍ମଗିରି ଛକଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୫ ଜଣ ଆହତ ହୋଇଛନ୍ତି। ସୂଚନା ମୁତାବକ ମାଲକାନଗିରିରୁ ଏକ ବୋଲେର ଗାଡ଼ି ନମ୍ବର ଓଡି ୩୦ ସି ୩୮୧୯ରେ ଜିଲ୍ଲା ସଦରର ଗୋଟିଏ ପରିବାରର ୪ ଜଣ ମାଥିଲି ଅଭିମୁଖେ ଯାଉଥିବା ସମୟରେ ପଦ୍ମଗିରି ଛକ ନିକଟରେ ପାଣ୍ଡ୍ରିପାଣି ଠାରୁ ମାଲକାନଗିରି ଅଭିମୁଖେ ଆସୁଥିବା ଏକ କୁକୁଡ଼ା ବୋଝେଇ ଟାଟା ମିନି ଭ୍ୟାନ୍ (ଗାଡ଼ି ନମ୍ବର ଓଡି ୧୦ ଭି ୨୨୦୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଏହି ଦୁର୍ଘଟଣାରେ ବୋଲେରୋ ଗାଡିର ଚାଳକଙ୍କ ସମେତ ୫ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ବେଳେ ବର୍ତ୍ତମାନ ତାଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟ ପଟେ କୁକୁଡ଼ା ବୋଝେଇ ଗାଡ଼ିର ଚାଳକ ଫେରାର ହୋଇ ଯାଇଥିବା ଦେଖିବାକୁ ମିଳିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ନେଇ ବୈଠକ



**ଉମରକୋଟ, ୩୧।୧୨(ସମିସ) :** ଉମରକୋଟ ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୧ ଦର୍ଗାଗୁଡ଼ାରେ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରେ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ରାଧାକୃଷ୍ଣ ମନ୍ଦିର ପରିଚାଳନା କମିଟି ଓ ୱାର୍ଡ ବାସୀ ନିଷ୍ପତ୍ତି ନେଇଛନ୍ତି । ଏନେଇ ରବିବାର ଏକ ପ୍ରସ୍ତୁତି ବୈଠକ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସତ୍ୟନାରାୟଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୱାର୍ଡର ଦର୍ଗାଗୁଡ଼ା, ୟୁଭି ନଂ୪, ମାଳିପାରା, ଟୁପରବେଡା ପ୍ରମୁଖ ୪ ଗ୍ରାମର ମୁଖ୍ୟ ସଦସ୍ୟ ଯୋଗ ଦେଇଥିଲେ । ଆସନ୍ତା ଜାନୁୟାରୀ ୨୨ ରେ ପ୍ରଭୁ ଶ୍ରୀ ରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ୧ ନମ୍ବର ୱାର୍ଡରେ କିଭଳି ଭବ୍ୟ ଓ ଭକ୍ତି ମୟ କରାଯିବ ତାହା ଆଲୋଚନା କରାଯାଇଥିଲା । ୨୨ରେ ରାଧାକୃଷ୍ଣ ମନ୍ଦିରଠାରେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ଗ୍ରାମର କୀର୍ତ୍ତନ ଦଳ ମନ୍ଦିର ପ୍ରାଙ୍ଗଣରେ କିର୍ତ୍ତନ କରିବେ ଏବଂ ମନ୍ଦିରରେ ୩୦୦୦ ଜଣ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ତେବେ ଆସନ୍ତା ୧୦ ତାରିଖରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳକୁ ପ୍ରତ୍ୟେକ ଘର ଘର ବୁଲି ବଣ୍ଟନ କରାଯିବ । ଏହି କାର୍ଯ୍ୟକ୍ରମକୁ ମଧ ଭକ୍ତି ମୟ କରିବା ପାଇଁ ମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଛି । ବୈଠକରେ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଲଖଣ ଗୌଡ଼, ସମ୍ପାଦକ ସତ୍ୟନାରାୟଣ ରାଉତ, ଉପଦେଷ୍ଟା କୃଷ୍ଣ ନନ୍ଦ, କୃଷ୍ଣ ମାଝୀ, ବୁଲା ପଟ୍ଟନାୟକ, ପର୍ଶୁ ପୂଜାରୀ, ରାଜୀବ ଦତ୍ତ, ଗଣେଶ ଦେବନାଥ, ଶୁକପଦ ମିସ୍ତ୍ରୀ, ବିଶୁ ସରକାର, କୁନା ପଟ୍ଟନାୟକ, ଚମରୁ ପୂଜାରୀଙ୍କ ସହ ୱାର୍ଡବାସୀ ଉପସ୍ଥିତ ରହିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଛାତ୍ର ଆହତ

**ଡାବୁଗାଁ, ୩୧।୧୨(ସମିସ) :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ-ଉମରକୋଟ ମୁଖ୍ୟ ରାସ୍ତା ରାଜ୍ୟ ରାଜପଥ ୩୯ ଉପରେ ରବିବାର ମଧ୍ୟାହ୍ନ ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଜଣେ ଛାତ୍ର ଆହତ ହୋଇଥିଲେ । ସୂଚନାଯୋଗ୍ୟ, ଡାବୁଗାଁ ଭୈରବ ସ୍ନାତକ ମହାବିଦ୍ୟାଳୟର ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ର ଦୀପକ କୁମାର ଗଣ୍ଡ ଡାବୁଗାଁ ବଜାରରୁ ମେସ୍କୁ ଫେରୁଥିବା ସମୟରେ ଉମରକୋଟ ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ଛାତ୍ର ଜଣକ ରାସ୍ତା ଉପରେ ଛିଟିକି ପଡ଼ି ଆହତ ହୋଇଥିଲେ । ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଛାତ୍ରଙ୍କୁ ଉଦ୍ଧାର କରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲୁ ରହିଛି । ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କର ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

### ମାନବିକତା ଦେଖାଇଲେ ନନ୍ଦପୁର ବ୍ଲକ୍ ସାମାଜିକ ସମୀକ୍ଷକ

## ଆହତ ଆଇଆରବି ଯବାନଙ୍କୁ ମେଡିକାଲରେ ଭର୍ତ୍ତି କଲେ





**ନନ୍ଦପୁର, ୩୧।୧୨(ସମିସ) :** ମାନବିକତା ଦେଖାଇଲେ ନନ୍ଦପୁର ବ୍ଲକ ସାମାଜିକ ସମୀକ୍ଷକ ନବୀନ ଖରା । ଦୁର୍ଘଟଣା ଘଟି ରାସ୍ତା ପାର୍ଶ୍ୱରେ ଆହତ ଅବସ୍ଥାରେ ପଡ଼ିଥିବା ଜଣେ ଆଇଆର୍ବି ଯବାନଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ଆଣି ନନ୍ଦପୁର ମେଡିକାଲ ଭର୍ତ୍ତି କରିଛନ୍ତି । ତେବେ ଠିକ୍ ସମୟରେ ଆହତ ଯବାନଙ୍କୁ ମେଡିକାଲ ଭର୍ତ୍ତି କରାଇଥିବାରୁ ସାମାଜିକ ସମୀକ୍ଷକ ନବୀନ ଖରାଙ୍କୁ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି । ସୁଚିତ ଯେ, ରବିବାର ସକାଳୁ ନନ୍ଦପୁର ଠାରୁ ଅନତି ଦୂର ରେ ଚିଙ୍ଗୁଡ଼ି ଛୁଆଁ ପାଖରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ଆଇଆର୍ବି ଯବାନ ଜି. ରାଇକା ରାସ୍ତା କଡ଼ରେ ପଡ଼ିଥିଲେ । ଏହା ଦେଖି ବ୍ଲକ ସାମାଜିକ ସମୀକ୍ଷକ ନବୀନ ତୁରନ୍ତ ତାଙ୍କୁ ନିଜସ୍ୱ ଗାଡ଼ିରେ ନନ୍ଦପୁର ମେଡିକାଲକୁ ଆଣିଥିଲେ । ନନ୍ଦପୁର ମେଡିକାଲ୍ରେ ତାଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି।

### ଗଡ଼ ସଜାଡ଼ିବାକୁ ମାଓ ସଂଗଠନର ପ୍ରୟାସ

# ମୁଣ୍ଡ ଟେକିବାକୁ ଦେଉନି ଓଡ଼ିଶା ପୁଲିସ

**ମାଲକାନଗିରି, ୩୧।୧୨(ସମିସ)**



- ସୁରକ୍ଷା ବାହିନୀର ତଲାସି ଅଭିଯାନ ଜୋରଦାର
- ଜବତ ହେଲାଣି ବହୁ ବିସ୍ଫୋରକ ଓ ମାଓ ସାମଗ୍ରୀ

ଏକଦା ମାଲକାନଗିରି ଜିଲ୍ଲା ମାଓଗଡ଼ ଭାବେ ପରିଚିତ ଥିଲା। ରାଜ୍ୟ ସରକାରଙ୍କ ଦୃଢ ପଦକ୍ଷେପ, ଜିଲ୍ଲା ପୁଲିସ ଓ ବିଏସ୍‌ଏଫ୍‌ର ବ୍ୟାପକ ତଲାସି ଅଭିଯାନ କମିବାରେ ଲାଗିଥିଲା ମାଓ ହିଂସା ଏବଂ ଭୁଶୁଡ଼ି ପଡ଼ିଥିଲା ମାଓଗଡ଼। ଏବେ ଗଡ଼ ସଜାଡ଼ିବାକୁ ମାଓ ସଂଗଠନ ପ୍ରୟାସ କରୁଥିବା କୁହାଯାଉଛି। ତେବେ ସେମାନଙ୍କୁ ମୁଣ୍ଡ ଟେକିବାକୁ ଦେଉନି ଓଡ଼ିଶା ପୁଲିସ। ସୁରକ୍ଷା ବାହିନୀର ତଲାସୀ ଅଭିଯାନ ଜୋରଦାର ହୋଇଛି। ଫଳରେ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ଗତ କିଛିଦିନ ହେଲା ମାଓବାଦୀ ମାନେ ପୁଣିଥରେ ନିଜର ଗଡ଼ ସଜାଡିବା ଆରମ୍ଭ କରି ଜିଲ୍ଲାର କାଲିମେଳା, ମାଥିଲି ଓ ଚିତ୍ରକୋଣ୍ଡା ବ୍ଲକର କେତେକ ସ୍ଥାନରେ ସଂଗଠନ କରିବାକୁ ଉଦ୍ୟମ କରୁଛନ୍ତି। ଏହାକୁ ନେଇ ସଜାଗ ହୋଇଛି ଜିଲ୍ଲା ପୁଲିସ ଓ ବିଏସଏଫ । ମାଲକାନଗିରି ଏସ୍‌ପି ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶ କ୍ରମେ ଡିଏଭିଏଫ୍ ଓ ଏସଓଜି ଯବାନଙ୍କ ପକ୍ଷରୁ ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳରେ ଥିବା ଜିଲ୍ଲାର କାଲିମେଳା ଥାନା ଅନ୍ତର୍ଗତ କୁର୍ମାନୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରାଯାଇଥିଲା। ଏହି ସର୍ଚ୍ଚ ଅପରେସନ ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀ ମାନେ ବିପୁଳ ପରିମାଣର ମାଓ ସାମଗ୍ରୀ, ଅସ୍ତ୍ର ଶସ୍ତ୍ର ଓ ବିସ୍ଫୋରକ ଲୁଚାଇ ରଖିଥିବା ଜାଣିବାକୁ ପାଇ ମାଟି ତଳୁ ଏହାକୁ ଖୋଜି ବାହାର କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ବନ୍ଧୁକ, ବିପୁଳ ପରିମାଣର ଆଇଇଡି ବୋମା, ଟିଫିନ ବୋମା, ଜିଲୋଟିନ ଷ୍ଟିକ୍, କଡେକ୍ସ ତାର, ଗ୍ରେନେଡ୍ ବୋମା ଓ ଅନ୍ୟ ଅସ୍ତ୍ରଶସ୍ତ୍ର ସହ ମାଓ ପୋଷାକ ଓ ନିତ୍ୟ ବ୍ୟବହୃତ ସାମଗ୍ରୀ ରହିଛଇ। ଜବତ ସାମଗ୍ରୀରେ ବିସ୍ଫୋରକ ସଂଖ୍ୟା ଅଧିକ ଥିବା ବେଳେ ମୋଟ ୧୭ଟି ଟିଫିନ ବୋମା ଜବତ ହୋଇଛି । ପ୍ରତି ବୋମା ଦେଢ କେଜିରୁ ଆରମ୍ଭ ହୋଇ ୧୫ କେଜି ପର୍ଯ୍ୟନ୍ତ ରହିଛି । ସେହିପରି ଜିଲେଟିନ ଷ୍ଟିକ ମଧ୍ୟ ୩୯ଟି, ୫ ଗ୍ରେନେଡ ରହିଛି । ପୁଲିସ ପାଇଁ ଏହା ବଡ଼ ସଫଳତା। ଏହାପରେ ଅଞ୍ଚଳରେ ପୁଲିସ ପକ୍ଷରୁ ଲଗାତର ତଲାସି ଅଭିଯାନ ଜାରି ରଖାଯାଇଥିବା ବେଳେ ବିଏସ୍‌ଏଫ ପକ୍ଷରୁ ମଧ୍ୟ ଅଞ୍ଚଳରେ ସର୍ଚ୍ଚ ଅପରେସନ କରଯାଇଥିଲା । ପୁଲିସକୁ ମିଳିଥିବା ମାଓ ସାମଗ୍ରୀ ପରି ବିଏସ୍‌ଏଫ ଯବାନଙ୍କୁ ମଧ୍ୟ ତଲାସି ଅଭିଯାନ ବେଳେ ବିପୁଳ ପରିମାଣରେ ମାଓ ସାମଗ୍ରୀ ମିଳିଥିଲା । ଏହି ସମଗ୍ରୀ ଗୁଡ଼ିକ ଆନ୍ଧ୍ର-ଓଡ଼ିଶାର ସୀମାନ୍ତ କାଲିମେଳା ଥାନା ଅନ୍ତର୍ଗତ ଭେଜାଙ୍ଗିୱାଡା ରିଜର୍ଭ ଜଙ୍ଗଲର ଆଲୁରକୋଟା ଓ ସିଲେରୁ ନଦୀ କୂଳ ଅଞ୍ଚଳରୁ ମିଳିଥିଲା। ଏଥିରେ ଦୁଇଟି ଦେଶୀ ବନ୍ଧୁକ , ୫୭ଟି ଜିଲୋଟିନ୍ ଷ୍ଟିକ୍, ୧୧୧ ଟି ଇମ୍ପ୍ରୋଭାଇଜ୍ ଗ୍ରେନେଡ, ଦୁଇଟି ହ୍ୟାଣ୍ଡ ଗ୍ରେନେଡ୍, ପାଞ୍ଚଟି ଇଲେକ୍ଟ୍ରିକ୍ ଡେଟୋନେଟର, ୩୫୦ ମିଟର କଡେକ୍ସ ତାର ଭଳି ପ୍ରାୟ ୧୫ ପ୍ରକାର ମାଓ ସାମଗ୍ରୀ ମିଳିଛି। ଜବତ ସାମଗ୍ରୀ ମଧ୍ୟରେ ଅଧିକାଂଶ ସାମଗ୍ରୀ ମାଓବାଦୀ ମାନେ ବୋମା ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରୁଥିବା ବେଳେ ବିଏସ୍‌ଏଫଙ୍କ ଗୁଇନ୍ଦା ବିଭାଗ ତତ୍ପର ଦେଖାଇ ସମସ୍ତ ମାଓ ସାମଗ୍ରୀ ଜବତ କରିବାରେ ସଫଳ ହୋଇଥିଲା । ଏତେ ପରିମାଣର ବିସ୍ଫୋରକ ସାମଗ୍ରୀ ମିଳିବା ପରେ ଏହି ଅଞ୍ଚଳରେ ମାଓବାଦୀ ମାନେ କିଛି ବଡ଼ଧରଣର ଯୋଜନା କରୁଥିବା ଅନୁମାନ କରାଯାଉଥିବା ବେଳେ ଏହା ଆନ୍ଧ୍ର ଓଡିଶା ବୋଡର ଜୋନାଲ ମାଓ କମିଟିର ହୋଇଥିବା ସୂଚନା ମିଳିଛି । ଏନେଇ ମାଲକାନଗିରି ଏସପି ଶ୍ରୀ ୱାଧୱାନିଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାର କିଛି ସ୍ଥାନରେ ଯେଉଁଠି ମାଓ ସଂଗଠନ ଦୀର୍ଘ ୮ ବର୍ଷ ଧରି ଭୁଶୁଡି ପଡିଥିଲା, ସେଠାରେ ଛୋଟ ଛୋଟ ଟିମ୍ ଆସି ସ୍ଥିତି ପରଖୁଛନ୍ତି । ବିଶେଷ କରି ଆନ୍ଧ୍ର ଓ ଛତିଶଗଡ ଅଞ୍ଚଳର କିଛି ମାଓ ସଂଗଠନ ଏଥିରେ ସାମିଲ ଅଛନ୍ତି । ତେବେ ଏନେଇ ଗୁଇନ୍ଦା ସୂତ୍ରରୁ ଖବର ପାଇବା ପରେ ପୁଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି । ମାଓବାଦୀ ମାନେ ସକ୍ରିୟ ହେବାକୁ ଚେଷ୍ଟା କଲେ ସେମାନଙ୍କୁ ଉଚିତ ଜବାବ ଦିଆଯିବା ପାଇଁ ପୁଲିସ ପ୍ରଶାସନ ସର୍ବଦା ପ୍ରସ୍ତୁତ ଥିବା ନେଇ ଶ୍ରୀ ୱାଧୱାନି ସୂଚନା ଦେଇଛନ୍ତି ।

# ବଢୁଛି ଶୀତର ପ୍ରକୋପ, ୭ ଡିଗ୍ରୀରେ ପାରଦ





**କୋରାପୁଟ/ବୋରିଗୁମ୍ମା, ୩୧।୧୨(ସମିସ):** ସାରା ରାଜ୍ୟ ଶୀତରେ କମ୍ପୁଥିବା ବେଳେ କୋରାପୁଟ ଜିଲ୍ଲାରେ ମଧ ଚଳିତ ବର୍ଷ ଶୀତର ପ୍ରଭାବ ବେଶ ଅନୁଭୂତ ହେଉଛି। ଶୀତର ପ୍ରକୋପ ବୃଦ୍ଧି ଫଳରେ ଘନ କୁହୁଡ଼ି ଆଚ୍ଛାଦିନ ହୋଇ ରହୁଛି। ଯାହା ଯୋଗୁଁ ରବିବାର ସକାଳେ ୨୬ ନଂ ଜାତୀୟ ରାଜପଥର ବୋରିଗୁମ୍ମା ଥାନା ଅନ୍ତର୍ଗତ କୁନ୍ଦ୍ରାଗୁଡ଼ା ନିକଟରେ ଗୋଟିଏ ସ୍ଥାନରେ ଦୁଇଟି କାର, ଦୁଇଟି ବଲେରୋ ଓ ଗୋଟିଏ ବାଇକ ମଧ୍ୟରେ ସିରିଜ୍ ଦୁର୍ଘଟଣା ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଏଥିରେ ୫ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନେ

- ଘନ କୁହୁଡି ଯୋଗୁଁ ବଢୁଛି ଦୁର୍ଘଟଣା
- ବୋରିଗୁମ୍ମାରେ ସିରିଜ୍ ଦୁର୍ଘଟଣା, ୫ ଆହତ

ନବରଙ୍ଗପୁର ଓ ସେମିଳିଗୁଡା ଅଞ୍ଚଳର ବୋଲି ଜଣା ପଡ଼ିଛି । ଜଣେ କାର ଚାଳକ ଗାଡ଼ି ଭିତରେ ଫସି ରହିଥିବା ବେଳେ ଅଗ୍ନିଶମ ଦଳ ଓ ପୁଲିସ ପହଞ୍ଚି କଟରରେ କାର କବାଟ କାଟି ଚାଳକକୁ ବାହାର କରିଥିଲେ। ଗୁରୁତରମାନଙ୍କୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡ଼ିକାଲ କଲେଜ ଓ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଜିଲ୍ଲାରେ ରାତି ଓ ସକାଳ ସମେତ ଦିନ ତମାମ ଶୀତର ପ୍ରକୋପ ଜାରି ରହିଥିବାରୁ ଲୋକେ ଘରୁ ବାହାରିବା କଷ୍ଟ ସାଧ ହୋଇ ପଡିଛି । ଗତ ଦୁଇ-ଚାରି ଦିନ ହେଲାଣି ଜିଲ୍ଲାରେ ଶୀତର ପ୍ରକୋପ ଓ ଘନ କୁହୁଡି ଜାରି ରହିଥିବା ବେଳେ ତାପମାତ୍ରା ପ୍ରାୟତଃ ୭ରୁ ୭.୫ ଡିଗ୍ରୀ ମଧ୍ୟରେ ରହୁଛି। ସେହିପରି ଜିଲ୍ଲାର ସବୁଠାରୁ ଥଣ୍ଡା ଅଞ୍ଚଳ ଭାବେ ପରିଚିତ ପଟ୍ଟାଙ୍ଗି, ଦାମନଯୋଡି ହିଲଟପ୍, ଲମତାପୁଟ, ମାଛକୁଣ୍ଡ, ପାଡୁଆ, ନନ୍ଦପୁର, ନାରାୟଣପାଟଣାରେ ମଧ ଶୀତର ପ୍ରକୋପ ଜାରି ରହିଛି । ଲୋକେ ଶୀତରେ ଅତିଷ୍ଠ ହୋଇ ପଡିଛନ୍ତି। ଗ୍ରାମାଞ୍ଚଳ ଲୋକେ ରାତିରେ ବିଛଣା ପାଖେ ନିଆଁ ଜାଳି ଶୋଉଥିବା ବେଳେ ଦିନରେ ମଧ ଶୀତରୁ ରକ୍ଷା ପାଇବାକୁ ନିଆଁ ଲଗାଇ ବସି ରହୁଥିବା ଦେଖିବାକୁ ମିଳୁଛି।

## ଅଟୋ ଓଲଟି ୮ ଆହତ



**ପାପଡ଼ାହାଣ୍ଡି, ୩୧।୧୨ (ସମିସ):** ଆଜି ରାତି ୯ଟା ସମୟରେ ଅଟୋ ଓଲଟି ୮ ଆହତ ହଇଛନ୍ତି। ସୂଚନା ଅନୁସାରେ ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ ଉରଦି ଗ୍ରାମର କିଛି ଲୋକ ସାନଗୁମଡ଼ା ଗ୍ରାମକୁ ଦଶାହ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇଥିଲେ। ରାତି ୯ ସମୟରେ ଘରକୁ ଫେରୁଥିବା ସମୟରେ ପାପଡ଼ାହାଣ୍ଡି ବ୍ଲକ ସିରିଶି ପଞ୍ଚାୟତ ସଦର ଗ୍ରାମ ପାଖରେ ଭରସାମ୍ୟ ହରାଇ ଅଟୋଟି ଓଲଟି ପଡ଼ିଥିଲା। ଫଳରେ ଅଟୋରେ ଥିବା ୮ ଜଣ ଆହତ ହୋଇଛନ୍ତି। ଏହାଦେଖି ଗ୍ରାମବାସୀ ୧୦୮କୁ ଫୋନ କରି ଆହତଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ । ୮ ଜଣଙ୍କ ମଧ୍ୟରେ ଜଣେ ମହିଳାଙ୍କ ହାତ ଭାଙ୍ଗି ଥିବା ବେଳେ ଜଣେ ଶିଶୁର ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି। ଗୁରୁତରଙ୍କୁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏନେଇ ପାପଡ଼ାହାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ପୂର୍ବତନ ବିଧାୟକ ଲଇଛନ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ




**ଜୟପୁର,୩୧।୧୨(ସମିସ)** ଜୟପୁର ବିଧାନସଭାର ପ୍ରଥମ ବିଧାୟକ ଲଇଛନ ନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଛକ ନିକଟସ୍ଥ ସ୍ୱର୍ଗତ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ତାଙ୍କର ଫଟୋଚିତ୍ରରେ ବୁଦ୍ଧିଜୀବୀମାନେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସନ୍ଧ୍ୟାରେ ଉତ୍କଳ ସମ୍ମିଳନୀ ଓ ଲଇଛନ ନାୟକ ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଯାଦବ ଭବନଠାରେ ଏକ ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା । ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକଙ୍କ ସଭପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ପ୍ରମୋଦିନୀ ହୋତା ଏବଂ ସମ୍ମାନୀତ ଅତିଥି ଭାବେ ଦେବେନ୍ଦ୍ର ବାହିନୀପତି ଯୋଗଦେଇଥିଲେ । ଜୟପୁରର ପ୍ରଥମ ବିଧାୟକ ତଥା ରାଜ୍ୟ ଉତ୍କଳ ସମ୍ମିଳନୀର ସଭ୍ୟ ସ୍ୱର୍ଗତ ନାୟକଙ୍କ ଜୀବନ ସମ୍ପର୍କରେ ମୁଖ୍ୟବକ୍ତା ଆଲୋଚନା କରିଥିଲେ । ସ୍ୱର୍ଗତ ନାୟକଙ୍କ ପୁଅ ରାମ ନାୟକ ଓ ପରମେଶ୍ୱର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଈଶ୍ୱର ସରାଫ୍, ଭେଙ୍କଟରାଓ ପଟ୍ଟନାୟକ, ନରେଶ ମହାକୁଳ, ଅରୁଣା ଗୋଏଲ, ନବୀନ ମାଦଳା ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ବେଳେ ହାସାନ ମଦାନୀ, ପୂଜ୍ୟପୂଜା ଅନୁଷ୍ଠାନର ଉପଦେଷ୍ଟା ଇଂ. କେଦାରନାଥ ବେହେରା, ତପନକିରଣ ତ୍ରିପାଠୀ, ବୈରାଗୀଚରଣ ସାହୁ, ବୃନ୍ଦାବନ ଖରା, ଉଦୟଶଙ୍କର ଜାନିଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହିଥିଲେ ।

## ପୂଜ୍ୟପୂଜା ସଂସଦର ମାସିକ ସାହିତ୍ୟ ଆସର




**ଜୟପୁର, ୩୧ ।୧୨(ସମିସ) :** ଜୟପୁର ପୂଜ୍ୟପୂଜା ସଂସଦର ମାସିକ ସାହିତ୍ୟ ଆସର, ସାହିତ୍ୟ ଟୁଙ୍ଗି ରବିବାର ସ୍ଥାନୀୟ ବିକ୍ରମ ନଗର ବ୍ୟାଙ୍କ କୋଲନୀ ସ୍ଥିତ କମ୍ୟୁନିଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ସାହିତ୍ୟ ଟୁଙ୍ଗିର ସଭାପତି ଉଦୟ ଶଙ୍କର ଜାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଂରେଜ ବର୍ଷାନ୍ତ ସାହିତ୍ୟ ସଭାରେ ଯୋଗଦେଇ ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଇଂ.କେଦାର ନାଥ ବେହେରା କହିଲେ ଯେ, ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଜୟପୁରର ସମସ୍ତ ଅନୁଷ୍ଠାନ ମିଳିତ ଏବଂ ପୃଥକ ପୃଥକ ଭାବେ ସଦା ଚେଷ୍ଟିତ ରହିଛନ୍ତି। ଏହାଦ୍ୱାରା ଆସନ୍ତା ପିଢ଼ିଙ୍କ ସାହିତ୍ୟ ଏବଂ କବିତା ପ୍ରତି ଆକର୍ଷଣ ବୃଦ୍ଧି ପାଇବ। ଏହି ଅବସରରେ କବି କୃଷ୍ଣଚନ୍ଦ୍ର ହୋତାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ବୈରାଗୀ ଚରଣ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ତାରିଣୀ ମିଶ୍ର, ମଧୁସୂଦନ ମିଶ୍ର, ଅଶୋକ ପୋଲେଇ, ପ୍ରପର୍ଣୀ ପାଣିଗ୍ରାହୀ ପ୍ରମୁଖ ନିଜ ନିଜର କବିତା ପାଠ କରିଥିଲେ । ପରିଶେଷରେ ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୱାରେଣ୍ଟି ଗିରଫ, କୋର୍ଟ ଚାଲାଣ



**ଜୟପୁର, ୩୧।୧୨(ସମିସ) :** କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଗତ ୫ବର୍ଷ ପୁରାତନ ମାମଲାରେ ୱାରେଣ୍ଟିଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ଖ୍ରୀଷ୍ଟିଆନ୍ ସାହିର ରୁନା ତୁରକ୍ (୩୦)। ଅଭିଯୁକ୍ତଙ୍କ ବିରୋଧରେ ଗତ ୨୦୧୮ ମସିହାରେ ମାମଲା ରୁଜୁ ହୋଇଥିଲା। କୋର୍ଟ ପକ୍ଷରୁ ବାରମ୍ବାର ନୋଟିସ୍ ହୋଇଥିଲେ ସୁଦ୍ଧା ଅଭିଯୁକ୍ତ କୋର୍ଟରେ ଉପସ୍ଥିତ ରହୁନଥିଲେ । ଶେଷରେ କୋର୍ଟ ପକ୍ଷରୁ ତାଙ୍କ ବିରୋଧରେ ଜାମିନ ବିହୀନ ପରୱାନା ମାଧ୍ୟମରେ ୱାରେଣ୍ଟ ଜାରି କରାଯାଇଥିଲା । ଟାଉନଥାନା ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ୱାରେଣ୍ଟି ବଳରେ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ସତ୍ୟବାଦୀ ନାୟକ ସୂଚନା ଦେଇଛନ୍ତି ।

# ଶୁଣ୍ଡି ସମାଜର ସଫେଇ କାର୍ଯ୍ୟକ୍ରମ

**ଦଶମନ୍ତପୁର, ୩୧।୧୨(ସମିସ)** ସ୍ଥାନୀୟ ଦଶମନ୍ତପୁର ବ୍ଲକର ଶୁଣ୍ଡି ସମାଜ ପକ୍ଷରୁ ରବିବାର ପୂର୍ବାହ୍ନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ମହୋନ ବିଶୋଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଦଶମନ୍ତପୁର ସମେତ ଦଣ୍ଡା ବାଡ, ଚାଉଳ କନ୍ତି ଭଳି କେତେକ ଗାଁର ଯୁବକମାନେ ଯୋଗ ଦେଇ କୋଡ଼ି କଦାଳ, ଝୁଡି ଧରି, ରାସ୍ତାର ଅଳିଆ ଆବର୍ଜନାକୁ ସଫେଇ କରିଥିଲେ । ପ୍ରଥମେ ରାଧାକୃଷ୍ଣ ଆଦିବାସୀ କଲେଜ ଛକ ଠାରୁ ଆରମ୍ଭ କରି ଥାନା ଛକ ଓ ଅନ୍ୟାନ୍ୟ ଜନ ଗହଳି ସ୍ଥାନର ଅଳିଆ ସଫାକରି ଥିବା ଦେଖିବାକୁ ମିଳିଛି । ଏଥିସହ ପରିବେଶ ସଫା ରଖି ରୋଗ ମୁକ୍ତ ଅଞ୍ଚଳ କରିବା ନେଇ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ସମୟରେ କାର୍ଯ୍ୟକାରିଣୀ ସଭାପତି ଚଳଗଙ୍ଗ ବିଶୋଇ, ସମ୍ପାଦକ କୌତୁକ ବିଶୋଇ, କୋଷାଧ୍ୟକ୍ଷ ଭୈରବ ପ୍ରସାଦ ବିଶୋଇ, ଭକ୍ତ ବିଶୋଇ, ବନମାଳୀ ବିଶୋଇ, ଗୋପୀ ବିଶୋଇଙ୍କ ସମେତ ଅନ୍ୟ ଯୁବକମାନେ ଉପସ୍ଥିତ ରହି ସଫେଇ କରିଥିଲେ।




# ଅକ୍ଷତ କଳସ ଯାତ୍ରା ନେଇ ପ୍ରସ୍ତୁତି

**ଜୟପୁର, ୩୧।୧୨(ସମିସ)** ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ସେଠାରୁ ଆସିଥିବା ଅଭିମନ୍ତ୍ର ଅକ୍ଷତକୁ ଜୟପୁର ସହରର ପ୍ରତ୍ୟେକ ଗୃହରେ ପହଞ୍ଚିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହା ସୋମବାରରୁ ଚୈତନ୍ୟ ମନ୍ଦିରଠାରୁ ଆରମ୍ଭ ହେବ । ଚୈତନ୍ୟ ମନ୍ଦିରଠାରେ ଏହି ନିମନ୍ତ୍ରଣ ଅଭିମନ୍ତ୍ର ଅକ୍ଷତକୁ ଗାୟତ୍ରୀ ପରିବାର ନିରଞ୍ଜନ ପାଣିଗ୍ରାହୀ ଗ୍ରହଣ କରିଥିଲେ । ଏହାକୁ ସହରର ମୁଖ୍ୟ ରାସ୍ତାରେ ଏକ ଘଣ୍ଟ, ଶଙ୍ଖ ଓ ସଂକୀର୍ତ୍ତନରେ ପାର୍କସାହି, କାଳୀକୃଷ୍ଣ ମନ୍ଦିର ଆଶ୍ରମକୁ ନିଆଯାଇ ସେଠାରେ ରଖାଯାଇଛି । ସୋମବାର ଠାରୁ ଏହା ସହରର ପ୍ରତ୍ୟେକ ସାହି, ବସ୍ତିର ପ୍ରତ୍ୟେକ ଗୃହ ଗୁଡ଼ିକରେ ଜାତି ଓ ଧର୍ମ ନିର୍ବିଶେଷରେ ପ୍ରଦାନ କରାଯିବ ବୋଲି ଆବାହକ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ । ଏହି ଅକ୍ଷତ ଶୋଭାଯାତ୍ରା



ଅବସରରେ ନିରଞ୍ଜନ ମିଶ୍ର, ମୁରଲୀମୋହନ ସାବତ, ସତ୍ୟବାନ ପଣ୍ଡା, ପରମାନନ୍ଦ ନାୟକ, ଗୁଲି ସାହୁ, ବୁଢୁ ନାୟକ, ବାବ ରାୟ ଓ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରପାଳିକାର ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ




**ନବରଙ୍ଗପୁର, ୩୧।୧୨(ସମିସ)** ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ଥାନୀୟ ଚାଉଳଟି୍ର ପଡିଆ ଠାରେ ୧୨ ଗୋଟି ଭେଣ୍ଡିଂ ଜୋନ୍ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ କୁନୁ ନାୟକ ଓ ଉପାଧ୍ୟକ୍ଷା ସୌମ୍ୟା ମହାପାତ୍ର ଓ ପୌର ନିର୍ବାହୀ ଅଧିକାରୀ ଶଙ୍କର କେରକେଟା ଯୋଗ ଦେଇଥିଲେ। ଭେଣ୍ଡିଂ ଜୋନ୍ ଉଦ୍‌ଘାଟନ କାର୍ଯ୍ୟକ୍ରମ

### ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ପରେ ପୌର କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ପୌରାଞ୍ଚଳର ୨୩୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୨ ଗୋଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି । ସେହିପରି ପୌରପାଳିକା ଅଧୀନରେ ବିଭିନ୍ନ ୱାର୍ଡରେ ସ୍ୱଚ୍ଛ ଭାରତ ଯୋଜନାରେ ମୋଟ ୨୮୫ ଗୋଟି ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇ ବେଳେ ମୁକ୍ତା ଯୋଜନାରେ ୨ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁରହିଛି । ୧୦ କୋଟି ୩୯ ଲକ୍ଷ ଟଙ୍କା ୬୮ ଗୋଟି ବିଭିନ୍ନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହି ଥିବା ଜଣାପଡିଛି । ସେହିପରି ୧ କୋଟି ବ୍ୟୟରେ ଏକ ଗୋଟି ଶିଶୁ ଉଦ୍ୟାନ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନବରଙ୍ଗପୁର ୧୦ ନମ୍ବର ୱାର୍ଡ କାଉନ୍‌ସିଲର ଏ. ସତୀଶ, ନଗେନ୍ଦ୍ର ପଟ୍ଟନାୟକ, ପି. କେଶବ ରାଓ, ଅମିତ ପ୍ରଧାନ, ଆଇ. ମୁରୁଲି କ୍ରିଷ୍ଣା, ସମେଶ ଖରା, ଅଲେଖ ସୌରା, ରାମ ହରିଜନ, ଶର୍ମିଷ୍ଠା ଦେଓ, ମମତା ମହାରଣା, ଗୀତାଞ୍ଜଳି ଯାଦବ, ସନ୍ତୋଷୀ ଜାନି, ଉଷାରାଣୀ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ପାରିଚ୍ଛା ମଞ୍ଚ ପରିଚାଳନା କରିଥିବା ବେଳେ ରାମ ଶଙ୍କର ଦାସ, ସୁନୀଲ ସୁବୁଦ୍ଧି, ମୋନଜ ପ୍ରଧାନ ସହଯୋଗ କରିଥିଲେ।

## ୨୦୨୩ ବର୍ଷର ଅନ୍ତିମ ଦିନ

# ଆମିଷ ବଜାରରେ ନାହିଁ ନଥିବା ଭିଡ଼

**କୋରାପୁଟ, ୩୧।୧୨(ସମିସ)** ୨୦୨୩ ବର୍ଷର ଶେଷ ଦିନ ରବିବାର ପଡୁଥିବାରୁ କୋରାପୁଟ ସହର ନିକଟସ୍ଥ ପର୍ଯ୍ୟଟନ ସ୍ଥଳରେ ବଣଭୋଜିର ଆସର ଜମିଛି। ଏଥିସହ ଜିଲ୍ଲାର ବିଭିନ୍ନ ପିକ୍‌ନିକ୍ ସ୍ପଟରେ ନାହିଁନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା । ନୂଆ ବର୍ଷର ପ୍ରଥମ ଦିନ ସୋମବାର ପଡୁଥିବାରୁ ଘର ମାନଙ୍କରେ ମଧ ୨୦୨୩ ବର୍ଷର ଶେଷ ଦିନକୁ ଆମିଷ ରୋଷେଇ କରି ପରିବାରରେ ମଧ ଭୋଜି ଭାତର ଆୟୋଜନ କରାଯାଇଥିଲା । ସକାଳୁ ସକାଳୁ ଆମିଷ ମାର୍କେଟରେ ପ୍ରବଳ ଭିଡ଼ ପରିଲିଖିତ ହୋଇଛି । ବିଭିନ୍ନ ପ୍ରକାର ମାଛ ସାଙ୍ଗକୁ ମାଂସ ଦୋକାନରେ ଲମ୍ବା ଲାଇନ ଦେଖାଯାଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ ଆମିଷ ମାର୍କେଟରେ ପ୍ରବଳ ଭିଡ଼ ଦେଖାଦେଇଥିଲା । ନୂଆ ବର୍ଷ ପାଇଁ ମାଳଭୂମୀ କୋରାପୁଟରେ ଏବେ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ସୁଅ ସହ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଜମୁଛି ବଣଭୋଜିର ଆସର। କୋରାପୁଟ ଆସିଲେ



କୋରାପୁଟିଆ ଦେଶୀ କୁକୁଡ଼ା ଖାଇବାକୁ ସମସ୍ତଙ୍କର ଆଗ୍ରହ । ହେଲେ ବଜାରରେ ଦେଶୀ କୁକୁଡା ମିଳୁ ନଥିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଚାହିଦା ଅଧିକ ଥିବାରୁ ଏବଂ କୁକୁଡା ମିଳୁନଥିବାରୁ ଦେଶୀ କୁକୁଡା ଦର ଆକାଶଛୁଆଁ ହୋଇଥିବା ମଧ

- ଜମିଲା ବଣଭୋଜିର ଆସର

ନଜରକୁ ଆସିଛି। ବୟଲର କୁକୁଡା ଚାଷ ପାଇଁ ଚାଷୀର ସମ୍ବଳ ହୋଇପାରୁ ନଥିବାରୁ ୯୦ ପ୍ରତିଶତ ବୟଲର କୁକୁଡା ଛତିଶଗଡ ଓ ଆନ୍ଧ୍ରପ୍ରଦେଶରୁ ଆସୁଛି। ଦର କିଲୋ ପିଛା ୧୬୦ରୁ ଊର୍ଦ୍ଧ୍ୱ ରହୁଥିବା ବେଳେ ବାହାର ରାଜ୍ୟର ବ୍ୟବସାୟୀ କୋଟି କୋଟି ଟଙ୍କାର ବ୍ୟବସାୟ କଲେ ବି ଚାହିଦା ଅନୁସାରେ ଦେଇପାରୁନାହାନ୍ତି । ସେପଟେ ପ୍ରତ୍ୟେକ ଗାଁରେ ହେଉଥିବା ଦେଶୀ କୁକୁଡା ଚାଷ ବନ୍ଦ ହୋଇଯିବାରୁ କୋରାପୁଟିଆ ଦେଶୀ କୁକୁଡା ମାଂସ ମିଳୁ ନଥିବା କୋରାପୁଟ ସହରବାସୀ କହିଛନ୍ତି। ଏନେଇ କୋରାପୁଟ ବାସିନ୍ଦା ରତ୍ନାକର ମହାକୁଡ କହିଛନ୍ତି, କୋରାପୁଟ ଦେଶୀ କୁକୁଡ଼ାର ସ୍ୱାଦ ନିଆରା । ଭୋଜି ଭାତ କଲାବେଳେ ଦେଶୀ କୁକୁଡ଼ାର ବେଶ୍ ଚାହିଦା ଥାଏ। ମାତ୍ର ଚଳିତ ବର୍ଷ ଡିସେମ୍ବର ମାସ ଆରମ୍ଭରୁ ଦେଶୀ କୁକୁଡା ମିଳୁନି, ଯେଉଁଠି ମିଳୁଛି ମାତ୍ରାଧିକ ଦର ରହୁଛି। ଏତେ ଦାମ୍‌ରେ ସାଧାରଣ ଲୋକ କିଣି ଖାଇବା ସମ୍ଭବପର ହୋଇପାରୁନି । ଏପରି ହେଲେ ଆଗାମୀ ଦିନରେ କୋରାପୁଟରୁ ଦେଶୀ କୁକୁଡ଼ା ଉଭାନ ହୋଇଯିବ ବୋଲି ସେ କହିଛନ୍ତି।

### ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଭିନବ ପ୍ରୟାସ

# ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟାଇବା ପାଇଁ କାର୍ଯ୍ୟକ୍ରମ

ମାଥିଲି, ୩୧।୧୨ (ସମିସ)






ପୁରୁଣା ଇଂରାଜୀ ବର୍ଷକୁ ବିଦାୟ ଓ ନୂଆ ବର୍ଷକୁ ସ୍ୱାଗତ କରିବା ପାଇଁ କିଏ ହୋଟେଲ ଯାଇ ହଜାର ହଜାର ଟଙ୍କା ବ୍ୟୟ କରୁଛି ତ ଆଉ କିଏ ପିକ୍‌ନିକ୍ ସ୍ଥଳକୁ ଯାଇ ଭୋଜିଭାଜ କରୁଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା କିନ୍ତୁ ନିଆରା ଢଙ୍ଗରେ ପୁରୁଣା ବର୍ଷକୁ ବିଦାୟ ଓ ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି । ବୃଦ୍ଧ ଓ ବୃଦ୍ଧା ମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ

**● ମ୍ୟୁଜିକ୍ ଚେଆର୍‌ରେ ଦୌଡ଼ିଲେ, ନାଚିଲେ**

ଭିନ୍ନ ଏକ ପ୍ରୟାସ କରିଛନ୍ତି । ଶ୍ରୀ ମହାରଣା ଆଜି ମାଥିଲି ମିନି ଷ୍ଟାଡିଅମ ଠାରେ ମାଥିଲି ପଞ୍ଚାୟତ ର ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ନେଇ ମ୍ୟୁଜିକ୍ ଚେଆର୍ ଖେଳଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପ୍ରତିଯୋଗିତା କରିଥିଲେ। ଆଦିବାସୀଙ୍କ ପାରମ୍ପରିକ ଗୀତ, ଢେମସା ନାଚରେ ଝୁମିଥିଲେ ବୃଦ୍ଧ, ବୃଦ୍ଧା, ନେତା ଓ ନେତ୍ରୀ ମାନେ। ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଦିନଟେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ମାଥିଲି ବ୍ଲକ୍ ଅଧକ୍ଷ ମହେଶ କୁମାର ବାକା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାଥିଲି ସଦର ସରପଞ୍ଚ କାନାମ ରାଜୁ ନାୟକ, ମାଥିଲି ପଞ୍ଚାୟତ ସମିତି ସଭ୍ୟ ବାଲରାଜୁ କୋପେ , ବରିଷ୍ଠ ଶିକ୍ଷାବିତ୍ ଶିବ ପ୍ରସାଦ ପରିଛା, ବରିଷ୍ଠ ନାଗରିକ ଅବଦୁଲ ଗଫାର, ଡ୍ରାଇଭର ମହାସଂଘର ବ୍ଲକ ସଭାପତି କେ.ଶିବ ପ୍ରସାଦ ରାଓ, ପଡ୍ରୋଶୀ ଖଇରପୁଟ ବ୍ଲକ୍ ମାଡକାପଦର ସମିତି ସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି ଯୋଗ ଦେଇଥିଲେ । ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ସମସ୍ତ ବୃଦ୍ଧ ଓ ବୃଦ୍ଧା ମାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି । ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଏମ୍ଡି ଆକବର ମଞ୍ଚ ପରିଚାଳନା କରିଥିଲେ । ବୃଦ୍ଧ ଓ ବୃଦ୍ଧା ମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଏପରି ପ୍ରତିଯୋଗିତା ଆୟୋଜନ କରିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାରଣାଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

## ଆଜିମ୍ ପ୍ରେମଜି ଫାଉଣ୍ଡେସନର କାର୍ଯ୍ୟକ୍ରମ



**କଲ୍ୟାଣସିଂହପୁର,୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍‌ରେ ଆଜିମ ପ୍ରେମଜି ଫାଉଣ୍ଡେସନ ଓ ପିଏଚଆରଏନ ତରଫରୁ ଶିଶୁ ଗୃହରେ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅଭିମୁଖୀ କରଣ କାର୍ଯ୍ୟ କ୍ରମରେ ରାଜ୍ୟ ପ୍ରକଳ୍ପ ସଂଯୋଜିକା ସ୍ୱାତି ଦାସ, ଜିଲ୍ଲା କୋଷାଧ୍ୟକ୍ଷ ନିରଜ ଶ୍ରୀବାସ୍ତବ , ଦକ୍ଷତା ବୃଦ୍ଧି ପରିଚାଳକ ମାନସ ରଞ୍ଜନ ପାଢୀ ଓ ବ୍ଲକ୍ କ୍ଲୋଷ୍ଟର ସଂଯୋଜକ ବେଣୁଧର ସୁଚେନଙ୍କ ସହ କ୍ରେସ ସୁପର ଭାଇଜର କୁମର ଭିବର, ରାଜେଶ୍ୱର ଦିଗାଲ, କାମେଶ ଅଡଙ୍ଗକାଙ୍କ ଆୟୋଜନରେ କଲ୍ୟାଣସିଂହପୁର ସଦର କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ କରାଯାଇଥିଲା। କଲ୍ୟାଣସିଂହପୁର ବ୍ଲକ୍ରେ ପ୍ରାୟ ଏକ ବର୍ଷ ହେବ ୧୦ଟି ଶିଶୁ ଗୃହ ଚାଲୁଛି। ଏହି ୧୦ଟି ଶିଶୁ ଗୃହର ଉପକାରିତା ଯୋଗୁଁ ବର୍ତ୍ତମାନ ବ୍ଲକ୍ରେ ଆଗକୁ ୪୦ଟି ଶିଶୁ ଗୃହ କରିବା ପାଇଁ ଆଜିମ୍‌ପ୍ରେମଜି ଫାଉଣ୍ଡେସନ ସହ ପିଏଚ୍‌ଆରଏନ ତରଫରୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ନୂଆ ଶିଶୁ ଗୃହ ପାଇଁ ୨୦ଜଣ ଦିଦିଙ୍କୁ ଦିନିକିଆ ଅଭିମୁଖୀ କରଣ କରାଯାଇଛି। ଏଥିରେ ଦକ୍ଷତା ବୃଦ୍ଧି ପରିଚାଳକ ମାନସ ରଞ୍ଜନ ପାଢୀ ଶିଶୁ ଗୃହର ସେବା, ଯତ୍ନ ଓ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ବିଷୟରେ ବୁଝାଇଥିଲେ। ଏଥିରେ ଗର୍ଭଧାରଣର ୩ ବର୍ଷ ମଧ୍ୟରେ କର୍ତ୍ତବ୍ୟ ଓ ଭୂମିକା କର୍ମୀଙ୍କ ରହିଛି ସେ ବିଷୟରେ ବୁଝାଇଥିଲେ।

## ଅଦ୍ଭୁତ ଶିଶୁ ଜନ୍ମ

**ବନ୍ଧୁଗାଁ, ୩୧।୧୨(ସମିସ) :** କୋରାପୁଟ ଜିଲ୍ଲା ବନ୍ଧୁଗାଁ ସଦର ପଞ୍ଚାୟତର ଏକ ଗ୍ରାମରେ ଏକ ଅଦ୍ଭୁତ ଶିଶୁ ଜନ୍ମ ହୋଇଥିବା ସୂଚନା ମିଳିଛି । ଶିଶୁଟି ଜନ୍ମ ପରେ ତାର ଜୀବନ ପ୍ରତି ବିପଦ ଥିବା କହିବାରୁ ପରିବାର ଚିନ୍ତାରେ ପଡିଛନ୍ତି । ସଦର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ କହିବା ଅନୁଯାୟୀ, ଶିଶୁର ମା’ ମାଆ ଗୃହରେ ରହିଥିଲେ ମଧ ତାଙ୍କ ସ୍ୱାମୀ ସ୍ତ୍ରୀଙ୍କୁ ନିଜ ଘରକୁ ନେଇ ଯାଇଥିଲେ । ସ୍ତ୍ରୀ ନିଜ ଘରେ ଏହି ଅଦ୍ଭୁତ ଶିଶୁଟିକୁ ଜନ୍ମ ଦେଇଥିଲେ । ପରେ ଶିଶୁର ବାପା ମାଆଙ୍କୁ ସରପଞ୍ଚ ଓ ଆଶା କର୍ମୀ ବୁଝାସୁଝା କରିବା ପରେ ଶିଶୁକୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଜନ୍ମିତ ଶିଶୁଟିର ମଳ ଦ୍ୱାରଟି ଅତି ଛୋଟ ଥିବା ବେଳେ ଆଖି ମଧ ଧଳା ଥିବା ଦେଖିବାକୁ ମିଳିଛି । ତାର ଦୁଇଟି ଯୌନାଙ୍ଗ ରହିଛି । ଶିଶୁଟିକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ନିଆଯାଇଥିଲା । ସେଠାରେ ଶିଶୁର ଅସ୍ତ୍ରପୋଚାର କରାଯିବ ବୋଲି ଡାକ୍ତର ଜଣାଇଥିଲେ । ଅସ୍ତ୍ରପୋଚାର ପାଇଁ ଆର୍ଥିକ ସମ୍ବଳ ନ ଥିବାରୁ ଶିଶୁର ପିତାମାତା ଚିନ୍ତାରେ ପଡ଼ିଛନ୍ତି । ସ୍ଥାନୀୟ ମେଡ଼ିକାଲ କର୍ତ୍ତୃପକ୍ଷ ଶିଶୁଟିର ଜୀବନ ବଞ୍ଚାଇବା ପାଇଁ ଆଗକୁ ଆସି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ଚନ୍ଦ୍ରପୁର, ୩୧।୧୨ (ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ର ଡାଙ୍ଗସୋରଡ଼ା ସଦର ମୋହକୁମାରେ ରହୁଥିବା ବରିଷ୍ଠ ସାମ୍ବାଦିକ, ବିଜୟ ପ୍ରସାଦ ଉଲାକାଙ୍କ ମା’ ତଥା ଚନ୍ଦ୍ରପୁର ବ୍ଲକ୍ର ପ୍ରଥମ ବ୍ଲକ ଅଧକ୍ଷ ସ୍ୱର୍ଗୀୟ ଘନଶ୍ୟାମ ଉର୍ଲକାଙ୍କ ପତ୍ନୀ ଶୁକୁନ୍ତଳା ଉର୍ଲକାଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ବରଣ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ହୋଇଥିଲା । ସେ ଦୀର୍ଘ ଦିନ ହେଲା ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ । ଅଞ୍ଚଳର ସେ ଜଣେ ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ବହୁ ବୁଦ୍ଧିଜୀବୀ, ଗଣ ମାଧ୍ୟମର ପ୍ରତିନିଧି, ହାଡ଼ିପା ଗୌଡ଼, ହାତୀ ପଣ୍ଡା, ଏସ୍.ଇଶ୍ୱର ରାଓ, ପ୍ରମୋଦ ସାହୁକାର, ବାପି ସାହୁକାର ପ୍ରମୁଖ ପହଞ୍ଚି ଶୋକାକୁଳ ପରିବାରକୁ ଶାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦ୍ଗତି କାମନା କରିଛନ୍ତି । ତାଙ୍କ ମୃତ୍ୟୁ ସମୟରେ ପୁତ୍ର, ବିଜୟ ଉଲାକା,, ନାତି ହିମାଂଶୁ, ନାତୁଣୀ ହସିନା କୁମାରୀ, ଝିଅ ନମିତା, ବିନିତା କୁନି , ସୁନିତା, ଜୁଇ ଓ ବନ୍ଧୁବାନ୍ଧବ, ପରିବାର ଉପସ୍ଥିତ ଥିଲେ ।

## ଫେସିଲେସନ୍ ସେଣ୍ଟର ନିର୍ମାଣରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ



**କୋରୁକୋଣ୍ଡା,୩୧ ।୧୨(ସମିସ):** ଫେସିଲେସନ ସେଣ୍ଟର ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟରେ ନିମ୍ନମାନର ଇଟା ବ୍ୟବହାର ପରେ ଏବେ ମାଟି ଇଟା ଯୋଡେଇ କରି ଛାତ ପକାଇବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଫେସିଲେସନ ସେଣ୍ଟର ମାଲକାନଗିରିର ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ଗ୍ରାମପଞ୍ଚାୟତ ପରିସରରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ପ୍ରଥମେ ସେହି ସହାୟତା କେନ୍ଦ୍ର ନିର୍ମାଣ କରିବା ପାଇଁ ସ୍ଥାନୀୟ ଶ୍ରମିକ ମାନଙ୍କ ଦ୍ୱାରା ପଥର ଗୁଣ୍ଡ ,ବାଲି ଓ ସିମେଣ୍ଟ ମିଶା ଇଟାରେ ତିଆରି ହେଉଥିଲା। ସେହି ଇଟା ନିମ୍ନମାନର ବୋଲି ଅଭିଯୋଗ ପାଇବା ପରେ ଯନ୍ତ୍ରୀ କୃତିବାସ ନାୟକ ଉକ୍ତ କାର୍ଯ୍ୟ ବନ୍ଦ କରିଥିଲେ। କିନ୍ତୁ ନିମ୍ନମାନର କାର୍ଯ୍ୟ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ସହାୟତା ଦେଲା ଭଳି କିଛି ମାଟି ତିଆରି ଇଟାକୁ ଆଣି ତା ଉପରେ ଯୋଡେଇ କରିଦେଇ ଛାତ ପକାଇବା ପାଇଁ ସଜବାଜ ଚାଲିଛି। ଏନେଇ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସେ କହିଛନ୍ତି ଯେ, ପଥର ଗୁଣ୍ଡ, ବାଲି ଓ ସିମେଣ୍ଟ ମିଶା ଇଟାକୁ ସରକାରୀ ସ୍ୱୀକୃତି ମିଳିଛି। କିନ୍ତୁ ଗତ ୧୦ ତାରିଖରେ କନିଷ୍ଠ ଯନ୍ତ୍ରୀଙ୍କ କହିବା ଅନୁଯାୟୀ, ହାତ ତିଆରି ପଥର ଗୁଣ୍ଡ, ବାଲି ଓ ସିମେଣ୍ଟ ମିଶା ଇଟା ସରକାରୀ ସ୍ୱୀକୃତି ପ୍ରାପ୍ତ ନଥିବାରୁ କାର୍ଯ୍ୟ ବନ୍ଦ କରି ଅଧ ହୋଇଥିବା ଘରେ ପୁନର୍ବାର ମାଟି ଇଟା ଯୋଡେଇ କରାଗଲା । ଉଭୟଙ୍କ ବୟାନ ମେଳ ଖାଉ ନଥିବାରୁ କିଏ ଠିକ୍ କହୁଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ନିମ୍ନମାନର କାର୍ଯ୍ୟର ତଦନ୍ତ କରାଯିବାକୁ ଦାବି ହେଉଛି।

## ଅମୃତ ଭାରତ ଏକ୍ସପ୍ରେସ୍‌କୁ ରେଳ ୟୁଜର୍ସ ପରାମର୍ଶଦାତା କମିଟି ସଦସ୍ୟଙ୍କ ସ୍ୱାଗତ




**ସୁନାବେଡ଼ା, ୩୧।୧୨(ସମିସ):** ଡିସେମ୍ବର ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଯୋଧ୍ୟା ଧାମ ଷ୍ଟେସନରୁ ଦୁଇଟି ଅମୃତ ଭାରତ ଏବଂ ୬ଟି ବନ୍ଦେ ଭାରତ ଟ୍ରେନ୍‌କୁ ଫ୍ଲାଗ ଅଫ୍ କରିଥିଲେ । ଉକ୍ତ ଦୁଇଟି ଅମୃତ ଭାରତ ଏକ୍ସପ୍ରେସ ମଧ୍ୟରୁ ଗୋଟିଏ ଟ୍ରେନ ମାଲଦା ଠାରୁ ବେଙ୍ଗଲୁରୁ ଅଭିମୁଖେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଦେଇ ଯାତ୍ରା କରିବ। ଏହି ଅବସରରେ ରେଳବାଇ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଜୟନଗରମ୍‌ଠାରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ସମାରୋହରେ ଇଷ୍ଟ କୋଷ୍ଟ ମଣ୍ଡଳ ରେଳ ୟୁଜର୍ସ ପରାମର୍ଶଦାତା କମିଟିର ସଦସ୍ୟ ଶେଖ ଇବ୍ରାହିମ ଯୋଗ ଦେଇ କୋରାପୁଟ ଜିଲ୍ଲାର ପ୍ରତିନିଧି ଭାବେ ଅମୃତ ଭାରତ ଏକ୍ସପ୍ରେସକୁ ସ୍ୱାଗତ ଜଣାଇବା ସହ ଅବିଭକ୍ତ କୋରାପୁଟ ଜିଲ୍ଲାରେ ରେଳ ସେବାର ବିକାଶ ହେଲେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ଛତିଶଗଡ ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ ଘଟିବ ବୋଲି ମତ ରଖିଥିଲେ । ଭାରତୀୟ ରେଳବାଇର ଅଣ-ଏସି ଟ୍ରେନ୍ ଅମୃତ ଭାରତ ଏକ୍ସପ୍ରେସରେ ଦ୍ୱିତୀୟ ଶ୍ରେଣୀ, ସଂରକ୍ଷିତ କୋଚ୍ ଏବଂ ଅତ୍ୟାଧୁନିକ ଶୋଇବା କୋଚ୍ ଅଛି । ଅମୃତ ଭାରତ ଘଣ୍ଟା ପ୍ରତି ୧୩୦ କିଲୋମିଟର ବେଗରେ ଗତି କରିପାରେ । ପ୍ରତ୍ୟେକ ମୁଣ୍ଡରେ ୬୦୦୦ ଏଚ ପି ୱାପ ୫ ଲୋକୋମୋଟିଭ୍ ସହିତ ପୁସ୍-ପୁଲ୍ ଟେକ୍ନୋଲୋଜି ବ୍ୟବହାର କରାଯାଇଛି । ଯାହାକି ସାଧାରଣ ବର୍ଗର ଯାତ୍ରୀଙ୍କ ପାଇଁ ଅତି ସହଜସାଧ ଏବଂ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବ । ଉକ୍ତ ସମାରୋହରେ ବିଜୟନଗରମ୍ର ଏମ୍ଏଲ୍ସି, ପି.ପି. ରଘୁବର୍ମା, ବିଜେପିର ରାଜ୍ୟ ସମ୍ପାଦିକା ଶ୍ରୀମତୀ ପାବନି, ବିଜେପି ଜିଲ୍ଲା ଅଧକ୍ଷ ଈଶ୍ୱର ରାଓ, ରେଲୱେ ୱାଲ୍ଟିଅର୍ ଡିଭିଜନ୍‌ର ଏଡିଆର୍‌ଏମ୍, ମନୋଜ କୁମାର ସାହୁ, ଚିଫ୍ ଇଞ୍ଜିନିୟର ଡି. ଧନଞ୍ଜୟ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଟ୍ରେନ୍‌କୁ ସ୍ୱାଗତ କରାଯାଇଥିଲା ।

## ବିଜେଡିର ବନ୍ଧୁମିଳନ କାର୍ଯ୍ୟକ୍ରମ



**ମାଲକାନଗିରି,୩୧ ।୧୨(ସମିସ):** ମାଲକାନଗିରି ଜିଲ୍ଲା ସଦର ବିଏଲକେ ଅନ୍ତର୍ଗତ ପେଦାୱାଡ଼ା ପଞ୍ଚାୟତ ପୁଟଙ୍ଗାଠାରେ ପାଣ୍ଡ୍ରିପାଣି ଜୋନ ୩ ବିଜୁ ଜନତା ଦଳର ପାଞ୍ଚ ଗୋଟି ପଞ୍ଚାୟତର କର୍ମୀମାନଙ୍କର ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବୀର ଲକ୍ଷ୍ମଣପୁର ସରପଞ୍ଚ, ସମିତିସଭ୍ୟ, ପେଦାୱାଡ଼ା ପଞ୍ଚାୟତ ସରପଞ୍ଚ ସମିତି ସଭ୍ୟ, ପୂର୍ବତନ ସରପଞ୍ଚ ମାଧବ ବଡ଼ନାୟକ, ବରିଷ୍ଠ ନେତା ପୁଷ୍ପାରାଜୁ ଗୋପାଳ .ମାର୍କାପାଲି ପଞ୍ଚାୟତ ପୂର୍ବତନ ସରପଞ୍ଚ ହାତିରାମ, ଗାଦେଲି ପୂର୍ବତନ ସରପଞ୍ଚ ନୀଳକଣ୍ଠ ଦୋରା, ବରିଷ୍ଠ ନେତା ବାବୁଲା ଖରାଇ ମାଧବ କାଣ୍ଡିକି ରାମମୂର୍ତ୍ତି କୁରାମୀଙ୍କ ଦ୍ୱାରା ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡ଼ମା ରାବା, ବରିଷ୍ଠ ନେତା ପ୍ରିତପାଲ ସିଂ, ହିମାଂଶୁ ସାମଲ ପିତାମ୍ବର ଗୋଟେ , ଗୋକୁଳ ଖୀଲ, ଗଙ୍ଗାଧର ମାଝୀ, ବିଦେଶୀ ପ୍ରହରାଜ ଶତାଧିକ କର୍ମକର୍ତା ଉପସ୍ଥିତ ଥିଲେ । ଏହି ଅବସରରେ ଆଗାମୀ ସାଧାରଣ ନିର୍ବାଚନକୁ ନେଇ ପ୍ରସ୍ତୁତି ରହିବାକୁ ଆଲୋଚନା କରିବା ସହ ଜୋନ ୩ ଠାରେ ବିଜୁ ଜନତା ଦଳକୁ ଅଧିକ ମଜବୁତ୍ କରିବା ଲାଗି ରଣନୀତି ପ୍ରସ୍ତୁତ କରାଯାଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତମୁଠାକୁ ଟାଣ କରିବାକୁ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଶପଥ ନେଇଥିଲେ ।

## ମାଲକାନଗିରି ଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ସଫଳତା



**ମାଲକାନଗିରି,୩୧ ।୧୨(ସମିସ):** ଜବାହର ନବୋଦୟ ବିଦ୍ୟାଳୟ-୧ ମାଲକାନଗିରିର ନବମ ଶ୍ରେଣୀ ଛାତ୍ରୀ କୁମାରୀ ଦୀପ୍ତିମୟୀ ରାଜ୍ୟସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି । ନନ୍ଦନକାନନ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଚୟନ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ଚିଡ଼ିଆଖାନାର ଛାତ୍ରଦୂତ (ଆମ୍ବାସାଡର) ରୂପେ ମନୋନୀତ ହୋଇଛନ୍ତି । ରାଜ୍ୟସ୍ତରରେ ଏଥିପାଇଁ ୪୫ ଜଣ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଛି । ଏହି ଅବସରରେ ମାଲକାନଗିରି ଉତ୍କଳ ସମ୍ମିଳନୀ ଶାଖା ତରଫରୁ ପ୍ରତିଷ୍ଠା ଦିବସରେ ଦୀପ୍ତିମୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ମାଲକାନଗିରି ଉତ୍କଳ ସମ୍ମିଳନୀ ଶାଖାର ସଭାପତି ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ, କର୍ମକର୍ତ୍ତା, ନବୋଦୟ ବିଦ୍ୟାଳୟ ମାଲକାନଗିରିର ଅଧକ୍ଷ ତଥା ଅଭିଭାବକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜବାହର ନବୋଦୟ ବିଦ୍ୟାଳୟ-୧ ମାଲକାନଗିରି ଅଧକ୍ଷ ସି. ଶିବାରମଣ ଓ ଡିଭିଜିନାଲ ଫରେଷ୍ଟ ଅଫିସର, ମାଲକାନଗିରି ପ୍ରତାପ କୋଟାପାଲ୍ଲୀ ପ୍ରମୁଖ କୃତି ଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି ।

# ବୃତ୍ତିରେ ଅଧାପିକା, ନିଶା ଚିତ୍ରକଳା

### ■ କାନ୍ଥରେ ଆଦିବାସୀଙ୍କ ଜୀବନଚର୍ଯ୍ୟା ଚିତ୍ରଣ କରି ସାଉଁଟୁଛନ୍ତି ପ୍ରଶଂସା



ସେମିଳିଗୁଡା, ୩୧।୧୨(ସମିସ)

ବୃତ୍ତିରେ ଅଧାପିକା । କିନ୍ତୁ ନିଶା ତାଙ୍କର ଚିତ୍ରକଳା । ଚିତ୍ରକଳାରେ ବିଧିବଦ୍ଧ ଭାବେ କୌଣସି ଡିଗ୍ରୀ ହାସଲ କରିନଥିଲେ ହେଁ ବିଭିନ୍ନ ପ୍ରକାର ଚିତ୍ରକଳା ଓ ଭାସ୍କର୍ଯ୍ୟରେ ନିଜର ସ୍ୱତନ୍ତ୍ରଶୈଳୀର ପ୍ରଦର୍ଶନ କରି ଏବେ ସାଉଁଟୁଛନ୍ତି ପ୍ରଶଂସା । ସେ ହେଉଛନ୍ତି ସେମିଳିଗୁଡ଼ା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧାପିକା ଡ. ବିଦ୍ୟୁତପ୍ରଭା ରାଉତ । ସେ ନିଜର ବୃତ୍ତିରେ ଅଧାପିକା ଭାବେ ସୁପରିଚିତ ଥିବା ବେଳେ ପ୍ରବୃତ୍ତିରେ ଜଣେ ଚିତ୍ରକର ଭାବେ ସୁନାମ ଅର୍ଜନ କରିଛନ୍ତି । ସେ ଏବେ ନିଜେ ଅଧାପିକା ଭାବେ କାର୍ଯ୍ୟକରୁଥିବା ସେମିଳିଗୁଡା ମହାବିଦ୍ୟାଳୟର ପାଚେରି କାନ୍ଥରେ ଆଦିବାସୀଙ୍କ ଜୀବନ ଚର୍ଯ୍ୟାକୁ ନିଜ ଚିତ୍ରକଳା ମାଧମରେ ଚିତ୍ରିତ କରି ଏବେ ଅଞ୍ଚଳରେ ପ୍ରଶଂସା ସାଉଁଟିଛନ୍ତି ।

ବିଦ୍ୟୁତ୍‌ପ୍ରଭା ରାଉତ ସେମିଳିଗୁଡା ନିବାସୀ ଶ୍ରୀ ପଞ୍ଚାନନ ରାଉତ ଓ ଶ୍ରୀମତୀ କଳ୍ପନା ରାଉତଙ୍କ ଜ୍ୟୋଷ୍ଠା କନ୍ୟା ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଆଲୋକ ବରାଳଙ୍କର ଧର୍ମପତ୍ନୀ ଅଟନ୍ତି । ଡ.ରାଉତ ଓଡ଼ିଆ ଓ ମାନବ ବିଜ୍ଞାନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିବା ସହିତ ମନୋଜ ଦାସଙ୍କ କଥା ସାହିତ୍ୟ ସମ୍ପର୍କିତ ଗବେଷଣା କରି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଏମ୍‌ଫିଲ୍ ଓ ପିଏଚ୍ଡି ଡିଗ୍ରୀ ହାସଲ କରିଛନ୍ତି । ସେମିଳିଗୁଡା ମହାବିଦ୍ୟାଳୟରେ ଅଧାପିକା ଭାବେ କାମ କରି ଆସୁଛନ୍ତି । ସେମିଳିଗୁଡ଼ା ମହାବିଦ୍ୟାଳୟକୁ ସେ ଅଧାପିକା ଭାବେ ଆସିବା ପରଠାରୁ ୟୁଥ୍ ରେଡ୍‌କ୍ରସର କାଉନ୍‌ସିଲର ଭାବେ ନିୟମିତ ବ୍ୟବଧାନରେ ରକ୍ତଦାନ ଶିବିର ଆୟୋଜନ କରାଇ କୋରାପୁଟ ଜିଲ୍ଲାରେ ରକ୍ତାଭାବ ଜନିତ ଅଭାବକୁ ଦୂର କରିବାରେ ନିଜର ସାମାଜିକ ସହଭାଗିତା ନିର୍ବାହ କରିଆସୁଛନ୍ତି । ଅନୁରୂପ ଭାବରେ ଦୀର୍ଘ ୭ ବର୍ଷ ଧରି ମହାବିଦ୍ୟାଳୟର ଆତ୍ମସୁରକ୍ଷା କାର୍ଯ୍ୟକ୍ରମର ସଂଯୋଜିକା ଭାବେ ଛାତ୍ରୀମାନଙ୍କର ଆତ୍ମସୁରକ୍ଷା ତାଲିମ ଶିବିର ଆୟୋଜନ କରାଇ ଛାତ୍ରୀମାନଙ୍କୁ ସଶକ୍ତ ଓ ସୁରକ୍ଷିତ କରାଇବାରେ ନିୟୋଜିତ ଅଛନ୍ତି । ସେ ନିୟମିତ ଭାବେ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ, କ୍ୟାରିଅର୍ କାଉନ୍‌ସେଲିଂ କାର୍ଯ୍ୟକ୍ରମ, ତୃତୀୟଲିଙ୍ଗ ସଚେତନତା ଶିବିର ଏବଂ ବିବିଧ ସାହିତ୍ୟିକ ଓ ସାମାଜିକ ଆଲୋଚନା ଚକ୍ର ତଥା ସମ୍ପାଦନ ଆଦି ସମ୍ପନ୍ନ କରି ନିଜର ସାଂଗଠନିକ ଦକ୍ଷତାର ପରିଚୟ ଦେଇଛନ୍ତି । ବିଭିନ୍ନ ସମାଜସେବା, ସାହିତ୍ୟିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ସକ୍ରିୟ ଭାବେ ସଂଯୁକ୍ତ ରହି ଆସୁଛନ୍ତି । ଦୁଇଟି ସମ୍ପାଦିତ ପୁସ୍ତକର ସମ୍ପାଦିକା ଡ. ରାଉତଙ୍କର ନିୟମିତ ଭାବରେ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ସାହିତ୍ୟ ସମାଲୋଚନା ଧର୍ମୀ ଲେଖା ପ୍ରକାଶ ପାଇ ଆସୁଛି । ଏପରିକି ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା କାର୍ଯ୍ୟକ୍ରମରେ ସାମାଜିକ ଗତିବିଧିର ସଂଯୋଜିକା ଭାବେ ସେ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ନିଶା ନିବାରଣ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା, ପ୍ଲାଷ୍ଟିକ ମୁକ୍ତ ସମ୍ପର୍କିତ କାର୍ଯ୍ୟକ୍ରମ ଓ ରାଲି, ଯୋଗ ଶିବିର, ପୋଷ୍ୟଗ୍ରାମ ବଡ଼ବଡ଼ି ଗାଁରେ ଅନ୍ଧବିଶ୍ୱାସ ଓ ବାଲ୍ୟବିବାହ ବିରୋଧୀ କାର୍ଯ୍ୟକ୍ରମ ଓ ରାଲି, ଏଡ୍ସ ସଚେତନତା ରାଲି, ମିଲେଟ ମିଶନ କାର୍ଯ୍ୟକ୍ରମ, ପ୍ରାକୃତିକ ବିପର୍ଯ୍ୟୟ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନ ଆଦି କାର୍ଯ୍ୟକ୍ରମ ନିଜର ତତ୍ତ୍ୱାବଧାନରେ ସଫଳତାର ସହିତ ସମ୍ପନ୍ନ କରିଛନ୍ତି । ଏଥିସହ ସେ ଚିତ୍ରକର ଭାବେ ସୁନାମ ଅର୍ଜନ କରିଛନ୍ତି । ବିଶେଷତଃ ତୈଳଚିତ୍ରରେ ଦକ୍ଷ ବିଦ୍ୟୁତପ୍ରଭା ପୋର୍ଟରେଟ ଓ ବାଲୁକାଶିଳ୍ପ କରିବାରେ ମଧ ବେଶ୍ ଧୁରନ୍ଧର ରହିଛନ୍ତି । ତାଙ୍କର ଅନେକ ତୈଳଚିତ୍ର କୋରାପୁଟର ବିଭିନ୍ନ ଅନୁଷ୍ଠାନରେ ସଂରକ୍ଷିତ ହୋଇଛି । ନିକଟରେ ସେ ଓଡ଼ିଶା ସରକାରଙ୍କ ନୂଆ ଓଡ଼ିଶା, ଯୁବ ଓଡ଼ିଶା, ନବୀନ ଓଡିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସାମାଜିକ ଗତିବିଧିର ଅଂଶ ଭାବେ ସେମିଳିଗୁଡ଼ା ମହାବିଦ୍ୟାଳୟର ପ୍ରାୟ ଏକଶହ ମିଟର ଦୀର୍ଘ ପ୍ରାଚୀରକୁ ନିଜର ଚିତ୍ରକଳାରେ ସଜିତ କରିଛନ୍ତି । ଏହି ‘ଐତିହ୍ୟ ପ୍ରାଚୀର’ ଭାବେ ପରିକଳ୍ପିତ ପାଚେରୀରେ କୋରାପୁଟର ଆଦିବାସୀ ଜୀବନର ବିବିଧତାକୁ ରୂପ ଦେବାରେ ନିଜର ଶୈଳୀର ସ୍ୱାତନ୍ତ୍ର୍ୟତା ପ୍ରଦର୍ଶନ କରିଛନ୍ତି । ୨୭ଟି ବିଭିନ୍ନ ପ୍ରକାର ଚିତ୍ର କରିବାକୁ ୧୭ ଦିନ ଧରି ପରିଶ୍ରମ କରି ଏକ ସୁନ୍ଦର ପ୍ରାକୃତିକ ପରିବେଶ କରିବା ପାଇଁ ଉଦ୍ୟମ କରି ଥିବାରୁ ବିଦ୍ୟୁତ୍ ଲତାଙ୍କୁ ପ୍ରଶଂସା ମିଳିଛି । ସେ ପିଲା ଦିନରୁ ଚିତ୍ରକଳା ପ୍ରତି ଆକୃଷ୍ଟ ହେଇଥିଲେ। ନିଜେ ସ୍ୱ ଇଚ୍ଛାରେ ଚିତ୍ର କରିବା ଶିଖି ଥିଲେ । ପେନ୍ସିଲ ଆର୍ଟ, ଅଏଲ ପ୍ରିଣ୍ଟି, ମଡର୍ନ ଆର୍ଟ, ମୂର୍ତ୍ତି ଗଢ଼ିବା, ଝୋଟି ପ୍ରଭୃତି କଳା ସମସ୍ତଙ୍କୁ ଚକିତ କରିଥାଏ । ଶିକ୍ଷାଦାନ, ସମାଜସେବା, ଚିତ୍ରାଙ୍କନ କରିବାରୁ ନିଜକୁ ବହୁତ୍ ଆତ୍ମ ତୃପ୍ତି ମିଳେ ବୋଲି ଅଧାପିକା ବିଦ୍ୟୁତ୍ ଲତା ରାଉତ ନିଜ ମତ ପ୍ରକାଶ କରିଥିଲେ । ବିଦ୍ୟୁତ୍ ଲତାଙ୍କ ଚିତ୍ରାଙ୍କନ ଦ୍ୱାରା ସେମିଳିଗୁଡା ମହାବିଦ୍ୟାଳୟ କ୍ୟାମ୍ପସର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହ ସେଲ୍ଫି ପଏଣ୍ଟ ପାଲଟି ଯାଇଥିବା ସୂଚନା ମିଳିଛି ।



### ନୂଆ ବର୍ଷକୁ ପ୍ରଥମେ ସ୍ୱାଗତ କଲେ ନ୍ୟୁଜିଲାଣ୍ଡ-ଅଷ୍ଟ୍ରେଲିଆ

## ୧୨ ମିନିଟ୍‌ରେ ଫୁଟିଲା ୮.୫ ଟନ୍ ବାଣ

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି):** ନୂଆ ବର୍ଷ ପାଇଁ ସାରା ବିଶ୍ୱରେ ଆନନ୍ଦ ଉଲ୍ଲାସ ଖେଳି ଯାଇଛି । ନୂଆ ଉତ୍ସାହ, ନୂଆ ଆଶା, ନୂଆ ଉଦ୍ଦୀପନାର ସହ ନୂଆ ବର୍ଷକୁ ସ୍ୱାଗତ କରାଯାଇଛି । ବିଶ୍ୱବାସୀ ୨୦୨୩କୁ ବିଦାୟ ଦେଇ ୨୦୨୪କୁ ପାଛୋଟି ନେଇଛନ୍ତି । ମାତ୍ର ଏପରି କିଛି ଦେଶ ଅଛନ୍ତି ଯେଉଁଠି ଭାରତଠାରୁ କିଛିଘଣ୍ଟା ପୂର୍ବରୁ ନୂଆ ବର୍ଷକୁ ସ୍ୱାଗତ କରାଯାଇଛି । ସର୍ବ ପ୍ରଥମେ ଭାରତୀୟ ସମୟ ସନ୍ଧ୍ୟା ୪ଟା ୩୦ରେ ନ୍ୟୁଜିଲାଣ୍ଡରେ ନବ ବର୍ଷ ପାଳନ ହୋଇଛି । ଏହାର ୨ ଘଣ୍ଟା ପରେ ଅଷ୍ଟ୍ରେଲିଆ ନୂଆ ବର୍ଷର ଉତ୍ସବ ଆରମ୍ଭ ହୋଇଛି । ଦକ୍ଷିଣ କୋରିଆ, ଉତ୍ତର କୋରିଆ ଏବଂ ଜାପାନରେ ମଧ୍ୟ ନୂଆ ବର୍ଷ ପାଳନ ହୋଇଛି । ସମୟ ୧୨ଟା ଟପିବାର ୧୦ ସେକେଣ୍ଡ ପୂର୍ବରୁ ଅବଗଣନା ଆରମ୍ଭ କରାଯାଇଥିଲା । ପରେ ଅକ୍‌ଲାଣ୍ଡର ସ୍କାଇ ଟାୱାର ଆଲୋକରେ ଝଲସି ଉଠିଥିଲା । ପରେ ୫ ମିନିଟ୍ ପର୍ଯ୍ୟନ୍ତ ବାଣ ଫୁଟା ଯାଇଥିଲା । ବାଣର ଆଲୋକରେ ସମଗ୍ର ଅଞ୍ଚଳ ଆଲୋକିତ ହୋଇ ଯାଇଥିଲା । ଏଥିପାଇଁ ୬ ମାସ ପୂର୍ବରୁ ପ୍ରସ୍ତୁତ କରାଯାଇଥିଲା । ଏଠାରେ ପାଗ ଖରାପ ରହିବ ବୋଲି ଆଶଙ୍କା କରାଯାଇଥିଲା । ମାତ୍ର ହାଲ୍‌କା ବର୍ଷା ସତ୍ତ୍ୱେ ଅନେକ ଲୋକ ଏକାଠି ହୋଇଥିଲେ । ଅଷ୍ଟ୍ରେଲିଆ ସିଡ୍‌ନୀର ହାର୍ବର ବ୍ରିଜ ଏବଂ ଅପେରା ହାଉସରେ ମଧ୍ୟ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏଠାରେ ୧୨ ମିନିଟ ପର୍ଯ୍ୟନ୍ତ ୮.୫ ଟନ୍ ବାଣ ଫୁଟା ଯାଇଥିଲା । ଏହା ଦେଖିବାକୁ ପ୍ରାୟ ୧୫ ଲକ୍ଷ ଲୋକ ଏକାଠି ହୋଇଥିଲେ । ଭାରତରେ ମଧ୍ୟ ଧୁମ୍‌ଧାମରେ ନୂଆ ବର୍ଷକୁ ସ୍ୱାଗତ କରାଯାଇଛି । ମୁମ୍ବାଇ, ବେଙ୍ଗାଲୁରୁ, ଦିଲ୍ଲୀ, ଗୁରୁଗ୍ରାମ ଏବଂ କୋଲକତା ଭଳି ସହରରେ ଏଥିପାଇଁ ଜୋରଦାର ପ୍ରସ୍ତୁତ କରାଯାଇଥିଲା । ନୂଆ ବର୍ଷ ପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ମଧ୍ୟ ଭିଡ଼ ଲାଗି ରହିଛି ।



## ୨୪ ଘଣ୍ଟାରେ ୮୪୧ ରୋଗୀ ଚିହ୍ନଟ; ୩ ମୃତ

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି):** ଦେଶରେ କରୋନା ସଂକ୍ରମଣ ପୁଣି ଉପରମୁହାଁ ହେବାରେ ଲାଗିଛି । ଦିନକୁ ଦିନ ରୋଗୀସଂଖ୍ୟା ବଢ଼ିବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ ୮୪୧ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି । ଏହା ଗତ ୨୨୭ ଦିନରେ ସର୍ବାଧିକ । ଏହା ପୂର୍ବରୁ ମଇ ୧୯ରେ ୮୬୫ ମାମଲା ଆସିଥିଲା । ଏହା ସହିତ ଚିକିତ୍ସାଧୀନ ରୋଗୀସଂଖ୍ୟା ୪,୩୦୯ରେ ପହଞ୍ଚି ଯାଇଛି । ସେହିପରି କେରଳ, କର୍ଣ୍ଣାଟକ ଏବଂ ବିହାର ୩ କରୋନା ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏ ପର୍ଯ୍ୟନ୍ତ ଦେଶରୁ ୪.୫ କୋଟି କରୋନା ରୋଗୀ ଚିହ୍ନଟ ହେଲେଣି । ୫.୩ ଲକ୍ଷ ସଂକ୍ରମିତଙ୍କ ମଧ୍ୟ ମୃତ୍ୟୁ ହେଲାଣି । ୪.୪ କୋଟି ଆରୋଗ୍ୟ ଲାଭ କଲେଣି । ଏବେ ଜାତୀୟ ଆରୋଗ୍ୟ ହାର ୯୮.୮୧ ପ୍ରତିଶତ ରହିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ।

## ଗ୍ଲୋବ୍ସ କାରଖାନାରେ ନିଆଁ; ୬ ମୃତ

**ମୁମ୍ବାଇ,୩୧।୧୨ (ଏଜେନ୍ସି):** ମହାରାଷ୍ଟ୍ର ଛତ୍ରପତି ସମ୍ଭାଜୀନଗର ଭାଲୁଜ ଏମ୍‌ଆଇଡିସିରେ ଥିବା ଏକ ହ୍ୟାଣ୍ଡ ଗ୍ଲୋବ୍ସ କାରଖାନାରେ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି । ଏହି ଦୁର୍ଘଟଣାରେ ୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ୯ ଜଣ ଆହତ ହୋଇଛନ୍ତି । ଅନେକ ଘଣ୍ଟାର କଠିନ ପରିଶ୍ରମ ପରେ ଏହି ନିଆଁକୁ ଆୟତ କରାଯାଇଛି । ଦମକଳ ବାହିନୀ ଅଧିକାରୀ ମୋହନ ମୁଙ୍ଗସେ କହିଛନ୍ତି ଯେ ନିଆଁ ଲାଗିଥିବା ନେଇ ରାତି ୨ଟା ୧୫ରେ ସୂଚନା ମିଳିଥିଲା । ଘଟଣାସ୍ଥଳରେ ପହଞ୍ଚିବାବେଳକୁ ସମ୍ପୂର୍ଣ୍ଣ କାରଖାନା ଜଳୁ ଥିଲା । କାରଖାନା ବନ୍ଦ ଥିବା ସମୟରେ ନିଆଁ ଲାଗି ଯାଇଥିଲା । ଏହି ସମୟରେ ୧୫ କର୍ମଚାରୀ କାରଖାନା ଭିତରେ ଶୋଇ ଥିଲେ । ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । ମାମଲାର ତଦନ୍ତ ଜାରି ରହିଛି ।

## ପୁଲିସ ଗାଡ଼ି ଉପରେ ଆଇଇଡି ମାଡ଼; ୪ ଗୁରୁତର

**ଇମ୍ଫାଲ, ୩୧।୧୨ (ଏଜେନ୍ସି):** ମଣିପୁରରେ ସୁରକ୍ଷାବାହିନୀକୁ ନିଶାଣ କରି ପୁଣି ଆକ୍ରମଣ ହୋଇଛି । ଶନିବାର ଦ୍ୱିପହରେ ଟେଙ୍ଗନୋପାଲର ମୋରେହ ଲୋକେସନ ପଏଣ୍ଟ (କେଏଲପି) ଅଭିମୁଖେ ଯାଉଥିବାବେଳେ ସଶସ୍ତ୍ର ଆକ୍ରମଣକାରୀ ପୁଲିସ ଗାଡ଼ି ଉପରେ ଆଇଇଡି ମାଡ଼ କରିଛନ୍ତି । ଏଥିରେ ୪ ଜଣ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ଆସାମ ରାଇଫଲ୍ସ କ୍ୟାମ୍ପରେ ଏମାନଙ୍କର ଚିକିତ୍ସା ଚାଲିଛି । ଏହା ପୂର୍ବରୁ ଇମ୍ଫାଲ ୱେଷ୍ଟ ଜିଲ୍ଲାର କଦଙ୍ଗବନ୍ଦରେ ଜଣେ ଗ୍ରାମରକ୍ଷୀଙ୍କୁ ଗୁଳି ମାରି ହତ୍ୟା କରାଯାଇଥିଲା । ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂହ ଏହି ହତ୍ୟାକୁ ନିନ୍ଦା କରିଛନ୍ତି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହଛନ୍ତି ।

# ରାଜ୍ୟର ୧୫୮ ବିଲ୍ ଅଟକାଇ ରଖିଛି କେନ୍ଦ୍ର

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି)**

- ବର୍ଷେରୁ ଅଧିକ ସମୟ ହେଲା ପଡ଼ିଛି ୯୧ ବିଲ୍
- ବିରୋଧୀ ଶାସିତ ରାଜ୍ୟର ଅର୍ଦ୍ଧାଧିକ ବିଲ୍ ସାମିଲ
- ୧୭ ବର୍ଷ ହେଲା ବିଚାରାଧୀନ ଧର୍ମାନ୍ତରଣ ବିଲ୍
- ୧୦ ବର୍ଷରେ ୨୪୭ରୁ ୮୯ ବିଲ୍‌କୁ ମିଳିଛି ମଞ୍ଜୁରି




କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ ସରକାରମାନଙ୍କର ୧୫୮ ବିଲ୍ ପଡ଼ି ରହିଛି । ବିରୋଧୀ ଦଳ ସରକାରରେ ଥିବା ରାଜ୍ୟଗୁଡିକର ଅର୍ଦ୍ଧାଧିକ ବିଲ୍ ଏଥିରେ ସାମିଲ ରହିଛି । ଏବେ କିଛି ରାଜ୍ୟରେ ବିଜେପି ସରକାର ଗଠନ ହୋଇଛି । ତେଣୁ ଖୁବ୍‌ଶୀଘ୍ର ବିଲ୍‌ଗୁଡିକୁ ଅନୁମୋଦନ ମିଳିବ ବୋଲି ଆଶା କରାଯାଉଛି । ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାମ କରିବା କଥା । କିନ୍ତୁ କେନ୍ଦ୍ର ସରକାରଙ୍କ ଏକଚାଟିଆ ନୀତିକୁ ଅନେକ ସମୟରେ ବିରୋଧୀ ଦଳଗୁଡିକ ବିରୋଧ କରିଆସିଛନ୍ତି । ସରକାର ସମ୍ବିଧାନର ଉଲ୍ଲଙ୍ଘନ କରୁଥିବା କହିଆସୁଛନ୍ତି । ଏପରି ସମୟରେ ଏହି ରିପୋର୍ଟ ପ୍ରକାଶ ପାଇଛି ।

ରିପୋର୍ଟ ଅନୁଯାୟୀ ୧୫୮ରୁ ୯୧ଟି ବିଲ୍ ବର୍ଷେରୁ ଅଧିକ ସମୟ ହେଲା ବିଚାରାଧୀନ ରହିଛି । ତାମିଲନାଡୁର ସର୍ବାଧିକ ୧୯ ବିଲ୍ କେନ୍ଦ୍ର ପାଖରେ ପଡ଼ିଛି । ଏହା ପଛକୁ ଆସାମର ୧୬ଟି, ରାଜସ୍ଥାନର ୧୨ଟି, କେରଳ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶର ୧୧ଟି ଲେଖାଏଁ ଏବଂ ଆନ୍ଧ୍ରପ୍ରଦେଶର ୧୦ ବିଲ୍ ବିଚାରାଧୀନ ରହିଛି । ସେହିପରି ଉତ୍ତରପ୍ରଦେଶର ୧୧ଟି, ମହାରାଷ୍ଟ୍ରର ୧୦ଟି, ରାଜସ୍ଥାନ ଏବଂ ଆନ୍ଧ୍ରପ୍ରଦେଶର ୮ଟି ଲେଖାଏଁ, ଗୁଜରାଟ ଏବଂ ପଞ୍ଜାବର ୫ଟି ଲେଖାଏଁ ବିଲ୍ ବର୍ଷେରୁ ଅଧିକ ସମୟ ହେଲା ପଡ଼ି ରହିଛି । ଛତିଶଗଡ଼ (୨୦୦୬) ଏବଂ ରାଜସ୍ଥାନ (୨୦୦୯)ର ଧର୍ମାନ୍ତରଣ ବିଲ୍ ଦୀର୍ଘ ଦିନ ହେଲା ପଡ଼ି ରହିଛି । ଏହି ଦୁଇ ବିଲ୍ ଉପରେ ଗତ ବର୍ଷ କେନ୍ଦ୍ର ମତାମତ ମାଗିଥିଲା । କିନ୍ତୁ ରାଜ୍ୟ ପକ୍ଷରୁ କୌଣସି ଜବାବ ଦିଆଯାଇ ନ ଥିଲା ।



ସେତେବେଳର ବିଜେପି ସରକାର ଏହି ବିଲ୍‌କୁ ପଠାଇ ଥିଲେ । ଏବେ ଦୁଇ ରାଜ୍ୟରେ ପୁଣି ବିଜେପି ସରକାର କ୍ଷମତାକୁ ଫେରିଛି । ତେଣୁ ଶୀଘ୍ର ବିଲ୍‌କୁ ଅନୁମତି ଦିଆଯିବ ବୋଲି କୁହାଯାଉଛି । ରାଜସ୍ଥାନରେ ସମ୍ମାନ ଏବଂ ପରମ୍ପରା ନାମରେ ବିବାହ କରିବାକୁ ସ୍ୱାଧୀନତା, ଅନର କିଲିଂ, ମବ୍ ଲିଞ୍ଚିଂ ନିରୋଧି ଏବଂ ଦଣ୍ଡ ସମ୍ବନ୍ଧିତ ଆଇନ ପଡ଼ି ରହିଛି । ମଧ୍ୟପ୍ରଦେଶର ତିନୋଟି ବିଲ୍ ମଧ୍ୟ ଅଟକି ରହିଛି । ଏଥିରେ ମକୋକା ସାମିଲ ରହିଛି । ଏହା ୧୩ ବର୍ଷ ହେଲା କେନ୍ଦ୍ର ନିକଟରେ ପଡ଼ିଛି । ବିଜେପି ଶାସିତ ଗୁଜରାଟର ଗୁଣ୍ଡାଗିରି ମାମଲାର ଦୋଷୀଙ୍କ ସମ୍ପତ୍ତି ଜବତ ବିଲ୍ ଏବଂ ହରିୟାଣାର ଗ୍ୟାଙ୍ଗଷ୍ଟର ନିରୋଧୀ ବିଲ୍ ମଧ୍ୟ ବିଚାରାଧୀନ ରହିଛି । ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଅନୁଯାୟୀ ଗତ ୧୦ ବର୍ଷରେ ରାଜ୍ୟମାନେ ୨୪୭ଟି ବିଲ୍ ପଠାଇ ଥିଲେ । ଏଥିରୁ ୮୯ଟିକୁ ମଞ୍ଜୁରି ଦିଆଯାଇଛି । ସୂଚନାଯୋଗ୍ୟ ଯେ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟର ରାଜ୍ୟପାଳ କେନ୍ଦ୍ର ନିକଟରୁ ବିଲ୍ ପଠାଇ ଥାଆନ୍ତି । ରାଜ୍ୟ ନିଜ ସୀମା ଭିତରକୁ ଯାଇ ବିଲ୍ ବନାଇ ଥିବା ଅନୁଭବ କଲେ ରାଜ୍ୟପାଳ ତାହାକୁ କେନ୍ଦ୍ର ପାଖକୁ ପଠାଇ ଥାଆନ୍ତି । ଅନ୍ୟପକ୍ଷରେ ଏବେ ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ପଞ୍ଜାବ, ଦିଲ୍ଲୀ ସରକାରଙ୍କର ରାଜ୍ୟପାଳଙ୍କ ସହ ବିବାଦ ଚାଲିଛି । ବିଧାନସଭା ଦ୍ୱାରା ଅନୁମୋଦିତ ବିଲ୍‌କୁ ରାଜ୍ୟପାଳ ଅଟକାଇ ରଖିଥିବା ଅଭିଯୋଗ ହୋଇଛି । ଏହି ମାମଲା ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଛି । ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟପାଳଙ୍କୁ ଭର୍ତ୍ସନା କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ବସି ନିଷ୍ପତ୍ତି ନେବାକୁ କହିଥିଲେ ।

### ଜୟହିନ୍ଦ୍ ଚ୍ୟାନେଲକୁ ସିବିଆଇ ନୋଟିସ୍

## ଶିବକୁମାରଙ୍କ ନିବେଶ ତଥ୍ୟ ମାଗିଲା



**ବେଙ୍ଗାଲୁରୁ, ୩୧।୧୨ (ଏଜେନ୍ସି):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ସିବିଆଇର ବେଙ୍ଗାଲୁରୁ ଶାଖା ରବିବାର ଜୟହିନ୍ଦ୍ ଚ୍ୟାନେଲକୁ ନୋଟିସ ଜାରି କରିଛି । କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନିବେଶ ତଥ୍ୟ ମାଗିଛି । ସୂଚନା ଅନୁଯାୟୀ ସିବିଆଇ ଶିବକୁମାରଙ୍କ ମାମଲାର ତଦନ୍ତ କରୁଛି । ଏହି ମାମଲାରେ ତଦନ୍ତ ଅଧିକାରୀ ମାଗିଥିବା ସମସ୍ତ କାଗଜପତ୍ର ଧରି ୧୧ ତାରିଖରେ ଉପସ୍ଥିତ ହେବାକୁ ଜୟହିନ୍ଦ କମ୍ୟୁନିକେସନ ପ୍ରାଇଭେଟ ଲିମିଟେଡର ପ୍ରବନ୍ଧ ନିର୍ଦ୍ଦେଶକଙ୍କୁ କୁହାଯାଇଛି । ଶିବକୁମାର ଏବଂ ତାଙ୍କ ପତ୍ନୀ ଉଷା ଶିବକୁମାରଙ୍କ ନିବେଶ, ତାଙ୍କୁ ଦିଆଯାଇଥିବା ଲାଭାଂଶ, ସେୟାର କାରବାର, ଆର୍ଥିକ କାରବାର ସହିତ ବ୍ୟାଙ୍କ ବିବରଣୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିବକୁମାରଙ୍କ ପୁଅ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କ ସୂଚନା ମଧ୍ୟ ଦେବାକୁ କୁହାଯାଇଛି । ଅନ୍ୟପକ୍ଷରେ ଜୟହିନ୍ଦ୍‌ର ଏମ୍‌ଡି ବିଏସ୍ ସିଜୁ କହିଛନ୍ତି ଯେ ସିବିଆଇ ନୋଟିସ ମିଳିଛି । କମ୍ପାନୀ ଏଜେନ୍ସିକୁ ସମସ୍ତ କାଗଜପତ୍ର ପ୍ରଦାନ କରିବ । ବିଜେପି ନେତୃତ୍ୱାଧୀନ ସରକାରର ନିର୍ଦ୍ଦେଶରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ଏହା ରାଜନୈତିକ ପ୍ରତିଶୋଧର ମାମଲା ।

## ବେଆଇନ ଘୋଷିତ ହେଲା ଜମ୍ମୁ-କାଶ୍ମୀର ତେହରିକ୍-ଇ-ହୁରିୟତ୍



**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଜମ୍ମୁ-କାଶ୍ମୀରର ତେହରିକ୍-ଇ-ହୁରିୟତ୍ ସଂଗଠନକୁ କେନ୍ଦ୍ର ସରକାର ରବିବାର ବେଆଇନ ଘୋଷଣା କରିଛନ୍ତି । ୧୯୬୭,ବେଆଇନ କାର୍ଯ୍ୟକଳାପ ଦୂରୀକରଣ ଆଇନ(ୟୁଏପିଏ) ଆଇନର ଧାରା ୩(୧) ଅନୁସାରେ ଏହି ସଂଗଠନକୁ କେନ୍ଦ୍ର ଗୃହମନ୍ତ୍ରାଳୟ ବେଆଇନ ଘୋଷଣା କରିଥିବା କୁହାଯାଇଛି । ଏ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ଏହି ସଂଗଠନ ବିଛିନ୍ନତାବାଦୀ ମାନସିକତାରେ କାର୍ଯ୍ୟ କରି ଜମ୍ମୁ-କାଶ୍ମୀରକୁ ଭାରତ ଠାରୁ ଅଲଗା କରିବାକୁ ଉଦ୍ୟମ କରୁଥିଲା । ଏଥିପାଇଁ ବିଭିନ୍ନ ସ୍ଥାନରେ ବେଆଇନ କାର୍ଯ୍ୟକଳାପ କରାଯିବା ସହିତ ଏଠାରେ ଇସଲାମିକ୍ ଆଇନ ପ୍ରଣୟନ କରିବାକୁ ମଧ୍ୟ ଉଦ୍ୟମ କରାଯାଇଥିଲା ବୋଲି ଶ୍ରୀ ଶାହ କହିଛନ୍ତି । ବହୁ ସମୟରେ ତେହରିକ୍-ଇ-ହୁରିୟତ୍ ପକ୍ଷରୁ ଭାରତ ବିରୋଧୀ ପ୍ରଚାର ଅଭିଯାନ ଚଳାଯିବା ସହିତ ବିଛିନ୍ନତାବାଦୀ ଶକ୍ତିଙ୍କୁ ଏହି ସଂଗଠନ ଖୋଲାଖୋଲି ଭାବେ ପ୍ରୋତ୍ସାହନ ଦେଇ ଆସୁଥିଲା । ଏଥିନେଇ ଯଥେଷ୍ଟ ପ୍ରମାଣ ମିଳିବା ପରେ ଏହାକୁ ବେଆଇନ ଘୋଷଣା କରାଯାଇଥିବା ସେ କହିଛନ୍ତି । କେବଳ ଏହି ସଂଗଠନ ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳତା ନୀତି ବିରୋଧରେ ଯାଇ ଯଦି କୌଣସି ସଂଗଠନ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବ ତେବେ ସଂପୃକ୍ତ ସଂଗଠନକୁ ତତ୍କାଳ କଠୋର ହସ୍ତରେ ଦମନ କରାଯିବ ବୋଲି ଶ୍ରୀ ଶାହ କହିଛନ୍ତି ।

### ● ୨୦୨୪ରେ ଇସ୍ରୋର ପ୍ରଥମ ମିଶନ

## ଆଜି 'ଏକ୍ସପୋ-ସାଟ୍' ଉତ୍କ୍ଷେପଣ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ବର୍ଷ ୨୦୨୪ର ପ୍ରଥମ ମିଶନ ଭାବେ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ସୋମବାର ଏକ୍ସ ରେ ପୋଲାରିମିଟର ସାଟେଲାଇଟ୍( ଏକ୍ସପୋ-ସାଟ୍) ଉତ୍କ୍ଷେପଣ କରିବାକୁ ଯାଉଛି । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାବନ ଉତ୍କ୍ଷେପଣ କେନ୍ଦ୍ରରୁ ଜାନୁଆରୀ ୧ ସକାଳ ୯.୧୦ ମିନିଟ୍‌ରେ ଏହି ଉପଗ୍ରହ ମହାକାଶକୁ ପଠାଯିବ । ୨୦୨୩ରେ ଚନ୍ଦ୍ରଯାନ-୩ ଅଭିଯାନର ସଫଳତା ସହିତ ସୂର୍ଯ୍ୟ ଅଭିଯାନରେ ଯାଇଥିବା ଆଦିତ୍ୟ ଏଲ-୧ ଏହାର ଲକ୍ଷ୍ୟସାଧନ ଦିଗରେ ସଫଳତା ହାସଲ କରିଥିଲା ବେଳେ ଏବେ ୨୦୨୪ର ପ୍ରଥମ ଅଭିଯାନ ଭାବେ ଇସ୍ରୋ ଏହି ଉପଗ୍ରହ ପ୍ରେରଣ କରି ଆଉ ଏକ ସଫଳତା ହାସଲ କରିବାକୁ ଯାଉଛି ବୋଲି କୁହାଯାଇଛି । ଏହି ଅଭିଯାନ ସଫଳ ହେଲେ ବ୍ଲାକହୋଲ୍ ଏବଂ ନିଉଟ୍ରନ ଷ୍ଟାର ସମ୍ପର୍କରେ ଗବେଷଣାତ୍ମକ ତଥ୍ୟ ହାସଲ ଦିଗରେ ଭାରତ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ହେବ ।

### ଆଇଆଇଟି-ବିଏଚ୍‌ୟୁ ଗଣଦୁଷ୍କର୍ମ ମାମଲା

## ବିଜେପି ଆଇଟି ସେଲ୍‌ର ୩ ସଦସ୍ୟ ଗିରଫ



**ବାରାଣସୀ, ୩୧।୧୨ (ଏଜେନ୍ସି)**

ଆଇଆଇଟି-ବିଏଚ୍‌ୟୁର ବିଟେକ୍ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ତିନି ଅଭିଯୁକ୍ତ କୁଣାଲ ପାଣ୍ଡେୟ,ଆନନ୍ଦ ଓରଫ ଅଭିଷେକ ଚୌହାନ ଏବଂ ସକ୍ଷମ ପଟେଲକୁ ଗିରଫ କରାଯାଇଛି । ଏମାନେ ସମସ୍ତେ ବିଜେପି ଆଇଟି ସେଲ୍‌ର ସଦସ୍ୟ । ବିଜେପିର ଅନେକ ନେତାଙ୍କ ସହ ଏହି ଅଭିଯୁକ୍ତଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି । ପାଣ୍ଡେୟ ବିଜେପି ଆଇଟି ସେଲ୍ ବାରାଣସୀର ସଂଯୋଜକ, ସକ୍ଷମ ଉପ-ସଂଯୋଜକ ଏବଂ ଆନନ୍ଦ କାର୍ଯ୍ୟ ସମିତିର ସଦସ୍ୟ ଅଛି । ରବିବାର ସନ୍ଧ୍ୟାରେ ପୁଲିସ ଏମାନଙ୍କର ମେଡିକାଲ ପରୀକ୍ଷା କରି କୋର୍ଟରେ ଉପସ୍ଥାପନ କରିଛି । କୋର୍ଟ ତିନି ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ହେପାଜତକୁ ପଠାଇ ଦେଇଛନ୍ତି । ସୂଚନା ଅନୁଯାୟୀ ଶନିବାର ବିଳମ୍ବିତ ରାତିରେ ତଲାସୀ ଅଭିଯାନ ଚାଲିଥିବା ସମୟରେ ପୁଲିସ ତିନି ଅଭିଯୁକ୍ତଙ୍କୁ ବାଇକ ସହ ଗିରଫ କରିଥିଲା । ଏମାନେ ନଭେମ୍ବର ୧ ମଧ୍ୟରାତ୍ରିରେ ବନ୍ଧୁଙ୍କ ସହ ଜଣେ ଆଇଆଇଟି-ବିଏଚ୍‌ୟୁ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିଥିଲେ । ବନ୍ଧୁକ ମୁନରେ ଛାତ୍ରୀଙ୍କ ଉଲଗ୍ନ ଫଟୋ ମଧ୍ୟ ଉଠାଇ ଥିଲେ ।

### ବିନେଶ ଫୋଗତଙ୍କୁ ରାହୁଲ ଗାନ୍ଧୀଙ୍କ ସମର୍ଥନ

## ପ୍ରଧାନମନ୍ତ୍ରୀଙ୍କ ନିଷ୍ଠୁରତା ଯନ୍ତ୍ରଣାଦାୟକ

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି):** ଭାରତୀୟ କୁସ୍ତି ସଂଘ (ଡବ୍ଲ୍ୟୁଏଫଆଇ) ବିବାଦରେ ଖେଳ ରତ୍ନ ଏବଂ ଅର୍ଜୁନ ପୁରସ୍କାର ଫେରାଇଥିବା କୁସ୍ତି ଯୋଦ୍ଧା ବିନେଶ ଫୋଗତଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମର୍ଥନ କରିଛନ୍ତି । ଏହି ମାମଲା ପ୍ରତି ରାଷ୍ଟ୍ରର ଅଭିଭାବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଷ୍ଠୁରତାକୁ ଦେଖି ଯନ୍ତ୍ରଣା ଲାଗୁଛି ବୋଲି ରାହୁଲ କହିଛନ୍ତି । ପ୍ରତ୍ୟେକ ଝିଅଙ୍କ ପାଇଁ ଆତ୍ମସମ୍ମାନ ଆଗ । ଏହା ପରେ କୌଣସି ପଦକ କିମ୍ବା ସମ୍ମାନ । ଘୋଷିତ ବାହୁବଳୀଙ୍କ ଠାରୁ ମିଳୁଥିବା ରାଜନୈତିକ ଲାଭର ମୂଲ୍ୟ କ'ଣ ଏହି ସାହସୀ ଝିଅଙ୍କ ଲୁହଠାରୁ ଅଧିକ ହୋଇଗଲା ବୋଲି ସେ ପଚାରିଛନ୍ତି । ସୂଚନାଯୋଗ୍ୟ ଯେ ବିନେଶଙ୍କ ପୂର୍ବରୁ ବଜରଙ୍ଗ ପୁନିଆ ପଦ୍ମଶ୍ରୀ ପୁରସ୍କାର ଫେରାଇ ଥିଲେ । ସେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାର ଫୁଟପାଥିରେ ପୁରସ୍କାରକୁ ରଖି ଚାଲି ଆସିଥିଲେ ।




# ୨୯୧ ଆସନରେ ଲଢ଼ିବ କଂଗ୍ରେସ

**ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି)**

- ମେଣ୍ଟକୁ ମାଗିବ ୯ ରାଜ୍ୟର ୮୫ ଆସନ
- ୧୪ ପୂର୍ବରୁ ହୋଇପାରେ ଆସନ ବୁଝାମଣା

ଆସନ୍ତା ସାଧାରଣ ନିର୍ବାଚନକୁ ନେଇ କଂଗ୍ରେସ ଜୋରଦାର ପ୍ରସ୍ତୁତି କରୁଛି । ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଆସନ ବୁଝାମଣା ପୂର୍ବରୁ କଂଗ୍ରେସର ନ୍ୟାସନାଲ ଆଲାଏନ୍ସ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଏବଂ ଶନିବାର ହୋଇଥିବା ଏହି ମାରାଥନ ବୈଠକରେ ଦଳ ୨୯୧ ଆସନରେ ଏକାକୀ ନିର୍ବାଚନ ଲଢ଼ିବ ବୋଲି ସ୍ଥିର ହୋଇଛି । ୧୦ ରାଜ୍ୟର ଅଧ୍ୟକ୍ଷ ଏବଂ ବିଧାୟକ ଦଳ ନେତା ଏହି ପ୍ରସ୍ତାବ ଦେଇଥିଲେ । ବିରୋଧୀ ମେଣ୍ଟକୁ ୯ ରାଜ୍ୟରୁ ୮୫ ଆସନ ମାଗିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି । ଏହି ବୈଠକରେ ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ଝାଡ଼ଖଣ୍ଡ, ପଞ୍ଜାବ, ମହାରାଷ୍ଟ୍ର, ତାମିଲନାଡୁ, କେରଳର ନେତା ଉପସ୍ଥିତ ଥିଲେ । ଲୋକସଭା ଚିତ୍ରକୁ ଦେଖି ଆସନ ବୁଝାମଣା ଉପରେ ନିଷ୍ପତ୍ତି ନିଆଯାଉ ବୋଲି ସମସ୍ତେ କହିଥିଲେ । ସେହିପରି ମେଣ୍ଟରେ ସାମିଲ ଦଳଙ୍କ ସହ ତାଳମେଳ ପାଇଁ କିଛି ମାନଦଣ୍ଡ ଧାର୍ଯ୍ୟ କରାଯାଇଛି । ଏହା ଅନୁଯାୟୀ ପୂର୍ବ ସଂସଦୀୟ ନିର୍ବାଚନରେ ଯେଉଁ ଆସନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଥିଲା ସେଠାରେ ଦଳ ଏକାକୀ ଲଢ଼ିବ । ଏଠାରେ କୌଣସି ଚୁକ୍ତି କରାଯିବ ନାହିଁ । ୨ ସଂସଦୀୟ ଏବଂ ୨୦୧୪ ପରେ ହୋଇଥିବା ବିଧାନସଭା ନିର୍ବାଚନର ଫଳାଫଳକୁ ଦେଖି ଦଳ ମେଣ୍ଟକୁ ଆସନ ମାଗିବ । ପୂର୍ବୋତ୍ତର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୨୦ ଆସନରେ କଂଗ୍ରେସ ଲଢିବାକୁ ନିଷ୍ପତ୍ତି ନେଇଛି । ଆନ୍ଧ୍ରପ୍ରଦେଶ, ଆସାମ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନର ସମସ୍ତ ଆସନ ଏବଂ ତେଲଙ୍ଗାନା-ଉତ୍ତରାଖଣ୍ଡର ୨୨ ଆସନରେ ଦଳ ଏକାକୀ ଲଢ଼ିବ । ବିହାରର ୯, ଦିଲ୍ଲୀର ୫, ପଞ୍ଜାବର ୮, ତାମିଲନାଡୁର ୧୦, ଉତ୍ତରପ୍ରଦେଶର ୧୦, ପଶ୍ଚିମବଙ୍ଗର ୫, ଜମ୍ମୁ-କାଶ୍ମୀରର ୩ ଏବଂ ମହାରାଷ୍ଟ୍ରର ୨୬ ଆସନ ଉପରେ କଂଗ୍ରେସ ଦାବି କରିଛି । କଂଗ୍ରେସ ୩୭୫ରୁ ଅଧିକ ଆସନରେ ପ୍ରାର୍ଥୀ ଦେବ ବୋଲି କୁହାଯାଉଛି । ଏହି ଦଳ ୨୦୧୪ରେ ୪୬୪ ଏବଂ ୨୦୧୯ରେ ୪୨୧ ପ୍ରାର୍ଥୀଙ୍କୁ ମୈଦାନକୁ ଓହ୍ଲାଇ ଥିଲା । ୨୦୧୪ରେ ୨୨୪ ଏବଂ ୨୦୧୯ରେ ଦଳର ୨୦୯ ଆସନର ପ୍ରାର୍ଥୀ ଦ୍ୱିତୀୟ ସ୍ଥାନରେ ଥିଲେ । ଅନ୍ୟପକ୍ଷରେ ଆସନ୍ତା ୧୪ ତାରିଖ ପୂର୍ବରୁ ବିରୋଧୀ ମେଣ୍ଟର ଆସନ ବୁଝାମଣା ହୋଇପାରେ ବୋଲି ସୂଚନା ମିଳିଛି ।





# ନବୀନ ଓଡ଼ିଶାର ନୂଆ ସକାଳ

ନୂଆ ବର୍ଷର ଅବ୍ୟବହିତ ପୂର୍ବରୁ ଅନେକ ଆଶା, ଆକଳନ ଓ ସମ୍ଭାବନା ସୃଷ୍ଟି ହେବା ଏକ ଗତାନୁଗତିକ ଧାରା। ଏହା କିନ୍ତୁ ଭବିଷ୍ୟବାଣୀଠାରୁ ଅନେକାଂଶରେ ଭିନ୍ନ। ଭବିଷ୍ୟବାଣୀ ଗ୍ରହ, ନକ୍ଷତ୍ର, ରାଶିଫଳ ଆଧାରିତ ଫଳିତ ଜ୍ୟୋତିଷଶାସ୍ତ୍ରର ଏକ ଅଂଶ ହୋଇଥିବା ବେଳେ ଆକଳନ ସମ୍ପୂର୍ଣ୍ଣ ରୂପେ ବୈଜ୍ଞାନିକ ପଦ୍ଧତି ଆଧାରିତ। ବିଗତ ବର୍ଷମାନଙ୍କର କାର୍ଯ୍ୟଧାରା, ପ୍ରଦର୍ଶନ, ପରିସଂଖ୍ୟାନ ଓ ସାମାଜିକ-ଅର୍ଥଶାସ୍ତ୍ରର ନୀତି, ନିୟମ, ତତ୍ତ୍ୱ ସମ୍ବଳିତ ସୂତ୍ର ପ୍ରୟୋଗରେ ଏହାର ନିଷ୍କର୍ଷ ନିର୍ଣ୍ଣୟ କରାଯାଏ। କେତେକ ବିରଳ ବ୍ୟତିକ୍ରମ, ବିଷମ ପରିସ୍ଥିତି ଓ ଆକସ୍ମିକ ଘଟଣାପ୍ରବାହରେ ଆକଳନ କିଛିଟା ଭୁଲ୍ ହୋଇପାରେ, ନତୁବା ବୈଜ୍ଞାନିକ ଆଧାରିତ ଏହି ପରିଶ୍ରମର ଫଳ ସବୁବେଳେ ମିଠା ହୁଏ। ଏହି ପୃଷ୍ଠଭୂମିରେ ବିଗତ ଦୁଇଦଶନ୍ଧିର ଅର୍ଥନୈତିକ ଅଭିବୃଦ୍ଧି ଓ ସାମାଜିକ ପ୍ରଗତି ଆଧାରରେ ୨୦୨୪ରେ ଓଡ଼ିଶାର ବିକାଶ ପ୍ରବାହର ଯେଉଁ ଆକଳନ କରାଯାଉଛି ତାହା ବେଶ୍ ଉଲ୍ଲେଖନୀୟ ଓ ଉତ୍ସାହଜନକ।

ବିଭିନ୍ନ ସମୟରେ ବିଭିନ୍ନ ସଂସ୍ଥା, ପରିଷଦ, ମନ୍ତ୍ରଣାଳୟ, ନିତି ଆୟୋଗ ଆଦି ପକ୍ଷରୁ ପ୍ରକାଶ ପାଉଥିବା ଅର୍ଥନୈତିକ ରିପୋର୍ଟ ଅନୁଯାୟୀ, ୨୦୧୬ରୁ ୨୦୨୨ ମଧ୍ୟରେ ଓଡ଼ିଶାର ସାମଗ୍ରିକ ଘରୋଇ ଉତ୍ପାଦନ ବୃଦ୍ଧି ହାର ଦ୍ୱିଗୁଣ ହୋଇପାରିଛି। ସୂଚନାଯୋଗ୍ୟ ଏହି ଛଅବର୍ଷର ସମୟ ମଧ୍ୟରୁ ପ୍ରାୟ ତିନିବର୍ଷ କାଳ ବିଶ୍ୱ ଅର୍ଥନୀତି କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଯୋଗୁଁ ଗୁରୁତର ପ୍ରଭାବିତ ହୋଇଥିଲା। ଅଥଚ ଓଡ଼ିଶା ସେହି ସଙ୍କଟକୁ ସଫଳତାର ସହ ମୁକାବିଲା କରି ଧନ-ଜୀବନ(ଅର୍ଥନୈତିକ ଅଭିବୃଦ୍ଧି ଓ ଲୋକଙ୍କ ଜୀବନ ରକ୍ଷା)ର ଏକ ଉଲ୍ଲେଖନୀୟ ସନ୍ତୁଳନ ବଜାୟ ରଖିପାରିବା କିଛି କମ୍ କଥା ନୁହେଁ। କୋଭିଡ୍ ପ୍ରଭାବିତ ୨୦୨୧-୨୨ରେ ଯେତେବେଳେ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ହାର ୮.୭ ପ୍ରତିଶତ ଥିଲା ସେତେବେଳେ ଓଡ଼ିଶାରେ ଏହି ହାର ଥିଲା ୧୧.୫ ପ୍ରତିଶତ। ଏହାପଛରେ ରହିଛି ଓଡ଼ିଶା ସରକାରଙ୍କ ଦ୍ରୁତ ଶିଳ୍ପାୟନ ନୀତି, କାର୍ଯ୍ୟକ୍ରମ ଓ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ସଫଳ ଆୟୋଜନ। ୨୦୨୩ର ସଦ୍ୟତମ ରିପୋର୍ଟ ଅନୁସାରେ ଏବେ ଯେଉଁ ବିଦେଶୀ ପୁଞ୍ଜି ନିବେଶ ପ୍ରକ୍ରିୟା ଚାଲିଛି, ସେଥିରେ ସମଗ୍ର ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଏପରିକି ଗତ କରୋନା କାଳରେ ମଧ୍ୟ ଓଡ଼ିଶା ପୁଞ୍ଜି ନିବେଶ କ୍ଷେତ୍ରରେ ସାରା ଦେଶରେ ସର୍ବଶ୍ରେଷ୍ଠ ରାଜ୍ୟର ମାନ୍ୟତା ହାସଲ କରିପାରିଥିଲା। ଏହାପଛର କାରଣଗୁଡ଼ିକ ହେଲା 'ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍' ସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି, 'ସିଙ୍ଗଲ ଉଇଣ୍ଡୋ କ୍ଲିୟରାନ୍ସ ସିଷ୍ଟମ', ଇ-ଗଭର୍ଣ୍ଣାନ୍ସ, ଏମ୍‌ଏସ୍‌ଏସ୍‌ଇ ପାର୍କର ବିକାଶ, ଶିଳ୍ପ କ୍ଲଷ୍ଟରର ଉନ୍ନତି, ଭିତ୍ତିଭୂମିର ବିକାଶ, ଜିଲ୍ଲାସ୍ତରୀୟ ନିବେଶ ପ୍ରୋତ୍ସାହନ ସଂସ୍ଥାର କାର୍ଯ୍ୟକାରିତା, ପ୍ରକାଣ୍ଡ ଭୂମିବ୍ୟାଙ୍କ ଏବଂ ସ୍ଥିର ଓ କର୍ମପ୍ରବଣ ସରକାର ତଥା ଶାସନ ବ୍ୟବସ୍ଥା।

ଅର୍ଥନୀତିଜ୍ଞମାନେ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିର ଏହି ଉଲ୍ଲେଖନୀୟ ସଫଳତାର ଗୁଣଗାନ କରୁଥିବା ବେଳେ ସାମଗ୍ରିକ ବିକାଶ ଦିଗରେ ଆହୁରି କେତେକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ମତରେ ଉପକୂଳ-ଖଣିଜ ସମୃଦ୍ଧ-ଦୁର୍ଗମ ଅଞ୍ଚଳ ମଧ୍ୟରେ ଥିବା ଅର୍ଥନୈତିକ-ସାମାଜିକ ବୈଷମ୍ୟକୁ ଦୂର କରିବା ପାଇଁ ଆହୁରି ଅଧିକ ପ୍ରଭାବଶାଳୀ ଯୋଜନା କରିବା ଆବଶ୍ୟକ। ଆଗକୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ବୃଦ୍ଧି ପାଇବାକୁ ଯାଉଥିବାରୁ ବିଶ୍ୱ ନିଯୁକ୍ତି ବଜାର ଉପରେ ତାହାର କୁପ୍ରଭାବ ପଡ଼ିବ ଏବଂ ଛଟେଇ ସମସ୍ୟା ଅଧିକ ଉତ୍କଟ ହେବ। ଓଡ଼ିଶା ମଧ୍ୟ ଏହି ପ୍ରଭାବରୁ ମୁକୁଳିବା ସମ୍ଭାବନା କ୍ଷୀଣ। ତେଣୁ ଏହି ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଯୋଜନା ପ୍ରଣୟନ ହେବା ଉଚିତ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ତେବେ ଏ ଦିଗରେ ଓଡ଼ିଶା ସରକାର ବହୁ ଆଗରୁ ସୁଚିନ୍ତିତ ଦୀର୍ଘମିଆଦୀ କାର୍ଯ୍ୟଖସଡ଼ା ହାତକୁ ନେଇସାରିଛନ୍ତି। ବିଶ୍ୱରେ ଆହୁରି ତୀବ୍ର ହେବାକୁ ଯାଉଥିବା ପ୍ରତିଯୋଗିତା ଦୌଡ଼ରେ ଓଡ଼ିଶାର ଯୁବଶକ୍ତି ଯେପରି ଉଲ୍ଲେଖନୀୟ ସ୍ଥାନ ବଜାୟ ରଖିବେ ସେଥିପାଇଁ ରାଜ୍ୟରେ ଦକ୍ଷତା ବିକାଶ ପ୍ରାଧିକରଣ ମାଧ୍ୟମରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଏହାର ସୁଫଳ ମଧ୍ୟ ଗତ କେତୋଟି ଆନ୍ତର୍ଜାତିକ ଦକ୍ଷତା ପ୍ରତିଯୋଗିତାରେ ଦେଖିବାକୁ ମିଳିଛି। ଅର୍ଥନୀତି ଓ ସମାଜର ପ୍ରତିଟି କ୍ଷେତ୍ରରେ ଏଆଇର ଗୁରୁତ୍ୱକୁ ବହୁପୂର୍ବରୁ ଉପଲବ୍ଧି କରି ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ପ୍ରତ୍ୟେକ ନାଗରିକଙ୍କ ପାଇଁ ଗତ ମେ'ମାସରୁ ନିଃଶୁଳ୍କ ଏଆଇ ସାର୍ଟିଫିକେଟ୍ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି। ସେଥିପାଇଁ ଖ୍ୟାତନାମା ସଫ୍ଟୱେର ସଂସ୍ଥା ଇଣ୍ଟେଲ କମ୍ପାନୀ ସହିତ ରାଜ୍ୟ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି।

ରାଜ୍ୟରେ ଖଣି ପ୍ରଭାବିତ ଅଞ୍ଚଳର ନିରନ୍ତର ସାମାଜିକ ଓ ଭିତ୍ତିଭୂମି ବିକାଶ ପାଇଁ ଡିଏମ୍‌ଏଫ୍ ଏବଂ ଓମ୍ବାଡ୍‌ସି ପାଣ୍ଠିକୁ ବିନିଯୋଗ କରାଯାଉଛି। ଗତ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ପାଣ୍ଠିରୁ ଏଥିପାଇଁ ପ୍ରାୟ ୧୨୭୯୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ସ୍ୱତନ୍ତ୍ର ସମସ୍ୟା ତଥା ସ୍ଥାନୀୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ରାଜ୍ୟସରକାର 'ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା' ଯୋଜନା ପ୍ରଣୟନ କରିଥିବା ବେଳେ ଏସ୍‌ଡିଜି(ନିରନ୍ତର ବିକାଶ ଲକ୍ଷ୍ୟ) ପୂରଣ ପାଇଁ 'ମୁଖ୍ୟମନ୍ତ୍ରୀ ଏସ୍‌ଡିଜି ସୂଚକାଙ୍କ ଫ୍ରେମ୍‌ୱାର୍କ ୨.୦' କାର୍ଯ୍ୟକାରୀ ହେଉଛି। ଅନ୍ୟପକ୍ଷରେ ରାଜ୍ୟର ସାମଗ୍ରିକ ଓ ସମାବେଶୀ ବିକାଶ ପାଇଁ ଏକ 'ଡାଇନାମିକ୍ ଡ୍ୟାସ୍‌ବୋର୍ଡ'ର ରୂପରେଖ ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ରାଜ୍ୟର ସମସ୍ତ ୩୧୪ଟି ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ, ଜୀବିକା ଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟର ତଦାରଖ କରାଯାଇପାରିବ।

ବିକାଶ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟକୁ ଦୂର କରିବା ପାଇଁ '୫-ଟି' ଶାସନ ପଦ୍ଧତିରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। 'ନୂତନ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ ଦିଗରେ ପଶ୍ଚିମାଞ୍ଚଳଠାରୁ ଆରମ୍ଭ କରି କେବିକେ, କନ୍ଧମାଳ ଓ ଗଜପତି ସହ ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳର ସମତୁଲ ବିକାଶ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ପ୍ରମାଣିତ ହୋଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବାର୍ଷିକ ବଜେଟକୁ ୨୦୦ କୋଟିରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୩୨୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ କେବିକେ ଜିଲ୍ଲା ଭିତ୍ତିଭୂମି ବିକାଶ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ମୋଟ ୧୯୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ୨୦୧୭-୧୮ ଆର୍ଥିକ ବର୍ଷରୁ ବାର୍ଷିକ ୧୩୦ କୋଟି ଟଙ୍କା ମୂଳ ପୁଞ୍ଜି ବ୍ୟୟରେ କେବିକେ ଜିଲ୍ଲା ପାଇଁ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଯୋଜନା ପ୍ରବର୍ତ୍ତନ କରିଛନ୍ତି ଏବଂ ୨୦୨୨-୨୩ ଆର୍ଥିକ ବର୍ଷ ସୁଦ୍ଧା ୬୩୯.୦୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଅନ୍ୟପକ୍ଷରେ ବିଜୁ କନ୍ଧମାଳ ଓ ଗଜପତି ଯୋଜନାରେ ୨୦୨୨-୨୩ ସୁଦ୍ଧା ୪୦୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳରେ ବିକାଶର ନୂଆ ଅଭିଯାନ ଆରମ୍ଭ କରାଯାଇଛି। ତେଣୁ ଏଠାରେ ଅର୍ଥନୀତିଜ୍ଞଙ୍କ ଆଞ୍ଚଳିକ ବୈଷମ୍ୟ ଆଶଙ୍କା ନିରାଧାର ବୋଲି କୁହାଯାଇପାରେ।

ଏହାଛଡ଼ା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ରଖିଥିବା ତଥ୍ୟ ଅନୁଯାୟୀ ଓଡ଼ିଶା ବ୍ୟତୀତ ସବୁ ରାଜ୍ୟର ଋଣ ଭାର ବଢ଼ି ଚାଲିଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ସାରା ଦେଶରେ ଏକମାତ୍ର ରାଜ୍ୟଭାବେ ଓଡ଼ିଶାର ଋଣଭାର ୧୨ ପ୍ରତିଶତ ହ୍ରାସ ପାଇଛି। ଓଡ଼ିଶା ୨ ବର୍ଷ ହେଲା ଖୋଲାବଜାରରୁ ଋଣ କରିନାହିଁ। ବିଗତ ୧୦ ବର୍ଷ ତଳେ ଓଡ଼ିଶାର ବାର୍ଷିକ ମୁଣ୍ଡପିଛା ଆୟ ଥିଲା ମାତ୍ର ୪୯, ୨୨୭ ଟଙ୍କା। ୨୦୨୩ ଆର୍ଥିକ ବର୍ଷରେ ଏହା ୨୦୬ ଶତାଂଶ ବଢ଼ି ୧.୫୧ ଲକ୍ଷ ଟଙ୍କାରେ ପହଞ୍ଚିଛି।

ଏକଦା ଦେଶର ସବୁଠୁ ଗରିବ ରାଜ୍ୟ ଥିବା ଓଡ଼ିଶା ଏବେ ବିଭିନ୍ନ କ୍ଷେତ୍ରରେ ନୂଆ ନୂଆ ସଫଳତାର ପାହାଚ ଚଢ଼ି ଜାତୀୟ ସ୍ତରରେ ନିଜର ସଫଳତା ଓ ସାମର୍ଥ୍ୟ ପ୍ରଦର୍ଶନ କରୁଛି। ଶାସନ, ସେବା, ଲୋକକଲ୍ୟାଣ, ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, କୃଷି, ସାମାଜିକ ବିକାଶ, ଭିତ୍ତିଭୂମି, ଅର୍ଥ ପରିଚାଳନା, ଭିତ୍ତିଭୂମି ବିକାଶ ଆଦି କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ଓ ନୂଆ ସଫଳତା ହାସଲ କରି ଜାତୀୟସ୍ତରରେ ପୁରସ୍କୃତ ହେଉଛି। '୫-ଟି', 'ମୋ ସରକାର' ଓ 'ମିଶନ ଶକ୍ତି' ଓଡ଼ିଶାକୁ ଏକ ନୂଆ ପରିଚୟ ଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉତ୍ତମ ନେତୃତ୍ୱ ଓ ଦିଗ୍‌ଦର୍ଶନ, ଲୋକଙ୍କ ଆଶୀର୍ବାଦ ଏବଂ ଅମଲାତନ୍ତ୍ରର ଏକନିଷ୍ଠ ଉଦ୍ୟମ ଫଳରେ ଓଡ଼ିଶା ବେକାରୀ, ବ୍ୟାଧି, ଦାରିଦ୍ର୍ୟ ଓ ଖାଦ୍ୟାଭାବରୁ ମୁକ୍ତ ହୋଇଛି। ଏହା ଏକ ଗରିବ ରାଜ୍ୟରୁ ଏବେ ଦ୍ରୁତ ବିକାଶଶୀଳ ରାଜ୍ୟରେ ପରିଣତ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୨୦୨୪ରେ ମଧ୍ୟ ପ୍ରଗତିର ଏହି ଧାରା ଜାରି ରହିବ ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଖୁବ୍‌ଶୀଘ୍ର ଉନ୍ନତ ଓ ସମୃଦ୍ଧ ପ୍ରଦେଶର ମାନ୍ୟତା ପାଇବାର ଆଶା ନୂଆ ସକାଳରେ ଉଜ୍ଜ୍ୱଳ ଦେଖାଯାଉଛି।

ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ୨୦୨୪ର ସମ୍ଭାବ୍ୟ କାୟାକଳ୍ପ



ତପନ ମିଶ୍ର
କଟକ ମୋ: ୮୧୪୪୭୪୩୨୨୮

କାଳ ତ ନିରବଧି, ତଥାପି ଆମେ ତା'କୁ ମାପିବାକୁ ଯେଉଁ ବର୍ଷ, ମାସ, ଦିନ, ଦଣ୍ଡ ଆଦି ତିଆରି କରିଛୁ। ଏହି ବିପୁଳ ପୃଥିବୀରେ ତାହାର ଯଥାର୍ଥତା ଥାଉ ବା ନଥାଉ ଏଡ଼ାଇବା ସହଜ ନୁହେଁ। ସେହି ନ୍ୟାୟରେ ବର୍ଷ ୨୦୨୪ର ୩୬୫ ଦିନର ପ୍ରମୁଖ ପୃଷ୍ଠା ଲୌକିକସ୍ତରରେ ଲେଖାଯିବ। ଓଡ଼ିଶା, ଭାରତ ଓ ପୃଥିବୀ ଏହି ଇଂରାଜୀ ନବବର୍ଷଠୁ କ'ଣ ଆଶା କରିବ? ଆମେ ଏହି ନୂଆବର୍ଷରେ ଆଶାର ଝଲକ ଦେଖିବା ନା ନିରାଶାର ଅନ୍ଧାରକୁ ଅପେକ୍ଷା କରିବା? ଭାବପ୍ରବଣ ନ ହୋଇ ବାସ୍ତବବାଦୀ ଦୃଷ୍ଟିକୋଣରୁ ଅନୁମାନ ଲଗାଇବା ଉଚିତ ହେବ। ନୈରାଶ୍ୟ ସମସ୍ୟାର ସମାଧାନ ନୁହେଁ, ଆଶା ହିଁ ବିଶ୍ୱାସ ଓ ପ୍ରେରଣା ଯୋଗାଏ ଏବଂ ନୂଆ କିଛି କରିବା ଏବଂ ପାଇବାର ବାଟ ଦେଖାଏ।

ରାଜନୀତି ଦୃଷ୍ଟିରୁ ଉଭୟ ଭାରତ ଓ ଓଡ଼ିଶା ପାଇଁ ତ ଯଥେଷ୍ଟ କିଛି ଆଶା କରାଯାଏ। ୨୦୨୪ ଲୋକସଭା ଓ ଓଡ଼ିଶାରେ ବିଧାନସଭା ନିର୍ବାଚନର ବର୍ଷ। ସାଂପ୍ରତିକ ରାଜନୈତିକ ସ୍ଥିତି ଓ ବିରୋଧୀଦଳଙ୍କ ଅବସ୍ଥା ଦେଖିଲେ ମନେହୁଏ ଦେଶରେ ଓ ଆମ ପ୍ରଦେଶରେ ରାଜନୈତିକ ସ୍ଥିରତା ବଜାୟ ରହିବ ଏବଂ ମୋଦୀ, ନବୀନ ଉଭୟ ପୁନର୍ବାର କ୍ଷମତାକୁ ଫେରିବେ। ବିରୋଧୀ ପକ୍ଷଙ୍କ ପାଇଁ ୨୦୨୪ ବର୍ଷ ଭଲ ହେବ ନାହିଁ, ଏଥିପାଇଁ ଯେ ସେମାନେ ଏ ଯାଏଁ କେନ୍ଦ୍ରରେ ମୋଦୀଙ୍କ ଜାତୀୟ ବିକଳ୍ପ ସୃଷ୍ଟି କରିବାରେ ସଫଳ ହୋଇପାରିନାହାନ୍ତି। ସୁତରାଂ ଭୋଟର ରାଜନୈତିକ ସ୍ଥିରତା ଏବଂ ବିକାଶକୁ ପୁନର୍ବାର ସୁଯୋଗ ଦେଇ ପାରନ୍ତି। ତେବେ ୨୦୨୪ର ନୂଆ ବାସ୍ତବତା ଓ ସମୀକରଣ ଉଭୟ ମୋଦୀ ଓ ନବୀନଙ୍କୁ ଅଧିକ ସହନଶୀଳ ହେବାକୁ ବାଧ କରିପାରେ।

ବିଦେଶରେ ରାଜନୈତିକ ସ୍ଥିତି ମଧ୍ୟ ଏହି ପରିପ୍ରେକ୍ଷୀରେ ଆମର ଦୃଷ୍ଟି ଆକର୍ଷଣ କରିବ। ୨୦୨୪ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନର ବର୍ଷ। ସେଠାରେ ପୁନର୍ବାର ଟ୍ରମ୍ପ ଓ ବାଇଡେନ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ପ୍ରାୟ ନିଶ୍ଚିତ। ମିଳୁଥିବା ସୂଚନା ଅନୁସାରେ ବାଇଡେନ୍ ପୁନଃନିର୍ବାଚିତ ହେବା ସମ୍ଭାବନା କ୍ଷୀଣ। ତାଙ୍କର ବୟସ ଓ ନେତୃତ୍ୱକୁ ଭୋଟର ପସନ୍ଦ କରୁନାହାନ୍ତି। ତେଣୁ ବାଇଡେନ୍ ଯଦି ପ୍ରାର୍ଥୀ ହୁଅନ୍ତି, ତା'ହେଲେ ଟ୍ରମ୍ପ ତାଙ୍କର ମ୍ଳାନ ଭାବମୂର୍ତ୍ତି ସତ୍ତ୍ୱେ ପୁନର୍ବାର ଜିତିବା ସମ୍ଭାବନା ଅଧିକ। ତେବେ କୋର୍ଟ କେସ୍‌ରେ ଫସିଥିବା ଟ୍ରମ୍ପଙ୍କୁ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ କରିବ କି ନାହିଁ ତାହା ମଧ୍ୟ ସନ୍ଦେହରେ। ଅତଏବ ଉଭୟ ରିପବ୍ଲିକାନ୍ ଓ ଆମେରିକା ତା'ର ସ୍ୱାର୍ଥ ଓ ଆନ୍ତର୍ଜାତିକ କୂଟନୈତିକ ଆବଶ୍ୟକତାକୁ ଅଗ୍ରାଧିକାର ଦେଉଥିବ। ଏହାଛଡ଼ା ବ୍ରିଟେନରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଶ୍ରମିକ ଦଳ ଯଦି ବିଜୟୀ ହୁଏ, ଭାରତ ପାଇଁ ବିଶେଷ ଚିନ୍ତିତ ହେବାର ନାହିଁ। ଏହା ମୁକ୍ତ ବାଣିଜ୍ୟ ଚୁକ୍ତିକୁ ବିଳମ୍ବିତ କିମ୍ବା ବିଚ୍ଛିନ୍ନ କରିପାରେ। ତେବେ ଏହି ଚୁକ୍ତି ସ୍ୱାକ୍ଷର ହେବା ନ ହେବା ଘେନି ଭାରତ ଚିନ୍ତିତ ନୁହେଁ।

ଆମ ପଡ଼ିଶା ପାକିସ୍ତାନ ଓ ବାଂଲାଦେଶ ଉଭୟ ୨୦୨୪ରେ ସାଧାରଣ ନିର୍ବାଚନର ସମ୍ମୁଖୀନ ହେବେ। ଏହି ନିର୍ବାଚନ ଯଥାକ୍ରମେ ଫେବୃଆରୀ ୮ ଓ ଜାନୁଆରୀ ୭ରେ ହେବାକୁ ଯାଉଛି। ପାକିସ୍ତାନରେ ଯିଏ ସରକାର ଗଢ଼ିଲେ ମଧ୍ୟ ଭାରତର ସେଥିରେ କିଛି ହରାଇବା ବା ପାଇବାର ନାହିଁ। 'ଲଙ୍କାର ଯେତକ ଜନମ, ସଭିଏଁ ରାବଣ ସମାନ' ନ୍ୟାୟରେ ଭାରତ ସହ ପାକିସ୍ତାନ ସଂପର୍କରେ କୌଣସି ଉନ୍ନତି ଘଟିବାର ସମ୍ଭାବନା କ୍ଷୀଣ। ସେହିଭଳି ବାଂଲାଦେଶରେ ଶେଖ ହସିନା ତୃତୀୟଥର ପାଇଁ କ୍ରମାଗତ ଭାବେ ପୁଣି ନିର୍ବାଚିତ ହେବା ପ୍ରାୟ ନିଶ୍ଚିତ। ଏଥର ନିର୍ବାଚନକୁ ସେ



ଦେଶର ସବୁ ପ୍ରମୁଖ ବିରୋଧୀ ଦଳ ବର୍ଜନ କରିଛନ୍ତି। ତଥାପି କିଛି ଇସ୍‌ଲାମୀୟ ମୌଳବାଦୀ ଦଳ ପ୍ରତିଯୋଗିତା କରୁଛନ୍ତି। ଶେଖ ହସିନାଙ୍କୁ ସେଠାରେ ଭାରତର ଏଜେଣ୍ଟ ଭାବେ ବିରୋଧୀ ଉପସ୍ଥାପିତ କରୁଛନ୍ତି। ଯଦି ସେ ହାରିଯାଆନ୍ତି, ତେବେ ନୂଆ ସରକାର ଭାରତକୁ ଛାଡ଼ି ଚୀନ୍ ଆଡ଼କୁ ଢଳିବ, ଯାହା ଆମ ପାଇଁ ଚିନ୍ତାର ବିଷୟ ହୋଇପାରେ। ତଥାପି ସେ ସମ୍ଭାବନା କ୍ଷୀଣ।

ଏବେ ଦୁଇଟି ଯୁଦ୍ଧ ଘନଘଟା ଚାଲିଛି। ଗାଜାରେ ହମାସ-ଇସ୍ରାଏଲ୍ ଓ ୟୁରେସିଆରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଫଳରେ ବିଶ୍ୱଶାନ୍ତି, ସ୍ଥିରତା, ପ୍ରଗତି ପ୍ରତି ଯେଉଁ ଆହ୍ୱାନ ଆସିଛି, ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ। ଏହି ଯୁଦ୍ଧ ଦ୍ୱାରା ଆନ୍ତର୍ଜାତିକ ବାଣିଜ୍ୟ ଓ ଅର୍ଥନୀତି ବିଶେଷ ପ୍ରଭାବିତ ହୋଇଛି। ରୁଷ-ୟୁକ୍ରେନ୍ ଲଢ଼େଇ ଅସମାହିତ ଭାବେ ଶେଷ ହେବାର ଆଭାସ ମିଳିଲାଣି। ଏଥିରେ କେହି ବିଜୟୀ ହେବା ସମ୍ଭାବନା କ୍ଷୀଣ। ତେଣୁ ୨୦୨୪ର ପ୍ରଥମାର୍ଦ୍ଧରେ ଏହାର ଅପେକ୍ଷାକୃତ ଅବସାନ ଘଟିପାରେ। ସେହିଭଳି ଇସ୍ରାଏଲ୍-ହମାସ ଯୁଦ୍ଧ ଦୁଇପକ୍ଷଙ୍କୁ ଯୁଦ୍ଧ ବିରତି ପାଇଁ ବାଧ କରିବ। ରାଜନୈତିକ ଓ ଆର୍ଥିକ ଦୃଷ୍ଟିରୁ ବିଶେଷ ପ୍ରଭାବିତ ହମାସ ଅଧିକ ମାନବିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ୨୦୨୪ ପୂର୍ବାର୍ଦ୍ଧରେ ଗଳଦ୍‌ଘର୍ମ ଇସ୍ରାଏଲ୍ ସହିତ ସନ୍ଧି କରିବାକୁ ବାଧ ହୋଇପାରେ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ଅବ୍ୟାହତ ରହିବ ଓ ୨୦୨୪ରେ ଏହା ପ୍ରାୟ ୭ ଶତାଂଶ ହୋଇପାରେ। ଏହାର ସୁଯୋଗ ନେଇ ମୋଦୀ ସରକାର ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ କରିବାକୁ ବଜେଟରେ ନୂଆ ବ୍ୟବସ୍ଥା ଓ ଅଭିନବତା ଆଣିପାରନ୍ତି। ଓଡ଼ିଶା ସମେତ ଦେଶର ପ୍ରମୁଖ ରାଜ୍ୟର ଅର୍ଥନୈତିକ ବିକାଶ ପ୍ରକ୍ରିୟା ଏହି ବର୍ଷ ଅବ୍ୟାହତ ରହିବା ସହ ବିଶ୍ୱର ପ୍ରତିକୂଳ ବାଣିଜ୍ୟ ଓ ଆର୍ଥିକ ସ୍ଥିତିର ପ୍ରଭାବକୁ ଏଡ଼ାଇବାରେ ସକ୍ଷମ ହୋଇପାରେ।

ଲୋକସଭା ନିର୍ବାଚନ ସହିତ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ହରିଆଣାରେ ବିଧାନସଭା ନିର୍ବାଚନ ୨୦୨୪ରେ ହେବ। ଓଡ଼ିଶା ଓ ମହାରାଷ୍ଟ୍ରକୁ ଛାଡ଼ି ଅନ୍ୟ ତିନିଟି ପ୍ରଦେଶରେ ଶାସକ ଦଳଙ୍କୁ କ୍ଷମତା ବଜାୟ ରଖିବା କଷ୍ଟକର ହୋଇପାରେ। ବିହାରରେ ରାଜନୈତିକ ଅସ୍ଥିରତା ଓ ନୂଆ ସମୀକରଣ ଏହି ବର୍ଷ ଦେଖା ଦେବାର ସମ୍ଭାବନା ଅଧିକ। ନୀତିଶଙ୍କ ପାଇଁ ଏହା ଶେଷ ଚାଲ୍ ହୋଇପାରେ।

ସୁପ୍ରିମକୋର୍ଟରେ ଧାରା ୩୭୦ ଉଚ୍ଛେଦ କାଏମ ରହିବା ପରେ ସେ ବିବାଦର ଅବସାନ ଘଟିଛି। ତେବେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ପରେ ସେଠାରେ ଏବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇ ଜମ୍ମୁ ଓ କାଶ୍ମୀରକୁ ରାଜ୍ୟ ପାହ୍ୟା ଫେରାଇ ଦିଆଯିବାର ସମ୍ଭାବନା ଅତି ଅଧିକ। ଏଥିସହିତ କାଶ୍ମୀରରେ ଏକ ନୂଆ ପ୍ରକ୍ରିୟା ଆରମ୍ଭ ହେବ।

କରୋନା ପାଇଁ ବିଳମ୍ବିତ ହୋଇଥିବା ୨୦୨୧ର ଜନଗଣନା ଏ ବର୍ଷ ହେବାର ସମ୍ଭାବନା ଅଧିକ। ବହୁ ପ୍ରତୀକ୍ଷିତ ଏହି ଜନଗଣନା ବିଳମ୍ବିତ ହେଉଥିବାରୁ ସରକାର ସମାଲୋଚିତ ହେଉଛନ୍ତି। ତେବେ ଏଥିରେ ବିଧିବଦ୍ଧ ଜାତିଗତ ଜନଗଣନା କର ନ ଯାଇ ଏ ସଂପର୍କିତ ତଥ୍ୟାବଳୀ ପୂର୍ବବତ୍ ଚାଲିବ। ମୋଦୀ ସରକାର ନୀତିଗତ ଆଧାରରେ ଜାତିଗତ ଜନଗଣନା ଦେଶରେ କରିବେ ନାହିଁ।

୨୦୨୪ରେ ଦେଶରେ ଚାଲିଥିବା ଧାର୍ମିକ ଓ ସାଂସ୍କୃତିକ ଜାଗରଣ ବଡ଼ ପର୍ଯ୍ୟାୟ ଅତିକ୍ରମ କରିବ। ଅଯୋଧ୍ୟାର ବହୁ ପ୍ରତୀକ୍ଷିତ ଶ୍ରୀରାମ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହେବ। ଏହାଛଡ଼ା ପଶ୍ଚିମବଙ୍ଗର ଦୀଘାଠାରେ ମମତା ବାନାର୍ଜୀଙ୍କ ସରକାର ୨୨ ଏକର ଜମିରେ ନିର୍ମାଣ କରିଥିବା ୧୪୩ କୋଟି ଟଙ୍କାର ଭବ୍ୟ ଜଗନ୍ନାଥ ଧାମ ପ୍ରକଳ୍ପ ଏ ବର୍ଷ ମାର୍ଚ୍ଚରେ ଉଦ୍‌ଘାଟିତ ହେବା ସହିତ ସାଂସ୍କୃତିକ ଓ ଧାର୍ମିକ ଜାଗରଣ ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରିବ। ଅଯୋଧ୍ୟାରେ ଭାରତର ସର୍ବବୃହତ୍ ମସ୍‌ଜିଦ ନିର୍ମାଣ କାର୍ଯ୍ୟ ମଧ୍ୟ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ। ତେବେ ଏହି ପର୍ଯ୍ୟାୟରେ ଅତୀତର ତ୍ରୁଟି ସଂଶୋଧନ ପ୍ରକ୍ରିୟାରେ ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଓ କାଶୀର ଜ୍ଞାନବାପୀ ମସ୍‌ଜିଦ-ବିଶ୍ୱନାଥ ମନ୍ଦିର ବିବାଦ ଅଧିକ ଜଟିଳ ଆକାର ଧାରଣ କରିପାରେ।

ନୂଆ ଟେକ୍‌ନୋଲୋଜି ଓ ତାହାର ବିନିଯୋଗ ପ୍ରକ୍ରିୟା ୨୦୨୪ରେ ଅଧିକ ବେଗଗାମୀ ହେବ। ଭାରତ ସରକାର ଏ ଆଇନକୁ ନିୟନ୍ତ୍ରିତ କରିବା ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରିପାରନ୍ତି। ସରକାର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଉତ୍ତୋଳନ ଓ ବ୍ୟବହାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବିକଳ୍ପ ଇନ୍ଧନ (ଉର୍ଜା) ଉତ୍ପାଦନ ଓ ବ୍ୟବହାରକୁ ଅଧିକ ଗୁରୁତ୍ୱ ଦେବେ। ସାମାଜିକ ଗଣମାଧ୍ୟମ ତାହାର ବିଶ୍ୱସନୀୟତା ହ୍ରାସ ପାଇଁ ଲୋକପ୍ରିୟତା ହରାଇବ ଏବଂ ମଣିଷ ଜୀବନକୁ ଅଧିକ ସରଳ, ସହଜ କରିବାକୁ ଟେକ୍‌ନୋଲୋଜିର ପ୍ରସାର ବୃଦ୍ଧି ପାଇବ।

ନୂଆ କରୋନା ମହାମାରୀର ଭୟ ରହିଥିଲେ ମଧ୍ୟ ଏହା ପୁନର୍ବାର ଲକ୍‌ଡାଉନ୍, ସଟ୍‌ଡାଉନ୍ ଭଳି ପରିସ୍ଥିତି ସୃଷ୍ଟି କରିନପାରେ। ଓମିକ୍ରନ୍‌ର ନୂଆ ପ୍ରଜାତିର ସଂକ୍ରମଣ ଭାରତ ଓ ଓଡ଼ିଶାରେ ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ରକ୍ଷା ଭଳି କୋଭିଡ୍ ଅନୁଶାସନକୁ ଫେରାଇ ପାରେ। ପାଶ୍ଚାତ୍ୟ ଜଗତରେ ଅର୍ଥନୈତିକ ମାନ୍ଦାବସ୍ଥା, ପଶ୍ଚିମ ଏସିଆର ଅସ୍ଥିରତା ଓ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ୨୦୨୪ ବର୍ଷଟି ଭାରତ ପାଇଁ ଅଧିକ ଭଲ ଓ ଆଶାବାଦୀ ଜଣାପଡୁଛି। ସେହି ଧାରା ମଧ୍ୟ ଓଡ଼ିଶାରେ ବଳବତ୍ତର ରହିବା ସମ୍ଭାବନା ଅଧିକ।

ସମୟ ଯେପରି ନିରବଧି, ନିରନ୍ତର ବିକାଶ ପ୍ରକ୍ରିୟା ମଧ୍ୟ ସେହିଭଳି ଅବିରାମ। ଭଲ-ମନ୍ଦ ମଧ୍ୟରେ ଆଗକୁ ବଢ଼ିବାର ଧାରା ଅଟକିବା ସମ୍ଭାବନା କ୍ଷୀଣ। ନୂଆ ବର୍ଷରେ ନୂତନ ଆଶା, ନୂଆ ସଂକଳ୍ପ, ନୂଆ ଉତ୍ସାହ ମଣିଷକୁ ସକାରାତ୍ମକ ଦିଗରେ ପରିଚାଳିତ କରେ। ମନରୁ ନକାରାତ୍ମକ ବିଚାର ଦୂର ହୁଏ। ଏହି ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ନୂଆ ନିର୍ଯାସ ଇଂରାଜୀ ନୂଆବର୍ଷକୁ ସମସ୍ତଙ୍କ ପାଇଁ ଭଲ ଖବର, ଭଲ ଉପଲବ୍ଧିର ବର୍ଷ କରାଉ। ବିଶ୍ୱାସ ରହୁ ଏହି ବର୍ଷଟି ନୈରାଶ୍ୟ ଓ ନିରାନନ୍ଦ ପରିବର୍ତ୍ତେ ଆଶା ଓ ଆନନ୍ଦର ବର୍ଷ ହେଉ। ସମ୍ଭାବ୍ୟ ଝଡ଼ରେ ଆମେ ଅଭୟ ଆଶ୍ରୟ ଖୋଜି ପାଉ।

ନବବର୍ଷର ଅନେକ ଅନେକ ଶୁଭେଚ୍ଛା।

# ଉନ୍ନତ ଅଭିଳାଷ 'ନୂଆ-ଓ'

ବିନାୟକ ଦାଶ
ସାନଖେମୁଣ୍ଡି, ମୋ: ୯୪୩୯୬୮୪୧୧୧



ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ରାଜ୍ୟରେ ଏକ ପ୍ରମୁଖ ମହତ୍ତ୍ୱପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ ହେଉଛି, ଯାହା 'ନୂଆ-ଓ' ନାମରେ ବିପୁଳ ଆଦୃତ ହେଉଛି ଓ ଲୋକପ୍ରିୟତା ହାସଲ କରିଛି। ଏହି କାର୍ଯ୍ୟକ୍ରମ ଏବେ ସମଗ୍ର ଓଡ଼ିଶାର କୋଣ ଅନୁକୋଣରେ ପରିବ୍ୟାପ୍ତ ହୋଇ ଏକ ସାମାଜିକ ଓ ଯୁବ ଦକ୍ଷତା ବିକାଶ ଆନ୍ଦୋଳନରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ସରକାର ଶାସନ ଆରମ୍ଭରୁ ଯେଉଁ କେତୋଟି ଯୋଜନା ସମାଜର ବିଭିନ୍ନ ବର୍ଗଙ୍କୁ ଅତିମାତ୍ରାରେ ଛୁଇଁପାରିଛି ସେଥିମଧ୍ୟରେ ଏହି 'ନୂଆ-ଓ' ଅନ୍ୟତମ। ରାଜ୍ୟ ସରକାରଙ୍କ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଅଧୀନରେ କାର୍ଯ୍ୟକାରୀ ହେଉଥିବା ଏହି 'ନୂଆ-ଓ'ର ଲକ୍ଷ୍ୟ ଓ ପ୍ରଭାବ ସୁଦୂରପ୍ରସାରୀ।

ଏବେ ସମଗ୍ର ବିଶ୍ୱରେ ଭାରତ ସର୍ବବୃହତ୍ ଯୁବବର୍ଗର ଦେଶ। ଅନୁରୂପ ଭାବେ ଓଡ଼ିଶାରେ ମଧ୍ୟ ଏକ ସର୍ବଶ୍ରେଷ୍ଠ ଯୁବସମ୍ବଳ ଅଛି। ଏକ ସମୃଦ୍ଧିଶାଳୀ ଓଡ଼ିଶା ଗଠନରେ ଯୁବ ସମ୍ବଳର ସଠିକ୍ ବିନିଯୋଗ ଅପରିହାର୍ଯ୍ୟ। ଆଗାମୀ ଦିନର ବିକଶିତ ଓଡ଼ିଶାରେ ଯୁବ ଓ ଛାତ୍ରମାନଙ୍କର ଯେତିକି ଭୂମିକା ରହିଛି, ସେମାନଙ୍କ ପାଇଁ ଦକ୍ଷତା ପ୍ରଦର୍ଶନ କରିବାର ତା'ଠାରୁ ଅଧିକ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଆବଶ୍ୟକତା ଗୁରୁତ୍ୱର ସହ ଚିନ୍ତା କରିଛନ୍ତି ଏବଂ ସମ୍ଭାବନାକୁ ଉପଲବ୍ଧି ମଧ୍ୟ କରିପାରିଛନ୍ତି। ତେଣୁ ଦୂରଦ୍ରଷ୍ଟା ମୁଖ୍ୟମନ୍ତ୍ରୀଙ୍କ ଚିନ୍ତା ଓ ଚେତନାରୁ ସୃଷ୍ଟି ହୋଇଛି 'ନୂଆ-ଓ' କାର୍ଯ୍ୟକ୍ରମର ପରିକଳ୍ପନା।

ଏହି ଯୋଜନା ଅଧୀନରେ ନିର୍ଦ୍ଧାରିତ ମାର୍ଗଦର୍ଶିକା ଆଧାରରେ ରାଜ୍ୟର ସମସ୍ତ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କ ଦକ୍ଷତା ପ୍ରତିପାଦନ କରୁଛନ୍ତି। ଓଡ଼ିଶାରେ ଓ ଭାରତବର୍ଷରେ ପୂର୍ବରୁ ମଧ୍ୟ ଅନେକ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। କିନ୍ତୁ କ୍ରୀଡ଼ାକୁ ସଂସ୍କୃତିରେ ପରିଣତ କରି ସାମାଜ ସେବା ସହିତ ଗୋଟିଏ ବୃତ୍ତ ମଧ୍ୟରେ ରଖି ଯୋଜନା ପ୍ରଣୟନ କରିବା, ସେଥିପାଇଁ ବଜେଟ୍ ବ୍ୟବସ୍ଥା କରିବା, ଯୋଜନାକୁ '୫-ଟି' ମାଧ୍ୟମରେ ରୂପାୟନ କରିବାର ଅଭିନବ ସୁନ୍ଦର ପରିକଳ୍ପନା ନିଶ୍ଚିତ ଭାବେ ଅଭିନବ ଓ ଅଭିନନ୍ଦନୀୟ।

ଛାତ୍ରଛାତ୍ରୀଙ୍କ ସାମୂହିକ ବିକାଶ ନିମିତ୍ତ ପାଠପଢ଼ା ସହିତ କ୍ରୀଡ଼ା ସଂସ୍କୃତି ଓ ସମାଜସେବା ଭଳି କ୍ଷେତ୍ରରେ ଦକ୍ଷତା ଅପରିହାର୍ଯ୍ୟ। ଯୁଗେ ଯୁଗେ ଯୁବ ଓ ଛାତ୍ରଶକ୍ତି ହିଁ ଦେଶ ଓ ଜାତିର ପରିବର୍ତ୍ତନର ନେତୃତ୍ୱ ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମ ସହ ଶୋଷଣ କଷଣ କୁସଂସ୍କାର ବିଲୋପ, ଜରୁରିକାଳୀନ ସଙ୍କଟ, ପ୍ରାକୃତିକ ଦୁର୍ବିପାକ ପରବର୍ତ୍ତୀ ଉଦ୍ଧାର ଓ ସହାୟତା ଆଦି କ୍ଷେତ୍ରରେ ଦେଶ ଓ ଜାତିର ଭାଗ୍ୟ ପରିବର୍ତ୍ତନରେ ଯୁବ ଓ ଛାତ୍ରଶକ୍ତି ହିଁ ଅପୂର୍ବ ସାହସିକତା ପ୍ରଦର୍ଶନ ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଛନ୍ତି। ସେହି ଆଧାରରେ ଅଗଣିତ ଯୁବଛାତ୍ରଙ୍କୁ ଦୃଷ୍ଟିରେ ରଖି ଶିକ୍ଷା ସହ ସମାଜର ତିନୋଟି ପ୍ରମୁଖ ଅଙ୍ଗ କ୍ରୀଡ଼ା, ସଂସ୍କୃତି ଓ ସମାଜସେବାର ସମ୍ମିଶ୍ରଣରେ ଯୁବ ଓଡ଼ିଶା ନବୀନ ଓଡ଼ିଶାର ପରିକଳ୍ପନା କରାଯାଇଛି। ଶିକ୍ଷାର ପରିସର ବାହାରକୁ ଯାଇ ଛାତ୍ରଛାତ୍ରୀମାନେ ସେମାନଙ୍କ ଦକ୍ଷତା ପ୍ରତିପାଦନ କରିବାର ଏକ ଭିନ୍ନ ସ୍ୱତନ୍ତ୍ର ମଞ୍ଚ ତିଆରି କରିଛି 'ନୂଆ-ଓ'।

ଗୁଣାତ୍ମକ ଶିକ୍ଷା ଜଣେ ବ୍ୟକ୍ତିର ମାନସିକତାକୁ ପରିମାର୍ଜିତ କରିପାରିବ, କିନ୍ତୁ ତାହା ସମସ୍ତଙ୍କ କ୍ଷେତ୍ରରେ ସମ୍ଭବ ନୁହେଁ। ପାଠ ସହ ଅନ୍ୟାନ୍ୟ ପ୍ରତିଭା ଓ ଦକ୍ଷତା ବିକାଶ ଓ ତାହାର ସଠିକ୍ ପରିସ୍ଫୁଟନ କରିବା ଏକ ଜନମଙ୍ଗଳ ରାଜ୍ୟ ସରକାରଙ୍କ ପ୍ରମୁଖ ଆହ୍ୱାନ। ତେଣୁ ଓଡ଼ିଶାର ପୁରପଲ୍ଲୀରେ ଲୁଚି ରହିଥିବା କ୍ରୀଡ଼ା ପ୍ରତିଭାଙ୍କୁ ସଠିକ୍ ସନ୍ଧାନ କରିବା ଓ ସେମାନଙ୍କ ମହକକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ଭଳି ମାନସିକତା ଜଣେ ଦୂରଦର୍ଶୀ ନେତୃତ୍ୱ ହିଁ ନେଇପାରନ୍ତି, ଯାହା ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସାରା ଓଡ଼ିଶା ଏହାକୁ ଏବେ ସ୍ୱୀକାର ଓ ଆଦର ମଧ୍ୟ କରୁଛି। 'ନୂଆ-ଓ' ଏହାର ଏକ ପ୍ରକୃଷ୍ଟ ଉଦାହରଣ।

ଆମ ସଂସ୍କୃତି ହିଁ ଆମ ଶ୍ରେଷ୍ଠ ପରିଚୟ। ଆମ ଐତିହ୍ୟ, ପରମ୍ପରା, କଳା, ସ୍ଥାପତ୍ୟ ଅନନ୍ୟ ଏବଂ ଗୌରବଶାଳୀ। ଓଡ଼ିଶାର ଜଗନ୍ନାଥ ଦର୍ଶନ ଅନନ୍ୟ ଓ ଅଦ୍ଭୁତ। କଳିଙ୍ଗର ସ୍ଥାପତ୍ୟ, ନୌବାଣିଜ୍ୟ ପରମ୍ପରା, ଆଦିବାସୀ ସଂସ୍କୃତି ବିଶ୍ୱରେ ବିରଳ। ଆମ ସଂସ୍କୃତିକୁ ଛାଡ଼ିଦେଲେ ଆମ ଆତ୍ମା ଓ ଶରୀର ଶ୍ରୀହୀନ ହୋଇ ପଡ଼ିବ। ତେଣୁ ଅତୀତରୁ ଅଦ୍ୟାବଧି ଉତ୍କଳୀୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରାକୁ ଅବ୍ୟାହତ ରଖିବାକୁ ହେବ। ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀରୁ ଆରମ୍ଭ କରି ରଣପା, ସମ୍ବଲପୁରୀ, କଣ୍ଢେଇନାଚ, ପ୍ରହଲ୍ଲାଦ ନାଟକ, ଭାରତଲୀଳା, ରାମଲୀଳା, ଭୁଡୁକୀ ଭଳି ଲୋକନୃତ୍ୟ ମଧ୍ୟ ଆମ ସଂସ୍କୃତିକୁ ଗୌରବ ଦେଇଛି। ଆମ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ଅନ୍ୟଦିଗରେ ଏବେ ବି ଆମ ଓଡ଼ିଶାର ବିକାଶ ପାଇଁ ସାମାଜିକ ଅଙ୍ଗୀକାରବଦ୍ଧତାର ଅଭାବ ପରିଲକ୍ଷିତ ହେଉଛି। ଯୌତୁକ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ, ନାରୀ ଶିକ୍ଷାର ଅଧିକ ପ୍ରଚାର, ପ୍ରସାର, ବ୍ୟାପକ ବନୀକରଣ, ପରିବେଶ ଓ ସଡ଼କ ସୁରକ୍ଷା, କନ୍ୟା ଭ୍ରୂଣ ହତ୍ୟା ସମସ୍ୟାର ନିରାକରଣ, ବାଲ୍ୟ ବିବାହର ଅପକାରିତା ବିରୋଧରେ ବ୍ୟାପକ ସଚେତନତା ଆଦି କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଆଶାନୁରୂପ ସଫଳତା ଆମେ ପାଇପାରିନାହୁଁ। ତେଣୁ ଏ କ୍ଷେତ୍ରରେ ଛାତ୍ର ଓ ଯୁବ ଶକ୍ତିର ଅନେକ ଆବଶ୍ୟକତା ରହିଛି।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ସୁଦୂରପ୍ରସାରୀ ଯୋଜନା 'ନୂଆ-ଓ' ଶିକ୍ଷା ଓ ଶିକ୍ଷାୟତନର ପାରିପାର୍ଶ୍ୱିକ ବିକାଶ ସହ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଦିଗରେ ଅଭୂତପୂର୍ବ ପରିବର୍ତ୍ତନ ଆଣିବ ଏହା ନିଃସନ୍ଦେହ। ରାଜ୍ୟର ଯୁବ-ଛାତ୍ର ପିଢ଼ି ଉନ୍ନତ ତଥା ନୂତନ ଅଭିଳାଷ ନେଇ 'ନୂଆ-ଓ' ମାଧ୍ୟମରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଗଠନ ନିଜର ସର୍ବୋତ୍କୃଷ୍ଟ ସମୟକୁ ସମର୍ପିତ କରିପାରିବେ। ଏଥିସହିତ ଉତ୍ତରପିଢ଼ି ପାଇଁ କ୍ରୀଡ଼ା ଓ ସମାଜସେବା କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସୃଷ୍ଟି କରିବେ।

## ଅବଶିଷ୍ଟାଂଶ...

### ଆଜି 'ମେଟ୍ରୋ'...

ବସ ଷ୍ଟାଣ୍ଡ ମଧ୍ୟ ନିର୍ମାଣ କରାଯାଉଛି। ଏହାକୁ ଆହୁରି ସମ୍ପ୍ରସାରିତ କରାଯାଇ ମେଟ୍ରୋ ଷ୍ଟେସନ ସହିତ ସମନ୍ୱିତ କରାଯାଇ ଏକକ ରହଣି ସ୍ଥଳ ଭାବରେ ବିକଶିତ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଆକାଂକ୍ଷୀ ଓଡ଼ିଶା ପାଇଁ ଏକ ବିଶ୍ୱ ସ୍ତରୀୟ ସହରାଞ୍ଚଳ ଗମନାଗମନ ବ୍ୟବସ୍ଥାର ବିକାଶ ଲକ୍ଷ୍ୟ ହାସଲରେ ଏହି ପ୍ରକଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରିବ ।

ଏଥିପାଇଁ ପ୍ରସ୍ତୁତ ଡିପିଆର୍‌କୁ ଅନୁମୋଦନ ମିଳିସାରିଥିବା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା, ପୁରୀ ଓ କଟକ ସହରରେ ମେଟ୍ରୋ ରେଳ ସମ୍ପ୍ରସାରିତ କରିବା ପାଇଁ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ଜରିଆରେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ସୋମବାର ତ୍ରିଶୁଳିଆ ଛକ ସ୍ଥିତ ରତାଗଡ଼ ଲେଙ୍କାସାହି ନିକଟରେ ମୁଖ୍ୟମନ୍ତ୍ରୀ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ ସହ ଏକ ସମାବେଶରେ ଉଦ୍‌ବୋଧନ ଦେବେ । ଏହି ଅବସରରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ନେଇ ପ୍ରସ୍ତୁତ ଏକ କ୍ଷୁଦ୍ର ବୃତ୍ତଚିତ୍ରକୁ କାର୍ଯ୍ୟକ୍ରମ ସ୍ଥଳରେ ପ୍ରଦର୍ଶିତ କରାଯିବ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଓ କଟକ ମେୟର ସୁବାଷ ସିଂ ଧନ୍ୟବାଦ ଦେବେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଶହେ କୋଶ...

ସେମାନଙ୍କ ଚେହେରା କିଏ ହେବ ତାହାକୁ ନେଇ ବିରୋଧୀ ଏବେ ବି ସନ୍ଦିହାନ। ଭୟଙ୍କର ଅନ୍ତଃକନ୍ଦଳ ଉଭୟ ଦଳକୁ ଭୟଙ୍କର ଭାବରେ କ୍ଷତିଗ୍ରସ୍ତ କରିଛି। ଯାହା ଫଳରେ ବିରୋଧୀଙ୍କ କାର୍ଯ୍ୟକ୍ରମ, ସମାବେଶ, ବିକ୍ଷୋଭ ସାଧାରଣ ଲୋକଙ୍କ ସମର୍ଥନ ପାଉନାହିଁ କିମ୍ବା ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିପାରୁନାହିଁ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିରୋଧୀଙ୍କୁ ଗୋଟିଏ ପରେ ଗୋଟିଏ ଝଟ୍‌କା ଦେଉଥିବା ବିରୋଧୀଙ୍କ ପାଖରେ ଏହାକୁ ପ୍ରତିହତ କରିବା ପାଇଁ ନା ଅଛି ଅସ୍ତ୍ର, ନା ଅଛି ଦକ୍ଷତା। ଏହି ପରିପ୍ରେକ୍ଷୀରେ ନୂଆବର୍ଷ ପରଠାରୁ ଶାସକ ଦଳ ବିଜେଡି ନିଜର ରାଜନୈତିକ ଗତିବିଧିକୁ ଦ୍ୱିଗୁଣିତ କରିବାକୁ ଯାଉଛି। ପ୍ରଶିକ୍ଷିତ କର୍ମୀମାନେ ନିଜ ଅଞ୍ଚଳରେ ଛାମୁଆ କର୍ମୀମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଇଛନ୍ତି । ବିରୋଧୀ ପ୍ରତି ବୁଥ୍‌ରୁ ୫୦% ଭୋଟ ସଂଗ୍ରହ ଲକ୍ଷ୍ୟ ରଖିଥିବାବେଳେ ବିଜେଡି ପ୍ରତି ବୁଥ୍‌ରୁ ୧୦୦% ଭୋଟ ହାତେଇବାକୁ ରଣନୀତି ପ୍ରସ୍ତୁତ କରି ସାରିଛି ।

### ଡିଜିପି ଦାୟିତ୍ୱ ନେଲେ...

ସମୟ ସୀମା ମଧ୍ୟରେ ସମସ୍ତଙ୍କ ସହଯୋଗରେ ନିଜର ଦାୟିତ୍ୱ ସୂଚାରୁ ଭାବେ ନିର୍ବାହ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅପରାଧ ନିରାକରଣ, ଅପରାଧ ଅନୁସନ୍ଧାନ ଏବଂ ଆଇନ ଶୃଙ୍ଖଳା କ୍ଷେତ୍ରରେ ଯେମିତି କୌଣସି ଉଦାସୀନତା ଦେଖାନଯିବ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବି ବୋଲି ପ୍ରତିକ୍ରିୟା ରଖିବା ସହିତ ସାଧାରଣ ଲୋକଙ୍କୁ ଗୁଣାତ୍ମକ ପୁଲିସ ସେବା ଯୋଗାଇଦେବା ସହ ସମାଜକୁ ଅପରାଧ ମୁକ୍ତ, ଅପରାଧ ଦମନ ଏବଂ ସଶକ୍ତ ସମାଜ ଗଠନ ଉପରେ ଡିଜିପି ଶ୍ରୀ ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ।

ସୂଚନାଯୋଗ୍ୟ ଯେ ୧୯୯୦ ବ୍ୟାଚର ଆଇପିଏସ୍ ଅଧିକାରୀ ଶ୍ରୀ ଷଡଙ୍ଗୀ ବଲାଙ୍ଗୀରଜିଲ୍ଲାର ମୂଳବାସିନ୍ଦା। ତାଙ୍କ ଚାକିରି କାଳ ମଧ୍ୟରେ ସେ ରାୟଗଡ଼ା, ଜଗତସିଂହପୁର, ବ୍ରହ୍ମପୁର, କଟକ (ରେଲୱେ), ଏଟିସି (ଏନଫୋର୍ସମେଣ୍ଟ), କୋରାପୁଟ, ଖୋର୍ଦ୍ଧା, ରାଉରକେଲା, କ୍ରାଇମବ୍ରାଞ୍ଚର ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରେ ଡିଆଇଜିଭାବେ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ (ତାଳଚେର), ଅପରେସନ(ଭୁବନେଶ୍ୱର), ଆଇନ ଓ ଶୃଙ୍ଖଳା, କଟକ ଠାରେ କାର୍ଯ୍ୟ କରିଥିଲେ। ସେହିପରି ଆଇଜିପି (ଆଇନ ଓ ଶୃଙ୍ଖଳା), କଟକ ସମେତ ବିପିଏସପିଏ, ଭୁବନେଶ୍ୱରର ଅତିରିକ୍ତ ଦାୟିତ୍ୱ ତୁଲାଇ ଥିଲେ। ବିପିଏସ୍‌ପିଏର ଆଇଜିପି (ଟ୍ରେନିଂ), ଆଇଜିପି (ଅପରେସନ), (ଗୁଇନ୍ଦା), ଭିଜିଲାନ୍ସ ଭାବେ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସଫଳତାର ସହ କାର୍ଯ୍ୟ କରିଥିଲେ। ଏହାପରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଗୁଇନ୍ଦା) ଏବଂ ନିର୍ଦ୍ଦେଶକ (ବିପିଏସପିଏ), ଭୁବନେଶ୍ୱରରେ କାର୍ଯ୍ୟ କରିଥିଲେ। ତାଙ୍କର ସ୍ୱତନ୍ତ୍ର ଆରକ୍ଷୀ ମହାନିର୍ଦ୍ଦେଶକ ପଦବୀକୁ ପଦୋନ୍ନତି ହୋଇଥିଲା। ଏବେ ମଧ୍ୟ ସେଠାରେ ସେ ନିର୍ଦ୍ଦେଶକ (ବିପିଏସପିଏ) ଭାବେ କାର୍ଯ୍ୟରତ ଅଛନ୍ତି। ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ସମୟରେ ରାଜ୍ୟ ପୁଲିସର ବହୁ ବରିଷ୍ଠ ପୁଲିସ ଅଧିକାରୀ ଓ ପୁଲିସ ମୁଖ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପ୍ରାକ୍ତନ ଡିଜିପି ସୁନୀଲ୍ କୁମାର ବଂଶଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

### 'ନବୀନ' ଓଡ଼ିଶାର...

ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଆଜି ପରିକ୍ରମା ପ୍ରକଳ୍ପ ବାସ୍ତବ ରୂପ ନେବାକୁ ଯାଉଛି। କେବଳ ପୁରୀ ନୁହେଁ, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ସମଲେଇ ମନ୍ଦିର, ଘଟଗାଁ ତାରିଣୀ ମନ୍ଦିର, ଗଞ୍ଜାମର ତାରାତାରିଣୀ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ବରଗଡର ନୃସିଂହନାଥ ମନ୍ଦିର, ବଲାଙ୍ଗୀରର ହରିଶଙ୍କର ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର ସମେତ ବିଭିନ୍ନ ଚର୍ଚ୍ଚ ଓ ମସଜିଦ ଆଦି ଧାର୍ମିକ ସ୍ଥଳୀଗୁଡ଼ିକର ରୂପାନ୍ତରଣ କାର୍ଯ୍ୟ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଛି। ଏସବୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ବେଳେ ତାଙ୍କ ନିଷ୍ଠାପରତାକୁ ଦେଖି ସାରା ରାଜ୍ୟବାସୀ ଅଭିଭୂତ ହୋଇଛନ୍ତି।

ରାଜ୍ୟର ସ୍କୁଲ ଓ ହସ୍ପିଟାଲ୍ ରୂପାନ୍ତରଣର କାର୍ଯ୍ୟ ମଧ୍ୟ ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାରି ରହିଛି। ୮ ହଜାରରୁ ଅଧିକ ହାଇସ୍କୁଲର ଭିତ୍ତିଭୂମି ନିର୍ମାଣ ସାଙ୍ଗକୁ କଟକର ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଏମ୍ସ ପ୍ଲସ ଭାବେ ଗଢ଼ିତୋଳିବାର ସର୍ବାଧିକ ଶ୍ରେୟ ତାଙ୍କୁ ହିଁ ଯାଇଥାଏ। ସେହିପରି ପରିବହନ କ୍ଷେତ୍ରରେ 'ମୋ ବସ୍', 'ଲକ୍ଷ୍ମୀ' ପରେ ରାଜ୍ୟବାସୀଙ୍କ ମେଟ୍ରୋ ସ୍ୱପ୍ନକୁ ସାକାର କରିବାରେ ଶ୍ରୀ ପାଣ୍ଡିଆନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାକୁ କ୍ରୀଡ଼ା ହବ୍ କରି ବିଶ୍ୱରେ ପରିଚିତ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ସଠିକ୍ ପାଳନ କରିବାରେ ପାଣ୍ଡିଆନଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ଜାତୀୟ ହକି ଦଳର ପ୍ରାୟୋଜକ ହୋଇ ଓଡ଼ିଶା ବିଶ୍ୱ କ୍ରୀଡା ମାନଚିତ୍ରରେ ନିଜର ନାମକୁ ଉଜ୍ଜ୍ୱଳ କରିବା ସହ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଏବଂ ଭୁବନେଶ୍ୱରରେ ଦକ୍ଷିଣ ଏସିଆର ସବୁଠାରୁ ବଡ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପଛରେ ତାଙ୍କର ଦୂରଦୃଷ୍ଟି ହିଁ ରହିଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚଳିତ ବର୍ଷ ମାର୍ଚ୍ଚରୁ ଶ୍ରୀ ପାଣ୍ଡିଆନ ସାରା ରାଜ୍ୟ ଗସ୍ତ କରି ଲୋକଙ୍କଠାରୁ ଅଭିଯୋଗ ସଂଗ୍ରହ କରିବା ସହ ଏହାର ତ୍ୱରିତ୍ ସମାଧାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଲୋକଙ୍କ ପାଖକୁ ଆସି ଅଭିଯୋଗ ଗ୍ରହଣ କରିବା ଏବଂ ଏହାର ତ୍ୱରିତ୍ ସମାଧାନ କରିବା ରାଜ୍ୟ ପ୍ରଶାସନିକ ଇତିହାସରେ ବିରଳ ବୋଲି ସାଧାରଣ ଲୋକମାନେ ମତବ୍ୟକ୍ତ କରନ୍ତି।

ରାଜ୍ୟ ପ୍ରଶାସନରେ '୫-ଟି' ଓ 'ମୋ ସରକାର' ପଛରେ ରହିଛି ତାଙ୍କର ଦୂରଦୃଷ୍ଟି। ଏକ ଜନକୈନ୍ଦ୍ରୀକ, ପ୍ରଭାବୀ ଓ ଦୁର୍ନୀତିମୁକ୍ତ ଶାସନ ଦେବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି। ଗତ ଅକ୍ଟୋବର ୨୩ ରେ ଶ୍ରୀ ପାଣ୍ଡିଆନ୍ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ୫-ଟି ଏବଂ 'ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଅଧ୍ୟକ୍ଷ ନିଯୁକ୍ତି କରିଛନ୍ତି । ଏହି ନୂଆ ଭୂମିକାରେ ସେ ଅଧିକ ସକ୍ରିୟ ହୋଇଛନ୍ତି । ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା ପାଇଁ ଇତିମଧ୍ୟରେ ପୁଣି ଥରେ ଜିଲ୍ଲା ଗସ୍ତ ଆରମ୍ଭ ସମସ୍ୟାର ତ୍ୱରିତ୍ ସମାଧାନ କରୁଛନ୍ତି। ରାଜ୍ୟ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ସାରଥି ସାଜିଥିବା କାର୍ତ୍ତିକ ପାଣ୍ଡିଆନ୍ ଏବେ ସ୍ୱାଭାବିକ ଭାବେ ବିରୋଧୀ ଦଳଙ୍କ ମୁଖ୍ୟ ଟାର୍ଗେଟ୍‌ରେ ରହିଛନ୍ତି। ଯେତେ ଯେତେ ଭଲ କାମ କରୁଛନ୍ତି, ସେହି ପରିମାଣରେ ବିରୋଧୀ ତାଙ୍କ ପ୍ରତି ଅଧିକ ଆକ୍ରମଣାତ୍ମକ ହୋଇ ପଡୁଛନ୍ତି। କୌତୂହଳର ବିଷୟ ହେଉଛି ବିରୋଧୀଙ୍କ ତମାମ୍ ବ୍ୟକ୍ତିଗତ ଆକ୍ରମଣ ଓ ଅସହିଷ୍ଣୁତା ଶ୍ରୀ ପାଣ୍ଡିଆନଙ୍କ ଛବିକୁ କରିଛି ଆହୁରି ଜାଜ୍ଜ୍ୱଲ୍ୟମାନ। ସାଧାରଣ ଲୋକଙ୍କ ମଧ୍ୟରେ ପାଣ୍ଡିଆନଙ୍କ ପ୍ରତି ବଢୁଛି ବେଶୀ ଆକର୍ଷଣ। ଏହି ପରିପ୍ରେକ୍ଷୀରେ ୨୦୨୩ର ସର୍ବାଧିକ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଶ୍ରୀ ପାଣ୍ଡିଆନ ଆଗାମୀ ୨୦୨୪ ନିର୍ବାଚନ ବର୍ଷରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି ।

### ପ୍ରତି ଜିଲ୍ଲାରେ...

ସେଣ୍ଟରରେ ମେଡିସିନ୍ ଅବା ହୃଦରୋଗ ବିଶେଷଜ୍ଞ ଉପସ୍ଥିତ ରହିବେ ଏବଂ ଆବଶ୍ୟକ ହେଲେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପରାମର୍ଶ ଦେବେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଇସିଜି ବ୍ୟବସ୍ଥା ସହିତ ଚେଷ୍ଟ ପେନ୍ କ୍ଲିନିକ୍ ବ୍ୟବସ୍ଥା ହେଉଛି। ଏମ୍‌ଡି, ମେଡିସିନ୍/ଏମ୍‌ବିବିଏସ୍ ଡାକ୍ତର, ଇସିଜି ଟେକ୍ନିସିଆନ୍ ଏବଂ ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତ କରାଯିବ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଉପକରଣ, ଜରୁରୀକାଳୀନ ଔଷଧ ମହଜୁଦ ରଖିବା ସହିତ ଥ୍ରୋମ୍ବୋଲିସିସ୍ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଇସିଜି ବ୍ୟବସ୍ଥା ସହିତ ଚେଷ୍ଟ ପେନ୍ କ୍ଲିନିକ୍ ରହିବ। ଏଥିସହ କ୍ୟାଥ୍ ଲ୍ୟାବ୍, କ୍ରିଟିକାଲ କେୟାର ୟୁନିଟ୍ (ସିସିୟୁ) ଆଦି ରହିବ । ହୃଦ ରୋଗର ନିଦାନ ଏବଂ ଚିକିତ୍ସା ପାଇଁ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଡାକ୍ତର ଏବଂ ମେଡିକାଲ ଅଫିସରମାନଙ୍କୁ ଇ-ସଞ୍ଜିବନୀ ପୋର୍ଟାଲ ମାଧ୍ୟମରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ଦକ୍ଷତା ବୃଦ୍ଧି ଲାଗି ମୁଖ୍ୟତଃ ଏମ୍ସ୍ କିମ୍ବା ତତୁଲ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସହାୟତା ନିଆଯିବ। ରୋଗୀଙ୍କ ସୁବିଧା ପାଇଁ ରାଜ୍ୟ ଅବା ଜିଲ୍ଲାସ୍ତରରେ ଏକ ୨୪ ଘଣ୍ଟିଆ ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ ଓ ଆବଶ୍ୟକସ୍ଥଳେ ସରକାରୀ ଘରୋଇ ଭାଗିଦାରୀ (ପିପିପି) ମୋଡ୍‌ରେ ସେବା ପ୍ରଦାନକାରୀ ସଂସ୍ଥାକୁ ନିଯୁକ୍ତ କରାଯାଇ ପାରିବ। ଯଦି ଜିଲ୍ଲା, ସବ୍ ଡିଭିଜନ୍ ଅବା ସିଏଚ୍‌ସି ସ୍ତରରେ ଚିକିତ୍ସା ସମ୍ଭବ ନ ହୁଏ ତା ହେଲେ ସମ୍ପୃକ୍ତ ରୋଗୀଙ୍କୁ ନିକଟସ୍ଥ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ସମ୍ପୃକ୍ତ ଡାକ୍ତର/ମେଡିକାଲ ଅଫିସର ପଦକ୍ଷେପ ନେବେ। ରୋଗୀଙ୍କ ପରିବହନ ପାଇଁ ୧୦୮ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଗୁରୁତର ରୋଗୀଙ୍କ ପାଇଁ ଜୀବନ ରକ୍ଷାକାରୀ ସୁବିଧା ଥିବା ଆମ୍ବୁଲାନ୍ସ ବ୍ୟବହାର କରାଯିବ ଏବଂ ସେଥିରେ ଜଣେ ପ୍ରଶିକ୍ଷିତ ଫାର୍ମାସିଷ୍ଟ ରହିବେ। ସେହିପରି ୧୦୪ ସ୍ୱାସ୍ଥ୍ୟ ହେଲ୍ପ ଲାଇନ୍ ନମ୍ବରକୁ ମଧ୍ୟ ହୃଦରୋଗ ସେବା ସହିତ ସଂଯୋଗ କରାଯାଇ ପାରିବ।

### ବାୟୋଟେକ୍ନୋଲୋଜିରେ ଉତ୍କର୍ଷ...

ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ରେ ହୋଇଥିବା ବୁଝାମଣା ଅନୁସାରେ ରାଜ୍ୟକୁ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ୧୨୫୦ କୋଟି ଟଙ୍କାର ପୁଞ୍ଜି ଆସିବ ଆଉ ୮ ହଜାର ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା ସରକାର ନା କେବଳ ନୂଆ କମ୍ପାନୀ ଆଣୁଛନ୍ତି ବରଂ ରାଜ୍ୟରେ ବାୟୋ ଟେକ୍ନୋଲୋଜି ଷ୍ଟାର୍ଟଅପ୍‌କୁ ମଧ୍ୟ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ଦକ୍ଷତା ବିକାଶକୁ ବି ସରକାର ପ୍ରାଧାନ୍ୟ ଦେଉଛନ୍ତି। ଯଦ୍ୱାରା ଓଡ଼ିଶାର ପ୍ରତିଭାବାନ୍ ଯୁବକ ଯୁବତୀ ନିଜେ ଜଣେ ଜଣେ ସଫଳ ଉଦ୍ୟୋଗୀ ହୋଇପାରିବେ। ମେକ୍ ଇନ୍ ଓଡ଼ିଶାରେ ହୁୱେଲ ଲାଇଫ୍ ସାଇନ୍ସ ୫୦ କୋଟି, କ୍ରପ୍‌ଗିନି ୫୦୦ କୋଟି ଟଙ୍କା ବିନିଯୋଗ କରିବେ। ଓଡ଼ିଶାରେ ୪୮୦ କିମି ସୁଦୀର୍ଘ ବେଳାଭୂମି ସମେତ ଚିଲିକା, ଶିମିଳିପାଳ, ମେହନ୍ଦ୍ରଗିରି ଭଳି ଉତ୍କୃଷ୍ଟ ଜୈବ ବିବିଧତାରେ ପରିପୂର୍ଣ୍ଣ ଅଞ୍ଚଳ ରହିଛି। ସ୍ୱାସ୍ଥ୍ୟ ଓ ଖାଦ୍ୟ ସମ୍ପର୍କିତ ବହୁ ଆହ୍ୱାନର ସମାଧାନ ଦିଗରେ ବାୟୋ ଟେକ୍ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। କିଟ୍ ଓ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ବାୟୋଟେକ୍ନୋଲୋଜି କ୍ଷେତ୍ରରେ ନିଜର ଦକ୍ଷତା ସାବ୍ୟସ୍ତ କରିଛନ୍ତି। ଏପରିସ୍ଥଳେ ରାଜ୍ୟରେ ବାୟୋ ଟେକ୍ନୋଲୋଜି ନୂଆ ସଫଳତା ପାଇବ ବୋଲି ଆଶା କରାଯାଉଛି।

### ଦଣ୍ଡବିଧାନ ହାର...

୭୨୦ ଟଙ୍କା ଜବତ କରାଯାଇଥିଲା। ୨୦୨୨ ମାର୍ଚ୍ଚ ମାସରେ ୧କୋଟି ୪୦ ହଜାର୧୮ ହଜାର ୭୦ ଟଙ୍କା ଜବତ ହୋଇଥିଲା। ୨୦୨୩ ମାର୍ଚ୍ଚ ମାସରେ ୧କୋଟି ୬୪ଲକ୍ଷ ଟଙ୍କା ଜବତ କରାଯାଇଛି।

ଅନ୍ୟପକ୍ଷରେ ଆୟ ବର୍ହିଭୂତ ସମ୍ପତ୍ତି ମାମଲାରେ ସ୍ୱାମୀଙ୍କୁ ଦୁର୍ନୀତି କରିବାକୁ ପ୍ରୋତ୍ସାହନ ଦେଉଥିବା ୩୬ ପତ୍ନୀଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ଲାଞ୍ଚ ଟଙ୍କା ନେଇ ଯାଉଥିବା ବେଳେ ୭ଜଣ ସରକାରୀ କର୍ମଚାରୀ ଧରାପଡ଼ିଛନ୍ତି। ସେଥିରୁ ୪ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଥିବା ବେଳେ ୩ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି। ୨୦୨୩ ମସିହାରେ ଲାଞ୍ଚ କାରବାର ମାମଲାରେ ସର୍ବାଧିକ ଲାଞ୍ଚ ଟଙ୍କା ଜବତ କରାଯାଇଛି। ୯୮ଟି ଲାଞ୍ଚ ମାମଲା ରୁଜୁ କରାଯାଇଥିବା ବେଳେ ସେଥିରୁ ୧୦୯ ସରକାରୀ କର୍ମଚାରୀ, ୧୪ଜଣ ବେସରକାରୀ କର୍ମଚାରୀ ଅଛନ୍ତି। ସେଥିରେ ୮ଜଣ ପ୍ରଥମ ଶ୍ରେଣୀ କର୍ମଚାରୀ ଥିବା ବେଳେ ୧୫ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି। ୭୫ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଓ ୪ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନାମରେ ମାମଲା ରୁଜୁ ହୋଇଛି ଏବଂ ସେମାନଙ୍କ ଠାରୁ ସର୍ବାଧିକ ୧୮.୨୭ଲକ୍ଷ ଟଙ୍କା ଜବତ କରାଯାଇଛି।

୨୦୨୩ରେ ଭିଜିଲାନ୍ସ ମାମଲାରେ ୧୬୬ଜଣ ଗିରଫ ହୋଇଥିବା ବେଳେ ସେଥିରେ ୨୬ଜଣ ପ୍ରଥମ ଶ୍ରେଣୀ କର୍ମଚାରୀ, ୩୨ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ, ୮୫ଜଣ ତୃତୀୟ ଶ୍ରେଣୀ କର୍ମଚାରୀ, ୬ଜଣ ଚତୁର୍ଥ ଶ୍ରେଣୀ, ୭ଜଣ ଅନ୍ୟ ସରକାରୀ କର୍ମଚାରୀ ଥିବା ବେଳେ ୧୦ ଜଣ ବେସରକାରୀ କର୍ମଚାରୀ ଅଛନ୍ତି। ସେହିପରି ଦୁର୍ନୀତି ଏବଂ ଲାଞ୍ଚୁଆଙ୍କୁ ସଜା ଦେବାରେ ଭିଜିଲାନ୍ସ ଆଗରେ ରହିଛି। ୨୦୨୩ରେ ୫୦% ଅର୍ଥାତ୍ ୧୨୪ଜଣ ସଜା ପାଇଛନ୍ତି । ପୁନଶ୍ଚ ଡିଏ ମାମଲାରେ ସଜା ହାର ୬୬ ପ୍ରତିଶତ ରହିଛି। ସଜା ପାଇଥିବା ଦୁର୍ନୀତିଗ୍ରସ୍ତଙ୍କ ମଧ୍ୟରେ ୨୧ଜଣ ପ୍ରଥମ ଶ୍ରେଣୀ, ୧୪ଜଣ ଦ୍ୱିତୀୟ, ୧୦୦ଜଣ ତୃତୀୟ, ୨ଜଣ ଚତୁର୍ଥ ,୧୪ଜଣ ଅନ୍ୟ ସରକାରୀ କର୍ମଚାରୀ ଏବଂ ୧୨ଜଣ ବେସରକାରୀ କର୍ମଚାରୀ ଅଛନ୍ତି।

## ନୂତନ ବର୍ଷ ଉପଲକ୍ଷେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଶୁଭେଚ୍ଛା



ଭୁବନେଶ୍ୱର, ୩୧।୧୨ (ସମିସ): ନୂତନ ବର୍ଷ ଉପଲକ୍ଷେ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ସେ କହିଛନ୍ତି ଯେ ନୂତନ ବର୍ଷ ଆଗମନରେ ଆମେ ସମସ୍ତେ ଶୁଭ ମନାସୁ। ପରିବାର କିମ୍ବା ଜାତି ପାଇଁ ସୁଖ, ସମୃଦ୍ଧି କାମନା କରୁ। ରୋଗ, ବନ୍ୟା, ବାତ୍ୟା ବିପର୍ଯ୍ୟୟ କମ୍ ହେଉ ବୋଲି ପ୍ରାର୍ଥନା କରୁ। ଆସନ୍ତା ବର୍ଷ ପାଇଁ କେବଳ ସେତିକି କାମନା ହୋଇନପାରେ, ଆମେ ଭାବିବା ଉଚିତ ଆମର ସଂସ୍କୃତି, ସାହିତ୍ୟ ଓ ସମାଜର ଉନ୍ନତି ହେଉ ଏବଂ ତାହାର ଯୋଗଦାନ କାଳ କାଳ ପାଇଁ ରହୁ କିମ୍ବା ଅନ୍ୟ ସମାଜକୁ ପ୍ରଭାବିତ କରୁ। ଓଡ଼ିଶା ଏକ ଧର୍ମପ୍ରଧାନ ସଂସ୍କୃତି ସମ୍ପନ୍ନ ରାଜ୍ୟ। ଏହାର ଅଧିବାସୀ ସମସ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରନ୍ତୁ ଯେ ଏ ରାଜ୍ୟକୁ ଆନନ୍ଦରେ ଏ ବର୍ଷ ବିତିବା ପାଇଁ ସେ ସହାୟ ହୁଅନ୍ତୁ, କୃପା କରନ୍ତୁ। ମୁଁ ଓଡ଼ିଶାବାସୀ ତଥା ବିଶ୍ୱର ଯେ କୌଣସି ସ୍ଥାନରେ ବସବାସ କରୁଥିବା ପ୍ରତ୍ୟେକ ଓଡ଼ିଆଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି ନିମିତ୍ତ ପ୍ରାର୍ଥନା କରୁଛି। ନୂତନ ବର୍ଷ ସେମାନଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି ଗୁରୁଜୀ ଡଃ ଶତପଥୀ ଉଲ୍ଲେଖ କରିଛନ୍ତି।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**



**ନବ ବର୍ଷର ଅଭିନନ୍ଦନ -୨୦୨୪** C-2244

- ଖୋରଧା ପୌରପରିଷଦର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ।
- ଖୋରଧା ସହରର ଟିକସ ଦାତା ମାନେ ନିଜ ନିଜର ଗୃହ ଟିକସ ,ଟ୍ରେଡ଼ ଲାଇସେନ୍ସ ୟୁଜର ଫିସ ଯଥା ସମୟରେ ପୈଠ କରନ୍ତୁ ଓ ଖୋର୍ଦ୍ଧା ସହରକୁ ସରସ ସୁନ୍ଦର କରିବାରେ ପରିଷଦ କୁ ସହଯୋଗ କରନ୍ତୁ।
- ଖୋରଧା ସହରରେ ଥିବା ମୁଖ୍ୟ ରାସ୍ତା ଓ ଗଳି ରାସ୍ତା କଡରେ ବର୍ଜ୍ୟ ବସ୍ତୁ ପକାନ୍ତୁ ନାହିଁ ଓ ରାସ୍ତା ଅବରୋଧ କରନ୍ତୁ ନାହିଁ।
- ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା)ରେ ସହର ସୌନ୍ଦର୍ଯ୍ୟକରଣ ସହିତ ବିଭିନ୍ନ ବସ୍ତି ଏବଂ ୱାର୍ଡରେ ଖୋଲା ବ୍ୟାୟାମଶାଳା,ପାର୍କ ଖେଳ ପଡିଆ ନିର୍ମାଣ
- ରାଜ୍ୟ ସରକାରଙ୍କ କଚାପକ୍କା ରାସ୍ତା ନିର୍ମାଣ ଯୋଜନାରେ ବିଭିନ୍ନ ୱାର୍ଡରେ ଥିବା କଚା ରାସ୍ତାକୁ ପକ୍କା ରାସ୍ତାରେ ରୂପାନ୍ତିକରଣ।
- ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପୌର ପରିଷଦର ବିଭିନ୍ନ ୱାର୍ଡରେ ଥିବା ମନ୍ଦିର ଗୁଡିକରେ ରୂପାନ୍ତିକରଣ।
- ପୌରବାସୀଙ୍କ ନିମନ୍ତେ ନୂତନ ଗୃହ ନକ୍ସା ନିର୍ଧାରିତ ସମୟ ମଧ୍ୟରେ ଅନୁମୋଦନ

"ଆସନ୍ତୁ ସମସ୍ତଙ୍କ ସହଯୋଗରେ ସବୁଜ ଓ ସୁସ୍ଥ ଖୋରଧା ସହର ଗଢି ତୋଳିବା"

ନିର୍ବାହୀ ଅଧିକାରୀ, ପୌରପରିଷଦ,ଖୋରଧା | ଉପାଧ୍ୟକ୍ଷ ଓ ସମସ୍ତ ପାରିଷଦ, ପୌରପରିଷଦ,ଖୋରଧା | ପୌରାଧ୍ୟକ୍ଷା, ପୌରପରିଷଦ,ଖୋରଧା

OIPR-13082/11/0020/2324


XXIV-31

**ଓଡ଼ିଶା ସରକାର**

**ରାଜସ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା U/S-19(1)**

No. RDM-LAA-JAJ-0007-2022-31679/R&DM, Dated 02.09.23

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା- ପଛିକୋଟ,** ଥାନା- କୋରେଇ ନଂ. ୨୬, ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କଣ୍ଡାବଣିଆ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୧୬୪୧ ତା.୨୦.୦୯.୨୦୨୨ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ପଛିକୋଟ, ଥାନା- କୋରେଇ ନଂ. ୨୬, ତହସିଲ- ବ୍ୟାସନଗର, ଜିଲ୍ଲା- ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଓ ରାଜ୍ୟ ସରକାରଙ୍କ ୱେବସାଇଟ **http://revenue.odisha.gov.in** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ପ୍ରଣାଳୀ, ସୁକିନ୍ଦା, ଜିଲ୍ଲା- ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଯାଜପୁର | ତହସିଲ: ବ୍ୟାସନଗର

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | ପଛିକୋଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୯.୫୭ | ଏ ୪.୪୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁଯାୟୀ)

ଜିଲ୍ଲା: ଯାଜପୁର | ତହସିଲ: ବ୍ୟାସନଗର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୩.୦୨.୨୦୨୩

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଶ୍ରୀକାନ୍ତ ତରାଇ)
ସ୍ୱତନ୍ତ୍ର ଶାସନ ସଚିବ

**ଜମି ଅନୁସୂଚୀ**

ଗ୍ରାମର ନାମ: ପଛିକୋଟ, ଥାନାର ନାମ: କୋରେଇ ନଂ: ୨୬, ତହସିଲ; ବ୍ୟାସନଗର, ଜିଲ୍ଲା: ଯାଜପୁର

ଜମି ଅଧିଗ୍ରହଣ କେସ୍ ନଂ.: ୦୧/୨୦୨୨

| କ୍ର.ନଂ. | ଖତିୟାନ ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨୨ | ୧୩୬୮ | ୦.୯୭ | ୦.୧୦ | ଆନନ୍ଦ ଜେନା, ପିତା- କାଳନ୍ଦୀ ଜେନା ଓଗେର, ଜା: ପାଣ, ବା: ନିଜଗାଁ | |
| ୨ | ୧୧୯ | ୧୩୫୪/୧୪୮୮ | ୦.୫୦ | ୦.୨୬ | ଗୌରାଙ୍ଗ ମଳିକ, ପିତା: ଅଙ୍ଗୁଳି ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୩ | ୧୩୦ | ୧୩୭୧ | ୦.୨୬ | ୦.୨୬ | ଚୈତନ୍ୟ ମୁଖି, ପିତା: ଲକ୍ଷ୍ମୀଧର ମୁଖି, ଜା: ହାଡି, ବା: ନିଜଗାଁ | |
| ୪ | ୧୫୨ | ୧୩୬୨ | ୦.୭୨ | ୦.୬୬ | ଜଗବନ୍ଧୁ ମଳିକ, ପିତା: ସଂଶା ମଳିକ ଓଗେର, ଜା: ପାଣ, ବା: ନିଜଗାଁ | |
| ୫ | ୨୩୩ | ୧୩୬୦ | ୦.୯୦ | ୦.୨୨ | ପ୍ରମୋଦ କୁମାର ସିଂହ, ପିତା: ପର୍ଶୁରାମ ମାନ୍ଧାତା ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୬ | ୨୪୪ | ୧୩୭୦ | ୦.୩୮ | ୦.୩୦ | ବଇନ ମୁଖି, ସାମୀ- ଗୋପାଳ ମୁଖି, ଜା; ହାଡି, ବା: ନିଜଗାଁ | |
| ୭ | ୨୯୩ | ୧୩୬୯ | ୦.୯୫ | ୦.୦୪ | ବେଙ୍ଗ ମଳିକ, ପିତା: ମଙ୍ଗୁଳି ମଳିକ, ଓଗେର, ଜା: ପାଣ, ବା: ନିଜଗାଁ | |
| ୮ | ୩୦୪ | ୧୩୯୨ | ୦.୨୪ | ୦.୧୧ | ହୃଷିକେଶ ବାରିକ ପିତା: ଧୃବ ବାରିକ, ଜା: ଗୋପାଳ, ବା: କାଚରାସାହି | |
| ୯ | ୩୧୦ | ୧୩୬୫/୧୪୭୯ | ୦.୦୮ | ୦.୦୮ | ଭାସ୍କର ଜେନା, ପିତା: ହରି ଜେନା, ଜା: ପାଣ, ବା: ନିଜଗାଁ | |
| ୧୦ | ୩୨୨ | ୧୩୫୫ | ୦.୩୨ | ୦.୨୩ | ମାୟାଧର ଜେନା, ପିତା: ଘନ ଜେନା, ଜା: ପାଣ, ବା: ନିଜଗାଁ | |
| ୧୧ | ୪୧୯ | ୧୩୬୧ | ୦.୫୬ | ୦.୦୮ | ସୁରେଶ କୁମାର ସିଂହ ଛୋଟରାୟ, ପିତା: ସୁଦର୍ଶନ ସିଂ ଛୋଟରାୟ ଓଗେର, ଜା: କ୍ଷତ୍ରୀୟ, ବା: ନିଜଗାଁ | |
| ୧୨ | ୪୩୮/୮୦ | ୧୩୫୬ | ୦.୭୨ | ୦.୬୬ | ପୁରସ୍ତମ ମଳିକ, ପିତା: ଚକ୍ରଧର ମଳିକ, ଜା: ପାଣ, ବା: ନିଜଗାଁ | |
| ୧୩ | ୪୩୮/୯୧ | ୧୩୭୩ | ୦.୪୪ | ୦.୩୧ | ଶାନ୍ତିଲତା ମୁଖି, ସାମୀ: ଚୈତନ୍ୟ ମୁଖି,ଜା: ହାଡି, ବା: ନିଜଗାଁ | |
| ୧୪ | | ୧୩୮୩ | ୦.୪୮ | ୦.୨୧ | ଶାନ୍ତିଲତା ମୁଖି, ସାମୀ: ଚୈତନ୍ୟ ମୁଖି,ଜା: ହାଡି, ବା: ନିଜଗାଁ | |
| ୧୫ | ୪୩୮/୧୩୨ | ୧୩୫୭ | ୦.୩୫ | ୦.୦୫ | ଗୋଲଖ ଜେନା, ପିତା: ଅଗାଡି ଜେନା, ଜା: ପାଣ, ବା: ନିଜଗାଁ | |
| ୧୬ | ୪୩୮/୧୩୬ | ୧୩୬୫ | ୦.୬୮ | ୦.୪୮ | ଗୌରାଙ୍ଗ ମଳିକ, ପିତା: ନାକୁ ମଳିକ, ଜା: ପାଣ, ବା: ତଳଗଡ଼ | |
| ୧୭ | ୪୩୮/୧୭୩ | ୧୩୮୪ | ୦.୪୪ | ୦.୧୮ | ସୁମିତ୍ରା ଗୋଛାୟତ, ସାମୀ: ଦେବାନନ୍ଦ ଗୋଛାୟତ, ଜା: ହାଡି, ବା: ବେଗରାଜପୁର, ଥାନା: ସିମୁଳିଆ, ବାଲେଶ୍ୱର | |
| ୧୮ | ୪୩୮/୧୮୫ | ୧୩୪୫ | ୦.୧୫ | ୦.୦୪ | ପ୍ରଦୀପ କୁମାର ମଳିକ, ପିତା; ବାବାଜି ଚରଣ ମଳିକ, ବା: ମଞ୍ଜୁରୀ | |
| ୧୯ | ୪୩୮/୨୭୮ | ୧୩୫୪ | ୦.୪୩ | ୦.୩୭ | ବିରଞ୍ଚି ନାରାୟଣ ଆଇଚ, ପିତା: ଚୈତନ୍ୟ ଆଇଚ, ଜା: ଖଣ୍ଡାୟତ, ବା: ମୁଳାସରଗଡ | |
| | | | ମୋଟ | ୪.୪୪ | | |

ଗ୍ରାମର ମୋଟ ପ୍ଲଟ୍ ସଂଖ୍ୟା: ୧୯ (ଉଣେଇଶି), ମୋଟ ଅଧିଗୃହିତ ଜମି: ୪.୪୪ ଏକର ।

SPL. L.A.R & KO
RIP, SUKINDA

OIPR-24001/14/0102/2324

### ୫୦ ଖଣ୍ଡ ଗ୍ରାମବାସୀଙ୍କ ଦୁଃଖ ଲାଘବ ହେବ

# ଶେଷ ପର୍ଯ୍ୟାୟରେ କେନ୍ଦୁପଦର-ଚେରମାରିଆ ସେତୁ ନିର୍ମାଣ

**ଆସିକା, ୩୧ ।୧୨(ସମିସ)**

ଦୀର୍ଘ ଦିନର ଦାବି ପୂରଣ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହାୟତା ଫଳରେ ୫୦ ଖଣ୍ଡ ଗ୍ରାମର ଅଧିବାସୀ ଉପକୃତ ହେବେ। ବହୁ ପ୍ରତୀକ୍ଷିତ ଆସିକା ବ୍ଲକ ଅନ୍ତର୍ଗତ ଋଷିକୂଲ୍ୟା ନଦୀ ଉପରେ ନିର୍ମାଣ ହୋଇଥିବା କେନ୍ଦୁପଦର- ଚେରମାରିଆ ସେତୁ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିଦ୍ୱାରା ପାଖାପାଖି ୫୦ଖଣ୍ଡ ଗ୍ରାମବାସୀଙ୍କ ପାଇଁ ଗମନା ଗମନ ସୁଗମ ହେବ। ଅଞ୍ଚଳର ଦୀର୍ଘ ବର୍ଷ ଦାବି ପରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ଦୁଃଖ ଲାଘବ କରିଛନ୍ତି। ଜାନୁଆରୀ ମାସ ଶେଷ ସୁଦ୍ଧା ଏହାର ଉଦଘାଟନ ହେବ ବୋଲି ଜଣାଯାଇଛି। ସୂଚନା ଅନୁସାରେ ଗତ ୨୦୧୭ମସିହାରୁ ଆରମ୍ଭ ହୋଇଥିବା ଏହି ସେତୁ କାର୍ଯ୍ୟ ସମ୍ପ୍ରତି ସମାପନ ହେବାକୁ ଯାଉଛି। ପୂର୍ବରୁ ଲୋକ ବର୍ଷା ଦିନେ ଡଙ୍ଗା ଓ ନଦୀରେ ଜଳ ସ୍ତର କମିଲେ କାଠ ବାଉଁଶରେ ଦ୍ୱାରା ଅସ୍ଥାୟୀ କାଠ ପୋଲୋ ନିର୍ମାଣ କରି ଯାତାୟାତ କରୁଥିଲେ। ହେଲେ ବ୍ରିଜ୍ ପାଇଁ ୨୦୧୭ ମସିହାରେ ତତ୍କାଳୀନ ସାଂସଦ ସ୍ୱର୍ଗତ ଲଡୁ କିଶୋର ସ୍ୱାଇଁଙ୍କ ଉଦ୍ୟମରେ ଋଷିକୂଲ୍ୟ ନଦୀ ଉପରେ ୩୨୧ ମିଟର ଲମ୍ବ ଏକ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ପାଖାପାଖି କୋଡ଼ିଏ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଏହାର ଅଧିକ ନିର୍ମାଣ ପାଇଁ ଆଉ ଅଧିକ ୮କୋଟି ଟଙ୍କା ବ୍ୟୟ ଅଟକଳ ସରକାରଙ୍କ ନିକଟରେ ମଞ୍ଜୁର ହୋଇଥିଲା। ତିତିଲି ବନ୍ୟା ପରେ ସେତୁର ଉଚ୍ଚତା ବୃଦ୍ଧି ଓ ଜମି ଅଧିଗ୍ରହଣ କାର୍ଯ୍ୟ ପାଇଁ ବିଳମ୍ବରେ ଆରମ୍ଭ ହୋଇଥିଲା। ସେତୁ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ କେନ୍ଦୁପଦର ପଟେ ଜମି ଅଧିଗ୍ରହଣ ହୋଇନଥିବା କାରଣରୁ ବର୍ଷ ବର୍ଷ ଧରି କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଗଲା। ଗତ କିଛି ମାସ ମଧ୍ୟରେ ଜମି ଅଧିଗ୍ରହଣ ଶେଷ ହେବା ପରେ ସେତୁକୁ ସଂଯୋଗ ହେଉଥିବା ରୋଡ଼ କାର୍ଯ୍ୟ ଶେଷ ହୋଇଛି। ପୂର୍ବରୁ ଆସିକା ବ୍ଲକର ପଢ଼ାଳ, ବରଗାଁ, ଜୟପୁର, ହରିଡାପଦର, ମଣ୍ଡାପଡ଼ା, ଶେରଗଡ଼ ବ୍ଲକର ବ୍ରାହ୍ମଣଛାଇ ପଞ୍ଚାୟତ ଓ କବିସୂର୍ଯ୍ୟନଗର ସମେତର ବହୁ ଗ୍ରାମର ଲୋକ ଏହି ସ୍ଥାନ ଦେଇ ନଦୀ ପାର ହୁଅନ୍ତି। ଆଦାୟ ହେଉଥିବା ପନିପରିବା, ଖାଦ୍ୟ ଶସ୍ୟ ବଜାର ବିକ୍ରି ପାଇଁ, ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ମହାବିଦ୍ୟାଳୟକୁ ଯିବା ଆସିବା ଓ ରୋଗୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ନେବା ଆଣିବା ପାଇଁ କେତେବେଳେ ଡଙ୍ଗା ତ କେତେବେଳେ କାଠ ବାଉଁଶ ନିର୍ମିତ ରାସ୍ତା ଏକ ମାତ୍ର ମାଧ୍ୟମ ପାଲଟିଥିଲା। କିନ୍ତୁ ସେତୁ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଆଜି ଏହି ସେତୁ ନିର୍ମାଣ ହୋଇଥିବା କହିଛନ୍ତି ସ୍ଥାନୀୟ ଲୋକେ। କେବେବି ଭାବି ନ ଥିଲେ ଏତେ ବଡ଼ ସେତୁ ନିର୍ମାଣ ହେବ। ସେତୁ ନିର୍ମାଣ ହୋଇଥିବା ଯୋଗୁଁ ପଚାଶ ଖଣ୍ଡ ଗାଁ ଲୋକଙ୍କ ଗମନା ଗମନ ଠାରୁ ଆରମ୍ଭ କରି ଚାଷ କ୍ଷେତ୍ରରେ ଆଜି ସୁବିଧା ହୋଇ ପାରିଛି। ଏଣୁ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ସେପଟେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ କହିଛନ୍ତି ଯେ, ଦୀର୍ଘ ବର୍ଷ ହେବ ଲୋକଙ୍କ ପାଇଁ ଆବଶ୍ୟକ ସେତୁ ଆଜି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ବୋଲି କହିଛନ୍ତି ବିଧାୟିକା ମଞ୍ଜୁଳା ସ୍ୱାଇଁ।

## ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି



**ବୁଗୁଡା, ୩୧ ।୧୨(ସମିସ):** ପବିତ୍ର ପୌଷ ଧନୁ ସଂକ୍ରାନ୍ତି ଠାରୁ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଯାଇଛି। ବୁଗୁଡା ସହରାଞ୍ଚଳର ବିରଞ୍ଚି ନାରାୟଣ ମନ୍ଦିର, ବଳଦେବ ମନ୍ଦିର, କାଳୀ ମନ୍ଦିର, ମାଳିଝୋଳା ମନ୍ଦିର ସମେତ ଗ୍ରାମାଞ୍ଚଳରେ କାଦପଡ଼ାର ଜଗନ୍ନାଥ ମନ୍ଦିର, ଆଦିପୁରର ଜଗନ୍ନାଥ ମନ୍ଦିର, କୈଳାସ ନଗରର ରାଧାକୃଷ୍ଣ ମନ୍ଦିର, କତକଲାର ଦଧିବାମନ ମନ୍ଦିର ଓ ଠାକୁରାଣୀ ମନ୍ଦିର, ବିରଞ୍ଚିପୁରର ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଗୋପୀନାଥ ମନ୍ଦିର, କଦମ୍ବ ମଠର ରଘୁନାଥ ମନ୍ଦିର, ବି.କରଡ଼ାବାଡ଼ିର ରାଧାକୃଷ୍ଣ ମନ୍ଦିର, ନୂଆ ଦଦରାଖୋଲର ଗୋପୀନାଥ ମନ୍ଦିର, ଭଗବାନପୁରର ରାଧାକୃଷ୍ଣ ମନ୍ଦିର, କରଚୁଲିର ଲକ୍ଷ୍ମୀ ନାରାୟଣ ମନ୍ଦିର, ବାଲିପଦରର ରଘୁନାଥ ସ୍ୱାମୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଅରଖପୁରର ରାଧାକୃଷ୍ଣ ମନ୍ଦିର, ବିଷ୍ଣୁଚକ୍ରର ହୟଗ୍ରୀବ ନାରାୟଣ ମନ୍ଦିର, କଞ୍ଚୁରୁର ନୃସିଂହନାଥ ମନ୍ଦିର, ଅନ୍ତରପଡ଼ାର ରଘୁନାଥ ସ୍ୱାମୀ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିରରେ ଧନୁ ମୁଆଁ ଭୋଗ ସହ ପହିଲି ଭୋଗ ଆରମ୍ଭ ହୋଇଛି। ଭୋଗ ପାଇଁ ଖିରି ଓ ପୁଳି ସମେତ ଅନେକ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ପୂର୍ବକ ବ୍ରାହ୍ମ ମୁହୂର୍ତ୍ତରେ ମଙ୍ଗଳ ଆଳତି ପରେ ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିରରେ ପହିଲି ଭୋଗ ନୀତି ପାଳନ କରାଯାଏ। ଧନୁ ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥବା ଏହି ପହିଲି ଭୋଗ ନୀତି ଆଗାମୀ ମକର ସଂକ୍ରାନ୍ତିର ପୂର୍ବଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପହିଲି ଭୋଗ ପାଇଁ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

## ବାଇକ୍ ଦୁର୍ଘଟଣାରେ ଆରୋହୀ ମୃତ

**ପାତ୍ରପୁର, ୩୧ ।୧୨(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ଡମ୍ବରୁ ପ୍ରଧାନ (୫୦)ଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଡ଼ମ୍ବରୁ ଜରଡ଼ାରୁ ବାଇକ୍ ଯୋଗେ ସାମନ୍ତରାପୁର ଅଭିମୁଖେ ଯାଉଥିବା ବେଳେ ଠଣାଗାଁ ରାସ୍ତା ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକା ଦେଇଥିଲେ। ସ୍ଥାନୀୟ ଲୋକେ ପ୍ରଥମେ ଜରଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଚିକିତ୍ସା କରି ପରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡମ୍ବରୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଖବର ପାଇ ଜରଡ଼ା ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ୍ ସୂଚନା ଦେଇଛନ୍ତି।

## ୩୦ ୟୁନିଟ୍ ରକ୍ତ ସଂଗୃହୀତ

**ଭଞ୍ଜନଗର, ୩୧ ।୧୨(ସମିସ):** ଭଞ୍ଜନଗର ବ୍ଲକ କଇଣ୍ଡିଠାରେ ଗ୍ରାମବାସୀ ଓ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଆଇନଜୀବି ବାଳକୃଷ୍ଣ ପୋଲାଇଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସୁକୁମାର ନାୟକ, କ୍ଷେତ୍ରବାସୀ ସ୍ୱାଇଁ, ବିନୋଦ କୁମାର ସ୍ୱାଇଁ, କାମାକ୍ଷା ପ୍ରଧାନ, ସୁନିତା ପ୍ରଧାନ, ସଂଯୁକ୍ତା ପ୍ରଧାନ, ଚିତ ରଞ୍ଜନ ଭୂୟାଁ, ଦିଲୀପ କୁମାର ବେହେରା, ସନ୍ତୋଷ କୁମାର ସ୍ୱାଇଁ, ଗୀତାଞ୍ଜଳି ନାୟକ, ରାଜେନ୍ଦ୍ର କୁମାର ବେହେରା, ସୁଶାନ୍ତ କୁମାର ଭୂୟାଁ, ବିନୋଦ କୁମାର ରଥ, ଜି. ନୀଳମାଧବ ଆଚାରୀ, ସୁନୀତା ପ୍ରଧାନ, ନିଳାଚଳ ନାୟକ, ମମତା ବେହେରାଙ୍କ ସମେତ ଗ୍ରାମର ଅନ୍ୟମାନେ ମଧ୍ୟ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଭଞ୍ଜନଗର ରକ୍ତ ଭଣ୍ଡାରର କର୍ମଚାରୀ ମାନେ ରକ୍ତ ସଂଗ୍ରହରେ ସାହାଯ୍ୟ କରିଥିଲେ।

## ଗଜପତି ଜିଲ୍ଲା ନାଗରିକ ସଂଘର ନୂତନ କର୍ମକର୍ତ୍ତା ଚୟନ



**ବ୍ରହ୍ମପୁର, ୩୧ ।୧୨(ସମିସ):** ଗଜପତି ଜିଲ୍ଲା ନାଗରିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ପ୍ରଫେସର ଜୟନ୍ତ କୁମାର ମହାପାତ୍ର ସଂଘର ନୂତନ ସଭାପତି ଭାବେ ସର୍ବସମ୍ମତି ଭାବେ ନିର୍ବାଚିତ ହୋଇଥିବା ବେଳେ ନବ ନିର୍ବାଚିତ କମିଟିର କାର୍ଯ୍ୟକାଳ ୨ବର୍ଷ ରହିଛି। ନବନିର୍ବାଚିତ କର୍ମକର୍ତ୍ତାଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଭାବେ ଡଃ ରଜତ କୁମାର ପାଣିଗ୍ରାହୀ, ଉପ ସଭାପତି ଭାବେ ଡଃ ରାମକୃଷ୍ଣ ଦାଶ, ସମ୍ପାଦକ ଭାବେ ବିକାଶ ଚନ୍ଦ୍ର ପାଢ଼ୀ, ଶ୍ରୀକାନ୍ତ ପଟ୍ଟନାୟକ ଓ ଶକ୍ତିଧର ରାଜଗୁରୁ ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବେ ଇଂ ଅଶୋକଚାନ୍ଦ ପରିଚ୍ଛା ନିର୍ବାଚିତ ହୋଇଛନ୍ତି। ସେହିଭଳି ସଂଘର କାର୍ଯ୍ୟକାରୀ କମିଟିକୁ ଅମୀୟ କୁମାର ପରିଛା, ଡା. ରାମଚନ୍ଦ୍ର ରଥ, ଡଃ କିଶୋର ଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ପାଢ଼ୀ, ତୀର୍ଥବାସୀ ପଣ୍ଡା, କୈଳାଶ ଜନ୍ଦ୍ର ଅଧିକାରୀ, ମହେଶ ଦାଶ, ଜମ୍ବୁବତୀ ଗୌଡ ଓ ନିକୁଞ୍ଜ ବିହାରୀ ପାତ୍ର ମନୋନିତ ହୋଇଛନ୍ତି। ସ୍ଥାନୀୟ ସରକାରୀ ଆଇଟିଆଇ ସମ୍ମିଳନୀ କକ୍ଷରେ ସଂଘର ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଜୟନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ତୀର୍ଥବାସି ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିବା ସହ ଆୟବ୍ୟୟ ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ କୋଷାଧ୍ୟକ୍ଷ କାଳି ଚରଣ ପାତ୍ର ଓ କାର୍ଯ୍ୟକାରୀ ସଭାପତି ରମେଶ ପାଢ଼ୀ ମଞ୍ଚାସିନ ଥିଲେ। ସଂଘକୁ କିଭଳି ଭାବେ ଅଧିକ ସୁଦୃଢ କରାଯିବ ଓ ସଦସ୍ୟ ସଂଖ୍ୟାକୁ ବୃଦ୍ଧି କରି ସୁବିଧା ଅସୁବିଧା ସମୟରେ ସମସ୍ତେ ସମସ୍ତଙ୍କୁ ସହଯୋଗର ହାତ ବଢ଼ାଇବେ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପରେ ନୂତନ ବର୍ଷରେ କିଭଳି ସଂଘକୁ ପଞ୍ଜିକରଣ କରାଯିବ ସେଥିପାଇଁ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ସହର ତଥା ଉପକଣ୍ଠରେ ବସବାସ କରୁଥିବା ପାରଳାଖେମୁଣ୍ଡି ତଥା ଗଜପତି ଜିଲ୍ଲାର ଲୋକ ତଥା ସେମାନଙ୍କ ପରିବାର ବର୍ଗଙ୍କୁ ନେଇ ଏହି ସଂଘ ଗଠିତ ହୋଇଛି। ଏଥିରେ ପ୍ରାୟ ୨୭୦ରୁ ଅଧିକ ସଦସ୍ୟ ପଞ୍ଜିକୃତ ହୋଇସାରିଛନ୍ତି।

## ଜଗନ୍ନାଥ ପ୍ରସାଦ ଥାନା ପକ୍ଷରୁ ଚେକିଂ



**ଜଗନ୍ନାଥ ପ୍ରସାଦ, ୩୧ ।୧୨(ସମିସ):** ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଜଗନ୍ନାଥ ପ୍ରସାଦ ପୁଲିସ ଗିରଫ କରିବା ସହିତ ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରୁଛି। ଥାନାଧିକାରୀ ଅରୁଣ କୁମାର ସିଂଙ୍କ ନିର୍ଦ୍ଦେଶକ୍ରମେ ମଦୁଆ ଚାଳକଙ୍କ ପାଇଁ ଏକ ପୁଲିସ ଟିମ ଗଠନ କରାଯାଇ ପ୍ରତ୍ୟେକ ଅଞ୍ଚଳକୁ ସିଲ୍ କରି କଡ଼ାକଡ଼ି ଯାଞ୍ଚ କରାଯାଉଛି। ପ୍ରତିଦିନ ପାଟ୍ରୋଲିଂ ଗାଡ଼ିରେ ଜଣେ ଅଧିକାରୀଙ୍କ ସମେତ ପୁଲିସ ଟିମ୍ ଦ୍ୱାରା ଯାଞ୍ଚ କରାଯାଉଛି। ମଦୁଆ ଚାଳକ ଏବଂ ଗାଡ଼ିମୋଟର ଯାଞ୍ଚ କରାଯାଉଥିବା ନେଇ ଯାଞ୍ଚରେ ନିୟୋଜିତ ଥିବା ଅଧିକାରୀ ଏଏସଆଇ ପ୍ରିୟ ରଞ୍ଜନ ମିଶ୍ର ସୂଚନା ଦେଇଥିଲେ। ରାଜୀବ ଶବର, ଚିରଞ୍ଜୀବ ପ୍ରଧାନ, ଦାମୋଦର ମଣ୍ଡଳ, ହାବିଲଦାର ଦିଲ୍ଲୀପ କୁମାର ରଣା, ମଦନ ମୋହନ ମହାପାତ୍ର ସହଯୋଗ କରିଥିଲେ।

## ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

**ଖଲ୍ଲିକୋଟ, ୩୧ ।୧୨(ସମିସ):** ଗଞ୍ଜାମ ଜିଲ୍ଲା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସାଧାରଣ ବୈଠକ ଖଲ୍ଲିକୋଟ ନିର୍ମଳଝର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବ୍ଲକ ଶାଖା ସଭାପତି ଗଣେଶ ବାରିକ ସଭାପପତିତ୍ୱ କରିଥିଲେ। ବ୍ଲକ ସରପଞ୍ଚ ସଂଘ ସଭାପତି ମନୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଗଞ୍ଜାମ ଜିଲ୍ଲା ସଭାପତି ଅରୁପାନନ୍ଦ ଡାକୁଆ, ସମ୍ପାଦକ ତାରିଣୀ ଚରଣ ଭୂୟାଁ, କୋଷାଧ୍ୟକ୍ଷ ସୁଦର୍ଶନ ଡାକୁଆ, ଶଙ୍କର ଡାକୁଆଙ୍କ ସମେତ ୨୫ ଜଣ ପିଅନ ଉପସ୍ଥିତ ଥିଲେ। ପ୍ରତିଦିନ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପଞ୍ଚାୟତ ଅଫିସ ଖୋଲି ସରକାରଙ୍କ ଭତ୍ତା



ବଣ୍ଟନ, ଚାଉଳ ବଣ୍ଟନ, ଗ୍ରାମସଭା, ପଲ୍ଲୀ ସଭା ଓ ଅତିଥି ସତ୍କାର ପ୍ରଭୃତି କାର୍ଯ୍ୟରେ ପିଅନ ମାନେ ସହଯୋଗ କରିଥାନ୍ତି। ଏହା ସତ୍ତ୍ୱେ ମଧ୍ୟ ସେମାନଙ୍କ ଦାବି ପୂରଣ ହେଉନଥିବା ଏଠାରେ କୁହାଯାଇଛି। ମିଳୁଥିବା ବେତନରେ ଆଜିର ମହଙ୍ଗା ସମୟରେ ଗୋଟିଏ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟ ସାଧ ବୋଲି କୁହାଯାଇଛି। ଏଣୁ ସ୍ଥାୟୀ ନିଯୁକ୍ତି ଓ ନିୟମିତ ଦରମା, ଅତିରିକ୍ତ ବଜେଟରେ ଏହି କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା ଆଦି କରିବାକୁ ଏଠାରେ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

## ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର, ୩୧ ।୧୨(ସମିସ):** ସ୍ଥାନୀୟ ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଫୁଲଟା ଗ୍ରାମରେ ଥିବା ମା’ ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଜାତୀୟ ସେବା ଶିବିର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହରିହର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର କୋଠିଆ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାରେ ସରପଞ୍ଚ ମମତା ନାହାକ, ବରିଷ୍ଠ ସହାୟକ ନିରଞ୍ଜନ ମାର୍ଥା ଯୋଗ ଦେଇଥିଲେ। ଚଳିତମାସ ୨୫ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏଥିରେ ପରିବେଶ ସୁରକ୍ଷା, ଯୌତୁକ ପ୍ରଥା ବିରୋଧ ଓ ବୃକ୍ଷରୋପଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ




କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ଅଧିକାରୀ ଡ. ଚନ୍ଦ୍ରଶେଖର ଶର୍ମା, ମହାବିଦ୍ୟାଳୟର ବରିଷ୍ଠ ଅଧାପକ ଡ. ବିଷ୍ଣୁ ପ୍ରସାଦ ଦାସ, ଅଧାପିକା ତପସ୍ୱିନୀ ପାଢ଼ୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବଣିକ ସଂଘର ରୌପ୍ୟ ଜୟନ୍ତୀ

**ବେଲଗୁଣ୍ଠା, ୩୧ ।୧୨(ସମିସ):** ବେଲଗୁଣ୍ଠା ବଣିକ ସଂଘର ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ସଭାପତି ସି.ଏଚ ସନତ କୁମାର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାକେଶ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଭାରତୀ ଦେବୀ, ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ଓଡ଼ିଶା ବ୍ୟବସାୟୀ ମହାସଂଘର ସଭାପତି ସି.ଏଚ ରବୀନ୍ଦ୍ରନାଥ, ସମ୍ପାଦକ ସୁଧାକର ପଣ୍ଡା, ବାଣିଜ୍ୟକର ବିଭାଗ ଡେପୁଟି କମିଶନର ଆଶିଷ କୁମାର ଭୋଇ, ସିଏଆଇଟି ନୂଆଦିଲ୍ଲୀ କାର୍ଯ୍ୟକାରୀ ସଭାପତି ବ୍ରିଜ ମୋହନ ଅଗ୍ରୱାଲ, ସେବା ସମବାୟ ସମିତି ସଭାପତି ସନ୍ତୋଷ କୁମାର ସୁବୁଦ୍ଧି, ଉପ ସଭାପତି କେ ଜିତେନ୍ଦ୍ର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ପ୍ରଭତ କୁମାର ସାହୁ, କୋଷାଧ୍ୟକ୍ଷ ବୁଲୁ ପାତ୍ର, ମାର୍ଗଦର୍ଶକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଛାୟାକାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ୨୫ ବର୍ଷ ଧରି ସମ୍ପାଦକ ଭାବେ କାର୍ଯ୍ୟ କରି ଆସିଥିବା କୈଳାସ ମହାପାତ୍ର ଓ ବଣିକ ସଂଘର ସମସ୍ତ ପୂର୍ବତନ କର୍ମକର୍ତ୍ତା ତଥା କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଣିକ ସଂଘ କର୍ମକର୍ତ୍ତା ସହଯୋଗ କରିଥିଲେ।



# ଶାନ୍ତିଝରରେ ପର୍ଯ୍ୟଟକଙ୍କ ଭିଡ଼

**ଧରାକୋଟ, ୩୧ ।୧୨(ସମିସ)**

ଗଞ୍ଜାମ ଜିଲ୍ଲାର ଧରାକୋଟ ଗଡ଼ ନିକଟରେ ଅବସ୍ଥିତ ଅପରୂପ ଶୋଭାରାଜିରେ ପରିପୂର୍ଣ୍ଣ ଶାନ୍ତିଝର ପୀଠ। ଶାନ୍ତ କାନ୍ତ ପରିବେଶ ସାଙ୍ଗକୁ ଝରଣା, ଭଳିକି ଭଳି ବୃକ୍ଷରେ ପରିପୂର୍ଣ୍ଣ ଏହାର ପ୍ରାକୃତିକ ପରିବେଶ। ସମ୍ପୂର୍ଣ୍ଣ ଜଙ୍ଗଲୀ ପରିବେଶରେ ଥିବା ଏହି ସ୍ଥାନର ନିମ୍ନ ଦେଶରେ ରହିଛି ମା’ କାଠୁଳିଆଙ୍କ ମନ୍ଦିର। ମଧ୍ୟ ଭାଗରେ ମା’ରାଜ ରାଜ ଗଡ଼ଚଣ୍ଡିଙ୍କ ବାସସ୍ଥଳୀ ଏବଂ ସବା ଉପରେ ହନୁମାନ ବାଟିକା। ବଣ ଭୋଜି ପାଇଁ ମଝିରେ ମଝିରେ ପିଣ୍ଡି ଓ ପାଇପ ଲାଇନ ଦ୍ୱାରା ଜଳ ନିମ୍ନ ଭାଗକୁ ଅଣାଯାଇଥିବା ଯୋଗୁଁ ଏହା ରୋଷେଇ ପାଇଁ ଉପଯୋଗୀ ସାବ୍ୟସ୍ତ ହେଉଛି। ବର୍ଷର ଶେଷ ଦିନ ହୋଇଥିବାରୁ ପିକନିକର ମଜା ନେବାପାଇଁ ଏଠାରେ ଲୋକ ବେଶ ଭିଡ ଜମାଇଥିଲେ। ବଣ ଭୋଜି ସାଙ୍ଗକୁ ଭ୍ରମଣ ର ମଜା, ଦେବ ଦେବୀ ଦର୍ଶନ ଓ ଛୋଟ ଛୋଟ ପିଲା ମାନଙ୍କ ପାଇଁ ରହିଛି ଶିଶୁ ଉଦ୍ୟାନ। ଝରଣାରେ ଗାଧୋଇବା ସାଙ୍ଗକୁ ଶାନ୍ତିର ସହକାରେ ଠାକୁରଙ୍କ ନିକଟରେ ସମୟ କଟାଇବା ପାଇଁ ଦୂର ଦୁରାନ୍ତରୁ ଲୋକେ ଏଠାକୁ ଆସିଥିବା ଦେଖାଯାଇଥିଲା। ବର୍ଷର ଶେଷ ଦିନରେ ଶହ ଶହ ଲୋକ ବଣ ଭୋଜି ପାଇଁ ଏଠାରେ ଭିଡ ଜମାଇଥିଲେ। ବେଶ କୋଳାହଳ ମୟ ହୋଇଉଠିଥିଲା ଏଠାକାର ପରିବେଶ। ଏତେ ସବୁ ଆମୋଦ ପ୍ରମୋଦ ସୁବିଧା ରହିଥିଲେ ମଧ୍ୟ ସରକାରଙ୍କ ଶୁଭଦୃଷ୍ଟି ଏହି ସ୍ଥାନ ଉପରେ ପଡ଼ିନାହିଁ। ଫଳରେ ଏହାର



ପାରିପାର୍ଶ୍ୱିକ ବିକାଶ ହୋଇପାରିନାହିଁ। କଲ୍ୟାଣ ମଣ୍ଡପ, ବିଶ୍ରାମଗାର, ଶୌଚାଳୟ ସାଙ୍ଗକୁ ରାସ୍ତା ନିର୍ମାଣ ଶାନ୍ତିଝର ପାଇଁ ଜରୁରୀ ହୋଇପଡ଼ିଛି। ପ୍ରଶାସନ ତରଫରୁ ଶାନ୍ତିଝରର ଉନ୍ନତି ପାଇଁ ପଦକ୍ଷେପ ନିଆଗଲେ ଏହାର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବାସହ ଅଧିକ ଆକର୍ଷଣୀୟ ହେବ ଏବଂ ବହୁ ପର୍ଯ୍ୟଟକଙ୍କ ଭିଡ ଜମିବ ବୋଲି ବୁଦ୍ଧିଜୀବୀ କହିଛନ୍ତି।

● ଜିରୋ ନାଇଟ୍ ଓ ନୂଆବର୍ଷରେ ପୁଲିସ ନାକାବନ୍ଦୀ

# ୩୩ ସ୍ଥାନରେ ୪ ପ୍ଲାଟୁନ ଫୋର୍ସ

**ବ୍ରହ୍ମପୁର, ୩୧।୧୨(ସମିସ):** ଜିରୋନାଇଟ୍ ଓ ନୂଆବର୍ଷକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ଲାଗି ପ୍ରସ୍ତୁତ ହୋଇଛି ବ୍ରହ୍ମପୁର ପୁଲିସ। ରବିବାର ସନ୍ଧ୍ୟା ୮ଟାରୁ ରାତି ୧ଟା ଯାଏଁ ବ୍ରହ୍ମପୁର ବ୍ଲକିଂ ଓ ଚେକିଂ କଡ଼ାକଡ଼ି ହୋଇଛି। ଇଞ୍ଜିନିୟରିଂ ସ୍କୁଲ ଛକ, ଏମକେସିଜି ଲେଡ଼ିସ ହୋଷ୍ଟେଲ ଛକ, ଲାଞ୍ଜିପଲ୍ଲୀ, କମାପଲ୍ଲୀ, କୋର୍ଟପେଟା, ଟାଟାବେଞ୍ଚ ଛକ, ପୁରୁଣା ବସଷ୍ଟାଣ୍ଡ, ଫାଷ୍ଟଗେଟ, ଗେଟ ବଜାର, ଗାନ୍ଧୀ ନଗର ଛକ, ରୁକ୍ମଣୀ ହଲ, ନୂଆ ବସଷ୍ଟାଣ୍ଡ, ଆଙ୍କୁଲି, ଷ୍ଟେସନ ରୋଡ଼, ଗୁଡ଼ସରୋଡ଼, ଲୋଚାପଡ଼ା ରେଡ଼ିଓ ଷ୍ଟେସନ, ଏସବିଆର ମହିଳା ମହାବିଦ୍ୟାଳୟ ଛକ, ଗୋପାଳପୁର ଛକ, ଚିକିଟି, ସମେତ ବିଭିନ୍ନ ଛକରେ ନାକବନ୍ଦୀ ହୋଇଥିଲା। ମଦ୍ୟପ ଅବସ୍ଥାରେ ଦ୍ରୁତଗତି କିମ୍ବା ବେପରୁଆ ଗାଡ଼ି ଚଳାଉଥିବା ଅମାନିଆଙ୍କ ଗାଡ଼ି ଯାଞ୍ଚ କରାଯାଇଥିଲା। ବ୍ରହ୍ମପୁର ସହରରେ ସୁରକ୍ଷା ଲାଗି ୪ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଏହା ସହ ସମସ୍ତ ଥାନାର କର୍ମଚାରୀମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଯାଞ୍ଚରେ ସାମିଲ ଥିଲେ। ଜିରୋନାଇଟ୍ ଉତ୍ସବ ପାଳନ ଅବସରରେ ହୋଟେଲ୍ ଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିଥିଲା ପୁଲିସ। ସେହିପରି ୧୧୨ନଂ ଗାଡି ଗଳି କନ୍ଦିରେ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଛି। ଏହି ନାକାବନ୍ଦୀରେ ୯ଜଣ ଇନ୍ସପେକ୍ଟର, ୧୦ଜଣ ଏସଆଇ, ୧୮ ଏଏସଆଇ, ହାବିଲଦାର ୫ଜଣ, ଓଆର କନଷ୍ଟେବଳ ୪୧ଜଣ, ଓଏପିଏଫ ୧୮ଜଣ ଓ ହୋମଗାର୍ଡ଼ ୬୬ଜଣ ମୁତୟନ ଥିଲେ। ପରିଚାଳନା ଲାଗି ସଦର ଏସଡ଼ିପିଓ ଶିବ ଶଙ୍କର ମହାପାତ୍ର, ଡ଼ିଏସପି ଅକ୍ଷୟ କୁମାର ନାୟକ, ଏସଡ଼ିପିଓ ସୁଜିତ କୁମାର ନାୟକ, ଆଡ଼ିସିନାଲ ଏସପି ରମେଶ ଚନ୍ଦ୍ର ସେଠୀ ସମସ୍ତ କାର୍ଯ୍ୟର ପରିଚାଳନାକୁ ତଦାରଖ କରୁଥିଲେ।

## ଯୋଗ ଓ ବ୍ୟାୟାମପ୍ରେମୀଙ୍କ ବନ୍ଧୁମିଳନ

**ବ୍ରହ୍ମପୁର, ୩୧।୧୨(ସମିସ):** ଆମ୍ବପୁଆ ପୁଲିସ୍ ପଡ଼ିଆଠାରେ ସୂର୍ଯ୍ୟ ଉଦୟ ପୂର୍ବରୁ ଏକାଠି ହେଉଥିବା ଆଖପାଖ ଅଞ୍ଚଳର ବହୁ ଯୁବକ ଓ ଯୋଗା ତଥା ବ୍ୟାୟାମ ପ୍ରେମୀଙ୍କ ବନ୍ଧୁମିଳନ ରବିବାର ଗୋପାଳପୁର ବେଳାଭୂମିଠାରେ ଆୟୋଜିତ ହୋଇଯାଇଛି। ଏ ଅବସରରେ ବେଳାଭୂମିରେ ଦୌଡ ଠାରୁ ପ୍ରାଣାୟମ୍, ଯୋଗା ଓ ବ୍ୟାୟାମ୍ କରିଥିଲେ। ଆଗାମୀଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜରିଆରେ ସଚେତନତା ବାଣ୍ଟିବେ ବୋଲି ଏଠାରେ ନିଷ୍ପତି ହୋଇଛି। ଏଥିରେ ରମ୍ଭାସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ଖଣ୍ଡଦେଉଳି ସହୀଦ୍ ଭଗତସିଂ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଅଭିମନ୍ୟୁ ସାହୁଙ୍କ ସମେତ ଟାଙ୍ଗଣାପଲ୍ଲୀ ହାଇସ୍କୁଲର ଏନ୍‌ସିସି ଶିକ୍ଷକ ସୁଧାକର ବଳି, ସାମ୍ବାଦିକ ଶିବରାମ ଚୌଧୁରୀଙ୍କ ସମେତ ବ୍ୟାଙ୍କ କର୍ମଚାରୀ ବିଷ୍ଣୁପ୍ରସାଦ ପଣ୍ଡା, ମନୋଜ ସାହୁ ଓ ସୁଧାକର ନାୟକ, ବ୍ୟବସାୟୀ ରବୀନ୍ଦ୍ର ପାଣିଗ୍ରାହୀ, ପୁଲିସ୍ କର୍ମଚାରୀ ଭଜମନ ପ୍ରଧାନ, ଅବସରପ୍ରାପ୍ତ ସେନା ଅଧିକାରୀ ବିଶ୍ୱରଞ୍ଜନ ପାଢ଼ୀ ଓ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତରହି ପୂର୍ବ ବର୍ଷର ଅନୁଭୂତି ସାଉଁଟିଥିଲେ।

## ବ୍ରହ୍ମାକୁମାରୀ ପକ୍ଷରୁ ନବବର୍ଷ ଦିବ୍ୟ ସନ୍ଦେଶ

**ବ୍ରହ୍ମପୁର, ୩୧।୧୨(ସମିସ):** ଗିରି ରୋଡ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ସେବା କେନ୍ଦ୍ର ପକ୍ଷରୁ ନବବର୍ଷ ୨୦୨୪ମସିହା ଉପଲକ୍ଷେ ସମାଜକୁ ଦିବ୍ୟ ସନ୍ଦେଶ ପ୍ରଦାନ କରାଯାଇଛି। ମାନବ ସନ୍ଦେଶ ପ୍ରଦାନ ପ୍ରତିଟି ମଣିଷକୁ ଚିନ୍ତା, ଭୟ, ବିଘ୍ନ ଓ ସମସ୍ୟାମୁକ୍ତ ଜୀବନଯାପନ କରିବା ସକାଶେ ପରମାଶା ଆଶୀର୍ବାଦ କରିବା ସହ ସେମାନଙ୍କ ମଧ୍ୟରେ ଶୁଭଭାବନା, ନିଃସ୍ୱାର୍ଥସ୍ନେହ, ଆିତ୍ମିକ ଶକ୍ତି, ଭ୍ରାତୃତ୍ୱଭାବ, ଶାନ୍ତି, ସହାବସ୍ଥାନ, ଧୈର୍ଯ୍ୟ ଓ ସାହସର କିରଣ ସଞ୍ଚାର ହେବା ସକାଶେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଦୁର୍ଘଟଣାରେ ମହିଳା ଗୁରୁତର

**ବ୍ରହ୍ମପୁର, ୩୧।୧୨(ସମିସ):** ସ୍ଥାନୀୟ ଲାଞ୍ଜିପଲ୍ଲୀ ବାଇପାସରେ ଏକ କାରକୁ ଗୋଟିଏ ଟ୍ରକ ଧକ୍କା ଦେଇ ଫେରାର ହୋଇଯାଇଛି। ଏହି ଦୁର୍ଘଟଣା ଯୋଗୁଁ ରାସ୍ତା ପାର ହେବାକୁ ସେଠାରେ ଛିଡା ହୋଇଥିବା ଜଣେ ମହିଳା ଗୁରୁତର ହୋଇପଡ଼ିଛନ୍ତି। ମହିଳା ଜଣଙ୍କ ହେଲେ ଲାଞ୍ଜିପଲ୍ଲୀ ବ୍ରାହ୍ମଣ ସାହିର ଏମ. ଲାଛି(୫୦)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ ମେଡିକାଲ ପଠାଇଛନ୍ତି। ସେଠାରେ ତାଙ୍କ ଚିକିତ୍ସା ଜାରି ରହିଛି। ସୂଚନାପ୍ରକାରେ, ରବିବାର ସନ୍ଧ୍ୟାରେ ଛତ୍ରପୁର ପଟୁ ଆସିଥିବା ଏକ କାର ଲାଞ୍ଜିପଲ୍ଲୀ ଯିବାପାଇଁ ଜାତୀୟ ରାଜପଥ ଦୁଇ ରାସ୍ତା ମଝିରେ ଅପେକ୍ଷା କରିଥିଲେ। ସେଠାରେ ଜଣେ ବାଇକ ଚାଳକ ଛିଡା ହୋଇଥିବା ବେଳେ ତାଙ୍କ ନିକଟରେ ଲାଛି ନାମକ ଜଣେ ମହିଳା ଜଣଙ୍କ ଛିଡା ହୋଇଥିଲେ। ଏହି ସମୟରେ ଛତ୍ରପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ସେହି କାରକୁ ପଛପଟୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ କାରଟି କ୍ଷତିଗ୍ରସ୍ତ ହୋଇ ସେଠାରେ ଥିବା ବାଇକକୁ ଧକ୍କା ଦେଇଥିଲା। ଆଉ ବାଇକଟି ଲାଛିଙ୍କ ଉପରେ ଚଢି ଯାଇଥିଲା। ସେହି କାର ଭିତରେ ୨ ଜଣ ବସିଥିଲେ ମଧ୍ୟ କାହାର ବିଶେଷ କ୍ଷତି ହୋଇ ନାହିଁ। ସେହିପରି ବାଇକ ଚାଳକ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ନୂଆବର୍ଷର ସ୍ମୃତି ନିଆରା କରିବାକୁ ଲକ୍ଷ୍ୟ

# ଫୁଲ, ଗିଫ୍ଟ ଓ କେକ୍‌ରେ ରେକର୍ଡ କାରବାର

**ବ୍ରହ୍ମପୁର, ୩୧।୧୨(ସମିସ)**



ଆସିଲା ନୂଆବର୍ଷ। କିଏ କେଉଁ ଉପାୟରେ ଆତ୍ମୀୟ ଓ ବନ୍ଧୁଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବାକୁ କରିଛନ୍ତି ଯୋଜନା। ଆଉ ଏଥିପାଇଁ ବଜାରକୁ ଆସିଛି ବିଭିନ୍ନ କିସମର ଫୁଲ, ମିଠା, କେକ୍, ଚକୋଲେଟ୍, ଡ୍ରାଏ ଫୁଡ୍। ଗିଫ୍ଟ ବାସ୍କେଟ୍କୁ ସ୍ୱାସ୍ଥ୍ୟକର କରିବା ପାଇଁ ଲୋକେ ଡ୍ରାଏ ଫୁଡ୍ସକୁ ଗୁରୁତ୍ୱ ଦେଉଛନ୍ତି। ୩ଶହ ଟଙ୍କାରୁ ଆରମ୍ଭ ହୋଇ ୨୫ଶହ ଟଙ୍କା ପର୍ଯ୍ୟନ୍ତ ବଜାରରେ ଉପଲବ୍ଧ ହେଉଛି ଡ୍ରାଏ ଫୁଡ୍ସ। ସେହିଭଳି ନୂତନ ବର୍ଷରେ ମିଠାର ସ୍ଥାନ ସବୁବେଳେ ସ୍ୱତନ୍ତ୍ର। ଏଣୁ ମିଠା ଦୋକାନରେ ବି ପ୍ରବଳ ଭିଡ଼। ଦୋକାନୀ ବି ଆଗୁଆ ପ୍ରସ୍ତୁତ କରିଛନ୍ତି ଭିନ୍ନଭିନ୍ନ ସ୍ୱାଦର ମିଷ୍ଟାର୍ଣ୍ଣ। ଅନୁରୂପ ଭାବେ ଫୁଲତୋଡ଼ାର ଚାହିଦା ସବୁଠୁ ଅଧିକ। ଉପହାର ପାଇଁ ଫୁଲତୋଡା ଏକ ସୁନ୍ଦର ମାଧ୍ୟମ।

ନୂଆବର୍ଷରେ ବନ୍ଧୁ ଓ ପ୍ରିୟଜନଙ୍କୁ ଶୁଭେଚ୍ଛା ଜଣାଇବା ତଥା ପ୍ରାକୃତିକ ଫୁଲରେ ଘରକୁ ସଜେଇବା ପାଇଁ ସମସ୍ତଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍ସାହ। ସେଥିପାଇଁ ନୂଆବର୍ଷ ଅବସରରେ ଫୁଲର ଚାହିଦାକୁ ଦୃଷ୍ଟିରେ ରଖି ମୂଲ୍ୟ ମଧ୍ୟ ସାମାନ୍ୟ ବୃଦ୍ଧି ପାଇଛି। ଗୋଲାପ ଫୁଲ ଗୋଟା ମୂଲ୍ୟ ୨୦ଟଙ୍କା ଥିବାବେଳେ ଲିଲିର ମୂଲ୍ୟ ୧୦୦ଟଙ୍କା, ଅର୍କିଡ ମୂଲ୍ୟ ୪୦, ଜରବେରା ବିଡ଼ା ୬୦ଟଙ୍କା ରହିଛି। ଫୁଲର କୃତ୍ରିମ ଅଭାବ ସୃଷ୍ଟି ଆଶଙ୍କାରେ ଫୁଲପାଇଁ ଲୋକେ ଆଗୁଆ ବରାଦି ଦେଇସାରିଥିବା ପରିଲକ୍ଷିତ ହୋଇଛି। ଏଥିପାଇଁ ବ୍ୟବସାୟୀ ମଧ୍ୟ କୋଲକତା, ରାୟପୁର ଓ ବାଙ୍ଗାଲୋରରୁ ବହୁ ପରିମାଣରେ ଫୁଲ ଆମଦାନୀ କରିଛନ୍ତି। ସେହିଭଳି ଯୁବପିଢୀଙ୍କ ପସନ୍ଦ ଚକଲେଟ। ନୂଆବର୍ଷକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକାରର ଚକଲେଟ୍ ବଜାରରେ ଉପଲବ୍ଧ। କେକର ଚାହିଦା ମଧ୍ୟ କିଛି କମ୍ ନୁହେଁ। ଏଥିପାଇଁ ସହରର ବିଭିନ୍ନ ବେକେରୀରେ ଦେଖିବାକୁ ମିଳିଛି ପ୍ରବଳ ଭିଡ। ସହରର ପ୍ରାୟ ୨୦ରୁ ୨୫ଟି ବେକେରୀରେ ଭିଡ ଯେତିକି ତାହାଠାରୁ ଅଧିକ ଆଗୁଆ ବରାଦ ମଧ୍ୟ ହୋଇସାରିଛି। ପ୍ରତ୍ୟେକ ଦୋକାନରେ ଆମିଷ ଓ ନିରାମିଷ ପ୍ରାୟ ୧୫ରୁ ଅଧିକ ପ୍ରକାରର କେକ ବିକ୍ରି ହେଉଛି। ତେବେ ନୂଆବର୍ଷ ସୋମବାର ହେତୁ ନିରାମିଷ ଓ ଆଇସ କେକର ଚାହିଦା ସବୁଠାରୁ ଅଧିକ ଥିବା ବ୍ୟବସାୟୀମାନେ କହିଛନ୍ତି। ଗ୍ରାହକଙ୍କ ଇଚ୍ଛାମୁତାବକ କେକ ପ୍ରସ୍ତୁତ କରି ଯୋଗାଇ ଦିଆଯାଉଛି। ଅନଲାଇନରେ ମଧ୍ୟ କେକ ଅର୍ଡର ଥିବା ସୁବିଧା ଥିଲେ ମଧ୍ୟ ଅଧିକ ଗ୍ରାହକ ଦୋକାନକୁ ଆସି କ୍ରୟ କରିବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳିଛି। ଆଇସ କେକ କିଲୋ କିଲୋ ୨ଶହ ଟଙ୍କା ଠାରୁ ଆରମ୍ଭ କରି ୧୫ଶହ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ସାଧା କେକ କିଲୋ ପିଛା ୧୫୦ଟଙ୍କାରୁ ଆରମ୍ଭ କରି ୬ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରାୟ ୧୫ପ୍ରକାର ଫ୍ଲେବରର କେକ ବଜାରରେ ବିକ୍ରି ହେଉଛି। ସେଥି ମଧ୍ୟରୁ ବ୍ଲାକ ଫରେଷ୍ଟ, ଫଟୋ କେକ୍, ରେଡ୍ ଭେଲଭେଟ, ଗ୍ରୀନ ଆପେଲ, ଚୋକୋ ଚିପ୍ସ ଭଳି କେକର ବେଶ ଚାହିଦା ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ଚଳିତ ବର୍ଷ କେକ୍, ଫୁଲ, ଚକଲେଟ ଓ ଗିଫ୍ଟ ଆଦି ଉପହାର କାରବାରରେ ରେକର୍ଡ ପରିମାଣର ବ୍ୟବସାୟ ହୋଇଥିବା କୁହାଯାଉଛି।

# ୩ରୁ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ

**ବ୍ରହ୍ମପୁର, ୩୧।୧୨(ସମିସ):** ସ୍ଥାନୀୟ ପ୍ରକାଶମ ହଲରେ ରବିବାର ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସାଧାରଣ ସମ୍ପାଦକ ରମେଶ ମହାରଣା ସଭାପତିତ୍ୱ କରି ଆସନ୍ତା ଜାନୁୟାରୀ ମାସରେ ହେବାକୁ ଥିବା ୭ମ ରାଜ୍ୟସ୍ତରୀୟ ତଥା ୩୩ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଜାନୁୟାରୀ ୩ରୁ ୯ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବ। ଉଦଘାଟନ ରଜନୀରେ ଖୋର୍ଦ୍ଧାର ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ 'ପ୍ରତିଶୋଧ' ନାଟକ ପରିବେଷଣ କରାଯିବ। ସେହିପରି ୨ୟ ରଜନୀରେ ଭୁବନେଶ୍ୱରର ପ୍ରତିଭା ନାଟ୍ୟ ପରିଷଦ ନାଟକ 'ଅନ୍ତରାଗର ରଙ୍ଗ' ୩ୟ ଦିନରେ ଅଡବାର ମାତୃଶକ୍ତି କଲଚୁରାଲ କ୍ରିଏଟିଭ ନାଟକ 'ସତ ନା ମିଛ', ୪ର୍ଥ ଦିନରେ ପୁରୀର କଳିଙ୍ଗ କଳାକାରମାନେ ନାଟକ "ଅମୁହାଁ ଗଳି' ପରିବେଷଣ କରିବେ। ସେହିପରି ୫ମ ରଜନୀରେ ନାଟକ 'ପଞ୍ଚମ ବେଦ' ଓ ୬ଷ୍ଠ ରଜନୀରେ ନାଟକ 'ସନ୍ଦେଶ' ପରିବେଷଣ କରାଯିବ ବୋଲି ଏଠାରେ କୁହାଯାଇଥିଲା। ଶେଷ ଦିନ ଅନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ 'ସଠିକ ବିଚାର' ଏହା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି। ଏହା ସହିତ ଆଲୋଚନା ଚକ୍ର, ନୃତ୍ୟ ସଙ୍ଗୀତ, ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସଭାପତି ବଳରାମ ଦାଶ, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଆବାହକ ଭବାନୀ ମିଶ୍ର, କିରଣବାଳା ମିଶ୍ର, ଇଂ ସନ୍ତୋଷ ପାଣିଗ୍ରାହୀ, ଇଂ ଆଶୁତୋଷ ପାତ୍ର, ସତ୍ୟ ମହାରଣା, ସିମାଞ୍ଚଳ ବେହେରା, କାହ୍ନୁ ଚରଣ ଚୌଧୁରି, ନବୀନ ହୋତା, ସୁଦୀପ କୁମାର ସାହୁ, ସାରା ମିଶ୍ର, କୈଳାଶ ପାଣିଗ୍ରାହୀ, ସଂଜ୍ଞା ସମାହିତ ପାଢ଼ୀ, ଲୋକନାଥ କାନୁନଗୋ, ସୁଶାନ୍ତ ରାଉଳ ଓ ନବକିଶୋର ମହାପାତ୍ରଙ୍କ ସମେତ ଅନ୍ୟମାନେ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।





ବରିଷ୍ଠ ସାମ୍ବାଦିକ ଶଶିଭୂଷଣ ରଥଙ୍କ ଜୟନ୍ତୀରେ ସତ୍ୟଙ୍କ କଳାକୃତି

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର, ୩୧।୧୨(ସମିସ):** ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପରବର୍ତ୍ତୀ ସମୟରେ ପ୍ରତାରଣ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଅଭିଯୁକ୍ତକୁ କାବୁ କରିଛି। ସୂଚନାପ୍ରକାରେ ପିଡିତା ନାବାଳିକା ଓ ଅଭିଯୁକ୍ତ ଜଣକ ଏହି ଥାନା ଅଞ୍ଚଳରେ ଥିବା ଏକ କୁକୁଡାଫାର୍ମରେ କାମ କରୁଥିଲେ। କିଛି ଦିନ ପୂର୍ବେ ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଏକ ଗ୍ରାମକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏହା ପରେ ଅଭିଯୁକ୍ତ ଜଣକ ନାବାଳିକାକୁ ନିଜ ଘରକୁ ନେଇଯାଇଥିଲେ। ତେବେ ଅଭିଯୁକ୍ତଙ୍କ ପରିବାର ଲୋକେ ନାବାଳିକାଙ୍କୁ ଗ୍ରହଣ କରିନଥିଲେ। ଏପରିକି ଅଭିଯୁକ୍ତଙ୍କ ପରିବାର ଲୋକେ ନାବାଳିକାଙ୍କ ଠାରୁ ତାଙ୍କ ମୋବାଇଲ ସହ ସୁନାର କାନଫୁଲ ଓ ନଗଦ ୫୦୦୦ ଟଙ୍କା ନେଇ ଯାଇ ଘରୁ ବାହାର କରି ଦେଇଥିବା ନେଇ ନାବାଳିକା ଜଣକ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପିଡିତା ନାବାଳିକାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଅଭିଯୁକ୍ତକୁ କାବୁ କରିଥିବା ଜଣାପଡ଼ିଛି। ପୁଲିସ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ୧୯୯୨ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ



**ବ୍ରହ୍ମପୁର, ୩୧।୧୨(ସମିସ):** ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଡୁରୁମୁସ୍ୱାମୀ ଚିଦାନନ୍ଦ ହାଇସ୍କୁଲର ୧୯୯୨ ମେଟ୍ରିକ୍ ବ୍ୟାଚର ବନ୍ଧୁମିଳନ ସୋରିଷମୂଳୀ ଆନିକଟଠାରେ ଥିବା ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ତତ୍କାଳୀନ ପ୍ରଧାନଶିକ୍ଷକ ଡ.ପ୍ରଦୀପ କୁମାର ପଟ୍ଟନାୟକଙ୍କ ସମେତ ବହୁ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୩୧ବର୍ଷପରେ ପୁରାତନ ଛାତ୍ରଛାତ୍ରୀ ସ୍କୁଲ ନିକଟରେ ଏକତ୍ରିତ ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ପରସ୍ପର ମଧ୍ୟରେ ନିଜ ନିଜ କର୍ମମୟ ଜୀବନର ଅନୁଭୂତି ସହ ଦୁଃଖ ସୁଖ, ଭାବ ବିନିମୟ କରିଥିଲେ। ଶିକ୍ଷକ ଗୋପବନ୍ଧୁ ନାୟକ, କାହ୍ନୁଚରଣ ରଥ, ପଦ୍ମନାଭ ପାଣିଗ୍ରାହୀ, ଗୟାଚାନ୍ଦ ଗୌଡ, ଶ୍ରୀକାନ୍ତ ମିଶ୍ରଙ୍କ ସମେତ ସ୍କୁଲର ପୁରାତନ ଶିକ୍ଷକ ଓ କର୍ମଚାରୀଙ୍କୁ ଏହି ଅବସରରେ ବିଦ୍ୟାର୍ଥୀମାନେ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଶିଶିର ଗୌଡ, ପ୍ରତାପ ଦାସ, ସୀମାଞ୍ଚଳ ପରିଡ଼ା ଆୟୋଜନ କରିଥିବା ବେଳେ ଓଡ଼ିଶା ତଥା ଓଡ଼ିଶା ବାହାରୁ ବହୁ ପୁରାତନ ଛାତ୍ରଛାତ୍ରୀ ଅନୁସୟା ଚୌଧୁରୀ, ତୃପ୍ତି ଗୌଡ, ନମିତା ଗୌଡ, ସୁଚିତ୍ରା ଗୌଡ, ସୁନିତା ତ୍ରିପାଠୀ, ରୁଦ୍ରାକ୍ଷୀ ପ୍ରଧାନ, ସରୋଜ ପାଢ଼ୀ, ଧୋବା ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ଭାରତ ଏକ୍ସପ୍ରେସ୍‌କୁ ବ୍ରହ୍ମପୁରରେ ଭବ୍ୟ ସ୍ୱାଗତ

**ବ୍ରହ୍ମପୁର, ୩୧।୧୨(ସମିସ):** ଡିସେମ୍ବର ୩୦ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିବା ମାଲଦା ଟାଉନ୍-ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ ରେଳକୁ ଦେଶର ବିଭିନ୍ନ ଷ୍ଟେସନରେ ଭବ୍ୟ ସ୍ୱାଗତ କରାଯାଇଛି। ରବିବାର ବ୍ରହ୍ମପୁର ରେଳ ଷ୍ଟେସନର ୪ନଂ ପ୍ଲାଟଫର୍ମରେ ଅମୃତ ଭାରତ ଏକ୍ସପ୍ରେସ ପହଞ୍ଚିଥିବା ବେଳେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଓ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଅମୃତ ଭାରତ ଟ୍ରେନକୁ ସ୍ୱାଗତ କରିଥିଲେ। ଏହା ସହ ଟ୍ରେନରେ ଥିବା ଯାତ୍ରୀଙ୍କ ସହ ଟ୍ରେନରେ ଥିବା ସୁବିଧା ଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ବର୍ଷର ଆମ୍ ରେଳ ହୋଇଥିବା ବେଳେ ଲୋକେ ଏହାର ସୁବିଧା ପାଇପାରିବେ। ଏହା ସପ୍ତାହକୁ ଗୋଟିଏ ଦିନ ଚାଲିବ। ଆଗାମୀ ଦିନରେ ସପ୍ତାହକୁ ୩ଦିନ ଚାଲୁ ରଖିବାକୁ ଦାବି କରାଯିବ। ମୁମ୍ବାଇ ଓ ସୁରଥ ସହରକୁ ସାଧାରଣ ଲୋକ ଅଧିକ ଯାଉଥିବା ବେଳେ ଏଭଳି ଟ୍ରେନ ସେଠାକୁ ମଧ୍ୟ ଚଳାଚଳ କରିବାକୁ ସାଂସଦ ଶ୍ରୀ ସାହୁ କହିଛନ୍ତି। ସେହିପରି ବ୍ରହ୍ମପୁର ଦେଇ ଅମୃତ ଭାରତ ଟ୍ରେନକୁ ଯାଉଥିବା ବେଳେ ଏଥିପାଇଁ ଜନତା ବହୁତ ଖୁସି ଅଛନ୍ତି। କିନ୍ତୁ ଅନ୍ୟାନ୍ୟ ଟ୍ରେନ ଗୁଡ଼ିକ ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ସମସ୍ତ ଟ୍ରେନ ଗୁଡ଼ିକରେ ଏଭଳି ଆଧୁନିକ ସୁବିଧା ରହିବା ଆବଶ୍ୟକ ରହିଛି ବୋଲି ବିଧାୟକ ବିକ୍ରମ କୁମାର ପଣ୍ଡା କହିଛନ୍ତି। ଆଡ଼ିସନାଲ ଡ଼ିଭିଜନାଲ ମ୍ୟାନେଜର ଏସ. ମଣ୍ଡଳ, ଷ୍ଟେସନ ମାଷ୍ଟର ଦୁର୍ଗା ପ୍ରସାଦ ବ୍ରହ୍ମା, ଟିକେଟ ନିରୀକ୍ଷକ ବସନ୍ତ ଶତପଥୀ, ବିଏମସି ଡ଼େପୁଟି ମେୟର ଇ. ବିବେକ ରେଡ୍ଡୀ, ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ମିଡ଼ିଆ ପ୍ରଭାରୀ ସୁନିଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀଙ୍କ ସମେତ ବିଏମସିର ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ।



ସୁଶୀଳା ଦେବୀ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଉଦ୍‌ଘାଟିତ

# ରାଜ୍ୟରେ ନର୍ସିଂ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ଶୀର୍ଷରେ : ପ୍ରଫେସର ସଚ୍ଚି ମହାନ୍ତି

**ବ୍ରହ୍ମପୁର, ୩୧।୧୨(ସମିସ)**




ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଡୁରା ଗ୍ରାମ ପଞ୍ଚାୟତ ଅଧିନସ୍ଥ ଭାବି ନାରାୟଣପୁର ଗ୍ରାମରେ ରବିବାର ଦିନ ନୂତନ ଭାବେ ଉଦଘାଟିତ ହୋଇଯାଇଛି ସୁଶୀଳା ଦେବୀ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବକୁ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟର ମୁଖ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଯୋଗ ଦେଇଥିଲେ।

ସମ୍ମାନିତ ଅତିଥିଭାବେ ବରିଷ୍ଠ ବ୍ୟବସାୟୀ ପ୍ରକାଶ କୁମାର ପାତ୍ର, ଅନୁଷ୍ଠାନର ଅନ୍ୟତମ ନିର୍ଦ୍ଦେଶକ ନୟନ କୁମାର ସାହୁ, ବିନୋଦ କୁମାର ପଣ୍ଡା, ପୂର୍ବତନ ବିଧାୟକ ସିମାଞ୍ଚଳ ବେହେରା ଓ ଡୁରା ଗ୍ରାମ ସରପଞ୍ଚଙ୍କ ପ୍ରତିନିଧି ବିଜୟ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ବିଶେଷ କରି ଏହି ଅନୁଷ୍ଠାନରେ ବିଏସସି ନର୍ସିଂ ଏବଂ ବିଏନଏମ୍ ଅଧ୍ୟୟନ ସକାଶେ ଉପଯୁକ୍ତ ଅନୁଷ୍ଠାନ ବୋଲି ମତ ରଖିଥିଲେ ଅତିଥି।

ରାଜ୍ୟରେ କୋରୋନା କାଳରେ ଯେତେବେଳେ ପରିସ୍ଥିତି ଅଣାୟତ୍ତ ହେବାରେ ଲାଗିଥିଲା ସେତେବେଳେ ଏଭଳି ନର୍ସିଂ ଅଫିସର ମାନେ ଆଗ ଧାଡ଼ିର ଯୋଦ୍ଧା ସାଜି ଏହି ମହାମାରୀ ରୁ ଲୋକଙ୍କୁ ସାହାର୍ଯ୍ୟ କରିଥିଲେ। ଯାହା ଫଳରେ ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ସମ୍ମାନିତ ମଧ୍ୟ କରିଥିଲେ। ବର୍ତ୍ତମାନ ଛାତ୍ର ଛାତ୍ରୀ ଏଭଳି ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ଆକୃଷ୍ଟ ହେବାରେ ଲାଗିଛନ୍ତି। ଏହାସହ ଓଡ଼ିଶାରେ ଯେଉଁ ଛାତ୍ର ଛାତ୍ରୀ ମାନେ ନର୍ସିଂ ଅଧ୍ୟୟନ କରୁଛନ୍ତି ସେମାନଙ୍କୁ ସାରା ଭାରତ ରେ ପ୍ରଶଂସା କରାଯାଉଛି ବୋଲି ଏଠାରେ କୁହାଯାଇଛି। ଅନ୍ୟପଟେ ରାଜ୍ୟରେ ନର୍ସିଂ ଛାତ୍ର ଛାତ୍ରୀଙ୍କ ନିଯୁକ୍ତି କ୍ଷେତ୍ରରେ ଶୀର୍ଷରେ ଥିବା ଯୋଗୁଁ ଶ୍ରୀମତୀ ସୁଶୀଳା ଦେବୀ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ଆରମ୍ଭ ହେବା ଛାତ୍ର ଛାତ୍ରୀଙ୍କ ଏକ ପ୍ରକାର ସୁଯୋଗ ବୋଲି ମତ ରଖିଥିଲେ ଡାକ୍ତରୀ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟ ର ମୁଖ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି। ପରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ଅନିତା କୁମାରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ଜଗଦୀଶ ମହାପାତ୍ର ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁକୁଳ ଇଣ୍ଟରନେସନାଲ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମଧୁସ୍ମିତା ପରିଡ଼ା, ସାଇ ସନ୍ତୋଷ ନନ୍ଦ, ସୁଶୀଳା ଦେବୀ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ଭାଇସ ପ୍ରିନ୍ସିପାଲ୍ ସୋନ୍ତଷିନି ପ୍ରଧାନଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ।

## ମା' କାଳୁଆ ବ୍ୟାଡ୍‌ମିଣ୍ଟନ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**ବ୍ରହ୍ମପୁର, ୩୧।୧୨(ସମିସ):** ସ୍ଥାନୀୟ ଗୋଷାଣିନୂଆଗାଁ ଶାସ୍ତ୍ରୀନଗରରେ ପ୍ରଥମ ଲାଇନରେ ସିଲଭରଷ୍ଟାର ସିକ୍ୟୁରିଟି ସଂସ୍ଥା ଓ ସ୍ଥାନୀୟ ଯୁବକଙ୍କ ମିଳିତ ସହଯୋଗରେ ୫ମ ମା କାଳୁଆ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି। ସକାଳ ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସୁବୋଧ କୁମାର ପାତ୍ର, ଶିବ ନାରାୟଣ ସାମନ୍ତ, ରାଜେଶ କୁମାର ସାହୁ ଓ ସିଲଭରଷ୍ଟାର ସିକ୍ୟୁରିଟି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୦ଟି ଯୋଡି ଅଂଶଗ୍ରହଣ କରିଛନ୍ତି। ଗତ ୪ ବର୍ଷ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇ ଆସୁଥିବା ବେଳେ ଜିରୋ ନାଇଟ ଅବସରରେ ପ୍ରତିବର୍ଷ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି।

# ଆର୍‌ସିଏମ୍ କଲେଜରେ ଛାତ୍ର କନ୍ଦଳ

## ଜୁନିୟରଙ୍କୁ ପିଟିଲେ ସିନିୟର

**ଖଲ୍ଲିକୋଟ, ୩୧ ।୧୨(ସମିସ)**



ସ୍ଥାନୀୟ ରାମଚନ୍ଦ୍ର ମର୍ଦ୍ଦରାଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସାଉଣ୍ଡ ବଢ଼ାଇବାକୁ ନେଇ ଜୁନିଅର ଓ ସିନିୟର ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ୩ ଜଣ ଜୁନିୟର ଛାତ୍ର ଆହତ ହୋଇଛନ୍ତି । ସେମାନେ ହେଲେଯୁକ୍ତ ଦୁଇ ଛାତ୍ର ଚନ୍ଦନ ଜେନା, ପ୍ରଭାତ ରାଉତ ଓ ରୁଦ୍ର ନାହକ । ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । କଲେଜରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଗୀତ ସାଉଣ୍ଡ ବଢ଼ାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା । କିଛି ଯୁକ୍ତ ତିନି ଛାତ୍ର ଙ୍କ ସହ କିଛି ଅଣ ଛାତ୍ର ବାଜୁଥିବା ମ୍ୟୁଜିକ ର ସାଉଣ୍ଡ ବଢ଼ାଇବା ପାଇଁ କହିଥିଲେ । ତେବେ ଯୁକ୍ତ ଦୁଇ ଛାତ୍ର ମାନେ ସାଉଣ୍ଡ ବଢ଼ାଇବା ପାଇଁ ରାଜି ହୋଇ ନ ଥିଲେ । ଏହାକୁ ନେଇ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ବିଦ୍ୟାଳୟ ପରିସରରେ ଯୁକ୍ତିତର୍କ ହୋଇ ଉଭୟ ଛାତ୍ର ଗୋଷ୍ଠୀ ସମ୍ମୁଖରେ ଥିବା ଆସିକା-ଭୁବନେଶ୍ୱର ରାଜ୍ୟ ରାଜପଥ ଉପରକୁ ଚାଲି ଆସିଥିଲେ । ସେଠାରେ ଉଭୟ ପକ୍ଷଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ ଯୁକ୍ତ ତିନି ଛାତ୍ର ଓ ଅଣ ଛାତ୍ର ମିଶି ଯୁକ୍ତ ଦୁଇ ଛାତ୍ରଙ୍କୁ ଗୋଡେଇ ଗୋଡେଇ ଲୁହା ଛଡ଼ରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ଆରସିଏମ କଲେଜ ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି ।

# ରାମଚରିତ ମାନସ ଉଦ୍‌ଯାପିତ

**କୁକୁଡ଼ାଖଣ୍ଡି, ୩୧ ।୧୨(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁରେ ଥିବା ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ ରାମଚରିତ ମାନସ ଉଦଯାପିତ ହୋଇଯାଇଛି । ରଘୁନାଥ ଭଗବାନ ଓ ସଦଗୁରୁ ଦେବ ସ୍ୱାମୀ ଶିବାନନ୍ଦ ସଦ୍ଗୁରୁ ଦେବ, ସ୍ୱାମୀ ଚିଦାନନ୍ଦଙ୍କ ଅପାର କରୁଣାରୁ ଦିବ୍ୟଜୀବନ ସଂଘ ଶାଖା ବଡ଼ିଆଉସ୍ତା ତଥା ରୋହିଗାଁ କେନ୍ଦ୍ର ଆନୁକୂଲ୍ୟରେ ନବ ଦିନ ବ୍ୟାପି ସଙ୍ଗୀତମୟ ଶ୍ରୀ ରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଥିଲା । ଉଦଯାପନୀ ସମାରୋହରେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ କୁକୁଡ଼ାଖଣ୍ଡି ତହସିଲଦାର ସପନ କୁମାର ସାହୁ, ସମାଜସେବି ରବୀନ୍ଦ୍ର ମହାରଣା, ଲାଠୀ ସରପଞ୍ଚ ରାଧାମୋହନ ସେଠୀ, ବାଲିପଡ଼ା ସରପଞ୍ଚ ପ୍ରତିନିଧି ଜିତେନ୍ଦ୍ର ସେଠୀ, କୁକୁଡ଼ାଖଣ୍ଡି ସରପଞ୍ଚ ପ୍ରତିନିଧି ଟୁକୁନା ସେଠୀ, ଲାଞ୍ଜିଆ ସରପଞ୍ଚ ଅନିଲ କୁମାର ଗୌଡ଼, ସରପଞ୍ଚ ବଶିଷ୍ଠ କୁମାର ଜେନା, ସମିତି ସଭ୍ୟା ଲକ୍ଷ୍ମୀ ସ୍ୱାଇଁ, ବସନ୍ତ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଥିଲେ । ଚିଦାନନ୍ଦ ଆଶ୍ରମର ସଭାପତି ସ୍ୱାମୀ ରାମଦାସାନନ୍ଦ ସରସ୍ୱତୀ ମହାରାଜ ଓ କଥାବାଚକ ପଣ୍ଡିତ ନିରଞ୍ଜନ ଶାସନୀ, ମାନସ ପଞ୍ଚାନନ (କଟକ), ପାରାୟଣ ବ୍ୟାସ ପଣ୍ଡିତ ସୁନାଲ୍ କୁମାର ମିଶ୍ର ଓ ରାମକୃଷ୍ଣ ଆଚାର୍ଯ୍ୟ ସଙ୍ଗୀତ ସହଯୋଗ ଅରୁଣ, ସନାତନ, ଭୀମସେନ, ଶେଖର, ମନୋଜ, ସୀତାରାମ, ସଂକେତ, କବୀର ପ୍ରମୁଖ ରହିଥିଲେ ।



# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଭଞ୍ଜନଗର, ୩୧ ।୧୨(ସମିସ):** ଗାଲେରୀ ସ୍ଥିତ ଦଣ୍ଡପାଣି ମହାରଥା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ୫୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଭାଗ୍ୟଲତା ସେଠୀ, ମୁଖ୍ୟବକ୍ତା ବ୍ଲକ ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ସଭାପତି ଡ଼. ରବୀନ୍ଦ୍ରନାଥ ପାଳ, ସ୍ଥାନୀୟ ସରପଞ୍ଚ ସୁମିତ୍ରା ଗୌଡ଼, ସମାଜସେବି ଶଙ୍କର୍ଷଣ ମହାରଥା, ଅଧ୍ୟାପକ ରଙ୍କନିଧି ପ୍ରଧାନ, ମୁକେଶ କୁମାର ସାହୁ, ନୋଡ଼ାଲ ଅଫିସର ଦୁର୍ଗା ମାଧବ ଦାସ ଯୋଗ ଦେଇଥିଲେ । ଛାତ୍ରୀ ସଙ୍ଗିତା ଗୌଡ଼ ସଂଯୋଜନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥିରେ ବିରୂପାକ୍ଷ ସାହୁ, ବଙ୍ଗାଳି ଓ ଅନ୍ୟମାନେ ସହଯୋଗ କରିଥିଲେ ।




# ନିଖୋଜ ଯୁବକଙ୍କ ଶବ ଉଦ୍ଧାର

**ଗଞ୍ଜାମ, ୩୧ ।୧୨(ସମିସ):** ଗଞ୍ଜାମ ବ୍ଲକ ତଥା ରମ୍ଭା ଥାନା ଅନ୍ତର୍ଗତ ବୋରିଗାଁର ଜନୈକ ଯୁବକଙ୍କ ଶବ ଏକ ଚାଷଜମିରେ ରହିଥିବା କୂଅ ମଧ୍ୟରୁ ଉଦ୍ଧାର କରାଯାଇଛି । ମୃତକ ହେଲେ ବୋରିଗାଁର ପପୁନ ନାହାକ (୨୬) । ଜମି ମାଲିକ କୂଅରୁ ପାଣି ମଡାଇବାକୁ ଯିବା ବେଳେ ଏକ ଶବ କୂଅରେ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ସ୍ଥାନୀୟ ସମିତିସଭ୍ୟ ଧ୍ରୁବ ଚରଣ ପଲାଇ ଏନେଇ ସ୍ଥାନୀୟ ପୁଲିସ ଓ ଦମକଳ ବିଭାଗକୁ ଖବର ଦେଇଥିଲେ । ହୁମ୍ମା ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଶବ ଉଦ୍ଧାର କରି ବ୍ୟବଛେଦ ପାଇଁ ପଠାଇଥିଲେ । ସୂଚନାଯୋଗ୍ୟ ପପୁନ ଦୁଇ ଦିନ ହେଲା ନିଖୋଜ ଥିଲେ । ପରିବାର ବର୍ଗ ବହୁ ଖୋଜା ଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳିନଥିଲା । ଦୁଇଦିନ ତଳେ ଯୁବକ ଜଣଙ୍କ ପ୍ରତିଦିନ ପରି ଉକ୍ତ ଶସ୍ୟକ୍ଷେତ୍ରରେ ଥିବା କୂଅକୁ ଗାଧୋଇବାକୁ ଆସି ଅସାବଧାନତା ଯୋଗୁଁ କୂଅ ମଧ୍ୟକୁ ଖସି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି ।

# 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଦିଗପହଣ୍ଡି, ୩୧ ।୧୨(ସମିସ):** ଦିଗପହଣ୍ଡି ବ୍ଲକସ୍ତରୀୟ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଉତ୍ସବରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ଯମୁନା ନାଇକ, ବ୍ଲକ ସରପଞ୍ଚ ସଂଘ ସଭାପତି ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ବିଇଓ କୋରେଶ ସେଠୀ, ଉପାଧ୍ୟକ୍ଷା ପ୍ରତିନିଧି ନକୁଳ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତଲତା ମହାରଣା, ପଦ୍ମନାଭପୁର ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ପ୍ରଶିକ୍ଷକ, ଏନସିସି କ୍ୟାଡେଟ ଏବଂ ବ୍ଲକ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମକୁ ଅତିଥି ବୃନ୍ଦ ସାଧୁବାଦ ଜଣାଇବା ସହ ଆୟୋଜିତ କବାଡି, ଖୋଖୋ, କ୍ରିକେଟ, ଫୁଟବଲ ଖେଳ ସମେତ ଅନ୍ୟ ସମସ୍ତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ ମଧ କରିଥିଲେ । ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ଗୌଡ଼ ମଞ୍ଚ ପରିଚାଳନା କରିଥିବାବେଳେ ଏବିଡିଓ ପ୍ରଶାନ୍ତ କୁମାର ରଥ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପ୍ରଧାନ, ଜିପିଇଓ ଉମେଶ ସେଠୀ, ଯୋଗାଣ ନୀରିକ୍ଷକ ବ୍ରଜେଶ୍ୱର ରାୟଙ୍କ ସମେତ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ବିପୁଲିଙ୍ଗିରେ ଚିକିତ୍ସାଳୟ ଖୋଲିବାକୁ ଦାବି

**ଛତ୍ରପୁର, ୩୧ ।୧୨(ସମିସ):** ଗଞ୍ଜାମ ଜିଲ୍ଲା ସଦର ମହକୁମା ଠାରୁ ଚିକଲଖଣ୍ଡି ଦେଇ ପୁରୁଷୋତ୍ତମପୁର ଯିବା ରାସ୍ତାରେ ପଡେ ବିପୁଲିଙ୍ଗି ପଞ୍ଚାୟତର ବିପୁଲିଙ୍ଗି ଗ୍ରାମ । ସଦର ମହକୁମା ଛତ୍ରପୁର ଠାରୁ ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମରେ ୮୦୦ ପରିବାର ବସବାସ କରନ୍ତି । ଗ୍ରାମରେ ପ୍ରାୟ ୩ ହଜାର ଲୋକ ବାସ କରୁଥିବା ବେଳେ ସେଥି ମଧ୍ୟରୁ ୧୫୦୦ ପୁରୁଷ, ୧୦୦୦ ମହିଳା ଓ ୫୦୦ ଜଣ ପିଲା ବସବାସ କରନ୍ତି । ଗ୍ରାମରେ ରହିଛି ପାଣି ଟାଙ୍କି, ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ବ୍ୟାଙ୍କ ଅଫ ଇଣ୍ଡିଆ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, ପାଞ୍ଚ ଗୋଟି କୋଠ ଘର, ପାଞ୍ଚ ଗୋଟି ଅଙ୍ଗନବାଡି କେନ୍ଦ୍ର, ୧୬ଟି ମନ୍ଦିର, ପାଞ୍ଚ ଗୋଟି ପୋଖରୀ, ୨୧ଟି ନଳକୂପ, ୪ଟି କୂପ ଓ ଗୋଟିଏ ପାଠାଗାର । ଗ୍ରାମରେ ପ୍ରାୟ ୧୭ଟି ଏସଏଚଜି ଗ୍ରୁପ ରହିଥିବା ବେଳେ ବିଭିନ୍ନ ପ୍ରକାର କାର୍ଯ୍ୟ କରି ସେମାନେ ବେଶ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଏଥିପାଇଁ ସେମାନେ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି । ଗ୍ରାମର ପ୍ରାୟ ଲୋକ ଚାଷ କାମ କରି ନିଜ ପରିବାର ପ୍ରତିପୋଷଣ କରନ୍ତି, ଗ୍ରାମବାସୀଙ୍କ ପାଇଁ ଏକ ଚିକିତ୍ସାଳୟ ନଥିବାରୁ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଏଣୁ ଗ୍ରାମରେ ଚିକିତ୍ସାଳୟ ନିର୍ମାଣ କରିବା ନିମନ୍ତେ ଦାବି କରିଛନ୍ତି, ସେହିପରି ଗ୍ରାମକୁ ଯାତାୟତ ପାଇଁ ବସର ସୁବିଧା ଲାଗି ମଧ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି ।



# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ବୁଗୁଡ଼ା, ୩୧ ।୧୨(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ଗାଁ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଯୁବକ ହେଲେ ତାକରଡ଼ା ଗ୍ରାମର ସମୀର ନାହାକ । ରବିବାର ସନ୍ଧ୍ୟାରେ ସମୀର ପୋଲସରା ଥାନା ଅନ୍ତର୍ଗତ ଲଛିପୁର ଗାଁରୁ ନିଜ ଗାଁ ତାକରଡାକୁ ଆସୁଥିବାବେଳେ ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରଯାଇଛି ।

# ଖେମୁଣ୍ଡି କଲେଜ ଆଲୁମନି ବୈଠକ

**ଦିଗପହଣ୍ଡି, ୩୧ ।୧୨(ସମିସ):** ଖେମୁଣ୍ଡି କଲେଜ ୧୯୮୬ ଯୁକ୍ତ ୨ ବ୍ୟାଚର ପୁରାତନ ଛାତ୍ର ମାନଙ୍କର ଆଲୁମିନି ବୈଠକ ରବିବାର ଅଧ୍ୟାପକ ଅନିଲ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲୋକ ସେବା ପରିଷଦର ସମ୍ପାଦକ କୁରେଶୁ ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ଏସ. ନରସିହ୍ମା ରାଓ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଖେମୁଣ୍ଡି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ. ମୀନକେତନ ପାଣିଗ୍ରାହୀ, ସିଏଚ୍. ଚନ୍ଦ୍ରଶେଖର ପୃଷ୍ଟି, ଡ. ସୁବାଷ ଚନ୍ଦ୍ର ପ୍ରଧାନ, ଖେମୁଣ୍ଡି କଲେଜ ଆଲୁମିନି ସମ୍ପାଦକ ହରପ୍ରସାଦ ରଥ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ସଂସ୍କୃତିରେ ଗୁରୁଛାତ୍ର ସମ୍ପର୍କର ଐତିହ୍ୟ ଏବଂ କଲେଜର ବିକାଶରେ ପୁରାତନ ଛାତ୍ରଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ରମେଶ ଚନ୍ଦ୍ର ପୁରୋହିତ, ରବିପ୍ରସାଦ ଦାସ, ପ୍ରଦୀପ କୁମାର ପାଣିଗ୍ରାହୀ, କେ. ରବୀନ୍ଦ୍ର ରେଡ଼ି, ବିଭୂତି ଭୂଷଣ ମହାନ୍ତି, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, କେ. ପୂର୍ଣ୍ଣଚନ୍ଦ୍ର ଆଚାରୀ, ମନୋରଞ୍ଜନ ପାଢ଼ୀ, ଗୌରୀଶଙ୍କର ପାତ୍ର, ଏସ. ଗଣେଶ ରେଡି, ଅରୁଣ କୁମାର ପଣ୍ଡା, ହରିଶ୍ଚନ୍ଦ୍ର ବେଜ, ପି. ସନ୍ତୋଷ କୁମାର ପାତ୍ର, ଅନ୍ତର୍ଯ୍ୟାମୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ବିଜେପିର ସାଙ୍ଗଠନିକ ବୈଠକ

**କବିସୂର୍ଯ୍ୟନଗର, ୩୧ ।୧୨(ସମିସ):** ବିଜେପି କବିସୂର୍ଯ୍ୟନଗରର ମଣ୍ଡଳ ବୈଠକ ମଣ୍ଡଳ ଉପସଭାପତି ଅର୍ଜୁନ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଶ୍ୱେତ ଦୋରା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମୀରାବାଇ ଦେଓ, ଜିଲ୍ଲା କୋଷାଧ୍ୟକ୍ଷ ପୀତବାସ ପଣ୍ଡା, ନିର୍ବାଚନ ମଣ୍ଡଳୀ ସଂଯୋଜକ ମୁରଲୀଧର ପାଣିଗ୍ରାହୀଙ୍କ ସମେତ ନକୁଳ ମଳିକ, ବଳରାମ ଦାସ, ଶିବଶଙ୍କର ପାଣି, ବାଲ୍ମୀକି ଦାସ, କୈଳାସ ସିଂ, ଅରବିନ୍ଦ ଚର୍ଚ୍ଚି, ତପନ ନାହାକ, କାହ୍ନୁ ଗୌଡ଼, ସତ୍ୟଜିତ ମହାପାତ୍ର ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ମଣ୍ଡଳ କାର୍ଯ୍ୟକରଣ, ଶକ୍ତିକେନ୍ଦ୍ର ସହିତ ତୃଣମୂଳ ସ୍ତରରେ ଦଳକୁ ଦୃଢ଼ିକରଣ ପାଇଁ ସମସ୍ତ ପ୍ରସ୍ତୁତି ଏବେଠୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ● ଓଲଟିଲା ଟୁରିଷ୍ଟ ବସ୍

# ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

**ପୁରୁଷୋତ୍ତମପୁର, ୩୧ ।୧୨(ସମିସ):** ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବାଲିଆ ଛକ ବାଟମଙ୍ଗଳା ନାଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଭଦ୍ରକରୁ ଆସିଥିବା ଟୁରିଷ୍ଟ ବସ୍ ଓଲଟି ପଡ଼ିଛି । ଫଳରେ ବସରେ ଥିବା ଯାତ୍ରୀମାନେ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ହୋଇଛନ୍ତି । ଆହତମାନେ ହେଲେ ଉଦୟ ନାଥ ସାହୁ, କୁବେର କୁମାର ସାହୁ, ମଧୁସ୍ମିତା ସାହୁ, ଭକ୍ତ ଚନ୍ଦନ ବିଶ୍ୱାଳ, ଦୀପ ବେହେରା, ସନ୍ତୋଷ କୁମାର ବେହେରା, ବାଦଲ ମାହାଲିକ, ଦମୟନ୍ତୀ ନାୟକ, ଚିନ୍ମୟୀ ବେହେରା, ସସ୍ମିତା ମହାଲିକା । ଭଦ୍ରକ ଜିଲ୍ଲା ଅନ୍ନପାଳର ଉତ୍କଳ କମ୍ପ୍ୟୁଟର ଇଷ୍ଟିଚ୍ୟୁଟରୁ ଟୁରିଷ୍ଟରେ ପାଖାପାଖି ୪୫ ଜଣ ଛାତ୍ରଛାତ୍ରୀ ଶନିବାର ରାତି୧୦ଟାରେ ମହାଲକ୍ଷ୍ମୀ ବସ୍ ଓଡି୨୨ଏଚ୍ ୫୮୧୫ ଯୋଗେ ବାହାରି ସକାଳେ ତାରାତାରିଣୀ ପୀଠ ଦର୍ଶନ କରିବା ପରେ ନାରାୟଣୀ ଯାଉଥିବା ବେଳେ ବସ ଓଲଟିଥିଲା । ଦୁର୍ଘଟଣା ପରେ ଦୁର୍ଘଟଣାସ୍ଥଳରେ ଅଗ୍ନିଶମ, ପୋଲିସ, ପ୍ରଶାସନ, କେଏନପୁରୁ ସରପଞ୍ଚ ରାଜଲକ୍ଷ୍ମୀ ବେହେରା, ସମିତି ସଭ୍ୟା ଶାରଳା ବେହେରା ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ୩ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତରିତ କରାଯାଇଥିଲା । ଘଟଣାସ୍ଥଳରେ ପୁରୁଷୋତ୍ତମପୁର ଏସଡିପିଓ ରଜନୀ କାନ୍ତ ସାମଲ, ଥାନା ଅଧିକାରୀ ସମିର କୁମାର ରାଉତ ପହଞ୍ଚି ଘଟଣାର ଅନୁଧ୍ୟାନ କରୁଛନ୍ତି ।

# ନୂଆବର୍ଷ ପାଇଁ ପିକ୍‌ନିକ୍ ସ୍ପଟ୍‌ରେ ଭିଡ଼

**ଭଞ୍ଜନଗର, ୩୧ ।୧୨(ସମିସ):** ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ସମସ୍ତଙ୍କ ମନରେ ଭରି ରହିଥିଲା ପ୍ରବଳ ଆଗ୍ରହ ଓ ଉତ୍କଣ୍ଠା । ଏଣୁ ରବିବାର ୨୦୨୩ର ବିଦାୟ ଦିବସରେ ଦିନ ତମାମ ଭୋଜି ଭାତର ଆସର ଜମିଥିଲା । ଭଞ୍ଜନଗର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ପିକନିକ୍ ସ୍ପଟରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଭଞ୍ଜନଗରଠାରୁ ୨କିଲୋମିଟର ଦୂରରେ ଉତ୍ତର ଘୁମୁସର ବନ ବିଭାଗ ଦ୍ୱାରା ପରିଚାଳିତ ଭଞ୍ଜନଗର ଜଳଭଣ୍ଡାରକୁ ଲାଗି ରହିଥିବା ବନ ବିହାରଠାରେ ଭୋଜି ଓ ରାତ୍ରି ଯାପନ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଥିବାରୁ ପର୍ଯ୍ୟଟକମାନେ ଏହାକୁ ପ୍ରାଧାନ୍ୟ ଦେଇଥିଲେ । ଏଠାରେ ୧୬ଟି ପିଣ୍ଡି ଥିବା ବେଳେ ସୁବିଧା ଦୃଷ୍ଟିରୁ ୪୦ଟି ଦଳର ପ୍ରାୟ ଏକ ହଜାରରୁ ଅଧିକ ଲୋକ ଭୋଜି କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ସେହିପରି ୬ଟି କଟେଜ, ଗୋଟିଏ ଉଡେନ ହାଉସ୍ ଆଗରୁ ଅନଲାଇନ ମାଧ୍ୟମରେ ବୁକିଂ ହୋଇ ସାରିଥିଲା । ଏଥିସହ ଜେଟି ଓ ଛୋଟ ପିଲାଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ କ୍ରୀଡା, ପଶୁପକ୍ଷୀଙ୍କ ମଡେଲ, ଫୁଲ ବଗିଚା ଓ ଉଦ୍ୟାନ ସମସ୍ତଙ୍କୁ ବେଶ ଆନନ୍ଦିତ କରିଥିଲା । ଭଞ୍ଜନଗର ଜଳ ଭଣ୍ଡାର ପରିବେଶ ଉପଭୋଗ କରିବା ପାଇଁ ସ୍ଥାନଟି ବେଶ୍ ଲୋକପ୍ରିୟ ହୋଇଥିବାରୁ ବହୁ ଜିଲ୍ଲା ତଥା ରାଜ୍ୟ ବାହାରୁ ମଧ ପର୍ଯ୍ୟଟକମାନେ ଆସି ବର୍ଷର ଶେଷ ଦିନକୁ ମନ ଭରି ଉପଭୋଗ କରିଥିଲେ ।



# 'ନୂଆ – ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**କବିସୂର୍ଯ୍ୟନଗର, ୩୧ ।୧୨(ସମିସ):** କବିସୂର୍ଯ୍ୟନଗର ସ୍ଥିତ ଡ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉତ୍ସବକୁ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼. ପ୍ରସନ୍ନ କୁମାର ଦଳାଇ ଉଦ୍‌ଘାଟନ କରିଥିଲେ । ଏବିଡିଓ ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷ ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିଲେ । ସେହିଭଳି ନରସିଂହ ପାଢ଼ୀ ମୁଖ୍ୟବକ୍ତା ଓ ଯୁଗଳ କୃଷ୍ଣ ବେହେରା ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ, ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ପାଠ ପଢ଼ିବା ସହିତ ନାଚ ଗୀତ ଓ କ୍ରୀଡା ଇତ୍ୟାଦି କ୍ଷେତ୍ରରେ ମନୋନିବେଶ କରିବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ନୋଡାଲ ଅଫିସର ପ୍ରଭାତ କୁମାର ନନ୍ଦ ସଂଯୋଜନା କରିଥିବା ବେଳେ ସୌଭାଗ୍ୟ ମଞ୍ଜରୀ ନାଥ ସଭା ପରିଚାଳନା ଓ ରୁନି ପାଣିଗ୍ରାହୀ, ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଚିତ୍ତ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମଚାରୀ ଓ ଅଧ୍ୟପକ ମାନେ ସହଯୋଗ କରିଥିଲେ ।



# ମୃତକଙ୍କ ପରିବାରକୁ ଟିପିଏସ୍‌ଓଡିଏଲ୍‌ର ସହାୟତା

**ଭଞ୍ଜନଗର, ୩୧ ।୧୨(ସମିସ)**



ଟିପିଏସଓଡ଼ିଏଲ, ଭଞ୍ଜନଗର ପକ୍ଷରୁ ଏକ ଜରୁରୀ ବୈଠକ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭାଗୃହ ରେ ବିଭାଗୀୟ ମୁଖ୍ୟ ଅଧିକାରୀ ତପନ କୁମାର ଦେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଞ୍ଜନଗର ବିଦ୍ୟୁତ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଜଗତଜିତ ଦାସ ମହାପାତ୍ର, ଏସଡିଓ ମନୋଜ ସାହୁ, ଶଙ୍କର ପ୍ରସାଦ ସିଂ, ସରୋଜ ପଟ୍ଟନାୟକ, ସମସ୍ତ କନିଷ୍ଠ ଯନ୍ତ୍ରୀ ଏବଂ ସମସ୍ତ ମିଟର ରିଡର ଓ ଇନଭେନଟିବ୍ କମ୍ପାନୀର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଗତ ଅଗଷ୍ଟ ୭ ତାରିଖରେ ଭଞ୍ଜନଗର ବ୍ଲକ ବ୍ରାହ୍ମଣ ପଦର ପଞ୍ଚାୟତ କୁପାଟି ଗ୍ରାମରେ ମିଟର ରିଡିଙ୍ଗ ନେଉଥିବାବେଳେ ହତ୍ୟାକାଣ୍ଡରେ ଶିକାର ହୋଇଥିବା ମିଟର ରିଡର ଲକ୍ଷ୍ମୀ ନାରାୟଣ ତ୍ରିପାଠୀଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସାଉଥ କୋ ମିଟର ରିଡର ଶ୍ରମିକ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧର୍ମଘଟ ପରେ ଟିପିଏସଓଡ଼ିଏଲ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପାଳନ କରି ଅସହାୟ ଅବସ୍ଥାରେ ଥିବା ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି । ମୃତ ଲକ୍ଷ୍ମୀଙ୍କ ପତ୍ନୀ ଶୁଭଶ୍ରୀ ତ୍ରିପାଠୀଙ୍କୁ ଏକ ଚେକ ମାଧ୍ୟମରେ ୧୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏଥିସହ ଆଗାମୀ ଦିନରେ ମଧ ସ୍ୱର୍ଗତ ତ୍ରିପାଠୀଙ୍କ ପୁତ୍ରକୁ ୧୮ ବର୍ଷ ବୟସ ପରେ ଏକ ଚାକିରୀ ଦେବା ସହ ପତ୍ନୀଙ୍କୁ ଆଜୀବନ ପେନସନ ସୁବିଧା ଯୋଗାଇ ଦେବାକୁ ଟିପିଏସଓଡ଼ିଏଲ ପକ୍ଷରୁ ସୂଚନା ମିଳିଛି ।

# ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ; ଉତ୍କଳ ସାଂସ୍କୃତିକ ପରିଷଦର ନୂଆବର୍ଷ କ୍ୟାଲେଣ୍ଡର ଉନ୍ମୋଚନ

**ସୁନାବେଡା, ୩୧।୧୨(ସମିସ):** ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ସୁନାବେଡା ମିଗ୍ ନଗରୀ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମର ଅୟୋଜନ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ସଭାପତି କମଳା କାନ୍ତ ବିଷୋଇ, ବରିଷ୍ଠ ଉପଦେଷ୍ଟା ବିନୟ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପାତ୍ର, ଶେଖ ଇବ୍ରାହିମ ପ୍ରମୁଖ ଯୋଗ ଦେଇ ଆଜକୁ ୧୨୦ ବର୍ଷ ପୂର୍ବେ ଭାଷା ଭିତ୍ତିରେ ଏକ ସ୍ଵତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାର ଦୁଃସାହସ ଯେଉଁ ମହା ମନିଷିମାନେ କରିଥିଲେ ସେମାନଙ୍କ ପ୍ରଚେଷ୍ଟା, ତ୍ୟାଗ ଓ ସଂଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏକ ମିନିଟ୍ର ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ପରିଷଦ ପକ୍ଷରୁ ନୂତନ ବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା । ଏହାର ଆବରଣ ପୃଷ୍ଠାରେ ଶ୍ରୀ ଜଗନ୍ନାଥ ଓ କୋରାପୁଟର ସଂସ୍କୃତିକୁ ଦର୍ଶାଯାଇଛି। ପରିଷଦର ସାଧାରଣ ସମ୍ପାଦକ ମାନସ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ସୁଦାମ ବିଷୋୟୀ, ରାଧା ଶ୍ୟାମ ଦାସ, ପ୍ରଶାନ୍ତ କୁମାର ଜେନା ଏବଂ ପରିଷଦର କର୍ମକର୍ତ୍ତା ସରୋଜ କୁମାର ଦାସ, ଦିପକ କୁମାର ମଲ୍ଲିକ, ବନ ବିହାରୀ ସେଠି, ସୋମନାଥ ନାୟକ, ମଙ୍ଗଳ ସିଂହ, ସିଏଚ୍ ପ୍ରଦିପ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## କାର୍-ବାଇକ୍ ଧକ୍କା, ଜଣେ ମୃତ

ସେମିଲିଗୁଡ଼ା,୩୧।୧୨ (ସମିସ): ସେମିଲିଗୁଡ଼ା ଥାନା କୋକିରିଗୁଡ଼ା ଛକ ନିକଟରେ ଏକ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କର ପରିଚୟ ଜଣା ପଡ଼ିନାହିଁ। ସେ ସ୍ଥାନୀୟ ଅଞ୍ଚଳର ବୋଲି ସୂଚନା ମିଳିଛି। ସ୍ଥାନୀୟ ଲୋକେ କ୍ଷତି ପୂରଣ ଦାବିରେ ୨୬ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ସିମିଳିଗୁଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**■ ତପ୍ତପାଣି ଘାଟିରେ ଓଲଟିଲା ବସ୍**

## ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ

**ସାନଖେମୁଣ୍ଡି, ୩୧।୧୨(ସମିସ):** ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟି ବେଲଗଡ଼ ଗ୍ରାମ ନିକଟରେ ରବିବାର ଏକ ଘରୋଇ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଯାଜପୁର ଜିଲ୍ଲା ଦଶରଥପୁର ପଞ୍ଚାୟତ ପାଟଣାଗାଁର ୪୫ରୁ ଉର୍ଦ୍ଧ୍ୱ ଲୋକ ରିଜୱାନୀ ନାମକ ଏକ ଘରୋଇ ବସରେ ଗଞ୍ଜାମ ତପ୍ତପାଣି, ଗଜପତି ଜିଲ୍ଲା ଜିରାଙ୍ଗ ଖସଡ଼ା ଦେଇ ଗାଁକୁ ଫେରୁଥିବା ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡ଼ିଥିଲା। ଫଳରେ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ପୋଡ଼ାମାରି ଫାଣ୍ଡି ଅଧିକାରୀ, ମୋହନା ଅଗ୍ନିଶମ ବାହିନୀ, ସାନଖେମୁଣ୍ଡି ଅଗ୍ନିଶମ ବାହିନୀ, ମୋହନା ଥାନା ଅଧିକାରୀ ପାଟପୁର ଥାନା ଅଧିକାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର ୫ଟି ୧୦୮ ଆମ୍ବୁଲାନ୍ସ ଓ ୨ଟି ଅଗ୍ନିଶମ ବାହୀନି ଗାଡ଼ିରେ ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ଲେଖିବା ଯାଏଁ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକ ମୃତ

**ପାତ୍ରପୁର, ୩୧।୧୨(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ଗ୍ରାମର ଡମ୍ବରୁ ସେଠୀଙ୍କ ୨ୟ ପୁଅ ଦୀପକ ସେଠୀ (୧୯) ବେଙ୍ଗାଲୁରୁଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ହଠାତ୍ ରବିବାର ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ନିଜ ବଡଭାଇ ଓ ଗ୍ରାମର କିଛି ସାଙ୍ଗଙ୍କ ସହ ଦୀପକ ଏକ ଘରୋଇ କମ୍ପାନୀରେ ସୁପରଭାଇଜର ଭାବେ କାମ କରି ଆସୁଥିଲେ। ଗତକାଲି ଦୀପକଙ୍କ ପେଟରେ ଦରଜ ହେବାକୁ ନିକଟସ୍ଥ ମେଡିକାଲ ଯାଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇ ବିଶ୍ରାମ ନେଇଥିଲେ। ହେଲେ ସକାଳୁ ନ ଉଠିବାରୁ ତାଙ୍କ ସହିତ ରହୁଥିବା ସାଙ୍ଗମାନେ ମେଡିକାଲ ନେଇ ଯାଇଥିବା ବେଳେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କ ବଡ଼ଭାଇ କୌଣସି କାମରେ କିଛିଦିନ ହେବ ଗ୍ରାମକୁ ଫେରିଥିବା ବେଳେ ଦୀପକଙ୍କ ମୃତ୍ୟୁ ଖବର ପାଇ ବେଙ୍ଗାଲୁରୁ ଯାଇଥିବା ଜଣାପଡ଼ିଛି। ଦୀପକଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

**ରାଜପଥ ପାଲଟିଛି ଧାନଖଳା**

## ପର୍ଯ୍ୟଟକ ଓ ଯାତ୍ରୀ ହେଉଛନ୍ତି ହନ୍ତସନ୍ତ

**ସୋରଡ଼ା, ୩୧।୧୨(ସମିସ):** ଚାଷୀଙ୍କ ସୁବିଧା ଲାଗି ରାଜ୍ୟ ସରକାର ବିଭିନ୍ନ ଗାଁରେ ସରକାରୀ ଜମିରେ ଧାନଖଳା ନିର୍ମାଣ କରିଛନ୍ତି। ହେଲେ ତାହା ଉପଯୁକ୍ତ କାମରେ ଲାଗୁନଥିବା ଦେଖାଯାଉଛି। କେଉଁଠି ଘସି ପ୍ରସ୍ତୁତ ହେଉଛି ତ ପୁଣି କେଉଁଠି ମୁକ୍ତାକାଶ ପାଇଖାନା ପାଲଟୁଛି। ଫଳରେ ଚାଷୀମାନେ ପୂର୍ବବତ ରାଜପଥ ତଥା ଅନ୍ୟାନ୍ୟ ମୁଖ୍ୟ ରାସ୍ତାକୁ ଧାନ ଅମଳ ଲାଗି ବ୍ୟବହାର କରୁଛନ୍ତି। ଫଳରେ ରାସ୍ତା ଅବରୋଧ ହେବା ସହ ରାସ୍ତାରେ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସୋରଡ଼ା ସହର ସହ ସଂଲଗ୍ନ ବିଭିନ୍ନ ଗ୍ରାମାଞ୍ଚଳରେ ଏଭଳି ଅବସ୍ଥା ଏବେ ଦେଖିବାକୁ ମିଳୁଛି। ସୋରଡ଼ା ସହରର ଜାତୀୟ ରାଜପଥରେ ବରାଡ଼ି ନିକଟରେ ସମ୍ପୂର୍ଣ୍ଣ ରାସ୍ତାକୁ ଅବରୋଧ କରି ଭୋରରୁ ପରିବା ବ୍ୟବସାୟ କରି ମଧ୍ୟାହ୍ନ ପର୍ଯ୍ୟନ୍ତ କବଜା ଯୋଗୁଁ ଅଯଥା ଟ୍ରାଫିକ ସମସ୍ୟା ହେଉଛି। ଧାନ ଅମଳ ଯନ୍ତ୍ର ଲୋକାମାରୀ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରି ଅମଳବେଳେ ରାସ୍ତା କଡ଼ରେ ଜଣେ ଯାତ୍ରୀ ଯିବା ବେଳେ ଗୁଣ୍ଡ ଓ ପଟୁ ଆଖିରେ ପଡ଼ିବା ଯୋଗୁଁ ଅସହ୍ୟ ଯନ୍ତ୍ରଣା ସହିତ ଆଖିଟି ନଷ୍ଟ ହେବାର ଯାତନା ଭୋଗୁଛନ୍ତି। ଯାହାକି ଅଞ୍ଚଳର ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ରହି ସାଧାରଣ ଜନତା ଠାରୁ ଆରମ୍ଭ କରି ପର୍ଯ୍ୟଟକ ଯାତନା ଭୋଗୁଥିବା ଅଭିଯୋଗ ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ବନ୍ଧୁମିଳନ

**ପାତ୍ରପୁର, ୩୧।୧୨(ସମିସ):** ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ନିର୍ବାଚନ ମଣ୍ଡଳୀରେ ଥିବା ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ଅନେକ ସମସ୍ୟା ରହିଛି। ଆନ୍ଧ୍ରରେ ଲକ୍ଷାଧିକ ଓଡ଼ିଆ ଭୋଟର ରହିଥିଲେ ବି ସେମାନଙ୍କ ଉପରେ ପ୍ରଶାସନର ଠିକ ଭାବରେ ଦୃଷ୍ଟି ପଡୁନାହିଁ। ଏଣୁ ଆନ୍ଧ୍ର ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଆଗାମୀ ନିର୍ବାଚନରେ ନିଜର ଜଣେ ପ୍ରତିନିଧି ବାଛିବା ନେଇ ରବିବାର ଆନ୍ଧ୍ରର କାବିଟି ଥାନା ଅନ୍ତର୍ଗତ ବିନ୍ଧ୍ୟଗିରି ସ୍ଥିତ ମାଁ କୁଠାରୀଙ୍କ ପୀଠରେ ଆୟୋଜିତ ହୋଇଥିବା ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ବନ୍ଧୁମିଳନ ପର୍ବରେ ମତ ପ୍ରକାଶ ପାଇଛି। ଓଡ଼ିଆ ବିଚ୍ଛିନ୍ନାଞ୍ଚଳ ସଂଘର ସଭାପତି ସତ୍ୟନାରାୟଣ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଏବଂ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ସବୁ ସମୟରେ ଉପସ୍ଥିତ ରହି ସହଯୋଗ କରିବାର ପ୍ରତିଶ୍ରୁତି ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ଗୌଡ଼, ଏମ. ଲକ୍ଷ୍ମୀନାରାୟଣ, ରାମଚନ୍ଦ୍ର ବେହେରା, ଦେବରାଜ ସାହୁ, କୁମାର ନାୟକ, ଦୁର୍ଗାପ୍ରସାଦ ଚୌଧୁରୀ, ଭାସ୍କର ପାଢ଼ୀ, ବୃନ୍ଦାବନ ଦଳେଇ ପ୍ରମୁଖ ବିଭିନ୍ନ ସଂଗଠନର ମୁଖ୍ୟ ମାନେ ଏବଂ ବହୁ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେବା ସହିତ ପରସ୍ପରକୁ ଇଂରାଜୀ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ।





















**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୯ ● ପାଉଣ୍ଡ ୧୦୫.୯୨
- ୟୁରୋ ୯୧.୮୫ ● ୟେନ୍ ୦.୫୯

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୫୫୦ (ନୂଆଦିଲ୍ଲୀ)
- ରୁପା : ୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୨୪୦.୦୦
- ନିଫ୍ଟି ୨୧,୭୩୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ଅରବିନ୍ଦ ପାନଗାରିୟା ଷୋଡ଼ଶ ଅର୍ଥ କମିସନ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**



"୨୦୨୬-୨୭ ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷର ରିପୋର୍ଟ ଦେବେ ଅର୍ଥ ଆୟୋଗ

ନିତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିୟାଙ୍କୁ କେନ୍ଦ୍ର ସରକାର ଷୋଡ଼ଶ ଅର୍ଥ କମିସନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଏହାସହିତ କେନ୍ଦ୍ର ଅର୍ଥମନ୍ତ୍ରାଳୟର ଯୁଗ୍ମ ସଚିବ ରିତ୍ୱିକ୍ ରଞ୍ଜନାମ ପାଣ୍ଡେ ଅର୍ଥ ଆୟୋଗର ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଭାରତ ସରକାର ସମ୍ବିଧାନର ଧାରା ୨୮୦(୧) ଅନୁଯାୟୀ ଷୋଡ଼ଶ ଅର୍ଥ ଆୟୋଗ ଗଠନ କରିଛନ୍ତି ବୋଲି ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ତଥା କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଅରବିନ୍ଦ ପାନଗାରିୟା ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଷୋଡ଼ଶ ଅର୍ଥ କମିସନ ଗଠନ ନେଇ ' ଟର୍ମସ ଅଫ୍ ଫରେନ୍ସ(ଟିଓଆର)କୁ ଅନୁମୋଦନ ମିଳିଥିଲା। ସେହି ଅନୁସାରେ ରାଷ୍ଟ୍ରପତି ଏହା ଉପରେ ମୋହର ମାରିଛନ୍ତି। ଏହାପରେ ଷୋଡ଼ଶ ଅର୍ଥ ଆୟୋଗର ସଦସ୍ୟମାନଙ୍କ ସମ୍ପର୍କରେ ପୃଥକ ଭାବେ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅର୍ଥ କମିସନ ହେଉଛି ଏକ ସାମ୍ବିଧାନିକ ବ୍ୟବସ୍ଥା ଯାହାକି କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଆର୍ଥିକ କାରବାରକୁ ନେଇ ସମ୍ପର୍କ ସ୍ଥାପନ କରିଥାଏ। ବିଶେଷକରି ରାଜ୍ୟମାନଙ୍କ ସହ କେନ୍ଦ୍ରର ଟିକସ ବଣ୍ଟନ ବ୍ୟବସ୍ଥା ପାଇଁ ଏହି ଆୟୋଗ ପରାମର୍ଶ ଦେଇଥାଏ। ଟିକସ ବଣ୍ଟନ ବ୍ୟବସ୍ଥା ବ୍ୟତୀତ ଷୋଡ଼ଶ ଅର୍ଥ ଆୟୋଗ ୨୦୦୫ ବିପର୍ଯ୍ୟୟ ପରିଚାଳନା ଆଇନ ଆନୁସାରେ ବର୍ତ୍ତମାନ ଏହି କ୍ଷେତ୍ର ପାଇଁ ରହିଥିବା ପାଣ୍ଠିକୁ ନେଇ କିଭଳି ବିତ୍ତୀୟ ପରିଚାଳନା କରାଯାଇପାରିବ ସେନେଇ ମଧ୍ୟ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ। ଷୋଡ଼ଶ ଅର୍ଥ ଆୟୋଗ ୨୦୨୫ ଅକ୍ଟୋବର ୩୧ ତାରିଖ ସୁଦ୍ଧା ୨୦୨୬-୨୭ ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ ବର୍ଷର ରିପୋର୍ଟ ରାଷ୍ଟ୍ରପତିଙ୍କୁ ଦେବେ।

## ପଛରେ ପଡ଼ିଲା ଚୀନ୍ | ଭାରତୀୟ ଶେୟାର ବଜାର ମୁହାଁ ବିଦେଶୀ ନିବେଶକ

**୫ଟି ପର୍ଯ୍ୟାୟରେ ୧୯୦୪ ପଏଣ୍ଟ ବଢ଼ିଛି ସେନ୍‌ସେକ୍ସ**

**ମୁମ୍ବାଇ, ୩୧।୧୨(ଏଜେନ୍ସି):** ବର୍ଷ ୨୦୨୩ ଭାରତୀୟ ଶେୟାର ବଜାର ପାଇଁ ଅନୁକୂଳ ରହିଛି। ଏହି ବର୍ଷ ଭାରତୀୟ ଶେୟାର ବଜାରରେ ନୂଆ ରେକର୍ଡ ସୃଷ୍ଟି ହେବା ସହିତ ଉଭୟ ବିଏସଇ ସେନସେକ୍ସ ଏବଂ ନିଫ୍ଟି ସ୍ତରରେ ଆଶାତୀତ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହି ବର୍ଷରେ ଉଭୟ ସୂଚକାଙ୍କରେ ଅନ୍ୟୁନ ୨୦ ପ୍ରତିଶତ ବୃଦ୍ଧି ଘଟିଥିଲା ବେଳେ ୨୦୧୭ ପରେ ଏହା ରେକର୍ଡ ଅଭିବୃଦ୍ଧି ବୋଲି କୁହାଯାଇଛି। ଏହାଦ୍ୱାରା ଭାରତୀୟ ଶେୟାର ବଜାର ପ୍ରତି ବିଦେଶୀ ନିବେଶକଙ୍କ ଆସ୍ଥା ଓ ବିଶ୍ୱାସ ବହୁ ମାତ୍ରାରେ ପରିବର୍ଦ୍ଧିତ ହୋଇଛି। ଏହି ବର୍ଷରେ କେବଳ ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫପିଆଇ) ମୋଟ ୧.୭୧ ଲକ୍ଷ କୋଟି ଟଙ୍କା ଭାରତୀୟ ଶେୟାର ବଜାରରେ ନିବେଶ କରିଛନ୍ତି। ବିଦେଶୀ ନିବେଶକଙ୍କ ଏହି ପରିବର୍ଦ୍ଧିତ ଭରସା ଯୋଗୁଁ ୨୦୨୩ରେ ଭାରତୀୟ ଶେୟାର ବଜାର ନୂଆ ରେକର୍ଡ ସୃଷ୍ଟି କରିବାରେ ସଫଳ ହୋଇଥିବା କୁହାଯାଇଛି। ଅନ୍ୟପକ୍ଷରେ ଚୀନ୍ର ସାଂପ୍ରତିକ ଆର୍ଥିକ ବ୍ୟବସ୍ଥାକୁ ନେଇ ସେଠାକାର ଶେୟାର ବଜାର ସ୍ଥିତି କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସାଂପ୍ରତିକ ଆହ୍ୱାନପୂର୍ଣ୍ଣ ବୈଶ୍ୱିକ ପରିସ୍ଥିତିକୁ ନେଇ ବିଦେଶୀ ନିବେଶକମାନେ ଚୀନ୍କୁ ପଛରେ ପକାଇ ଭାରତୀୟ ଶେୟାର ବଜାର ପ୍ରତି ଅଧିକ ଆକୃଷ୍ଟ ହେଉଥିବା ଦେଖାଯାଇଛି ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି।

**ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣ କ୍ଷେତ୍ରର ସଂପ୍ରସାରଣ**

# ୨୦୨୪ରେ ୧୧୫ ବିଲିୟନ ଡଲାର ଛୁଇଁବ ଭାରତୀୟ ବଜାର



**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଭାରତୀୟ ଇଲେକଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ କ୍ଷେତ୍ରର ସଂପ୍ରସାରଣକୁ ନେଇ ୨୦୨୪ରେ ବଡ଼ ସଫଳତା ମିଳିବ। ଭାରତରେ କାର୍ଯ୍ୟ କରୁଥିବା ପ୍ରମୁଖ ଇଲେକଟ୍ରୋନିକ୍ସ କମ୍ପାନୀ ଉଚ୍ଚ ଶ୍ରେଣୀର ଉତ୍ପାଦଗୁଡିକରେ ଅଧିକ ମୂଲ୍ୟଯୁକ୍ତ କରିବା ଏବଂ ଉନ୍ନତ ତଥା ବିକଶିତ ଉତ୍ପାଦ ଉପରେ ଗୁରୁତ୍ୱ ଦେଉଥିବାରୁ ଆଗାମୀ ଦିନରେ ଏକ୍ଷେତ୍ରରେ ବିକ୍ରି ବୃଦ୍ଧି ଉଲ୍ଲେଖଜନକ ସ୍ଥିତିରେ ପହଞ୍ଚିବାକୁ ଯାଉଛି। ଏହାଦ୍ୱାରା ୨୦୨୪ରେ ଭାରତୀୟ ଇଲେକଟ୍ରୋନିକ୍ସ ବଜାରର କାରବାର ୧୫ ପ୍ରତିଶତ ଅଭିବୃଦ୍ଧିରେ ୧୧୫ ବିଲିୟନ ଡଲାର ଛୁଇଁବ ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି। ମୋବାଇଲ ଫୋନ ଉତ୍ପାଦନ ଭାରତୀୟ ଇଲେକଟ୍ରୋନିକ୍ସ ନିର୍ମାଣ କ୍ଷେତ୍ରକୁ ସର୍ବାଧିକ ଶ୍ରେୟ ଦେଇଥିଲା ବେଳେ ୨୦୨୩-୨୦୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କ୍ଷେତ୍ରର କାରବାର ପରିମାଣ ୫୦ ବିଲିୟନ ଡଲାର ଟପିବା ନେଇ ଆକଳନ କରାଯାଇଛି। ଗତ ଆର୍ଥିକ ବର୍ଷରେ ମୋବାଇଲ ଫୋନ କ୍ଷେତ୍ରର କାରବାର ପରିମାଣ ୪୨ ବିଲିୟନ ଡଲାର ରହିଥିଲା। ଏହି କ୍ଷେତ୍ରର ଉତ୍ପାଦନକୁ ନେଇ ହିଁ ୨୦୨୪ରେ ଭାରତର ହାରାହାରି ଇଲେକଟ୍ରୋନିକ୍ସ ବଜାର କାରବାର ପରିମାଣ ୧୧୫ ବିଲିୟନ ଡଲାର ଛୁଇଁବ ବୋଲି ସେଲୁଲାର ଆଣ୍ଡ ଇଲେକଟ୍ରୋନିକ୍ସ ଆସୋସିଏସନ ଅଧ୍ୟକ୍ଷ ପଙ୍କଜ ମହିନ୍ଦ୍ରୁ କହିଛନ୍ତି। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ବିଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ଇଲେକଟ୍ରୋନିକ୍ସ କ୍ଷେତ୍ରର କାରବାର ବହୁଗୁଣିତ ହୋଇଛି। ୨୦୧୩-୧୪ ଆର୍ଥିକ ବର୍ଷରେ ଦେଶର ମୋଟ ଇଲେକଟ୍ରୋନିକ୍ସ ସାମଗ୍ରୀ କାରବାର ପରିମାଣ ୧,୮୦,୪୫୪ କୋଟି ଟଙ୍କା (୨୯.୮ ବିଲିୟନ ଡଲାର) ରହିଥିଲା ବେଳେ ପ୍ରାୟ ୧୦ ବର୍ଷ ପରେ ଏହି ପରିମାଣ ୪ ଗୁଣ ବୃଦ୍ଧି ପାଇ ୮.୨୨ ଲକ୍ଷ କୋଟି ଟଙ୍କା( ୧୦୨ ବିଲିୟନ ଡଲାର) ରେ ପହଞ୍ଚିଛି। ଏହିକ୍ରମରେ ରପ୍ତାନି ମଧ୍ୟ ବୃଦ୍ଧି ପାଇଛି। ୨୦୨୪ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଦେଶର ମୋବାଇଲ ଫୋନ ରପ୍ତାନି ପରିମାଣ ୧୫ ବିଲିୟନ ଡଲାରରେ ପହଞ୍ଚିବ ବୋଲି ମହିନ୍ଦ୍ରୁ କହିଛନ୍ତି।

# ୨୦୨୩ରେ ଅଟୋମୋବାଇଲ ବିକ୍ରି କ୍ଷେତ୍ରରେ ୧୧ % ଅଭିବୃଦ୍ଧି




**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ୨୦୨୩ ବର୍ଷରେ ଅଟୋମୋବାଇଲ କ୍ଷେତ୍ରର ବିକ୍ରି ହାର ଗତବର୍ଷ ତୁଳନାରେ ସନ୍ତୋଷଜନକ ରହିଛି। ୨୦୨୨ ତୁଳନାରେ ୨୦୨୩ରେ ଯାନ ବିକ୍ରିରେ ୧୧ ପ୍ରତିଶତ ବୃଦ୍ଧି ଘଟି ମୋଟ ୨୩.୯ ନିୟୁତ ଯାନ ବିକ୍ରି ହୋଇଛି ବୋଲି କେନ୍ଦ୍ର ସରକାରଙ୍କ ବାହନ ପୋର୍ଟାଲରେ ପଞ୍ଜିକରଣ ସ୍ଥିତିରୁ ଜଣାପଡ଼ିଛି। ଏହାସତ୍ତ୍ୱେ କରୋନା ପୂର୍ବ ସ୍ଥିତି ତୁଳନାରେ ବିକ୍ରି ହାର କମ୍ ରହିଥିବା କୁହାଯାଇଛି। ୨୦୧୯ରେ ମୋଟ ୨୪.୧୭ ନିୟୁତ ଯାନ ବିକ୍ରି ହୋଇଥିଲା ବେଳେ ୨୦୨୩ରେ ବିକ୍ରି ହାର ୧ ପ୍ରତିଶତ କମ୍ ରହିଥିବା କୁହାଯାଇଛି। କରୋନା ମହାମାରୀ ପ୍ରଭାବରେ ୨୦୧୯ ପରେ ଦେଶରେ ଯାନ ବିକ୍ରି ହାର ହ୍ରାସ ପାଇଥିଲା। ୨୦୨୧ରେ ମୋଟ ଯାନ ବିକ୍ରି ସଂଖ୍ୟା ୧୮.୯ ନିୟୁତକୁ ଖସିଯାଇଥିଲା। ତେବେ ୨୦୨୨ରେ ଏହି ସଂଖ୍ୟାରେ ବୃଦ୍ଧି ଘଟି ଏହା ୨୧.୫ ନିୟୁତ ରହିଥିଲା। ସେହିପରି ୨୦୨୩ ଡିସେମ୍ବର ୩୧ ସନ୍ଧ୍ୟା ୫ଟା ସୁଦ୍ଧା ଦେଶର ମୋଟ ଯାନ ବିକ୍ରି ସଂଖ୍ୟା ୨୩.୯ ନିୟୁତ ରହିଥିବା ବାହନ ପୋର୍ଟାଲ ସୂତ୍ରରୁ ଜଣାପଡ଼ିଛି। ଏହି ବର୍ଷରେ ପାସେଞ୍ଜର ଯାନ ବିକ୍ରିରେ ସର୍ବାଧିକ ବୃଦ୍ଧି ପରିଲକ୍ଷିତ ହୋଇଛି। ଏହାକୁ ନେଇ ଅଟୋମୋବାଇଲ ଶିଳ୍ପ କ୍ଷେତ୍ର ଉତ୍ସାହିତ ରହିଥିଲା ବେଳେ ୨୦୨୪ ପ୍ରାରମ୍ଭରେ ମଧ୍ୟ ପାସେଞ୍ଜର ଯାନ ବିକ୍ରି ଅଧିକ ରହିବ ବୋଲି ସୂଚନା ମିଳିଛି। କାରଣ ବର୍ତ୍ତମାନ ସୁଦ୍ଧା ଡିଲର ନେଟୱର୍କରେ ଆହୁରି ୬ ଲକ୍ଷ ୫୦ ହଜାର ଯାନ ବିକ୍ରି ପାଇଁ ଆଗୁଆ ଜମା ରହିଛି। ୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତଥା ଶେଷ ତ୍ରୟମାସରେ ଅଧିକରୁ ଅଧିକ ପାସେଞ୍ଜର ଯାନ ବିକ୍ରି ହେବାର ସମ୍ଭାବନା ରହିଛି ବୋଲି ଅଟୋମୋବାଇଲ ଡିଲର ସଂଘ ସଭାପତି ରାଜ ସଂଘାଣିଆ କହିଛନ୍ତି। ୨୦୨୩ ବର୍ଷରେ ଉତ୍ତରପ୍ରଦେଶ ,ମହାରାଷ୍ଟ୍ର,ତାମିଲନାଡୁ, କର୍ଣ୍ଣାଟକ ଏବଂ ଗୁଜରାଟରେ ସର୍ବାଧିକ ଯାନ ବିକ୍ରି ହୋଇଛି। ସେହିପରି ଏହି ବର୍ଷରେ ଇଲେକ୍ଟ୍ରିକ୍ ଯାନ ବିକ୍ରି ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୨ରେ ମୋଟ ୧.୦୨୫ ଇଲେକ୍ଟ୍ରିକ୍ ଯାନ ବିକ୍ରି ହୋଇଥିଲା ବେଳେ ୨୦୨୩ରେ ୪୯ ପ୍ରତିଶତ ଅଭିବୃଦ୍ଧିରେ ଏହି ସଂଖ୍ୟା ୧.୫୩ ନିୟୁତରେ ପହଞ୍ଚିଛି। ସେହିପରି ଗ୍ୟାସ ଚାଳିତ ଯାନ ବିକ୍ରି ମଧ୍ୟ ୪୦ ପ୍ରତିଶତ ଅଭିବୃଦ୍ଧିରେ ମୋଟ ୪୧୬,୯୭୫ ଯାନ ବିକ୍ରି ହୋଇଥିବା କୁହାଯାଇଛି।

# 'ବିଶ୍ୱର ଶ୍ରେଷ୍ଠ ୧୦ କମ୍ପାନୀ ମଧ୍ୟରେ ସାମିଲ ହେବ ରିଲାଏନ୍ସ'



**ମୁମ୍ବାଇ,୩୧।୧୨(ଏଜେନ୍ସି):** ରିଲାଏନ୍ସ ନିଜର ଅବିରତ ବିକାଶର ଧାରା ଜାରି ରଖି ଆଗକୁ ବଢିବା ସହିତ ବିଶ୍ୱର ଶ୍ରେଷ୍ଠ ୧୦ ବ୍ୟବସାୟ ସମୂହ ମଧ୍ୟରେ ସ୍ଥାନିତ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ପ୍ରକାଶ କରିଛନ୍ତି । ରିଲାଏନ୍ସର ପ୍ରତିଷ୍ଠାତା ଧିରୁଭାଇ ଅମ୍ବାନୀଙ୍କ ଜନ୍ମତିଥିରେ କର୍ମଚାରୀଙ୍କୁ ସମ୍ବୋଧନ କରି ସେ ଏହା କହିଛନ୍ତି । ରିଲାଏନ୍ସ ଏବେ ଡିଜିଟାଲ ଡାଟା ପ୍ଲାଟଫର୍ମ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପଣାଇବାରେ ବିଶ୍ୱର ଅଗ୍ରଣୀ ସଂସ୍ଥାମାନଙ୍କ ମଧ୍ୟରୁ ଅନ୍ୟତମ ହେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଡିଜିଟାଲ ପ୍ଲାଟଫର୍ମ ଯୁଗରେ ଡାଟା ଏବେ ପ୍ରତିଭା ଓ ଅର୍ଥ ସହିତ ଉତ୍ପାଦନର ନୂଆ ମାଧ୍ୟମ ହୋଇଛି । ଏଥି ନିମନ୍ତେ ଡାଟା ବ୍ୟବହାର ରେ ଆମେ ସର୍ବଦା ଅଗ୍ରଣୀ ରହିବା ସହିତ ଏଆଇ ବଳରେ ଉତ୍ପାଦକତା ଓ ଦକ୍ଷତାରେ ଅନେକ ଗୁଣ ଉନ୍ନତି ହାସଲ କରିପାରିବା ବୋଲି କର୍ମଚାରୀମାନଙ୍କୁ ସମ୍ବୋଧନ କରି ସେ କହିଛନ୍ତି ।ରିଲାଏନ୍ସ ସବୁବେଳେ ଆତ୍ମସନ୍ତୁଷ୍ଟି ଠାରୁ ଆଗରେ ରହିଥିବା ପ୍ରକାଶ କରି ବର୍ତ୍ତମାନ ସୁଦ୍ଧା ଉଭୟ ଘରୋଇ ଏବଂ ବିଶ୍ୱ ସ୍ତରରେ ବ୍ୟବସାୟ ପରିବେଶ ଦ୍ରୁତ ପରିବର୍ତ୍ତନଶୀଳ ହୋଇଥିବା ସେ କହିଛନ୍ତି । ସବୁ ସମୟ ଭଳି ଆଗାମୀ ଦିନରେ ମଧ୍ୟ ଗ୍ରାହକମାନଙ୍କୁ ପ୍ରାଥମିକତା ଦେବା ନେଇ ସର୍ବଦା ଧ୍ୟାନକେନ୍ଦ୍ରିତ କରିବା ପାଇଁ ସେ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି । ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବା ଦିଗରେ ଆଗକୁ ବଢୁଥିବା ବେଳେ ଆମପାଇଁ ବିଶ୍ୱର ଶ୍ରେଷ୍ଠ ୧୦ ବ୍ୟବସାୟ ସମୂହ ମଧ୍ୟରେ ସ୍ଥାନ ହାସଲ କରିବାର ଅପୂର୍ବ ସୁଯୋଗ ରହିଥିବା ସେ କହିଛନ୍ତି ।

# ୮ ମାସରେ ବିତ୍ତୀୟ ନିଅଣ୍ଟ ହାର ୫୦.୭%କୁ ହ୍ରାସ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଚଳିତ ଆର୍ଥିକ ବର୍ଷ(୨୦୨୩-୨୪)ର ପ୍ରଥମ ୮ ମାସ ମଧ୍ୟରେ ବିତ୍ତୀୟ ନିଅଣ୍ଟ ହାର ୫୦.୭ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ୧୭.୮୭ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରିଛନ୍ତି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ବିତ୍ତୀୟ ନିଅଣ୍ଟ ହାର ୫୮.୮ ପ୍ରତିଶତ ରହିଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ ଏହା ତୁଳନାତ୍ମକ ଭାବେ ହ୍ରାସ ପାଇଥିବା ସିଜିଏଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ ରୁ ନଭେମ୍ବର ମାସ ମଧ୍ୟରେ ବିତ୍ତୀୟ ନିଅଣ୍ଟ ପରିମାଣ ୯.୧ ଲକ୍ଷ କୋଟିରେ ପହଞ୍ଚିଥିବା କୁହାଯାଇଛି। ଯାହାକି ଗତ ଆର୍ଥିକ ବର୍ଷରେ ୯.୮ ଲକ୍ଷ କୋଟି ଟଙ୍କା ଥିଲା। ସିଜିଏଙ୍କ ତଥ୍ୟରୁ ଜଣାପଡିଛି ଯେ, କେନ୍ଦ୍ର ସରକାର ଏପ୍ରିଲ୍-ନଭେମ୍ବର ମଧ୍ୟରେ ବଜେଟ୍ ଆକଳନ ଅନୁସାରେ ପୁଞ୍ଜି ବ୍ୟୟ ହାର ୫୮.୫ ପ୍ରତିଶତ ରହିଛଇ। ଯାହା ଗତ ଆର୍ଥିକ ବର୍ଷର ଏପ୍ରିଲ୍-ନଭେମ୍ବର ମଧ୍ୟରେ ୫୯.୬ ପ୍ରତିଶତ ଥିଲା। ଏହି ସମୟରେ ରାଜସ୍ୱ ଆଦାୟ ପରିମାଣ ୧୭.୨୦ ଲକ୍ଷ କୋଟି ରହିଛି। ସେଥିମଧ୍ୟରୁ ଟିକସଜନିତ ରାଜସ୍ୱ ୧୪.୩୬ ଲକ୍ଷ କୋଟି ରହିଥିବା ବେଳେ ଅଣଟିକସ ରାଜସ୍ୱ ୨.୮୪ ଲକ୍ଷ କୋଟି ଟଙ୍କା ରହିଛି। ଟିକସ ରାଜସ୍ୱ ବଜେଟ୍ ଆକଳନର ୬୧.୬ ପ୍ରତିଶତ ହୋଇଥିବାବେଳେ ଅଣ ଟିକସ ରାଜସ୍ୱ ୯୪.୩ ପ୍ରତିଶତ ରହିଥିବା କୁହାଯାଇଛି।




## ୨୧ ମାସର ସର୍ବୋଚ୍ଚ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଡିସେମ୍ବର ୨୨ ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ୪.୪୭୧ ବିଲିୟନ ଡଲାର ବୃଦ୍ଧି ପାଇ ୬୨୦.୪୪୧ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ବଶେଷ ତଥ୍ୟରୁ ଜଣାପଡ଼ିଛି। ଏହାର ପୂର୍ବ ସପ୍ତାହରେ ଦେଶର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ପରିମାଣରେ ୯.୧୧୨ ବିଲିୟନ ଡଲାର ବୃଦ୍ଧି ଘଟି ଏହା ୬୧୫.୯୭୧ ବିଲିୟନ ଡଲାର ରହିଥିଲା । ଏହାକୁ ମିଶାଇ ଚଳିତ ବର୍ଷ ମୁଦ୍ରା ଭଣ୍ଡାରରେ ୫୭.୬୩୪ ବିଲିୟନ ଡଲାର ରେକର୍ଡ ବୃଦ୍ଧି ହାସଲ କରାଯାଇଛି । ରିଜର୍ଭ ବ୍ୟାଙ୍କର ସାପ୍ତାହିକ ଡାଟା ଅନୁସାରେ ଡିସେମ୍ବର ୨୨ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଦେଶୀ ମୁଦ୍ରା ସମ୍ପତ୍ତି (ଏଫସିଏ) ୪.୮୯୮ ବିଲିୟନ ଡଲାର ବଢି ୫୪୯.୭୪୭ ବିଲିୟନ ଡଲାର ରହିଛି। ତେବେ ଏହି ଅବଧିରେ ଦେଶର ଗଚ୍ଛିତ ସ୍ୱର୍ଣ୍ଣ ଭଣ୍ଡାର ମୂଲ୍ୟ ୧୦.୭ କୋଟି ଡଲାର ହ୍ରାସ ପାଇ ୪୭.୪୭୪ ବିଲିୟନ ଡଲାର ରହିଥିବା କୁହାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ଦୁଇ ଦିନିଆ ତାମିଲନାଡୁ ଓ ଲାକ୍ଷାଦ୍ୱୀପ ଗସ୍ତ



**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୨ ରୁ ୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ତାମିଲନାଡୁ ଓ ଲାକ୍ଷାଦ୍ୱୀପ ଗସ୍ତ କରିବେ। ସେ ୨ତାରିଖ ପୂର୍ବାହ୍ନରେ ତିରୁଚିରାପଲ୍ଲୀରେ ପହଞ୍ଚିବା ପରେ

## ୧୯,୮୫୦ କୋଟିର ବିଭିନ୍ନ ପ୍ରକଳ୍ପର କରିବେ ଶିଳାନ୍ୟାସ

ଏଠାକାର ଭାରତୀଦର୍ଶନ ବିଶ୍ୱବିଦ୍ୟାଳୟର ୩୮ତମ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହାପରେ ସେ ତିରୁଚିରାପଲ୍ଲୀଠାରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ବିମାନ ଚଳାଚଳ, ରେଳ, ସଡ଼କ, ତୈଳ ଏବଂ ଗ୍ୟାସ ସହ ଜଡିତ ୧୯,୮୫୦ କୋଟି ରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡିକରେ ଜାହାଜ ଚଳାଚଳ ଏବଂ ଉଚ୍ଚଶିକ୍ଷା କ୍ଷେତ୍ର ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏଥିସହିତ ସେ ତିରୁଚିରାପଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ନୂତନ ଟର୍ମିନାଲ କୋଠାକୁ ଉଦଘାଟନ କରିବେ। ୧୧୦୦ କୋଟିରୁ ଅଧିକ ବ୍ୟୟରେ ନିର୍ମିତ ଏହି ଦୁଇସ୍ତରୀୟ ନୂତନ ଅନ୍ତର୍ଜାତୀୟ ଟର୍ମିନାଲ ବିଲ୍ଡିଂରେ ବାର୍ଷିକ ୪୪ ଲକ୍ଷରୁ ଅଧିକ ଯାତ୍ରୀ ଏବଂ ପିକ୍ ସମୟରେ ପ୍ରାୟ ୩୫୦୦ ଯାତ୍ରୀଙ୍କୁ ସେବା ଯୋଗାଇବାର କ୍ଷମତା ରହିଛି। ନୂଆ ଟର୍ମିନାଲରେ ଯାତ୍ରୀଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ସୁବିଧା ଓ ବ୍ୟବସ୍ଥା ରହିଛି।ପ୍ରଧାନମନ୍ତ୍ରୀ ଏକାଧିକ ରେଳ ପ୍ରକଳ୍ପକୁ ମଧ୍ୟ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ । ଏଥିରେ ୪୧.୪ କିଲୋମିଟର ସାଲେମ-ମାଗ୍ନେସାଇଟ୍ ଜଙ୍କସନ-ଓମାଲୁର-ମେଟ୍ଟୁର ଡ୍ୟାମ ସେକ୍ସନର ଦୋହରୀକରଣ ପ୍ରକଳ୍ପ ଅନ୍ତର୍ଭୁକ୍ତ; ମଦୁରାଇ - ତୁତିକୋରିନ ଠାରୁ ୧୬୦ କିଲୋମିଟର ରେଳ ଲାଇନ ସେକ୍ସନ ଦୋହରୀକରଣ ପାଇଁ ପ୍ରକଳ୍ପ; ଏବଂ ରେଳ ଲାଇନ୍ ବିଦ୍ୟୁତୀକରଣ ପାଇଁ ତିନୋଟି ପ୍ରକଳ୍ପ ଯଥା ତିରୁଚିରାପଲ୍ଲୀ- ମନମଦୁରାଇ-ବିରୁଧୁନଗର; ବିରୁଦ୍ଧନଗର - ତେଙ୍କାସି ଜଙ୍କସନ; ସେଙ୍ଗୋଟାଇ – ତେନକାସି ଜଙ୍କସନ - ତିରୁନେଲଭେଲି – ତିରୁଚେନ୍ଦୁର ଅନ୍ତର୍ଭୁକ୍ତ ରହିଛି । ଏହି ରେଳ ପ୍ରକଳ୍ପଗୁଡ଼ିକ ମାଲ ପରିବହନ ଏବଂ ଯାତ୍ରୀପରିବହନ ପାଇଁ ରେଳ କ୍ଷମତାରେ ଉନ୍ନତି ଆଣିବାରେ ସହାୟକ ହେବ ଏବଂ ତାମିଲନାଡୁରେ ଅର୍ଥନୈତିକ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଯୋଗଦାନ କରିବ।ସଡ଼କ କ୍ଷେତ୍ରର ୫ଟି ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିବେ । ଅପରାହ୍ନରେ ସେ ଲାକ୍ଷାଦ୍ୱୀପରେ ପହଞ୍ଚିବେ ଏବଂ ସେଠାରେ ଏକ ସାଧାରଣ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବେ । ଜାନୁଆରୀ ୪ରେ ପ୍ରଧାନମନ୍ତ୍ରୀ ଲାକ୍ଷାଦ୍ୱୀପର କବରାତିରେ ପହଞ୍ଚି ସେଠାରେ ଟେଲିଯୋଗାଯୋଗ, ପାନୀୟ ଜଳ, ସୌର ଶକ୍ତି ଏବଂ ସ୍ୱାସ୍ଥ୍ୟ ଆଦି କ୍ଷେତ୍ର ସହିତ ଜଡ଼ିତ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଜଣାପଡ଼ିଛି।

**ପଣ୍ୟବାହୀ ଜାହାଜ ସୁରକ୍ଷା ପଦକ୍ଷେପ**

# ଆରବ ସାଗରରେ ଯୁଦ୍ଧପୋତ ମୁତୟନ



**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ବିଗତ କିଛି ଦିନ ହେଲା ଆରବ ସାଗରରେ ପଣ୍ୟବାହୀ ଜାହାଜ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯିବା ସହିତ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତୀୟ ନୌସେନା ପକ୍ଷରୁ ଆରବ ସାଗରର କେନ୍ଦ୍ର ଏବଂ ଉତ୍ତର ଭାଗରେ ପଣ୍ୟବାହୀ ଜାହାଜଗୁଡିକ ଉପରେ ତୀକ୍ଷଣ ନଜର ରଖାଯିବା ସହିତ ଆବଶ୍ୟକସ୍ଥଳେ ସୁରକ୍ଷା ଯୋଗାଇ ଦେବା ଲାଗି ଯୁଦ୍ଧପୋତ ମୁତୟନ କରାଯାଇଛି। ସମୁଦ୍ର ପଥରେ ଯଦି କୌଣସି ପଣ୍ୟବାହୀ ଜାହାଜ ଉପରେ ଆକ୍ରମଣ କରାଯାଏ ତେବେ ଘଟଣାସ୍ଥଳରେ ସୁରକ୍ଷାବଳ ପହଞ୍ଚିବା ସହିତ ଆକ୍ରମଣକାରୀଙ୍କୁ ପ୍ରତିହତ କରିବା ଲାଗି ପଦକ୍ଷେପ ନିଆଯାଇଛି। ଏହିକ୍ରମରେ ନୌସେନାର ଫ୍ରିଗେଟସ୍ ଏବଂ ବିଧ୍ୱଂସକାରୀ ଜାହାଜ ସହିତ ଟାସ୍କଫୋର୍ସଙ୍କୁ ମୁତୟନ କରାଯାଇଥିବା କୁହାଯାଇଛି। ଭାରତୀୟ ନୌସେନା ଏବଂ ତଟରକ୍ଷୀ ବାହିନୀ ମିଳିତ ଭାବେ ଏହି କାର୍ଯ୍ୟ କରିବେ। ଉଲ୍ଲେଖଯୋଗ୍ୟ ଯେ, ହମାସ୍-ଇସ୍ରାଏଲ ଯୁଦ୍ଧକୁ ନେଇ ଏବେ ୟେମେନର ହୁତି ଆତଙ୍କବାଦୀ ଲୋହିତ ସାଗର ଏବଂ ଆରବସାଗର ଦେଇ ଯାଉଥିବା ବହୁ ପଣ୍ୟବାହୀ ଜାହାଜ ଉପରେ ଆକ୍ରମଣ କରିଛନ୍ତି। ଏହାବ୍ୟତୀତ ଇରାନର ସୁରକ୍ଷା ଗାର୍ଡ ମଧ୍ୟ କେତେକ ଜାହାଜ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ବହୁ ଆନ୍ତର୍ଜାତୀୟ କମ୍ପାନୀ ସେମାନଙ୍କ ପଣ୍ୟ କାରବାର ବନ୍ଦ ରଖିବା କିମ୍ବା ଅନ୍ୟ ସାମୁଦ୍ରିକ ପଥ ଦେଇ ପରିବହନ କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଏହାକୁ ନେଇ ବୈଶ୍ୱିକ ଆର୍ଥିକ ବ୍ୟବସ୍ଥା ପ୍ରଭାବିତ ହେବ ବୋଲି ଆଶଙ୍କା ବଢ଼ିଛି। ବିଶେଷକରି ଆରବ ରାଷ୍ଟ୍ରମାନଙ୍କୁ ଅନ୍ୟ ରାଷ୍ଟ୍ରମାନଙ୍କୁ ଏହି ପଥ ଦେଇ ବିପୁଳ ପରିମାଣରେ ତୈଳ ପରିବହନ କରାଯାଉଥିଲା ବେଳେ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇ ପରୋକ୍ଷରେ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ସାମୁଦ୍ରିକ ପରିବହନ ଶୃଙ୍ଖଳ ଯେଭଳି ପ୍ରଭାବିତ ନହେବ ତାହାକୁ ନିଶ୍ଚିତ କରିବାକୁ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

# ଶ୍ରୀଗଣେଶ କାହିଁକି ଲେଖିଥିଲେ ମହାଭାରତ



ଶ୍ରୀ ଗଣେଶ ଅଗ୍ରପୂଜ୍ୟ ଦେବତା । ସେ ମହାକାବ୍ୟ ମହାଭାରତକୁ ନିଜ ଭଙ୍ଗା ଦାନ୍ତରେ ଲେଖିଥିଲେ । ତେବେ ଶ୍ରୀ ଗଣେଶଙ୍କୁ ଭଙ୍ଗାଦାନ୍ତରେ ମହାଭାରତ କାହିଁକି ଲେଖିବାକୁ ପଡ଼ିଲା ଏବଂ ସେ ଏମିତି କାହିଁକି କଲେ, ତାହାକୁ ନେଇ ଏକ ସୁନ୍ଦର ପୌରାଣିକ କଥା ରହିଛି ।

**ପୌରାଣିକ କଥା**

ବେଦବ୍ୟାସ ୧୮ ଟି ପୁରାଣକୁ ଲେଖିଥିବା ବେଳେ ସେ ମହାଭାରତକୁ ମଧ୍ୟ ଲେଖିବାକୁ ଚାହୁଁଥିଲେ । ପୌରାଣିକ କାହାଣୀ ଅନୁସାରେ, ଏକଦା ଭଗବାନ ବ୍ରହ୍ମା ତାଙ୍କୁ ମହାଭାରତ ଲେଖିବା ପାଇଁ ପ୍ରେରଣା ଦେଲେ । ମାତ୍ର ବେଦବ୍ୟାସ ମହାଭାରତକୁ ନିଜେ ଲେଖିବାରେ ଅସମର୍ଥ ହେଉଥିଲେ । ସେଇଠୁ ବେଦବ୍ୟାସ ତାଙ୍କର ଏହି ଅସୁବିଧା ସମ୍ପର୍କରେ ଭଗବାନ ବ୍ରହ୍ମାଙ୍କୁ ଜଣାଇଲେ । ଏହାପରେ ବ୍ରହ୍ମା ତାଙ୍କୁ ଏହି କାମରେ ଶ୍ରୀ ଗଣେଶଙ୍କ ସହାୟତା ନେବାକୁ ପରାମର୍ଶ ଦେଲେ । ତା'ସହ ଏ କଥା ବି କହିଲେ, ଗଣେଶଙ୍କ ହିଁ ମହାଭାରତ ଲେଖିବାରେ ସାହାଯ୍ୟ କରିପାରିବେ ।

ଭଗବାନ ବ୍ରହ୍ମାଙ୍କ ପରାମର୍ଶ କ୍ରମେ ବେଦବ୍ୟାସ ଶ୍ରୀଗଣେଶଙ୍କୁ ଡାକି ମହାଭାରତ ଲେଖିବା ପାଇଁ ତାଙ୍କୁ ଅନୁରୋଧ କଲେ । ତାଙ୍କର ଏହି କଥାରେ ଶ୍ରୀଗଣେଶ ଗୋଟିଏ ସର୍ତ୍ତ ରଖି କହିଲେ, "ମୁଁ ମହାଭାରତ ଲେଖିବା ଆରମ୍ଭ କଲେ, ଆପଣ ଏହାକୁ କହିବା ବେଳେ ଆଦୌ ଅଟକିବେ ନାହିଁ । ଯଦି ମହାଭାରତ ଲେଖିବା ସମୟରେ ଥରେ ବି ରହିଯିବେ, ମୁଁ ମଧ୍ୟ ଲେଖାରେ ବିରାମ ଦେବି ।" ଏତାଦୃଶ ସର୍ତ୍ତ ଶୁଣିବା ପରେ ବେଦବ୍ୟାସ ମଧ୍ୟ ଗଣେଶଙ୍କ ସାମ୍ନାରେ ନିଜର ଏକ ସର୍ତ୍ତ ରଖିଲେ । ସେ କହିଲେ, 'ମହାଭାରତ ଲେଖିବା ସମୟରେ ମୁଁ ଯେଉଁ ଶ୍ଳୋକ ଆବୃତ୍ତି କରିବି, ସେ ସମୟରେ ଶ୍ରୀଗଣେଶଙ୍କ ଲେଖନୀ ଯେମିତି ଅଧାରୁ ବନ୍ଦ ନ ହୁଏ ।' ଅବଶ୍ୟ ବେଦବ୍ୟାସଙ୍କ ଏହି ପ୍ରସ୍ତାବକୁ ଶ୍ରୀଗଣେଶ ସ୍ୱୀକାର କଲେ ।

ତେବେ ମହାଭାରତର କଠିନ ଶବ୍ଦାବଳୀ ଯୋଗୁଁ ଗଣେଶଙ୍କ ଲେଖନୀ ଗତି ଧୀର ହୋଇଯାଉଥିବା ବେଳେ ଏହାରି ଭିତରେ ତାଙ୍କର ଲେଖନୀ ଭାଙ୍ଗିଗଲା ଓ ତାଙ୍କ ଲେଖିବା ଗତି ଧୀର ହୋଇଆସିଲା । ସର୍ତ୍ତ ଅନୁସାରେ ଯେମିତି ତାଙ୍କ ଲେଖା ନ ଅଟକିବ, ସେଥିପାଇଁ ସେ ତାଙ୍କର ଗୋଟିଏ ଦାନ୍ତକୁ ନିଜେ ଭାଙ୍ଗି ଦେଲେ ଏବଂ ସେହି ଦାନ୍ତରେ ମହାଭାରତ ଲେଖିବା ଜାରି ରଖିଲେ । ଏହିପ୍ରକାରେ ଶ୍ରୀ ଗଣେଶ ପୂରା ମହାଭାରତକୁ ଲେଖିଲେ । ଏହି କାରଣ ଯୋଗୁଁ ଗଣେଶଙ୍କ ପ୍ରତୀକାତ୍ମକ ଚିତ୍ରରେ ତାଙ୍କୁ ଦାନ୍ତରେ ମହାଭାରତ ଲେଖିବାର ଦର୍ଶାଯାଇଥାଏ ।

# ଧାର୍ମିକ ସ୍ଥଳୀରୁ ନୂଆବର୍ଷ



ଆଧ୍ୟାତ୍ମିକ ଅନୁଭୂତି ତଥା ଅଭିଜ୍ଞତା ସାଉଁଟିବା ପାଇଁ ଲୋକେ କେତେକ ଆଧ୍ୟାତ୍ମିକ ପୀଠରୁ ୨୦୨୪ ବର୍ଷ ପ୍ରାରମ୍ଭ କରିପାରିବେ । ତେବେ ଏଥିରୁ ଯେଉଁ ଅନୁଭୂତି ମିଳିଥାଏ, ତାହା ବର୍ଷ ତମାମ ସତେଜ ରହିଥାଏ । ଦେଶରେ ଏମିତି ଅନେକ ଆଧ୍ୟାତ୍ମିକ ସ୍ଥଳୀ ଅଛି, ଯାହାର ଶକ୍ତି ବେଶ୍ ସକାରାତ୍ମକ ।

ଏହାବ୍ୟତୀତ କୋଣାର୍କ, ସ୍ୱର୍ଣ୍ଣ ମନ୍ଦିର, ଚାରିଧାମ, ତିରୁପତି, ମଦୁରାଇ, କେରଳର ଗୁରୁବାୟୁର ଦେବସ୍ୱାମୀ ଆଦି ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ଯାତ୍ରା କରିବାକୁ ଏବେ ଯୁବପିଢ଼ି ବେଶି ପସନ୍ଦ କରୁଛନ୍ତି ।

### ଶ୍ରୀକ୍ଷେତ୍ର

କେବଳ ନୂଆବର୍ଷ ନୁହେଁ, ସବୁ ସମୟରେ ଚଳଚଞ୍ଚଳ ହୋଇଥାଏ ଶ୍ରୀକ୍ଷେତ୍ର ପୁରୀ । ଦେଶବିଦେଶରୁ ବହୁ ସଂଖ୍ୟକ ପର୍ଯ୍ୟଟକ ବିଭିନ୍ନ ସମୟରେ ପୁରୀକୁ ଆସିଥାନ୍ତି । ଏଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାଙ୍ଗକୁ ମହାପ୍ରସାଦ ଖାଇବାର ସୁଯୋଗ ମିଳେ । ତା'ସହ ବେଳାଭୂମିର ମନୋରମ ପରିବେଶରେ ଲୋକମାନେ ଏଠାରେ ସୁନ୍ଦର ସମୟ ଅତିବାହିତ କରିଥାନ୍ତି ।

### ବାରାଣସୀ

ବାରାଣସୀକୁ ଭାରତର ଆଧ୍ୟାତ୍ମିକ ରାଜଧାନୀ କୁହାଯାଏ । ମନ୍ଦିରର ଏହି ସହର କାଶୀ ନାମରେ ପ୍ରସିଦ୍ଧ ଥିଲା । ମାତ୍ର ଧୀରେ ଧୀରେ ଶିବଙ୍କ କାଶୀ ବାରାଣସୀ ହୋଇଗଲା । ଏହି ସହର ଶିବଙ୍କ ସହ ଜଡ଼ିତ ଥିବା ଯୋଗୁଁ ମୋକ୍ଷ ସହିତ ମଧ୍ୟ ଜଡ଼ିତ । ଏଠାରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ କାଶୀ ବିଶ୍ୱନାଥ ମନ୍ଦିର ବି ଅଛି । ମାନ୍ୟତା ଅଛି ଯେ, କାଶୀରେ ଗଙ୍ଗା ସ୍ନାନ ପରେ କାଶୀ ବିଶ୍ୱନାଥ ବାବା ଅର୍ଥାତ୍ ଶିବଙ୍କ ଦର୍ଶନ ପରେ ମନୁଷ୍ୟଙ୍କୁ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏହି ମନ୍ଦିରକୁ ଶଙ୍କରାଚାର୍ଯ୍ୟ, ଗୋସ୍ୱାମୀ, ତୁଳସୀଦାସ, ସ୍ୱାମୀ ବିବେକାନନ୍ଦ ଆଦି ଅନେକ ଆଧ୍ୟାତ୍ମିକ ପୁରୁଷ ମଧ୍ୟ ଦର୍ଶନ କରିଛନ୍ତି ।

### ପୁଷ୍କର

ରାଜସ୍ଥାନର ଜୟପୁର ଏବଂ ଯୋଧପୁର ମଧ୍ୟରେ ଗୋଟିଏ ବିଶେଷ ସ୍ଥାନ ପୁଷ୍କର ଅଛି । ଏହା ହେଉଛି ଏମିତି ଏକ ସ୍ଥାନ ଯାହା ଭଗବାନ ବ୍ରହ୍ମାଙ୍କ ସହ ଜଡ଼ିତ । ଏଠାରେ ଭାରତର ଏକମାତ୍ର ବ୍ରହ୍ମା ମନ୍ଦିର ଅଛି, ଯାହାକି ଆଧ୍ୟାତ୍ମିକ ଶକ୍ତିରେ ଭରପୂର । ଏହି ସହରରେ ଶହ ଶହ ମନ୍ଦିର ଓ ଘାଟ ରହିଛି । ପୌରାଣିକ କାହାଣୀ ଅନୁସାରେ, ଏଠାରେ ବ୍ରହ୍ମା ପଦ୍ମ ଫୁଲରେ ଗୋଟିଏ ରାକ୍ଷସକୁ ମାରିଥିଲେ ଏବଂ ସେତେବେଳେ ଏହି ପୁଷ୍କର ହ୍ରଦ ନିର୍ମାଣ ହୋଇଥିଲା ।

### ଧର୍ମଶାଳା

ହିମାଚଳ ପ୍ରଦେଶର ଏହି ସ୍ଥାନରେ ବୌଦ୍ଧ ଧର୍ମ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିବ । ଏହା ଆଧ୍ୟାତ୍ମିକ ଗୁରୁ ଦଲାଇଲାମାଙ୍କ ନିବାସ ସ୍ଥାନ । ସେଥିପାଇଁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବି ଏହି ସ୍ଥାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ଏହା ଭାରତୀୟ ଓ ତିବ୍ବତୀୟ ସଂସ୍କୃତିର ଗଡ଼ । ସମ୍ପ୍ରତି ଧର୍ମଶାଳା ଅନେକ ସାଧକଙ୍କ ପାଇଁ ଏକ ଆଧ୍ୟାତ୍ମିକ କେନ୍ଦ୍ର ।

# ଦାନର ନିୟମ



ହିନ୍ଦୁ ଧର୍ମରେ ଦାନକୁ ଖୁବ୍ ମହତ୍ତ୍ୱ ବୋଲି ବିଚେନା କରାଯାଇଛି । ପୂଜା-ପାଠ ଏବଂ ଶୁଭକାର୍ଯ୍ୟ ପରେ ଦାନ କରିବାର ବିଧି ଅଛି । ଧର୍ମଗ୍ରନ୍ଥରେ ଦାନ ସହ ଜଡ଼ିତ କିଛି ନିୟମକୁ ଦୃଷ୍ଟିରେ ରଖି ଦାନ କରିବା ପାଇଁ କୁହାଯାଇଛି । ତେବେ କେଉଁ ଦିନ ଦାନ କରିବା ଉଚିତ ନୁହେଁ ଓ ଏହାର କାରଣ କ'ଣ, ସେସମ୍ପର୍କରେ ଜାଣିବା ।

- ଶାସ୍ତ୍ର ଅନୁସାରେ, ପରିବାର ସଦସ୍ୟଙ୍କ ମୃତ୍ୟୁ ପରେ କେବେ ବି କାହାକୁ କିଛି ଦାନ କରିବା ଉଚିତ ନୁହେଁ ।
- ଶାସ୍ତ୍ରରେ କୁହାଯାଇଛି, ସୂର୍ଯ୍ୟାସ୍ତ ପରେ ଦାନ କରିବା ଅନୁଚିତ । ଏହି ସମୟରେ ଦାନ କଲେ ଦେବୀ ଦେବତା ସ୍ୱୀକାର କରନ୍ତି ନାହିଁ । ତେଣୁ ଏହି ଦାନର ଫଳ ମିଳି ନ ଥାଏ ।
- ସେହିପରି କୁଣ୍ଡଳିରେ ଗ୍ରହ ଅଶୁଭ ସ୍ଥିତିରେ ଥିଲେ ପୂଜା କରିବା ଦରକାର, କିନ୍ତୁ ଦାନ ନୁହେଁ ।
- ଶନି, ରାହୁ, ଚନ୍ଦ୍ର ଦୁର୍ବଳ ଥିଲେ, ଦାନ କରିବା ଅନୁଚିତ । କୁହାଯାଏ, ଦାନ କରିବା ଦ୍ୱାରା ଏହି ତିନି ଗ୍ରହ ଶାନ୍ତ ଓ ଅଶୁଭ ହୋଇଥାନ୍ତି । ଏହାସହ ଜୀବନରେ ସଙ୍କଟ ଦେଖା ଦେଇଥାଏ ।

# ସୁଖ ସମୃଦ୍ଧି ପାଇଁ ବାଉଁଶ ଗଛ

ବାସ୍ତୁ ଏବଂ ଫେଙ୍ଗସୁଇରେ ବାସ୍ତୁଦୋଷ ଦୂର କରିବା ପାଇଁ ବାଉଁଶ ଗଛକୁ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ । ସନାତନ ଧର୍ମରେ ମଧ୍ୟ ବାଉଁଶ ଗଛକୁ ଶୁଭ, ସୌଭାଗ୍ୟ ଓ ଦୀର୍ଘାୟୁର ପ୍ରତୀକ ଭାବେ ବିବେଚନା କରାଯାଇଛି । ଏହାକୁ ଘରେ ତଥା ଅଫିସ୍‌ରେ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ । ତେବେ ବାଉଁଶ ଗଛକୁ ଠିକ୍ ଦିଗରେ ଲଗାଇଲେ ହିଁ ବିଭିନ୍ନ ପ୍ରକାର ଶୁଭଫଳ ମିଳିଥାଏ ।

- ପ୍ରେମପୂର୍ଣ୍ଣ ଜୀବନ ପାଇଁ ତିନିଟି ବାଉଁଶ ଗଛକୁ ଶୁଭ ବୋଲି ବିବେଚନା କରାଯାଇଛି । ଏହାଦ୍ୱାରା ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହେ । ବାଉଁଶ ଗଛକୁ ଘର ତଥା ଅଫିସ୍‌ରେ କେଉଁଠି ବି ରଖିବା ଶୁଭଦାୟକ । ତେବେ ଘରର ଲିଭିଂ ରୁମ୍‌ରେ ବାଉଁଶ ଗଛ ଲଗାଇବା ଉଚିତ ।
- ଉତ୍ତମ ସମ୍ପର୍କ, ସୌଭାଗ୍ୟ, ସମୃଦ୍ଧି ପାଇଁ ସାତ କିମ୍ବା ନଅଟି ବାଉଁଶ ଗଛ ରଖିପାରିବେ । ଏହାକୁ ସୁଖ ସମୃଦ୍ଧି ଏବଂ ଦୀର୍ଘାୟୁର ପ୍ରତୀକ ଭାବେ ବିବେଚନା କରାଯାଏ । ଏହାକୁ ସର୍ବଦା ପାଣି ପାତ୍ରରେ ରଖିବା ଉଚିତ ।
- ସୁଖ ଶାନ୍ତି ପାଇଁ ବାଉଁଶ ଗଛକୁ ରଖିବାର ସବୁଠୁ ଭଲ ଦିଗ ହେଉଛି ପୂର୍ବ ନଚେତ୍ ଦକ୍ଷିଣ ପୂର୍ବ । ଜୀବନରେ ଅର୍ଥ ଅଭାବକୁ ଦୂର କରିବା ପାଇଁ ଛଅ ଯୋଡ଼ା ବାଉଁଶ ଗଛ ରଖିବା ଲାଭଦାୟକ ହେବ । ଏପ୍ରକାର ବାଉଁଶ ଗଛ ଧନକୁ ଇଙ୍ଗିତ କରିଥାଏ ।
- ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମଧୁର ସମ୍ପର୍କ ବଜାୟ ରଖିବା ପାଇଁ ଲାଲ ରିବନ୍‌ରେ ବନ୍ଧା ଦୁଇ ଯୋଡ଼ା ବାଉଁଶ ଗଛକୁ ରଖିବା ଶୁଭଙ୍କର । ଏହି ଦୁଇଟି ଗଛ ଯେଭଳି ସୁସ୍ଥ ରହିବ, ସେଦିଗ ପ୍ରତି ଯତ୍ନବାନ ହେବା ଦରକାର । ଏହାକୁ କାଚ ପାତ୍ରରେ ଜଳ ଭର୍ତ୍ତି କରି ପୂର୍ବ, ପୂର୍ବୋତ୍ତର କିମ୍ବା ଉତ୍ତର ଦିଗରେ ରଖନ୍ତୁ ।
- ବିଦ୍ୟାର୍ଥୀମାନେ ବାରମ୍ବାର କ୍ୟାରିଅରରେ ଅସଫଳ ହେଉଥିଲେ, ପଢ଼ା ଘରେ ଚାରି ଯୋଡ଼ା ଛୋଟ ବାଉଁଶ ଗଛକୁ ରଖିବା ଉଚିତ । ଏହା ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରେ । କ୍ୟାରିଅର ସମ୍ବନ୍ଧିତ ସମସ୍ୟା ସମାଧାନ କରିବାରେ ବି ଏହା ସହାୟକ ହୁଏ ।



# ଗୀତାବାଣୀ

ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।
ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ॥୨୫ ॥

ଅନ୍ୟ ଯୋଗୀଜନ ଦୈବ (ଭଗବଦର୍ପଣରୂପକ) ଯଜ୍ଞର ଅନୁଷ୍ଠାନ କରନ୍ତି ଏବଂ ଆଉ କେତେକ ଯୋଗୀଜନ ବ୍ରହ୍ମରୂପକ ଅଗ୍ନିରେ ବିଚାରରୂପକ ଯଜ୍ଞ ଦ୍ୱାରା ହିଁ ଜୀବାତ୍ମାରୂପକ ଯଜ୍ଞର ଆହୁତି ଦିଅନ୍ତି ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୫)



# ନବବର୍ଷର ନବ ସଂକଳ୍ପ



ପ୍ରତିବର୍ଷ ଆମେ ସମସ୍ତେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ଖୁସି ମନରେ ସ୍ୱାଗତ କରିଥାନ୍ତି । ତେବେ ବିଦାୟୀ ବର୍ଷରେ ଆମକୁ କ'ଣ କରିବାର ଥିଲା, କେଉଁ କାମ କରିବା ପାଇଁ ସଂକଳ୍ପ ନେଇଥିଲେ, କ'ଣ ଆମେ ସେସବୁକୁ ପୂରା କରିବାରେ ସଫଳ ହୋଇପାରିଛନ୍ତି କି ନାହିଁ ? ଏସବୁର ଚିନ୍ତନ ଆମକୁ ନୂଆବର୍ଷ ପ୍ରାରମ୍ଭରୁ ହିଁ କରିବା ଦରକାର । ଯେଉଁଭଳି ଭାବେ ମହାକାଶରେ ସୂର୍ଯ୍ୟ, ଚନ୍ଦ୍ର, ତାରା ଏବଂ ଅନ୍ୟ ଗ୍ରହ ନିଜ ନିଜ କାର୍ଯ୍ୟ କରିଥାନ୍ତି, ସେହିପରି ଆମକୁ ମଧ୍ୟ କାମ ପ୍ରତି ଦୃଢ଼ସଂକଳ୍ପବଦ୍ଧ ରହିବା ଜରୁରି । ତେବେ ଗୋଟିଏ ବର୍ଷରେ ଆମେ କ'ଣ କଲେ, ତାହା ଯେତିକି ଜରୁରି ନୁହେଁ, ବର୍ଷକ ଭିତରେ ଆମେ କ'ଣ କରିପାରିଲେ ନାହିଁ, ସେକଥା ଅଧିକ ଗୁରୁତ୍ୱ ବହନ କରେ । ଏଣୁ ସଂକଳ୍ପ ନେଇ କାର୍ଯ୍ୟ କଲେ ସେଥିରୁ ମିଳୁଥିବା ସମ୍ବଳ ଆମକୁ ପୁଣି ଥରେ ନୂଆବର୍ଷରେ ନୂଆ ଶକ୍ତିର ସହ କାମ କରିବାକୁ ପ୍ରେରିତ କରିଥାଏ । ତେଣୁ ନବବର୍ଷରେ କିଛି ନବ ସଂକଳ୍ପରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନ ଆରମ୍ଭ କରିବା ଦରକାର ।

- ସର୍ବପ୍ରଥମେ ନିଜର ମଧୁର ବ୍ୟକ୍ତିତ୍ୱକୁ ପରିପ୍ରକାଶ କରନ୍ତୁ । ତା'ସହ ନିଜ ଆଖପାଖର ପରିବେଶକୁ କିଭଳି ଖୁସି ରଖି ହେବ, ସେ ଅଭ୍ୟାସ ଆପଣାନ୍ତୁ ।
- ସତ୍ୟକୁ ସ୍ୱୀକାର କରନ୍ତୁ । ଅନ୍ଧବିଶ୍ୱାସଠୁ ଦୂରେଇ ରହିବାକୁ ପ୍ରୟାସ କରନ୍ତୁ ।
- ନିଜକୁ ସର୍ବଦା ଫିଟ୍ ଓ ସୁସ୍ଥ ରଖିବାର ସଂକଳ୍ପ ନିଅନ୍ତୁ ।
- ଏହି ନୂଆବର୍ଷରେ ଭଲ ମଣିଷ ହେବାର ସଂକଳ୍ପ ନିଅନ୍ତୁ । ଚିନ୍ତା, କ୍ରୋଧ, ଈର୍ଷାକୁ ନିଜ ନିୟନ୍ତ୍ରଣରେ ରଖିବାର ସଂକଳ୍ପ ନେବା ଭଲ ।
- ଈଶ୍ୱରଙ୍କ ଉପରେ ବିଶ୍ୱାସ ଓ ଭରସା ରଖନ୍ତୁ । ନିର୍ମଳ ମନରେ ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ ।
- ଅନ୍ୟାୟ, ଭ୍ରଷ୍ଟାଚାରକୁ ପ୍ରଶ୍ରୟ ନ ଦେବାର ସଂକଳ୍ପ ନେଇପାରିବେ ।
- ଘରେ ତଥା ବାହାରେ କୌଣସି ନାରୀକୁ ଅପମାନିତ ନ କରି ସମ୍ମାନ ଜଣାଇବା ସଂକଳ୍ପ ନିଅନ୍ତୁ ।
- ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ସହ ସମସ୍ତ କାର୍ଯ୍ୟ କରିବାର ସଂକଳ୍ପ ନେବା ଜରୁରି ।
- ରାତିରେ ଶୋଇବା ପୂର୍ବରୁ ଧ୍ୟାନ କରନ୍ତୁ । ଦିନର ପ୍ରତ୍ୟେକ ଭଲ ମନ୍ଦ ପାଇଁ ଭଗବାନଙ୍କୁ ଧନ୍ୟବାଦ ଜଣାଇବାର ସଂକଳ୍ପ ରକ୍ଷା କରନ୍ତୁ ।

# ପ୍ରଶ୍ନୋତ୍ତର

୧. କେଉଁ ଦେବତା ଯକ୍ଷ୍ମା ରୋଗରେ ପୀଡ଼ିତ ଥିଲେ?
୨. ସଞ୍ଜିବନୀ କିଏ ଉଦ୍ଭାବନ କରିଥିଲେ?
୩. ପୃଥିବୀର ସମସ୍ତ କ୍ଷତ୍ରିୟ ପୁତ୍ରମାନଙ୍କୁ କିଏ ଧ୍ୱଂସ କରି ଦେଇଥିଲେ?
୪. ସମ୍ପର୍କରେ ଯମୁନା ଯମଙ୍କର କ'ଣ ହେବେ?
୫. କେଉଁ ସେବକ ଦିଅଁମାନଙ୍କୁ ବନକ ଲାଗି କରନ୍ତି?



**ଉତ୍ତର**

(୧) ଚନ୍ଦ୍ର (୨) ଶୁକ୍ରାଚାର୍ଯ୍ୟ (୩) ପର୍ଶୁରାମ (୪) ଭଉଣୀ (୫) ଦତ୍ତ ମହାପାତ୍ର

# ସୂର୍ଯ୍ୟ ଉପାସନା ପାଇଁ ସର୍ବୋତ୍ତମ ପୌଷ ମାସ



ଧର୍ମ କାର୍ଯ୍ୟର ପବିତ୍ର ମାସ ହେଉଛି ପୌଷ ମାସ । ସୂର୍ଯ୍ୟ ଆରାଧନା ପାଇଁ ମଧ୍ୟ ଏହି ମାସ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ମାସରେ ପ୍ରକୃତିରେ ମଧ୍ୟ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ସେହିପରି ପୌଷ ମାସରେ ମଳ ମାସ ରହୁଥିବାରୁ ମାସ ଯାକ କୌଣସି ଶୁଭକାମ ନ କରାଗଲେ ମଧ୍ୟ ଭଗବାନଙ୍କ ଉପାସନା କରାଯାଏ ।

ଏହି ମାସରେ ବହୁତ ଥଣ୍ଡା ପଡ଼ିଥାଏ । ତେଣୁ ଏହି ମାସରେ କିଛି ବିଶେଷ ଜିନିଷକୁ ଦାନ ଦେବାର ପରମ୍ପରା ରହିଛି । ସେଥିପାଇଁ ରାଶି, ଗହମ, ଗୁଡ଼, ଶୀତବସ୍ତ୍ର, ତମ୍ବା ବାସନ, ଜୋତା, ଚପଲ, କମ୍ବଳ, ନାଲି ଜିନିଷ ଆଦି ଦାନ କରିବା ଉଚିତ । ସେହିପରି ଯଜ୍ଞରୁ ଯେତିକି ଫଳ ପ୍ରାପ୍ତି ହୁଏ, ଏହି ସବୁ ଜିନିଷ ଦାନରୁ ମଧ୍ୟ ସେତିକି ଫଳ ମିଳିଥାଏ । ପୌଷ ମାସରେ କରାଯାଉଥିବା ଦାନରୁ ଆୟୁ ବଢ଼େ ଏବଂ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି ।

### କେମିତି କରିବେ ସୂର୍ଯ୍ୟଙ୍କ ଉପାସନା

- ନିତିଦିନ ସକାଳୁ ସ୍ନାନ କରି ସୂର୍ଯ୍ୟଙ୍କୁ ତମ୍ବା ପାତ୍ରରେ ଜଳରେ ଅକ୍ଷତ ଏବଂ ଫୁଲ ପକାଇ ଅର୍ପଣ କରନ୍ତୁ ।
- ସୂର୍ଯ୍ୟ ମନ୍ତ୍ର 'ଓଁ ଆଦିତ୍ୟାୟ ନମଃ' ଜପ କରନ୍ତୁ ।
- ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ସୂର୍ଯ୍ୟ ପୂଜା କରନ୍ତୁ ।

# ସୂର୍ଯ୍ୟ ମନ୍ଦିରରେ ଅଣଓଡ଼ିଆ ଅଧିକାରୀଙ୍କ ଦାଦାଗିରି

**କୋଣାର୍କ,୩୧।୧୨(ସମିସ):** ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ପରିସରରେ ବର୍ଷ ଶେଷ ଦିନ ତଥା ରବିବାର ସକାଳ ସାଢ଼େ ୧୦ଟା ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର କର୍ମଚାରୀ ଏବଂ ସ୍ଥାନୀୟ ବରିଷ୍ଠ ସଂରକ୍ଷଣ ସହାୟକ ଦେବେନ୍ଦ୍ର କୁମାରଙ୍କ ଦ୍ୱାରା ବେଆଇନ ଭାବେ ନିୟୋଜିତ



ଦୀପକ କୁମାର ନାମକ ଜଣେ ଅଣଓଡ଼ିଆ ବ୍ୟକ୍ତି ପର୍ଯ୍ୟଟକ ଓ ଗାଇଡ୍‌ଙ୍କୁ ମାଡ଼ ମାରିବା ସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରିଛନ୍ତି। ଏପରି କାଣ୍ଡ ଯୋଗୁ ସୂର୍ଯ୍ୟମନ୍ଦିର ପ୍ରବେଶ ଦ୍ୱାର କିଛି ସମୟ ପାଇଁ ରଣାଙ୍ଗନ ପାଲଟିଥିଲା। ଏଏସ୍ଆଇ କର୍ମଚାରୀ ଓ ସୁରକ୍ଷାକର୍ମୀ ପର୍ଯ୍ୟଟକଙ୍କୁ ସାଙ୍ଗରେ ଆଣି ଆସିଥିବା କୋଣାର୍କ ବାହାରର ଜଣେ ଗାଇଡ୍‌ଙ୍କ ସମେତ ପର୍ଯ୍ୟଟକଙ୍କୁ ଗୋଡାଇ ଗୋଡାଇ ମାରୁଥିବା ଦେଖାଯାଇଥିଲା। ଘଟଣାକ୍ରମରୁ ପ୍ରକାଶ ଯେ, ପୁରୀର ଜଣେ ଗାଇଡ୍ ୪୫ଜଣ ପର୍ଯ୍ୟଟକଙ୍କୁ ଧରି କୋଣାର୍କ ଆସିଥିଲେ। ମନ୍ଦିର ପ୍ରବେଶ ଦ୍ୱାରରେ ଥିବା ଟିକେଟ୍ ଯାଞ୍ଚ ବ୍ୟାରିକେଡ ନିକଟରେ ପହଞ୍ଚିଥିଲେ। ସେଠାରେ ଟିକେଟ୍ ଯାଞ୍ଚ କରୁଥିବା କର୍ମଚାରୀଙ୍କୁ ଗାଇଡ୍ ଜଣକ ଅନ୍‌ଲାଇନ୍‌ରେ କାଟିଥିବା ଟିକେଟ୍ ମୋବାଇଲ୍ ସ୍କ୍ରିନ୍‌ରେ ଦେଖାଇଥିଲେ। ମାତ୍ର ଏଏସ୍ଆଇ କର୍ମଚାରୀ ତାଙ୍କୁ ଭିତରକୁ ନଛାଡି

**ପର୍ଯ୍ୟଟକ ଓ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର**

ଅଫଲାଇନ୍ ଟିକେଟ କାଟିବାକୁ କହିଥିଲେ। ଏହାକୁ ନେଇ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଦର୍ଶକ ବିଚରା ଧାଡ଼ିରେ ଅପେକ୍ଷା କରିଥିଲେ। ଏହି ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିଥିଲେ। ମାତ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗାଇଡ୍ ଓ ପର୍ଯ୍ୟଟକ ନିଜର ସମସ୍ୟା ଜଣାଇବା ମାତ୍ରେ ଏଏସ୍ଆଇ କର୍ମଚାରୀଙ୍କ ସମେତ ଦୀପକ କୁମାର ସମ୍ପୃକ୍ତ ଗାଇଡ୍ ଓ ପର୍ଯ୍ୟଟକଙ୍କୁ ମାଡ଼ ମାରିବା ସହିତ ସାମ୍ବାଦିକମାନଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ସାମ୍ବାଦିକ ମିଲନ୍ ମହାନ୍ତିଙ୍କ ସମେତ ଅନ୍ୟମାନେ କୋଣାର୍କ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିମାପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଥିବାବେଳେ ମାମଲା ରୁଜୁ କରିନାହାନ୍ତି।

## ଏଏସ୍ଆଇ କର୍ମଚାରୀଙ୍କୁ ଗିରଫ ଦାବି

ସୂର୍ଯ୍ୟମନ୍ଦିର ପ୍ରବେଶ ଦ୍ୱାରରେ ପର୍ଯ୍ୟଟକଙ୍କୁ ମାଡ଼ ମାରିବା ସହିତ ଘଟଣାର ଫଟୋ ଉଠାଉଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଏଏସ୍ଆଇର ବରିଷ୍ଠ ସଂରକ୍ଷଣ ସହାୟକ ଦେବେନ୍ଦ୍ର କୁମାରଙ୍କ ସମ୍ପର୍କୀୟ ଦୀପକ କୁମାର ଓ ଏଏସ୍ଆଇର ଅନ୍ୟ

- **କୋଣାର୍କ ଥାନା ସମ୍ମୁଖରେ ସାମ୍ବାଦିକଙ୍କ ଧାରଣା**
- **ସାମିଲ ହେଲେ କୋଣାର୍କ ଏନ୍‌ଏସି ଉପାଧ୍ୟକ୍ଷ ଓ ବହୁ ନେତା**

କର୍ମଚାରୀଙ୍କୁ ଗିରଫ ଦାବିରେ ରବିବାର ରାତି ୮ଟାରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ କୋଣାର୍କ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଏପରି ଅଭାବନୀୟ ଘଟଣା ପୂର୍ବାହ୍ନ ସାଢ଼େ ୧୦ଟାରୁ ଘଟିଥିଲେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ଏତଲା ଆଧାରରେ ମାମଲା ରୁଜୁ ନକରି ଆପୋଷ ସମାଧାନ ପାଇଁ ପୁଲିସ୍ ଯୋଜନା ଚଳାଇଥିଲା। ଏଥିରେ ଗଣମାଧ୍ୟମ ପ୍ରତିନିଧିମାନେ ରାଜି ନହେବାରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯିବ ବୋଲି ଏସ୍‌ଡିପିଓ କହିଥିଲେ। ପୁଲିସ କାର୍ଯ୍ୟାନୁଷ୍ଠାନରେ ଜାଣିଶୁଣି ବିଳମ୍ବ କରୁଥିବାରୁ ଯଥାଶୀଘ୍ର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସାମ୍ବାଦିକମାନେ ଅଡି ବସିଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମର୍ଥନ ଜଣାଇ କୋଣାର୍କ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ମଧ୍ୟ ଥାନା ଆଗରେ ଧାରଣାରେ ବସିଛନ୍ତି।



ପରେ ଏମାନଙ୍କ ସହ ସିପିଆଇ ନେତା ମନୋରଞ୍ଜନ ପରିଡ଼ା, କଂଗ୍ରେସ ନେତା ଭାସ୍କର ଶେଠ୍, ଦେଶବନ୍ଧୁ ଲେଙ୍କା, କୋଣାର୍କ ସୁରକ୍ଷା ସମିତିର ସଭାପତି ଭାଗିରଥୀ ସ୍ୱାଇଁଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇଛନ୍ତି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କୋଣାର୍କ ମିଡ଼ିଆ ଫୋରମ୍ ସଭାପତି ଅବନୀଭୂଷଣ ବାରିକ ସୂଚନା ଦେଇଛନ୍ତି।

## ଗୋରୁ ଗାଡ଼ି ଉପରକୁ ବିଭିନ୍ନ ସ୍ଥାନରେ ଗୁଳିମାଡ଼





**ସୁନ୍ଦରଗଡ଼/ରାଉରକେଲା, ୩୧।୧୨(ସମିସ):** ରବିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୋରୁ ଗାଡ଼ି ଉପରକୁ ଗୁଳିମାଡ଼ କରାଯାଇଛି। ସକାଳ ୬ଟାରେ ଏକ ବୋଲେରୋ ପିକଅପରେ କିରିଙ୍ଗସିରା ଗ୍ରାମର ଚାଳକ ସୁବାସ ନାଏକ ଏବଂ ରାହୁଲ ନାଏକ ୨ଟି ଗୋରୁ ବୋଝେଇ କରି କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲ ବଜାରକୁ ନେଉଥିଲେ। ତେବେ ଏକ ନାଲି ରଙ୍ଗର କାରରେ ଏକାଧିକ ବ୍ୟକ୍ତି ସେମାନଙ୍କୁ ପିଛା କରି ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ନିକଟରେ ୧୦ ନମ୍ବର ରାଜ୍ୟ ରାଜପଥରେ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ସୁବାସଙ୍କ ମୁହଁ ଥୋଡ଼ିରେ ବାଜିଛି। ପରେ ସେମାନେ ଗୋରୁଗୁଡ଼ିକୁ ଓହ୍ଲାଇ ପିକଅପ୍‌କୁ ନେଇଯାଇଥିଲେ। ସୁବାସଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରାଯାଇଛି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତମାନଙ୍କୁ ସୁବାସ ଚିହ୍ନିଥିବା ପୁଲିସ ନିକଟରେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଦୁର୍ବୃତ୍ତମାନେ ଉକ୍ତ ପିକଅପକୁ ଭଣ୍ଡା ଥାନା ଅନ୍ତର୍ଗତ କିଞ୍ଜିର୍ମାଠାରେ ପୋଡ଼ି ଦେଇଛନ୍ତି। ରିପୋର୍ଟ ପ୍ରସ୍ତୁତି ପର୍ଯ୍ୟନ୍ତ ଏ ନେଇ ଥାନାରେ ବିଧିବଦ୍ଧ ଭାବେ ମାମଲା ରୁଜୁ ହୋଇ ନ ଥିବା ପୁଲିସ କହିଛି। ସେହିପରି ଆଜି

**ପିଏଲ୍‌ଏଫ୍‌ଆଇର ହାତ ସନ୍ଦେହ**

ସକାଳେ ହେମଗିରି ଥାନା ଅନ୍ତର୍ଗତ କିନିକାଠାରେ ମଧ୍ୟ ଦୁର୍ବୃତ୍ତମାନେ ଏକ ଗୋରୁ ବୋଝେଇ ପିକଅପକୁ ପୋଡ଼ି ଦେଇଛନ୍ତି। ଏହି ପିକଅପରେ ଭଣ୍ଡା ଥାନା ଅନ୍ତର୍ଗତ ଗୁଲଠା ଗ୍ରାମର ଲେକଚରର୍ ରୋହିଦାସ ୨ଟି ଗୋରୁ ନେଇ ତାଙ୍କ ଘରକୁ ଆସୁଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ। ତେବେ ସୌଭାଗ୍ୟବଶତଃ ଗୁଳି ଲେକଚରର୍ କିମ୍ବା ଚାଳକଙ୍କ ଦେହରେ ବାଜି ନ ଥିଲା। ସେମାନେ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ପରେ ଦୁର୍ବୃତ୍ତମାନେ ଗୋରୁଗୁଡ଼ିକୁ ଓହ୍ଲାଇ ଗାଡ଼ି ପୋଡ଼ିଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିପୂର୍ବରୁ ଗତ ୭ ତାରିଖରେ ମଧ୍ୟ ଦୁର୍ବୃତ୍ତମାନେ ଏକ ଗୋରୁ ବୋଝେଇ ପିକଅପକୁ ପୋଡ଼ି ଦେଇଥିଲେ। ଗତ ୨୨ ତାରିଖରେ ସୁନ୍ଦରଗଡ଼ ଲୁହୁରାଢିପା ବସଷ୍ଟାଣ୍ଡ ନିକଟ ଓଭରବ୍ରିଜ କାନ୍ଥରେ ପିଏଲଏଫ୍‌ଆଇ କେନ୍ଦ୍ରୀୟ କମିଟିର ପ୍ରେମକୁମାର ଯାଦବଙ୍କ ଦସ୍ତଖତରେ ମରାଯାଇଥିବା ପୋଷ୍ଟରରେ ଗୋରୁ ଚାଲାଣକୁ ବିରୋଧ କରାଯାଇଥିଲା। ଗୋ-ଚାଲାଣ ବନ୍ଦ କରା ନ ଗଲେ ସମ୍ପୃକ୍ତ ଚାଲାଣକାରୀଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଥିଲା। ଏଣୁ ଗୋଟିଏ ଦିନରେ ବିଭିନ୍ନ ସ୍ଥାନରେ ଗୋରୁ ଗାଡ଼ି ଉପରକୁ ଏପରି ଗୁଳିମାଡ଼ ପଛରେ ପିଏଲଏଫଆଇର ହାତ ଥିବା ସନ୍ଦେହ କରାଯାଉଛି। ପୁଲିସ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଓଡ଼ିଶା ଓ ଉତ୍ତର ଆନ୍ଧ୍ରରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ୩୧।୧୨(ସମିସ):** ଓଡ଼ିଶା ଓ ଉତ୍ତର ଆନ୍ଧ୍ରରେ ସ୍ୱଦେଶୀ ଅମୃତ ଭାରତ ଏକ୍ସପ୍ରେସକୁ ଭବ୍ୟ ସ୍ୱାଗତ କରାଯାଇଛି। ଜନପ୍ରତିନିଧୀ, ବିଶିଷ୍ଟ ବ୍ୟକ୍ତିତ୍ୱମାନେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନରେ ଅମୃତ ଭାରତ ଟ୍ରେନକୁ ସ୍ୱାଗତ କରିଥିଲେ। ୩୦ଡିସେମ୍ବର ୨୦୨୩ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ମାଲଦା ଟାଉନ୍-ବେଙ୍ଗାଲୁରୁ ଅମୃତ ଭରତ ଏକ୍ସପ୍ରେସ ଦକ୍ଷିଣ ପୂର୍ବ ରେଳପଥ ପରିସୀମା ମଧ୍ୟରେ ଓଡ଼ିଶାରେ ଜଳେଶ୍ୱର, ବାଲେଶ୍ୱର ଓ ସୋରୋ ଏବଂ ପୂର୍ବତଟ ରେଳପଥ ପରିସୀମାରେ ଓଡ଼ିଶାରେ ଭଦ୍ରକ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବ୍ରହ୍ମପୁର ଷ୍ଟେସନ ଅତିକ୍ରମ କରିଥିଲା। ଏହି ଷ୍ଟେସନ ଗୁଡ଼ିକରେ ବାଦ୍ୟ ବଜାଇ ଏବଂ ପାରମ୍ପାରିକ ନୃତ୍ୟ ଦ୍ୱାରା ଅମୃତ ଭାରତ ଟ୍ରେନକୁ ଭବ୍ୟ ସ୍ୱାଗତ କରାଯାଇଅଛି। ଭଦ୍ରକ ଷ୍ଟେସନରେ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ତାଙ୍କ ସମର୍ଥକ ସ୍ୱାଗତ କରିଥିଲା ବେଳେ କଟକ ରେଳ ଷ୍ଟେସନରେ ଯାତ୍ରୀ ସୁବିଧା କମିଟି ସଦସ୍ୟ ଦିଲୀପ ମଲ୍ଲିକ, ଭୁବନେଶ୍ୱର ରେଳ ଷ୍ଟେସନରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ସୁଲତା ଦେଓ ଓ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଏବଂ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ ରେଳ ଷ୍ଟେସନରେ ବିଧାୟକ ସୁରେଶ କୁମାର ରାଉତ ଉତ୍ସବରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ସାଂସଦ ଚନ୍ଦ୍ରଶେଖର ସାହୁ ଏବଂ ବିଧାୟକ ବିକ୍ରମ ପଣ୍ଡା ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ରେଳ ଷ୍ଟେସନରେ ଅଂଶଗ୍ରହଣ କରି ଅମୃତ ଭାରତ ଟ୍ରେନକୁ ସ୍ୱାଗତ କରିଥିଲେ।

■ **ନିରାଶ୍ରୟ ବାନରସେନା**

## ପାଲତଳେ ବିତୁଛି ଜୀବନ



**ଧୂଷୁରୀ, ୩୧।୧୨(ସମିସ):** ଦିନେ ସିଏ ଦେଶରୁ ଇଂରେଜମାନଙ୍କୁ ତଡ଼ିବାକୁ ସଂଗ୍ରାମ କରୁଥିଲେ। ହେଲେ ଆଜି ନିଜ ଦାରିଦ୍ର୍ୟକୁ ତଡ଼ିବାକୁ ସଂଗ୍ରାମୀ ସାଜିଛନ୍ତି। ସେଦିନ ସିଏ ବାନର ସେନା ସାଜି ଦେଶରେ ସ୍ୱାଧୀନତା ଆଣିବାକୁ ଉଦ୍ୟମ କରି ସଫଳ ହୋଇଥିଲେ; କିନ୍ତୁ ଆଜି ନିଜର ଦୁଃଖଦୁର୍ଦ୍ଦଶାକୁ ଦୂରକରିବାକୁ ଉଦ୍ୟମ କରି ନିରାଶ ହେବାକୁ ପଡୁଛି ତାଙ୍କୁ। ଇଏ ହେଉଛି ସ୍ୱାଧୀନତା ସଂଗ୍ରାମର ବାନର ସେନା ଗଜେନ୍ଦ୍ର ନାୟଙ୍କ ଜୀବନ କଥା।

ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ବାହାରବିଲ ଗ୍ରାମ ସୁନ୍ଦରାସାହି ଗ୍ରାମର ଗୁରୁପ୍ରସାଦ ଓରଫ ଗଜେନ୍ଦ୍ର ନାୟକ ସ୍ୱାଧୀନତା ସଂଗ୍ରାମ ଅମଳରେ ଜଣେ ବାନର ସେନା ବୋଲି ଦାବି କରନ୍ତି। କିନ୍ତୁ ଦେଶ ସ୍ୱାଧୀନ ହେବା ପରେ ଗଜେନ୍ଦ୍ର ଆବଶ୍ୟକ ମୌଳିକ ସୁବିଧା ପାଇପାରିନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଚାହିଁ ଚାହିଁ ସେ ନିରାଶ ହୋଇଛନ୍ତି। ଝାଟିମାଟି ଘରେ ନିଜର ପରିବାରର ବାସସ୍ଥାନ ପାଇଁ ସଂଘର୍ଷର୍ ଜାରୀ ରଖିଛନ୍ତି। ପାଖପାଖି ୮୦ ବର୍ଷ ଧରି ନିଜ ଭିଟାମାଟିରେ ମାଟି କାନ୍ଥ ଘରେ ବସବାସ କରି ଆସୁଥିବା ବେଳେ ଝଡ଼ବାତ୍ୟା ଏବଂ ବନ୍ୟା ଦ୍ୱାରା ମାଟିଘରର ଅବସ୍ଥା ଦିନକୁ ଦିନ ଦୁର୍ବଳ ହୋଇଯାଇଛି। ଦୀର୍ଘ ୧୦ ବର୍ଷ ହେବ ପ୍ରଶାସନକୁ ବାରମ୍ବାର ଅବଗତ କରିଆସୁଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନଥିବା ନେଇ ସେ ଅଭିଯୋଗ କରିଛନ୍ତି। ଜୀବନର ସାୟାହ୍ନରେ ସେ ଜିଲ୍ଲାପାଳଙ୍କ ନିକଟରେ ଅନଶନ କରିବେ ବୋଲି ମଧ୍ୟ ଜଣାଇଛନ୍ତି। ଗତ କିଛି ବର୍ଷ ମଧ୍ୟରେବହୁବାର ବାତ୍ୟାରେ ତାଙ୍କ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ପତ୍ନୀଙ୍କ ସହ ନିଜ ବଳରେ ଭଙ୍ଗା କୁଡିଆ କରି ଜୀବନ ବିତାଉଛନ୍ତି।

ଗଜେନ୍ଦ୍ର ନିଜ ପିଲାଟି ବେଳୁ ସ୍ୱାଧୀନତା ସଂଗ୍ରାମ ସମୟରେ ପୁରୁଣା ସଂଗ୍ରାମୀ ମାନଙ୍କ ସହିତ ହାତରେ ପତାକା ଧରି ଗାଁ ଗାଁ ବୁଲି ସଂଗ୍ରାମ ପାଇଁ ପ୍ରଚାର କରୁଥିଲେ। ସେ ସ୍ୱାଧୀନତା ସଂଗ୍ରାମର ଭତ୍ତା ପାଇଁ ଦାବି କରି ନଥିବା ପ୍ରକାଶ କରିଛନ୍ତି। ସ୍ୱାଭିମାନରେ ବଞ୍ଚିବାକୁ ସେ ସ୍ଥିର କରିଥିବା ବେଳେ ଆର୍ଥିକ ପରିସ୍ଥିତି ତାଙ୍କୁ ଅସହାୟ କରିଦେଇଛି।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SCIENCE

### SECTION-A

1. Which of the following can make a parallel beam of light when light from a point source is incident on it?
   (a) Concave mirror as well as convex lens
   (b) Convex mirror as well as concave lens
   (c) Two plane mirrors placed at 900 to each other
   (d) Concave mirror as well as concave lens
2. A 10 mm long awl pin is placed vertically in front of a concave mirror. A 5 mm long image of the awl pin is formed at 30 cm in front of the mirror. The focal length of this mirror is
   (a) – 30 cm (b) – 20 cm (c) – 40 cm (d) – 60 cm
3. Under which of the following conditions, a concave mirror can form an image larger than the actual object?
   (a) When the object is kept at a distance equal to its radius of curvature
   (b) When object is kept at a distance less than its focal length
   (c) When object is placed between the focus and centre of curvature
   (d) When object is kept at a distance greater than its radius of curvature
4. Figure shows a ray of light as it travels from medium A to medium B. Refractive index of the medium B relative to medium A is




   (a) $\frac{\sqrt{3}}{2}$ (b) $\frac{\sqrt{2}}{\sqrt{3}}$ (c) $\frac{1}{\sqrt{2}}$ (d) $\sqrt{2}$
5. A light ray enters from medium A to medium B as shown in the figure. The refractive index of medium B relative to A will be




   (a) Greater than unity (b) Less than unity (c) Equal to unity (d) Zero
6. Beams of light are incident through the holes A and B and emerge out of box through the holes C and D respectively as shown in the figure. Which of the following could be inside the box?




   (a) A rectangular glass slab (b) A convex lens (c) A concave less (d) A prism
7. A beam of Light is incident through the holes on side A and emerges out of the holes on the other face of the box as shown in the figure. Which of the following could be inside the box?




   (a) Concave lens (b) Rectangular glass slab (c) Prism (d) Convex lens
8. Which of the following is a displacement reaction?
   (a) $MgCO_3 \longrightarrow MgO + CO_2$
   (b) $2Na + 2H_2O \longrightarrow 2NaOH + H_2$
   (c) $2H_2 + O_2 \longrightarrow 2H_2O$
   (d) $2Pb(NO_3)_2 \xrightarrow{Heat} 2PbO + 4NO_2 + O_2$
9. Which of the following statements about the given reaction are correct?
   3Fe (s) + 4H2O (g) → Fe3O4 (s) + 4 H2 (g)
   (i) Iron metal is getting oxidised
   (ii) Water is getting reduced
   (iii) Water is acting as reducing agent
   (iv) Water is acting as oxidising agent
   (a) (i), (zi) and (iii) (b) (in) and (iv) (c) (i), (ii) and (iv) (d) (ii) and (iv)
10. Which of the following are exothermic processes?
   (i) Reaction of water with quick lime (ii) Dilution of an acid
   (iii) Evaporation of water (iv) Sublimation of camphor (crystals)
   (a) (i) and (ii) (b) (ii) and (iii) (c) (i) and (iv) (d) (ii) and (iv)
11. Oxidation is a process which involves
   (a) addition of oxygen (b) addition of hydrogen
   (c) removal of oxygen (d) removal of hydrogen
12. The process of reduction involves
   (a) addition of oxygen (b) addition of hydrogen
   (c) removal of nitrogen (d) removal of hydrogen
13. Give the ratio in which hydrogen and oxygen are present in water by volume.
   (a) 1:2 (b) 1:1 (c) 2:1 (d) 1:8
14. When Ag is exposed to air it gets a black coating of
   $AgNO_3$ (b) $Ag_2S$ (c) $Ag_2O$ (d) $Ag_2CO_3$
15. Growing foetus derive nutrition from mother's blood through
   (a) Uterus (b)Fallopian tube (c)cervix (d)placenta
16. The two oviducts in a human female unite into an elastic bag like is known as
   (a)Vagina (b)Uterus (c)Fallopian tube (d) Cervix
17. Which of the following disease is transmitted sexually?
   (a) kala azar (b) jaundice (c) Cholera (d) Syphilis

**Question No. 18 to 20 consists of two statements- Assertion (A) and Reason (R). Answer the questions selecting the appropriate option given below:**
(a) Both A and R are true, and R is the correct explanation of A.
(b) Both A and R are true, and R is not the correct explanation of A.
(c) A is true but R is false.
(d) A is false but R is true.

18. Assertion- A lead nitrate on thermal decomposition gives lead oxide, brown colored nitrogen dioxide &oxygen gas.
   Reason- Lead nitrate reacts with potassium iodide to form yellow precipitate of lead iodide & the reaction is double displacement as well as precipitation reaction.
19. Assertion- Reflex Arc works faster than thinking process of brain.
   Reason- Reflex arc works in case of those animals who do not have thinking process.
20. Assertion- Concave mirrors are used as reflectors in torches, vehicle head-lights and in search lights.
   Reason- When an object is placed beyond the center of curvature of a concave mirror, the image formed is real and inverted.

### SECTION – B (2 Marks)

21. Write the structural formulae of all the isomers of an alkane with six carbon atoms ($C_6H_{14}$).
22. What is excretion? How do unicellular organisms remove their waste?
23. A current of 10 A flows through a conductor for two minutes.
   (i) Calculate the amount of charge passed through any area of cross section of the conductor.
   (ii) If the charge of an electron is $1.6 \times 10^{-19}$ C, then calculate the total number of electrons flowing.

### SECTION-C (3 Marks)

24. (a) What is a homologous series of compounds? List any two of its characteristics.
   (b) What is the next higher homologue of $C_3H_7OH$? What is its formula and what is it called?
25. A green stemmed rose plant denoted by GG and brown stemmed rose plant denoted by gg are cross bred.
   (a) State the colour of stem in $F_1$ progeny.
   (b) Calculate the percentage of green stemmed plants in $F_2$ progeny If $F_1$ plants are self-pollinated.
   (c) Find the ratio of GG and gg in $F_2$ progeny.

### SECTION-D (5 Marks)

26. Soaps and detergents are both, types of salts. State the difference between the two. Write the mechanism of the cleansing action of soaps. Why do soaps not form lather (foam) with hard water? Mention any two problems that arise due to the use of detergents instead of soaps.
27. **Answer the following questions.**
   (a) Label the parts A, B, C and D.
   (b) Name the hormone secreted by testis and mention its function.
   (c) State the function of C and D.
   (d) Why are the testis extra-abdominal in human males?

### SECTION-E (4 Marks)

28. **Read the given text and answer the following questions:**
   Ores mined from the earth are usually contaminated with large amounts of impurities such as soil, sand, etc., called gangue. The impurities must be removed from the ore prior to the extraction of the metal. The processes Several steps are involved in the extraction of pure metal from ores. Metals and Non-metals used for removing the gangue from the ore are based on the differences between the physical or chemical properties of the gangue and the ore. Different separation techniques are accordingly employed.
   (a) What are the processes for the extraction of metals of low reactivity series?
   (b) What is meant by Roasting?
   (c) Give one example of extracting metals low in the activity series.
   (d) What is the other name for HgS an ore of mercury?
29. **Read the given text and answer the following questions:**
   An electric lamp of resistance 20 ohm and a resistor of resistance 4 ohm are connected to a 6V battery as shown in the circuit.




   Calculate:
   (a) The total resistance of the circuit.
   (b) The current passing through the circuit.
   (c) The potential difference across the (i) electric lamp (ii) resistor.
   (d) Electric power consumed by the lamp.

***** *All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1(a) | 2(b) | 3(c) | 4(c) | 5(a) | 6(a) | 7(d) | 8(b) | 9(c) | 10(a) |
| 11(a) | 12(b) | 13(c) | 14(b) | 15(d) | 16(b) | 17(d) | 18 (b) | 19 (c) | 20 (b) |

| | | | | | |
|---|---|---|---|---|---|
| ePaper | : | sakalaepaper.com | Twitter | : | SakalaNews |
| News Portal | : | thesakala.in | Instagram | : | sakalanews |
| Facebook | : | SakalaNews | Youtube | : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

# ବିଦାୟୀ ୨୦୨୩ ଦିନିକିଆରେ ଭାରତର ସର୍ବଶ୍ରେଷ୍ଠ ବର୍ଷ

ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି): ବର୍ଷ ୨୦୨୩ ବିଦାୟ ନେଇଛି। ଏହି ବର୍ଷ ଭାରତୀୟ କ୍ରିକେଟ ପାଇଁ ବେଶ୍ ମହତ୍ତ୍ୱ ରଖୁଛି। ୨୦୨୩ରେ ଭାରତ ଦିନିକିଆରେ ଜବରଦସ୍ତ ପ୍ରଦର୍ଶନ କରିଛି। ନିଜର ଦିନିକିଆ ଇତିହାସରେ ଭାରତର ପ୍ରଦର୍ଶନ ସର୍ବଶ୍ରେଷ୍ଠ ରହିଛି। ଏହି ବର୍ଷ ଭାରତ ମୋଟ୍ ୩୫ଟି ଦିନିକିଆ ମ୍ୟାଚ୍ ଖେଳି ୨୭ଟିରେ ବିଜୟୀ ହୋଇଛି। ଭାରତର ବିଜୟ ପ୍ରତିଶତ ୭୯.୪୦ ରହିଛି। କିନ୍ତୁ ଦିନିକିଆ ଇତିହାସରେ ଏହି ଦୃଷ୍ଟିକୋଣରୁ ଅଷ୍ଟ୍ରେଲିଆ ସବୁଠାରୁ ଆଗରେ ରହିଛି। ୨୦୦୩ରେ ଅଷ୍ଟ୍ରେଲିଆ ୩୫ଟି ଦିନିକିଆ ମ୍ୟାଚ୍ ଖେଳି ୩୦ଟି ବିଜୟ ହାସଲ କରି ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଏହି କ୍ରମରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

ଏହାପୂର୍ବରୁ ଭାରତ ୧୯୯୮ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଭାରତ ଏହି ବର୍ଷ ୨୪ଟି ଦିନିକିଆ ମ୍ୟାଚ୍ ଜିତିଥିଲା। ୨୦୨୩ରେ ଭାରତ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ବିଜୟର ହାରାହାରି ବ୍ୟବଧାନରେ, ସବୁଠାରୁ ଅଧିକଥର ୨୦୦+ ରନରେ ବିଜୟୀ ହେବାରେ, ସବୁଠାରୁ ବଡ଼ ସ୍କୋର କରିବାରେ, ସବୁଠାରୁ ଅଧିକ ଶତକ ଅର୍ଜନ କରିବାରେ, ସବୁଠାରୁ ଅଧିକ ୱିକେଟ ହାସଲ କରିବାରେ ରେକର୍ଡ ସୃଷ୍ଟି କରିଛି।



### ସର୍ବାଧିକ ୧୪୩ ରନ ହାରାହାରି ବ୍ୟବଧାନରେ ବିଜୟୀ ହୋଇଛି

ଭାରତ ଏହି ବର୍ଷ ୧୪ଟି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିଜୟୀ ହୋଇଛି। ଏହି ମ୍ୟାଚ୍‌ଗୁଡିକରେ ଭାରତ ବିଜୟର ହାରହାରି ବ୍ୟବଧାନ ୧୪୩ ରହିଛି। ଏହା ଦିନିକିଆ ଇତିହାସରେ ସର୍ବାଧିକ ବିବେଚିତ ହେଉଛି। ପୂର୍ବରୁ ୨୦୦୩ରେ ଭାରତ ପ୍ରଥମେ ବ୍ୟାଟିଂ କରି ୧୦ଟି ମ୍ୟାଚ୍‌ରେ ହାରାହାରି ୧୨୨ ରନ ବ୍ୟବଧାନରେ ବିଜୟୀ ହୋଇଛି। ୨୦୦୭ରେ ଅଷ୍ଟ୍ରେଲିଆ ୧୨ଟି ମ୍ୟାଚ୍‌ରେ ହାରାହାରି ୧୦୫ ରନ ଅନ୍ତରରେ ବିଜୟୀ ହୋଇଥିଲା।

### ସର୍ବାଧିକ ୩୫୦+ ସ୍କୋର ସଂଗ୍ରହ କରିଛି

୨୦୨୩ରେ ଭାରତ ସର୍ବାଧିକ ୯ ଥର ୩୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଛି। ଏହା ଯେକୌଣସି କ୍ୟାଲେଣ୍ଡର ବର୍ଷ ପାଇଁ ଓ ଯେକୌଣସି ଦଳ ପାଇଁ ସର୍ବାଧିକ। ୨୦୧୯ରେ ଇଂଲଣ୍ଡ ୭ଥର ୩୫୦ରୁ ଉର୍ଦ୍ଧ୍ୱ ସ୍କୋର କରିଥିଲା। ଏବେ ଭାରତ ଏହାକୁ ପଛରେ ପକାଇଛି। ୨୦୨୩ରେ ଭାରତୀୟ ବ୍ୟାଟରମାନେ ମୋଟ୍ ୧୯ଟି ଶତକ ହାସଲ କରିଛନ୍ତି। ୨୦୧୭ରେ ହାସଲ କରିଥିବା ନିଜ ରେକର୍ଡ ସହ ଭାରତ ସମକକ୍ଷ ହୋଇଛି। ଭାରତୀୟ ସୁପରଷ୍ଟାର ବିରାଟ କୋହଲି ଦିନିକିଆ ବିଶ୍ୱକପ୍‌ରେ ୫୦ଟି ଶତକ ହାସଲ କରି ବିଶ୍ୱ ରେକର୍ଡ କରିଥିଲେ।

### ଭାରତ ମାରିଛି ରେକର୍ଡ ୨୫୦ ଛକା: ରୋହିତଙ୍କ ରେକର୍ଡ

ଭାରତ ଚଳିତ ବର୍ଷ ୨୫୦ଟି ଛକା ମାରି ରେକର୍ଡ କରିଛି। ଦିନିକିଆ ଇତିହାସରେ କୌଣସି ଦଳ ପୂର୍ବରୁ ଗୋଟିଏ ବର୍ଷରେ ଏତେ ସଂଖ୍ୟାରେ ଛକା ମାରିନାହାନ୍ତି। ଚଳିତ ବର୍ଷ ୨୨୫ଟି ଛକା ମାରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ସ୍ଥାନରେ ରହିଛି। ୨୦୧୯ରେ ୱେଷ୍ଟଇଣ୍ଡିଜ ୨୦୯ଟି ଛକା ମାରିଥିଲା। ଏହି ବର୍ଷ ଭାରତ ଓ ଦକ୍ଷିଣ ଆଫ୍ରିକା ଏହି ରେକର୍ଡକୁ ପଛରେ ପକାଇଛନ୍ତି। ୨୫୦ଟି ଛକାରୁ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏକା ୬୭ଟି ନିଜ ନାମରେ କରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଏହା ଯେକୌଣସି ବ୍ୟାଟରଙ୍କ ପାଇଁ ସର୍ବାଧିକ ସାବ୍ୟସ୍ତ ହୋଇଛି। ୨୦୧୫ରେ ଦକ୍ଷିଣ ଆଫ୍ରିକାର ଏବି ଡିଭିଲିର୍ସ ୫୮ଟି ଛକା ମାରିଥିଲେ। ରୋହିତ ଏବେ ତାଙ୍କୁ ପଛରେ ପକାଇଛନ୍ତି।

### ସର୍ବାଧିକ ୱିକେଟ ହାସଲରେ ନିଜର ରେକର୍ଡ ଭାଙ୍ଗିଲା ଭାରତ

ଏହି ବର୍ଷ ଭାରତୀୟ ଦଳ ସର୍ବାଧିକ ୱିକେଟ ହାସଲରେ ରେକର୍ଡ କରିବା ସହ ନିଜର ପୂର୍ବର ରେକର୍ଡକୁ ଅତିକ୍ରମ କରିଛି। ୨୦୨୩ରେ ଭାରତ ମୋଟ୍ ୨୮୯ ୱିକେଟ ହାସଲ କରିଛି। ଏଥିସହ ଭାରତ ୧୯୯୮ରେ ୨୮୬ ୱିକେଟ ହାସଲ ରେକର୍ଡକୁ ପଛରେ ପକାଇଛି। ଭାରତ ପ୍ରତ୍ୟେକ ୨୭.୪ ବଲରେ ୱିକେଟ ହାସଲ କରିଛି। ଏହା ଯେକୌଣସି ଦଳ ଓ କ୍ୟାଲେଣ୍ଡର ବର୍ଷ ପାଇଁ ଶ୍ରେଷ୍ଠ ଷ୍ଟ୍ରାଇକ୍‌ରେଟ୍ ସାବ୍ୟସ୍ତ ହୋଇଛି।

### ୫ ୱିକେଟ ସଫଳତାରେ ରେକର୍ଡ

ଭାରତୀୟ ଦଳ ଚଳିତ ବର୍ଷ ୮ଥର ୫ ୱିକେଟ ସଫଳତା ହାସଲ କରିଛି। ପୂର୍ବରୁ ପାକିସ୍ତାନ ୧୯୯୦, ଅଷ୍ଟ୍ରେଲିଆ ୨୦୦୪, ଶ୍ରୀଲଙ୍କା ୨୦୦୮ରେ ୬ଥର ଲେଖାଏ ୫ ୱିକେଟ ସଫଳତା ହାସଲ କରିଥିଲେ। ଭାରତ ଚଳିତ ବର୍ଷ ଏହାକୁ ପଛରେ ପକାଇଛି।

### ଗିଲ୍ ବ୍ୟାଟିଂରେ, କୁଳଦୀପ ବୋଲିଂରେ ସଫଳ

ଭାରତ ପାଇଁ ବ୍ୟାଟିଂରେ ଚଳିତ ବର୍ଷ ଯୁବ ଓପନର ଶୁବମାନ ଗିଲ୍ ଓ ବୋଲିଂରେ କୁଳଦୀପ ଯାଦବ ସଫଳତମ ବିବେଚିତ ହୋଇଛନ୍ତି। ଗିଲ୍ ୨୯ଟି ପାଳିରୁ ୬୩.୩୬ ହାରରେ ୫ ଶତକ ସହ ୧୫୮୪ ରନ ସଂଗ୍ରହ କରିଛନ୍ତି। ସେହିପରି କୋହଲି ୨୪ଟି ପାଳିରୁ ୭୨.୪୭ ହାରରେ ୬ ଶତକ ସହ ୧୩୭୭ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ପଛକୁ ରୋହିତ ୨୬ଟି ପାଳିରୁ ୫୨. ୨୯ ହାରରେ ୨ ଶତକ ସହ ୧୨୫୫ ରନ ସଂଗ୍ରହ କରିଛନ୍ତି। ଅପରପକ୍ଷରେ ବୋଲିଂରେ ସ୍ପିନର କୁଳଦୀପ ଯାଦବ ୩୦ ମ୍ୟାଚ୍ ଖେଳି ସର୍ବାଧିକ ୪୯, ମହମ୍ମଦ ସିରାଜ ୨୫ ପାଳିରୁ ୪୪ ଓ ମହମ୍ମଦ ସାମି ୧୯ ପାଳିରୁ ୪୩ ୱିକେଟ ହାସଲ କରି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।



## ନେଲ୍ ବ୍ରାଣ୍ଡ: ଅନ୍ତର୍ଜାତୀୟ କ୍ରିକେଟ ନ ଖେଳି ଟେଷ୍ଟ ଅଧିନାୟକ

ଜୋହାନ୍ସବର୍ଗ, ୩୧।୧୨(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ଖେଳି ନଥିବା ନେଲ ବ୍ରାଣ୍ଡଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକାର ଅଧିନାୟକ ମନୋନୀତ କରାଯାଇଛି। ଫେବୃଆରୀରେ ଏହି ସିରିଜ୍ ନ୍ୟୁଜିଲାଣ୍ଡରେ ଖେଳାଯିବ ଓ ଦକ୍ଷିଣ ଆଫ୍ରିକା ପକ୍ଷରୁ ଘୋଷଣା କରାଯାଇଥିବା ଟେଷ୍ଟ ଦଳରେ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନଥିବା



୭ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ସମୟରେ ଦକ୍ଷିଣ ଆଫ୍ରିକାର ଗୁରୁତ୍ୱପୂର୍ଣ୍ଣ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯାଉଥିବାରୁ ଦେଶର ସମସ୍ତ ଶ୍ରେଷ୍ଠ ଖେଳାଳି ଟେଷ୍ଟ ସିରିଜ୍ ଲାଗି ଉପଲବ୍ଧ ନାହାନ୍ତି। ଯାହା ଫଳରେ ନବାଗତ ଖେଳାଳିଙ୍କୁ ସାମିଲ କରାଯାଇଛି। ଏହି ଦଳରେ ଡୁଆନ ଅଲିଭିୟର ସବୁଠାରୁ ଅଭିଜ୍ଞ ଖେଳାଳିମାନେ ୧୫ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଖାୟା ଜୋଣ୍ଡୋ, ଡେନ୍ ପିଟରସନ, କିଗାନ ପିଟରସନ, ଡେଭିଡ ବେଡିଙ୍ଗ୍‌ହାମ୍, ଡେନ୍ ପିଏଡେଟ ଓ ଜୁବେର ହାମ୍‌ଜାଙ୍କ ନିକଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାର ଅଭିଜ୍ଞତା ରହିଛି। ବ୍ରାଣ୍ଡ ଜଣେ ବ୍ୟାଟିଂ ଅଲରାଉଣ୍ଡର। ସେ ବାମହାତୀ ବ୍ୟାଟର ଓ ବାମହାତୀ ସ୍ପିନର ଭାବେ ଖେଳୁଛନ୍ତି। ୨୭ ବର୍ଷୀୟ ବ୍ରାଣ୍ଡ ୫୧ଟି ପ୍ରଥମଶ୍ରେଣୀ କ୍ରିକେଟ ଖେଳି ୨,୯୦୬ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୬ଟି ଶତକ ଓ ୨୦ଟି ଅର୍ଦ୍ଧଶତକ ରହିଛି। ସେହପରି ସେ ୭୨ଟି ୱିକେଟ ମଧ୍ୟ ନେଇଛନ୍ତି। ନିକଟରେ ସେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ‘ଏ’ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେଇଥିଲେ। ତାଙ୍କ ନିକଟରେ ନେତୃତ୍ୱ ନେବାର ଯଥେଷ୍ଟ ଅଭିଜ୍ଞତା ରହିଛି।

## ସନ୍ତୋଷ ସ୍ମାରକୀ କ୍ରିକେଟ୍ ହାପି ଏକାଦଶ ଚାମ୍ପିଅନ

ଭୁବନେଶ୍ୱର, ୩୧।୧୨ (ସମିସ)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି।




ଫାଇନାଲରେ କଟକର ଦୁଇ ଦଳ ହାପି ଏକାଦଶ ଓ ସନ୍ ଏକାଦଶ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ହାପି ଏକାଦଶ ୫ ୱିକେଟ୍‌ରେ ଜିତି ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସନ୍ ଏକାଦଶ ୧୫ ଓଭରରେ ୭ ୱିକେଟ୍ ହରାଇ ୧୭୨ ରନ କରିଥିଲା। ଦଳ ପକ୍ଷରୁ ଲୁଲୁ ସ୍ୱାଇଁ ୨୪ ବଲରେ ୪୬ ରନ କରିଥିଲେ। ପ୍ରତିପକ୍ଷ ହାପି ଏକାଦଶର ଅଙ୍କେଶ ତିୱାରୀ ୩ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ପାପାଲି ମିଶ୍ରଙ୍କ ଦ୍ରୁତ ୪୮ ରନ ବଳରେ ହାପି ଏକାଦଶ ୧୪.୩ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସନ୍ ଏକାଦଶର ଶୁଭ୍ରଜିତ୍ ୪ ୱିକେଟ୍ ନେଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପାପାଲି ଫାଇନାଲର ଓ ରଶ୍ମିରଞ୍ଜନ ଓଝା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ସ୍ମୃତି ଶିଖା ବରିସଲ୍, ସଞ୍ଜୟ ପାଇକରାୟ, ପ୍ରଦୀପ ବରିସଲ୍ ଓ ବୁଦ୍ଧ ପ୍ରକାଶ ମହାପାତ୍ର ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୁବୀର ପଟ୍ଟନାୟକ ଓ ଶିବରାଜ ଚମ୍ପତି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ।

## ବର୍ଷାରେ ଜିତିଲା ନ୍ୟୁଜିଲାଣ୍ଡ

### ଟି-୨୦ ସିରିଜ୍ ଅମୀମାଂସିତ

ମାଉଣ୍ଟ ମାଉଙ୍ଗାନୁଇ, ୩୧।୧୨(ଏଜେନ୍ସି): ଅଧିନାୟକ ମିଚେଲ ସାଣ୍ଟନରଙ୍କ ଚତୁର ବୋଲିଂ ଓ ବର୍ଷା ବଳରେ ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୭ (ଡିଏଲ୍ ମେଥଡ ଅନୁଯାୟୀ) ରନ୍‌ରେ ଭ୍ରମଣକାରୀ ବାଂଲାଦେଶକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୧-୧ ସ୍ଥିତିରେ ରହିଛି। ଏହି ସିରିଜ୍‌ର ପ୍ରଥମ ମ୍ୟାଚକୁ ବାଂଲାଦେଶ ୫ ୱିକେଟରେ ଜିତିନେଇଥିଲା। କିନ୍ତୁ ବର୍ଷା ଯୋଗୁଁ ଦ୍ୱିତୀୟ ମ୍ୟାଚ୍ ବାତିଲ ହୋଇଯାଇଥିଲା। ପୂର୍ବରୁ ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ଘରୋଇ ଦଳ ୨-୧ରେ ଜିତିଥିଲା। ଏଠାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ମିଚେଲ ସାଣ୍ଟନର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ବାଂଲାଦେଶର ଫାଷ୍ଟ ବୋଲର ଶୋରିଫୁଲ ଇସ୍‌ଲାମଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




ବେ' ଓଭାଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୯.୨ ଓଭରରେ ମାତ୍ର ୧୧୦ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୫ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲେ ମଧ୍ୟ ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ସର୍ବାଧିକ ୧୭ ଓ ତୋହିଦ୍ ହୃଦୟ ୧୬ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଅଧିନାୟକ ସାଣ୍ଟନର ୪ଟି, ଟିମ୍ ସୌଦି ଓ ଆଦାମ ମିଲ୍‌ନେ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୪.୪ ଓଭରରେ ୫ ୱିକେଟ ହରାଇ ୯୫ ରନ୍ କରିଥିଲାବେଳେ ବର୍ଷା ଯୋଗୁ ଆଉ ଖେଳ ସମ୍ଭବ ହୋଇ ନଥିଲା। ଫଳରେ ଡକ୍‌ୱର୍ଥ/ ଲୁଇସ୍ ମେଥଡ଼ରେ ନ୍ୟୁଜିଲାଣ୍ଡକୁ ୧୭ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। ଫିନ୍ ଆଲେନ ଦଳ ପକ୍ଷରୁ ସର୍ବାଧିକ ୩୮ ରନ୍ କରିଥିଲାବେଳ ବାଂଲାଦେଶର ମେହଦୀ ହାସନ ଓ ଶୋରିଫୁଲ ଇସ୍‌ଲାମ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଏଆଇଟିଏ-ଓଟିଏ ଟେନିସ: ଅମୃତଜୟ ମହାନ୍ତି ରନର୍ସଅପ୍

ଭୁବନେଶ୍ୱର, ୩୧।୧୨ (ସମିସ): ଗୁରୁକୂଳ ଟେନିସ ସଂଘ ପରିସରରେ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଏଆଇଟିଏ-ଓଟିଏ ଟେନିସ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଟପ୍ ସିଡ ତଥା ଓଡ଼ିଆ ଖେଳାଳି ଅମୃତଜୟ ମହାନ୍ତି ଉଭୟ ପୁରୁଷ ଏକକ ଓ ଯୁଗଳ ବିଭାଗରେ ରନର୍ସ ଅପ୍ ହୋଇଛନ୍ତି। ମଣିପୁରର ଏସ୍ ବିକି ଏକକ ବିଭାଗରେ ଅମୃତଜୟଙ୍କୁ ୬-୪, ୭-୫ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ସେହିପରି ଯୁଗଳ ବିଭାଗରେ ଓଡ଼ିଶାର ଆଦିତ୍ୟ ଶତପଥୀ ଓ ପଶ୍ଚିମବଙ୍ଗର ମହମ୍ମଦ୍ ଫର୍ଦିନଙ୍କ ଯୋଡି ଟାଇଟଲ ଜିତିଛନ୍ତି। ଏହି ଯୋଡି ଫାଇନାଲରେ ଓଡ଼ିଶାର ଯୋଡି ଅମୃତଜୟ ଓ ଶୁଭ୍ରନିଲ ବର୍ମନଙ୍କୁ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଥିଲେ।



### ଏଫ୍‌ଆଇଏଚ୍ ୫ ଏ ସାଇଡ୍ ହକି ବିଶ୍ୱକପ୍ ଦଳ ଘୋଷିତ

## ଭାରତୀୟ ମହିଳା ଦଳରେ ୩ ଓଡ଼ିଆ

ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି)

ଓମାନ ରାଜଧାନୀ ମସ୍କାଟରେ ଆୟୋଜନ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ୫ ଏ ସାଇଡ୍ ହକି ବିଶ୍ୱକପ୍ ପାଇଁ ଭାରତୀୟ ପୁରୁଷ ଓ ମହିଳା ଦଳ ଘୋଷିତ ହୋଇଛି। ହକି ଇଣ୍ଡିଆ ରବିବାର ଏହି ଦୁଇଟି ଦଳ ଘୋଷଣା କରିଛି। ହକି ୫ ଏ ସାଇଡ୍ ଫର୍ମାଟ୍‌ରେ ଗୋଟିଏ ଦଳରେ ଗୋଲକିପରଙ୍କ ସହ ମୋଟ୍ ୫ ଜଣ ଖେଳାଳି ଖେଳିପାରିବେ। ଏହି ଫର୍ମାଟ୍‌ରେ ମ୍ୟାଚ୍‌ର ଯେକୌଣସି ମୁହୂର୍ତ୍ତରେ ୪ଜଣ ଖେଳାଳିଙ୍କୁ



ଅଦଳ ବଦଳ କରିହେବାର ନିୟମ ରହିଛି। ହକି ୫ ଏ ସାଇଡ୍ ମହିଳା ବିଶ୍ୱକପ୍ ଜାନୁଆରୀ ୨୪ରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବ। ସେହିପରି ୫ ଏ ସାଇଡ୍ ପୁରୁଷ ବିଶ୍ୱକପ୍ ଜାନୁଆରୀ ୨୮ରୁ ଆରମ୍ଭ ହୋଇ ୩୧ ତାରିଖରେ ଶେଷ ହେବ। ଭାରତୀୟ ମହିଳା ଦଳରେ ୩ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମାରିଆନା କୁଜୁର, ଜ୍ୟୋତି ଛତ୍ରୀ ଓ ଆଜମିନା କୁଜୁର।

### ରଜନୀ ମହିଳା ଦଳର ନେତୃତ୍ୱ ନେବେ

ଅଭିଜ୍ଞ ଗୋଲରକ୍ଷକ ରଜନୀ ଏଟିମାର୍ପୁ ଭାରତୀୟ ମହିଳା ଦଳର ନେତୃତ୍ୱ ନେବେ। ସେହିପରି ରକ୍ଷଣଭାଗ ଖେଳାଳି ମହିମା ଚୌଧୁରୀ ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ। ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ବନସାରୀ ସୋଲାଙ୍କି (ଗୋଲରକ୍ଷକ), ଅକ୍ଷତା ଆବାସୋ ଧେକାଲେ, ଜ୍ୟୋତି ଛତ୍ରୀ (ସମସ୍ତେ ରକ୍ଷଣଭାଗ ଖେଳାଳି), ମାରିଆନା କୁଜୁର, ମୁମ୍‌ତାଜ ଖାନ (ସମସ୍ତେ ମଧ୍ୟଭାଗ ଖେଳାଳି), ଆଜମିନା କୁଜୁର, ରତାଜା ଦାଦାସୋ ପିସାଲ ଓ ଦୀପିକା ସୋରେଙ୍ଗ (ସମସ୍ତେ ଅଗ୍ରଭାଗ ଖେଳାଳି)। ବିଶ୍ୱକପ୍‌ରେ ମୋଟ୍ ୧୬ଟି ମହିଳା ଦଳ ଅଂଶଗ୍ରହଣ କରିବେ। ନାମ୍ବିଆ, ପୋଲାଣ୍ଡ ଓ ଆମେରିକା ସମେତ ଭାରତ ପୁଲ ସି'ରେ ସ୍ଥାନ ପାଇଛି। ସେହିପରି ପୁଲ୍ ଏ'ରେ ଫିଜି,



ମାଲେସିଆ, ନେଦରଲାଣ୍ଡସ ଓ ଆୟୋଜକ ଓମାନ ସ୍ଥାନ ପାଇଛନ୍ତି। ପୁଲ ବି'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ୟୁକ୍ରେନ ଓ ଜାମ୍ବିଆ ସ୍ଥାନ ପାଇଛନ୍ତି। ସେହିପରି ପୁଲ ଡି'ରେ ନ୍ୟୁଜିଲାଣ୍ଡ, ପାରାଗୁଏ, ଥାଇଲାଣ୍ଡ ଓ ଉରୁଗୁଏ ସ୍ଥାନିତ ହୋଇଛନ୍ତି।

### ସିମରନଜିତ ପୁରୁଷ ଅଧିନାୟକ

ବିଶ୍ୱକପ୍‌ରେ ଅଭିଜ୍ଞ ଅଗ୍ରଭାଗ ଖେଳାଳି ସିମରନଜିତ ସିଂ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେବେ। ସେହିପରି ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ତଥା ରକ୍ଷଣଭାଗ ଖେଳାଳି ମନଦୀପ ମୋର ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଗୋଲରକ୍ଷକ ଭାବେ ସୂରଜ କେରକେରା, ପ୍ରଶାନ୍ତ କୁମାର ଚୌହାନଙ୍କୁ ଦଳରେ ସାମିଲ କରାଯାଇଛି। ମୋରଙ୍କ ସମେତ ରକ୍ଷଣଭାଗ ଖେଳାଳି ଭାବେ ମନଜିତ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ମଧ୍ୟଭାଗ ଖେଳାଳି ଭାବେ ମହମ୍ମଦ ରାହିଲ ମୌସିନ ଓ ମନୀନ୍ଦର ସିଂ ଏବଂ ଅଗ୍ରଭାଗ ଖେଳାଳି ଭାବେ ପବନ ରାଜଭର, ଗୁରଜୋତ ସିଂ, ଉତ୍ତମ ସିଂଙ୍କ ସମେତ ସମରନଜିତ ଦାୟିତ୍ୱ ବହନ କରିବେ। ଇଜିପ୍ଟ, ଜାମାଇକା ଓ ସୁଇଜରଲାଣ୍ଡ ସମେତ ଭାରତ ପୁଲ୍ ବି'ରେ ସ୍ଥାନ ପାଇଛି। ସେହିପରି ପୁଲ୍ ଏ'ରେ ନେଦରଲାଣ୍ଡସ, ନାଇଜେରିଆ, ପାକିସ୍ତାନ ଓ ପୋଲାଣ୍ଡ ସ୍ଥାନ ପାଇଛନ୍ତି। ପୁଲ୍ ସି'ରେ ସ୍ଥାନ ପାଇଥିବା ଦଳଗୁଡିକ ହେଲେ ଅଷ୍ଟ୍ରେଲିଆ, କେନିଆ, ନ୍ୟୁଜିଲାଣ୍ଡ ଓ ତ୍ରିନିଦାଦ ଓ ଟବାଗୋ। ସେହିପରି ପୁଲ୍ ଡି'ରେ ଫିଜି, ମାଲେସିଆ, ଓମାନ ଓ ଆମେରିକା ସ୍ଥାନ ପାଇଛନ୍ତି।

ସକାଳ
THE SAKALA
www.thesakala.in

We require the following posts for various locations urgently.

1. District Correspondent
For Various District
Qualification: MJMC with 5 yrs. experience.

2. Sub-Editor
For Bhubaneswar / Sambalpur
Qualification: MJMC with 5 yrs. experience

3. Layout Designer
For Bhubaneswar
Qualification: Minimum 3 yrs experience in respective field.

4. Reporter
For Bhubaneswar / Cuttack / Sambalpur
Qualification: MJMC with Minimum 3 yrs. experience.

Send your CV by 05.01.2024 to
DGM, HR
Email: hr@thesakala.com
Mob.: 9437016499

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

# ୧ ପଏଣ୍ଟରେ ହାରିଗଲା ଜଗରନଟ୍ସ

କଟକ, ୩୧।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଘରୋଇ ଜଗରନଟ୍ସ ଦଳ ତା'ର ୫ମ ଲିଗ୍ ମ୍ୟାଚ୍‌ରେ ମାତ୍ର ୧ ପଏଣ୍ଟରେ ଗତଥରର ଉପବିଜେତା ତେଲୁଗୁ ଯୋଦ୍ଧାସଠାରୁ ହାରିଯାଇଛି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ମ୍ୟାଚ୍ ରୋମାଞ୍ଚକ ସ୍ଥିତି(୨୯-୨୮ ପଏଣ୍ଟ)ରେ ଶେଷ ହୋଇଥିଲା। ତେଲୁଗୁ ଯୋଦ୍ଧାସର ପ୍ରତୀକ ୱାଇକର ଶ୍ରେଷ୍ଠ ଆଟାକର ଏବଂ ଆଦିତ୍ୟ ଗଣପୁଲେ ଶ୍ରେଷ୍ଠ ଡିଫେଣ୍ଡର ବିବେଚିତ ହୋଇଥିଲେ। ଜାନୁୟାରୀ ୨ରେ ଚେନ୍ନାଇ କୁଇକ ଗନ୍ସ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ।

ଗତ ସଂସ୍କରଣର ଚାମ୍ପିଅନ ଜଗରନଟ୍ସ ଏବଂ ରନର୍ସଅପ ତେଲୁଗୁ ମଧ୍ୟରେ ଏହି ଲଢ଼େଇ ଉତ୍କଣ୍ଠାପୂର୍ଣ୍ଣ ରହିଥିଲା। ପ୍ରଥମ ଇନିଂସ୍ ପ୍ରଥମ ଟର୍ନରେ ଯୋଦ୍ଧାସ ଆଟାକ୍ କରିଥିବାବେଳେ ଡିଫେଣ୍ଡ କରିଥିଲା ଜଗରନଟ୍ସ। ଚତୁରତାର ସହ ଖେଳୁଥିବା ଜଗରନଟ୍ସ ପ୍ରଥମ ଟର୍ନରେ ଯୋଦ୍ଧାସକୁ ଅଧିକ ପଏଣ୍ଟ ସଂଗ୍ରହ କରିବାକୁ ଦେଇ ନଥିଲା। ଯୋଦ୍ଧାସ ଟଚ ପଏଣ୍ଟରେ ୬ ଏବଂ ପୋଲ ଡାଇଭରେ ୪ ପଏଣ୍ଟ ପାଇଥିବା ବେଳେ ଓଡ଼ିଶାର ୩ ବୋନସ ପଏଣ୍ଟ ହାତେଇ ନେଇଥିଲା। ଫଳରେ ପ୍ରଥମ ଟର୍ନ ୧୦-୩ରେ ଶେଷ ହୋଇଥିଲା। ଦ୍ୱିତୀୟ ଟର୍ନରେ ଡିଫେଣ୍ଡ କରୁଥିବା ଯୋଦ୍ଧାସର ଖେଳାଳିମାନେ ପ୍ରଥମ ଦୁଇ ମିନିଟ ଓଡ଼ିଶାକୁ ଚକମା ଦେଇଥିଲେ। ସହଜରେ ପଏଣ୍ଟ ସଂଗ୍ରହ କରିବାକୁ ଦେଇ ନଥିଲେ। ଓଡ଼ିଆ ପୁଅ ଦୀପକ ସାହୁ ସ୍କାଏ ଡାଇଭ ଜରିଆରେ ପ୍ରତିପକ୍ଷ ଦଳର ପ୍ରତୀକ ୱାଇକରଙ୍କୁ ଆଉଟ କରି ଏହି ଧାରା ଭାଙ୍ଗିଥିଲେ। ପରେ ଦୀପକଙ୍କ ଦ୍ୱାରା ଯୋଦ୍ଧାସର ଆଦିତ୍ୟ ଗଣପୁଲେ ମଧ୍ୟ ଆଉଟ ହୋଇଥିଲେ। ଜଗରନଟ୍ସର ଅବିନାଶ ଦେଶାଇ ଏବଂ ଏମ.କେ ଗୌତମ ମଧ ଦଳ ପାଇଁ ପଏଣ୍ଟ ହାତେଇଥିଲେ। ଯୋଦ୍ଧାସର ଅବଧୂତ ପାଟିଲ ସେଲ୍ଫ ଆଉଟ ହେବା ଯୋଗୁଁ ମଧ ଓଡ଼ିଶାକୁ ସହଜରେ ୨ ପଏଣ୍ଟ ମିଳିଥିଲା। ଦ୍ୱିତୀୟ ଟର୍ନ ୧୫-

## ଅଲ୍ଟିମେଟ୍ ଖୋ ଖୋ-୨

୧୪ରେ ଶେଷ ହୋଇଥିବାବେଳେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଓଡ଼ିଶା ମାତ୍ର ୧ ପଏଣ୍ଟ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟ ଇନିଂସ ତଥା ୩ୟ ଟର୍ନରେ ପୁର୍ନବାର ଆଟାକ୍ କରିଥିବା ଯୋଦ୍ଧାସ ୧୪ ପଏଣ୍ଟ ସଂଗ୍ରହ କରିଥିଲା। ବୋନସ ଆକାରରେ ଓଡ଼ିଶାକୁ ୧ ପଏଣ୍ଟ ମିଳିଥିଲା। ଫଳସ୍ୱରୂପ ମ୍ୟାଚ୍‌ର ସ୍ଥିତି ୨୮-୧୬ରେ ପହଞ୍ଚିଥିଲା। ଅନ୍ତିମ ତଥା ୪ର୍ଥ ଟର୍ନରେ ବିଜୟ ନିମନ୍ତେ ୧୪ ପଏଣ୍ଟର ଲକ୍ଷ୍ୟ ରଖି ମ୍ୟାଚକୁ ଓହ୍ଲାଇଥିଲା ଜଗରନଟ୍ସ। ତେବେ ଓଡ଼ିଶା ଏହି ୭ ମିନିଟ୍‌ରେ ୧୩ ପଏଣ୍ଟ ପାଇଥିବା ବେଳେ ଯୋଦ୍ଧାସକୁ ୧ ପଏଣ୍ଟର ବୋନସ ମିଳିଥିଲା। ଏହି ବୋନସ ପଏଣ୍ଟ ବଳରେ ହିଁ ଯୋଦ୍ଧାସ ଏଠାରେ ୩ୟ ବିଜୟ ହାସଲ କରିଛି। ସେହିଭଳି ରବିବାର ଅନୁଷ୍ଠିତ ୨ୟ ମ୍ୟାଚରେ ମୁମ୍ବାଇ ଖିଲାଡିସ ମାତ୍ର ୧ (୩୧-୩୦) ପଏଣ୍ଟରେ ରାଜସ୍ଥାନ ୱାରିୟର୍ସକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ରାଜସ୍ଥାନର ଏହା ୫ମ ମ୍ୟାଚରୁ ୫ମ ପରାଜୟ। ଅପରପକ୍ଷରେ ଖିଲାଡିସ୍ ଦଳ ୫ମ ମ୍ୟାଚରୁ ପ୍ରଥମ ବିଜୟ ସ୍ୱାଦ ଚାଖିଛି।



## ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

# ସମ୍ବଲପୁର ଏଫ୍‌ସିକୁ ହରାଇ ସୋନପୁର ଚାମ୍ପିଅନ

କୁହୁଡ଼ି,୩୧।୧୨(ସମିସ): ସ୍ଥାନୀୟ ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୁଲ୍ୟରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ୬୪ତମ ସଂସ୍କରଣରେ ସୋନପୁର ବିଏସ୍‌ଏଫ୍ କ୍ଲବ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବିଏସ୍‌ଏଫ କ୍ଲବ ଓ ସମ୍ବଲପୁର ଫୁଟବଲ କ୍ଲବ (ଏଫ୍‌ସି) ସାମ୍ନାସାମ୍ନି ହୋଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧରେ ସୋନପୁରର ହାପି ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ବିଜୁ ଓରାମଙ୍କ ଗୋଲ୍ ମ୍ୟାଚକୁ ୧-୧ ବରାବରସ୍ଥିତିକୁ ଆଣିଥିଲା। ନିର୍ଦ୍ଧାରିତ ସମୟରେ ଆଉ କୌଣସି ଗୋଲ୍ ନ ହେବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ସୋନପୁର ବିଏସ୍‌ଏଫ୍ ୭-୬ ଗୋଲରେ ଜିତି ଚଳିତ ବର୍ଷର ମହାବୀର କପ୍ ହାସଲ କରିଥିଲା। ସମ୍ବଲପୁର ବିଜୁ ଓରାମ ଓ ସୋନପୁର ହାପିଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବାବଦକୁ ବିଭୂତି ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ସୋନପୁରର ଲକି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ରାମଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ସଭାପତି ଅର୍ଜୁନ ସ୍ୱାଇଁ, ସମ୍ପାଦକ ମନୋଜ କୁମାର ମାନସିଂହ, ଉପସଭାପତି ଶୁଭେନ୍ଦୁ ମାନସିଂହ, ଯୁଗ୍ମ ସମ୍ପାଦକ କମଳକାନ୍ତ ସାମନ୍ତରାୟ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଚନ୍ଦ୍ରଶେଖର ଦାଶ, ଶ୍ରୀମନ୍ତ ମହାପାତ୍ର, କେଦାର ଦାସ, କେଦାର ପାତାଳସିଂହ, ନିରଞ୍ଜନ ଜେନା, ନିରଞ୍ଜନ ନାୟକ, ହରି ସାମନ୍ତରାୟ, ଲକ୍ଷ୍ମୀଧର ଦଳେଇ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ହରିଶ୍ଚନ୍ଦ୍ର ନାଇଡୁ, ଲକ୍ଷ୍ମୀଧର ଦଳେଇ ଓ ଉମେଶ ଚନ୍ଦ୍ର ମିଶ୍ରଙ୍କୁ ସାଂସଦ ମୁନା ଖାଁ ସମ୍ମାନିତ କରିଥିଲେ। ରେଫରି ପ୍ରଦୀପ ନାୟକ, ଆଲୋକ କୁମାର ଦେଉରି, ଗୋପାଳ ସାମନ୍ତରାୟ, ଅପର୍ତି ବେହେରା ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍

# ଏମସିସିକୁ ହରାଇଲା ରାଇଜିଂ ଷ୍ଟୁଡେଣ୍ଟ

ଯାଜପୁର, ୩୧।୧୨(ସମିସ): ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଯାଜପୁର ବ୍ଲକ୍ ନାଥସାହି ପଞ୍ଚାୟତର ନୂଆପଡ଼ା ଖେଳ ପଡ଼ିଆରେ ଚାଲିଥିବା ସର୍ବଭାରତୀୟ କ୍ରିକେଟ୍ ପ୍ରତିଯୋଗିତାର ୩ୟ ମ୍ୟାଚରେ କଟକର ରାଇଜିଂ ଷ୍ଟୁଡେଣ୍ଟ ୭୩ ରନରେ ବିଜୟୀ ହୋଇଛି। ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ଓ ଏମ୍‌ସିସି (ଯାଜପୁର) ପରସ୍ପରକୁ ଭେଟିଥିଲେ। ଏଥିରେ ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ୨୫ ଓଭରରେ ୯ ୱିକେଟ୍ ହରାଇ ୧୩୬ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୪୬ ଓ ସୌମ୍ୟରଞ୍ଜନ ବିଶ୍ୱାଳ ୨୬ ରନ୍‌ର ଉପଯୋଗୀ ପାଳି ଖେଳିଥିଲେ। ଜବାବରେ ଏମ୍‌ସିସି ୧୪.୨ ଓଭରରେ ମାତ୍ର ୬୩ ରନ୍‌ରେ ସୀମିତ ରହି ବଡ଼ ପରାଜୟବରଣ କରିଥିଲା। ବିଜୟୀ ଦଳର ତାପସ ଦାସ ୪ ଓଭର ବୋଲିଂ କରି ୧୪ ରନ୍ ବ୍ୟୟରେ ୩ ୱିକେଟ୍ ଓ ରମେଶ ବେହେରା ୪ ଓଭରରେ ୮ ରନ୍ ଦେଇ ୨ ୱିକେଟ୍ ନେଇଥିଲେ। ରାମଚନ୍ଦ୍ର ବେହେରାଙ୍କୁ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ ତଥା ପୂର୍ବତନ କ୍ରିକେଟର୍ ଶ୍ରୀଜୟ ମହାପାତ୍ର ପୁରସ୍କୃତ କରିଥିଲେ।

ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯୁବନେତା ମନୋଜ କୁମାର ସାହୁ, ସୁଶାନ୍ତ ସିଂ, ଦିବାକର କର ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚକୁ ଶରତ ଜେନା ଓ ଖଗେଶ୍ୱର ମଲ୍ଲିକ ଅମ୍ପାୟର ଭାବେ ପରିଚାଳନା କରିଥିବାବେଳେ ସୁମିତ୍ରା ସାହୁ ଓ କାଶିଫ୍ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।



# ଅବସର ନେବ ମେସିଙ୍କ ନଂ ୧୦ ଜର୍ସି

ବୁଏନ୍ସ ଆରିଜ୍,୩୧।୧୨(ଏଜେନ୍ସି): ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସିଙ୍କ ବହୁ ଚର୍ଚ୍ଚିତ ୧୦ ନଂ ଜର୍ସି ଅବସର ନେବ ବୋଲି ଆର୍ଜେଣ୍ଟିନା ଫୁଟବଲ ଫେଡେରେସନ ଅଧ୍ୟକ୍ଷ କ୍ଲାଉଡିଓ ଚିକି ଟପିଆ କହିଛନ୍ତି। ମେସି ଥରେ ଜାତୀୟ ଦଳରୁ ଅବସର ନେବା ପରେ ଆମେ ଏହି ସଂଖ୍ୟା ଚିହ୍ନିତ ଜର୍ସିକୁ ଅନ୍ୟ କୌଣସି ଖେଳାଳିଙ୍କୁ ପିନ୍ଧିବାକୁ ଦେବୁନି। ମେସିଙ୍କ ସମ୍ମାନରେ ଏହି ଜର୍ସିକୁ ସବୁଦିନ ପାଇଁ ଅବସର ଦିଆଯିବ ବୋଲି ସେ କହିଛନ୍ତି। ମେସି ଏପର୍ଯ୍ୟନ୍ତ ଆର୍ଜେଣ୍ଟିନା ପାଇଁ ୧୮୦ଟି ମ୍ୟାଚ୍ ଖେଳି ୧୦୬ଟି ଗୋଲ ସ୍କୋର କରିଛନ୍ତି। ମେସି ୨୦୨୧ରେ କୋପା ଆମେରିକା ଓ ୨୦୨୨ରେ ଫିଫା ବିଶ୍ୱକପ୍ ଜିତିଥିଲେ। ଆସନ୍ତାବର୍ଷ ଜୁନ୍- ଜୁଲାଇରେ ଆୟୋଜନ ହେବାକୁ ଥିବା କୋପା ଆମେରିକା ପୁଣିଥରେ ସେ ଆର୍ଜେଣ୍ଟିନାକୁ ଚାମ୍ପିଅନ କରାଇବେ ବୋଲି ଆଶା କରାଯାଉଛି।

# ଶାର୍ଦ୍ଦୁଳଙ୍କ ଆଘାତ ଗୁରୁତର ନୁହେଁ

କେପ୍‌ଟାଉନ୍, ୩୧।୧୨ (ଏଜେନ୍ସି): ଭାରତୀୟ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଆଘାତ ସମସ୍ୟା ସେତେଟା ଗୁରୁତର ନୁହଁ ବୋଲି ରବିବାର ଦଳ ତରଫରୁ କୁହାଯାଇଛି। ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଶନିବାର ଅଭ୍ୟାସ ଅବସରରେ ତାଙ୍କ କାନ୍ଧରେ ବଲ୍ ବାଜିଥିଲା। ସେ ସମ୍ପୂର୍ଣ୍ଣ ଭାବେ ଠିକ୍ ଅଛନ୍ତି ବୋଲି କୁହାଯାଇଛି। ତାଙ୍କର ସ୍କାନ କରିବାର ଆବଶ୍ୟକତା ନାହିଁ। ନେଟ୍ସରେ ବ୍ୟାଟିଂ କରୁଥିବାବେଳେ ସର୍ଟ ବଲ ଖେଳିପାରି ନଥିଲେ ଓ ବଲ୍ ତାଙ୍କ କାନ୍ଧରେ ବାଜିଥିଲା। ଏହା ସତ୍ତ୍ୱେ ସେ ବ୍ୟାଟିଂ ଜାରି ରଖିଥିଲେ। କିନ୍ତୁ ପରେ ସେ ଅଭ୍ୟାସରେ ଭାଗ ନେଇ ନଥିଲେ ଓ ବୋଲିଂ ମଧ କରି ନଥିଲେ। ପ୍ରଥମ ଟେଷ୍ଟରେ ୮ ନଂରେ ବ୍ୟାଟିଂ କରୁଥିବା ବେଳେ ତାଙ୍କ ହେଲମେଟ୍‌ରେ ବଲ୍ ବାଜିଥିଲା। ଜେରାଲ୍ଡ କୁଟ୍‌ଜୀଙ୍କ ବାଉନ୍ସର ତାଙ୍କୁ ମୁଣ୍ଡରେ ଆଘାତ ଦେଇଥିଲା। ସେ ଦ୍ୱିତୀୟ ଟେଷ୍ଟ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଟେନିସ୍ କୋର୍ଟରେ ବିଷଧର ସର୍ପ; ଘଣ୍ଟାଏ ଖେଳ ବନ୍ଦ

ବ୍ରିସ୍‌ବେନ୍, ୩୧।୧୨(ଏଜେନ୍ସି): ବ୍ରିସ୍‌ବେନ୍ ଇଣ୍ଟରନ୍ୟାସନାଲ ଟେନିସ ଟୁର୍ଣ୍ଣାମେଣ୍ଟ ଲାଗି ଚାଲିଥିବା ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ବେଳେ ଏକ ବଡ଼ ଅଘଟଣରୁ ଖେଳାଳି ଓ ବଲ ବୟ ବର୍ତ୍ତିଯାଇଛନ୍ତି। ଏହାକୁ ନେଇ ଦୀର୍ଘ ଏକ ଘଣ୍ଟା ଖେଳ ବନ୍ଦ ରହିବା ପରେ ପୁନର୍ବାର ଖେଳ ଅନୁଷ୍ଠିତ ହୋଇଛି ଓ ଏଥିରେ ପୂର୍ବତନ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଥିମ୍ ଓ ସ୍ଥାନୀୟ ଖେଳାଳି ଜେମ୍ସ ମ୍ୟାକ୍‌ବେଙ୍କ ମଧ୍ୟରେ ଏହି ଖେଳ ଚାଲିଥିଲାବେଳେ ଟେନିସ କୋର୍ଟ ପାଖରେ ଏକ ସାପକୁ ଦର୍ଶକ ଦେଖି ଜୋରରେ ଚିତ୍କାର କରିଥିଲେ। ଦର୍ଶକଙ୍କ ପାଟି ଶୁଣି ସୁରକ୍ଷା କର୍ମୀମାନେ ପହଞ୍ଚିଯାଇଥିଲେ ଓ ତାହାକୁ କାବୁ କରିନେଇଥିଲେ। ଏଥିଲାଗି ଖେଳ ବନ୍ଦ ରହିଥିଲା। ସାପଟିର ଓସାର ୫୦ ସେଣ୍ଟି ମିଟର ହେବ ଓ ଏହା ବିଶ୍ୱର ଅନ୍ୟତମ ବିଷଧର ସର୍ପ ଭାବେ ବିବେଚିତ। ଦର୍ଶକ ସାପକୁ ଦେଖିଲାବେଳେ ଏହା ଜଣେ ବଲ ବୟଙ୍କ ନିକଟରେ ପହଞ୍ଚିଯାଇଥିଲା। ସୌଭାଗ୍ୟ ବଶତଃ କୌଣସି ଅଘଟଣ ଘଟିବା ପୂର୍ବରୁ ସବୁକିଛି ସୁରକ୍ଷାକର୍ମୀଙ୍କ ନିୟନ୍ତ୍ରଣରେ ରହିଥିଲା। ଯଦି ଏହି ସାପଟି କାମୁଡ଼ିଥାନ୍ତା, ତେବେ ସେହି ଲୋକଟି ଅଧଘଣ୍ଟା ମଧ୍ୟରେ ମୃତ୍ୟୁବରଣ କରିଥାନ୍ତା। ଏହା ଅଷ୍ଟ୍ରେଲିଆର ସବୁଠାରୁ ଅଧିକ ବିଷଧର ସାପ ବୋଲି କୁହାଯାଉଛି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର